ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 24/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 269 | ମୂଲ୍ୟ₹୭/-



**ଫାଇନାଲରେ ଆଲଡ୍ରିନ**
ବୁଡାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଜାତୀୟ ରେକର୍ଡଧାରୀ ଭାରତୀୟ ଲଙ୍ଗ ଜମ୍ପର ଜେସୱିନ ଆଲଡ୍ରିନ। ୧୬

୧୨ **୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା**
ଦୀର୍ଘ ୧୯ ବର୍ଷ ପରେ ୯୦ ଦଶକର ଯୋଡ଼ି ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାରଙ୍କୁ ଫିଲ୍ମ 'ୱେଲକମ୍ ୩'ରେ ଏକାଠି ଦେଖିବାକୁ ମିଳିବ।



# ଚନ୍ଦ୍ରରେ ଭାରତ, ଦେଶବାସୀ ଗର୍ବିତ

## ସାଉଥ୍ ପୋଲ୍‌ରେ ପହଞ୍ଚି ଇତିହାସ ରଚିଲା ଇସ୍ରୋ



ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ ଫାସିଲିଟି ଜରିଆରେ ଦେଖିବାକୁ ମିଳିଥିବା ଚନ୍ଦ୍ରୟାନ-୩ ଅବତରଣ ସମୟର ପ୍ରତୀକାତ୍ମକ ଚିତ୍ର।



ଚନ୍ଦ୍ରର ସାଉଥ୍‌ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ ସଫଳତା ପରେ ଇସ୍ରୋ ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ଚନ୍ଦ୍ରୟାନ-୩ର ପ୍ରମୁଖ ବୈଜ୍ଞାନିକମାନଙ୍କ ସହ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ।

**ନୂଆଦିଲ୍ଲୀ,୨୩।୮**

ଯାହାକୁ ଅଗଣିତ ଦେଶବାସୀ ଅପେକ୍ଷା କରିଥିଲେ, ଯାହା ଉପରେ ସମଗ୍ର ବିଶ୍ୱର ନଜର ରହିଥିଲା, ସେହି ଐତିହାସିକ ମୁହୂର୍ତ୍ତ ଉପନୀତ। ବୁଧବାର ସନ୍ଧ୍ୟା ୬ଟା ୪ ମିନିଟ୍‌ରେ ଚନ୍ଦ୍ରରେ ପାଦ ଥାପିବାରେ ସକ୍ଷମ ହୋଇଛି ଭାରତ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ତୃତୀୟ ଚନ୍ଦ୍ରାଭିଯାନ ସଫଳ ହୋଇଛି। ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ସୂକ୍ଷ୍ମାବତରଣ କରିଛି। ଏଥିସହ ରୁଷିଆ, ଆମେରିକା ଓ ଚାଇନା ପରେ ଏହି ବିରଳ ସଫଳତା ହାସଲ କରିବାରେ ଭାରତ ପାଲଟିଛି ଚତୁର୍ଥ ରାଷ୍ଟ୍ର, କିନ୍ତୁ ସାଉଥ୍ ପୋଲ୍‌ରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ପ୍ରଥମ। ଏହି ଅଭୂତପୂର୍ବ ସଫଳତା ପାଇଁ ଭାରତୀୟ ବୈଜ୍ଞାନିକଙ୍କ ନିକଟକୁ ଛୁଟିବାରେ ଲାଗିଛି ଶୁଭେଚ୍ଛାର ସୁଅ।

୨୦୨୩ ଅଗଷ୍ଟ ୨୩ ଭାରତ ପାଇଁ ଐତିହାସିକ ଦିନ। ଭାରତର ତୃତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୩କୁ ମିଳିଛି ବିରଳ ସଫଳତା। ଚନ୍ଦ୍ରର ସାଉଥ୍ ପୋଲ୍‌ରେ ଚନ୍ଦ୍ରୟାନ-୩ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହେବା ସହ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ପରେ ବେଙ୍ଗାଲୁରୁସ୍ଥିତ ଇସ୍ରୋ କମାଣ୍ଡ ସେଣ୍ଟରରେ ସ୍ପେସ୍ ଏଜେନ୍ସିର ଅଧ୍ୟକ୍ଷ ଏସ୍. ସୋମନାଥନ୍ ଘୋଷଣା କରିଛନ୍ତି, ଆମେ ଚନ୍ଦ୍ରରେ ସୂକ୍ଷ୍ମାବତରଣ କରିପାରିଛେ। ଭାରତ ଏବେ ଚନ୍ଦ୍ରକୁ ଛୁଇଁଛି। ଇସ୍ରୋ ମୁଖ୍ୟଙ୍କ ଏହି ଘୋଷଣା ସହ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

୨୦୧୯ରେ ଭାରତର ଦ୍ୱିତୀୟ ମୁନ୍ ମିଶନ ଚନ୍ଦ୍ରୟାନ-୨ର ବିଫଳତା ଏବଂ ଗତ ରବିବାର ରୁଷିଆର ଲୁନା-୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହେବା ପରେ ଭାରତର ତୃତୀୟ ମୁନ୍ ମିଶନ୍‌କୁ ନେଇ ସସ୍ପେନ୍ସ ଜାରି ରହିଥିଲା। ଏହାସତ୍ତ୍ୱେ ସ୍ପେସ୍ ଏଜେନ୍ସି ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରୟାନ-୩ର ସଫଳତାକୁ ନେଇ କେବଳ ଆଶାବାଦୀ ନ ଥିଲେ, ବରଂ ଦୃଢ଼ ନିଶ୍ଚିତ ଥିଲେ। ରୋଭର ପ୍ରଜ୍ଞାନକୁ ନେଇ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରୁ ୨୭ କି.ମି. ଦୂରରେ ଥିବାବେଳେ ଏହାର ଗତିକୁ ନିୟନ୍ତ୍ରିତ କରି ହ୍ରାସ କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ପାଇଁ ଆତଙ୍କର ୨୦ ମିନିଟ୍ ଆରମ୍ଭ ହୋଇଥିଲା ଭାରତୀୟ ସମୟ ଅପରାହ୍ନ ୫ଟା ୪୪ରେ। ନିର୍ଦ୍ଧାରିତ ସମୟ ପ୍ରାୟ ୬ଟା ୪ରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ପ୍ରକ୍ରିୟାର ସିଧା ପ୍ରସାରଣକୁ ସାରା ଦେଶ ଦେଖିଲା। ବ୍ରିକ୍ସ ସମିଟ୍‌ରେ ଯୋଗଦେବା ପାଇଁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅନ୍‌ଲାଇନ୍‌ରେ ଦେଖିଥିଲେ। ମିଶନ୍ ସଫଳ ହୋଇଥିବା ଦେଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେ ଯେତେବେଳେ ଏପରି ଇତିହାସ ରଚୁ ସେତେବେଳେ ଜୀବନ ଧନ୍ୟ ହୋଇଯାଏ। ଏହା ଆମ ପାଇଁ ଏକ ମୂଲ୍ୟବାନ ଓ ଅଭୂତପୂର୍ବ ମୁହୂର୍ତ୍ତ। ଏହି ମୁହୂର୍ତ୍ତ ବିକଶିତ ଭାରତର ନୂଆ ଶଙ୍ଖନାଦ ଦେଇଛି। ଏହା ହେଉଛି ନ୍ୟୁ ଇଣ୍ଡିଆର ୧୪୦ କୋଟି ଲୋକଙ୍କ ହୃତ୍‌ସ୍ପନ୍ଦନର କ୍ଷଣ। ଆମର ମୁନ୍ ମିଶନ୍ ମାନବକୈନ୍ଦ୍ରିକ ସଫଳତା, ଯାହାକି ସମଗ୍ର ମାନବଜାତି ଉଦ୍ଦେଶ୍ୟରେ ☞ପୃଷ୍ଠା-୪

### 'ମୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି'

**ଲ୍ୟାଣ୍ଡିଂ ପରେ ପ୍ରଥମ ବାର୍ତ୍ତା**

ଚନ୍ଦ୍ରୟାନ-୩ ବୁଧବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସହ ଭାରତ ଇତିହାସ ସୃଷ୍ଟି କରିଛି। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁରେ ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଓହ୍ଲାଇବା ସହ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) କାର୍ଯ୍ୟାଳୟରେ ଉତ୍ସବର ଝଲକ ଦେଖିବାକୁ ମିଳିଥିଲା। ମିଶନର ସଫଳତା ପାଇଁ ଇସ୍ରୋ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛି। ଦକ୍ଷିଣ ମେରୁ ନିକଟରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। 'ଭାରତ, ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିଲି ଏବଂ ତୁମେ ମଧ୍ୟ' ବୋଲି ଏହା ବାର୍ତ୍ତା ପଠାଇଛି।

# ବର୍ଷକୁ ୨ ଥର ବୋର୍ଡ ପରୀକ୍ଷା

- ଏକାଦଶ, ଦ୍ୱାଦଶ ଶ୍ରେଣୀ ପିଲା ଦୁଇଟି ଭାଷା ପଢ଼ିବେ
- କଳା, ବିଜ୍ଞାନ, ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବନି

**ନୂଆଦିଲ୍ଲୀ,୨୩।୮**

ଏଣିକି ବୋର୍ଡ ପରୀକ୍ଷା ବର୍ଷକୁ ଦୁଇଥର ହେବ। ପରୀକ୍ଷାରେ ସବୁଠୁ ଭଲ ନମ୍ବର ରଖିବା ପାଇଁ ପିଲାମାନଙ୍କ ପାଖରେ ବିକଳ୍ପ ରହିବ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ ଭାଷା ପରିବର୍ତ୍ତେ ଦୁଇଟି ଭାଷା ପଢ଼ିବେ ବୋଲି ଶିକ୍ଷା ମନ୍ତ୍ରଣାଳୟର ନୂଆ ପାଠ୍ୟକ୍ରମ ରୂପରେଖରୁ ଜଣାପଡ଼ିଛି। ସେଥିରୁ ଗୋଟିଏ ଭାରତୀୟ ଭାଷା ରହିବା ଅନିବାର୍ଯ୍ୟ।ନୂଆ ଶିକ୍ଷା ନୀତି (ଏନ୍‌ଇପି) ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ୨୦୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୋର୍ଡ ପରୀକ୍ଷାକୁ ସହଜ କରିବା ପାଇଁ ମାସ ମାସ ଧରି କୋଚିଂ ଏବଂ ପାଠ ଘୋଷିବା ପରିବର୍ତ୍ତେ ପିଲାମାନେ କରିଥିବା ଦକ୍ଷତା ହାସଲର ଆକଳନ କରାଯିବ। ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବା ଦ୍ୱାରା ପିଲାମାନେ ଭଲ ପ୍ରଦର୍ଶନ କରିବା ଲାଗି ପର୍ଯ୍ୟାପ୍ତ ସମୟ ଓ ☞ପୃଷ୍ଠା-୪

## ରେଳ ବ୍ରିଜ୍ ଭୁଶୁଡ଼ି ୨୨ ମୃତ

**ଆଇଜଲ,୨୩।୮**

ମିଜୋରାମର ଆଇଜଲ ଜିଲାରେ ବୁଧବାର ଏକ ନିର୍ମାଣାଧୀନ ରେଳ ପୋଲ ଭୁଶୁଡ଼ି ୨୨ ଜଣଙ୍କ ମୃତ୍ୟୁ ଘଟିଛି। ବ୍ରିଜ୍ ଭଗ୍ନାବଶେଷ ତଳେ କେତେଜଣ ଫସି ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ ୩୫ରୁ ୪୦ ଜଣ ଶ୍ରମିକ କାର୍ଯ୍ୟରତ ଥିଲେ। କ'ଣ ପାଇଁ ବ୍ରିଜ୍ ଭୁଶୁଡ଼ିଲା ତାହାର ତଦନ୍ତ ନିମନ୍ତେ ରେଲୱେ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏହା ବ୍ୟତୀତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାର ଲାଗି ☞ପୃଷ୍ଠା-୪



## ରାତିରେ ଖୋଲିବ ନନ୍ଦନକାନନ

- ଜାତୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କୁ ପ୍ରସ୍ତାବ

**ଭୁବନେଶ୍ୱର,(ଅସମାପିକା ସାହୁ)/ ବାରଙ୍ଗ,୨୩।୮(ଲିଙ୍ଗରାଜ ରାଉତ)**

ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ରାତିରେ ନନ୍ଦନକାନନ ଖୋଲିବାକୁ ନେଇ ଯୋଜନା କରିଛନ୍ତି। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। କିନ୍ତୁ ଖୁବ୍‌ଶୀଘ୍ର ରାତିରେ ବି ନନ୍ଦନକାନନ ବୁଲିବାର ମଜା ଉଠାପାରିବେ ପର୍ଯ୍ୟଟକ। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍‌ଏ)ଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ନିକଟରେ ଏଭଳି କିଛି ନୂଆ ବ୍ୟବସ୍ଥାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ

# ସଞ୍ଜୀୟ ମିଶ୍ରାଙ୍କୁ ଥଇଥାନ ମସୁଧା

## ଦେଶର ପ୍ରଥମ ସିଆଇଓ ହୋଇପାରନ୍ତି ଇଡିର ବିଦାୟୀ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୩।୮**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

- ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରୁ ସେପ୍ଟେମ୍ବର ୧୫ରେ ଅବସର ନେବେ
- ଲଗାତର ଅବଧି ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ ସୁପ୍ରିମକୋର୍ଟ

କେନ୍ଦ୍ର ସରକାର ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ) ନାମରେ ଏକ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଢାଞ୍ଚାରେ ସୃଷ୍ଟିହେବାକୁ ଥିବା ପ୍ରସ୍ତାବିତ ପଦବୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବିଦାୟୀ ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ରାଙ୍କୁ ଥଇଥାନ କରାଯାଇପାରେ ବୋଲି ଉଚ୍ଚସ୍ତରୀୟ ଆଲୋଚନାରୁ ଜଣାପଡ଼ିଛି। ୬୩ ବର୍ଷୀୟ ସଞ୍ଜୟ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ସେହି ଅଧିକାରୀ, ଯାହାଙ୍କ ଲଗାତର କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟ ବେଆଇନ ଦର୍ଶାଇ ସେପ୍ଟେମ୍ବର ୧୫ ମଧ୍ୟରାତ୍ରି ସୁଦ୍ଧା ଇଡି ନିର୍ଦ୍ଦେଶକ ପଦବୀ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସଞ୍ଜୟ କୁମାର ମିଶ୍ରା

ଯେପରି ସିଡିଏସ୍‌ଙ୍କ ନିକଟରେ ୩ ସେନା ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ଠାରେ ୨ ଗୋଇନ୍ଦା ସଂସ୍ଥା ରିପୋର୍ଟ କରିଥାଆନ୍ତି, ଠିକ୍ ସେହିପରି ଭାରତର ମୁଖ୍ୟ ତଦନ୍ତ ଅଧିକାରୀ (ସିଆଇଓ)ଙ୍କ ନିକଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟ ଉତ୍ତରଦାୟୀ ରହିବେ। ଇଡି ମୁଖ୍ୟତଃ ମନି ଲଣ୍ଡରିଂ ଏବଂ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଭଳି ଆର୍ଥିକ ଠକେଇର ତଦନ୍ତ କରୁଥିବାବେଳେ ସିବିଆଇ ଦୁର୍ନୀତି ଓ ଅନ୍ୟ ଅର୍ଥନୈତିକ ଅପରାଧ ମାମଲାଗୁଡ଼ିକରେ ମୁଣ୍ଡ ପୂରାଇଥାଏ। ଇଡି ଏବଂ ସିବିଆଇ ମୁଖ୍ୟଙ୍କ ଉପରେ ସୃଷ୍ଟି ହେବାକୁ ଥିବା ସିଆଇଓ ପଦବୀ ଏହି ଦୁଇ ଏଜେନ୍ସି ମଧ୍ୟରେ ଉପଯୁକ୍ତ ତାଳମେଳ ରଖିବାରେ ସକ୍ଷମ ହେବ ବୋଲି ସୂତ୍ରରୁ ପ୍ରକାଶ। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ନୂଆ ପଦବୀ ଭାରତ ସରକାରଙ୍କ ସଚିବ ପାହ୍ୟାର ରହିବ। ଇଡିର ବିଦାୟୀ ମୁଖ୍ୟ ସଞ୍ଜୟ ମିଶ୍ରାଙ୍କୁ ଦେଶର ପ୍ରଥମ ସିଆଇଓ ନିଯୁକ୍ତ କରାଯିବ। ଆସନ୍ତା ☞ପୃଷ୍ଠା-୪

# ଛାତ୍ରୀଙ୍କ ପରୀକ୍ଷା ଖାତାରେ ଉତ୍ତର ଲେଖି ଅଧାପିକା ଗିରଫ

**ଉଦଳା,୨୩।୮**
**(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢୋସ୍ଥିତ ଲୁଇପା ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧାପିକା ତୁଳିକା ଆଶ ପରୀକ୍ଷାରେ ଅନୁପସ୍ଥିତ ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଗିରଫ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୫୫/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୭ ତାରିଖରେ କଲେଜରେ ଜୁଲୋଜି ବିଭାଗର ୪ର୍ଥ ସେମିଷ୍ଟର ପରୀକ୍ଷା ଚାଲିଥିଲା ବେଳେ ଅଧାପିକା ତୁଳିକା ଅନୁପସ୍ଥିତ ଥିବା ଜଣେ ଛାତ୍ରୀଙ୍କ ଖାତାରେ ଉତ୍ତର ଲେଖି ଦେଇଥିଲେ। ଏହା ସହିତ ଉକ୍ତ ଖାତାରେ ପରୀକ୍ଷା ନିୟନ୍ତ୍ରକଙ୍କ ମିଛ ଦସ୍ତଖତ ମଧ୍ୟ ମାରିଥିଲେ। ଏହା ଜାଣିବା ପରେ କଲେଜ ପ୍ରିନ୍ସିପାଲ ଗୌରାଙ୍ଗ ମହାପାତ୍ର ସମ୍ପୃକ୍ତ ଅଧାପିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନୋଟିସ ପାଇବା ପରେ ଅଧାପିକା ଜଣକ ପ୍ରିନ୍ସିପାଲଙ୍କ ଚାମ୍ବରକୁ ଯାଇ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ପ୍ରିନ୍ସିପାଲ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଧାପିକା ତୁଳିକାଙ୍କୁ କୋର୍ଟଚାଲାଣ କରିଛି। ଉତ୍ତର ଖାତା ମଧ୍ୟ ପୋଲିସ ଜବତ କରିଛି।

ଅନ୍ୟପକ୍ଷରେ ପ୍ରିନ୍ସିପାଲ ଓ ସମ୍ପୃକ୍ତ ଅଧାପିକାଙ୍କ ଏକ ଅଡିଓ ☞ପୃଷ୍ଠା-୪



ଗିରଫ ଅଧାପିକା ତୁଳିକା ଆଶ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩



ଭାରତର ତୃତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରି ନୂଆ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଏହି ଦୂର ପାର୍ଶ୍ୱରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ। ପୂର୍ବରୁ ସୋଭିଏଟ୍ ରୁଷ, ଆମେରିକା ଓ ଚାଇନା ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦେଶ ଦକ୍ଷିଣ ମେରୁରେ ପହଞ୍ଚିପାରି ନାହାନ୍ତି। ଇସ୍ରୋର ଏହି ସଫଳତାରେ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ଖୁସିର ଲହରି ଖେଳିଯାଇଛି। ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୦୧୯ରେ ଭାରତର ଚନ୍ଦ୍ରୟାନ-୨ ଶେଷ ମୁହୂର୍ତ୍ତରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇ ଚନ୍ଦ୍ର ପୃଷ୍ଠରେ ଖସିପଡ଼ିଥିଲା। ଗତ ରବିବାର ରୁଷିଆର ଲୁନା-୨୫ ଚନ୍ଦ୍ରପୃଷ୍ଠରେ ଧକ୍କା ହୋଇଥିଲା। ତେଣୁ ଭାରତର ତୃତୀୟ ମୁନ୍ ମିଶନ୍ ସଫଳତାକୁ ନେଇ ଆଶଙ୍କା ଲାଗିରହିବା ସ୍ୱାଭାବିକ୍। ସଫ୍ଟ ଲ୍ୟାଣ୍ଡିଂ ପାଇଁ ଶେଷ କିଛି ମହୂର୍ତ୍ତ ସମସ୍ତଙ୍କ ଛାତି ଧଡ଼ଧଡ଼ ହେଉଥିଲା। ତେବେ ସମସ୍ତଙ୍କୁ ଚମକାଇ ଲ୍ୟାଣ୍ଡର ବିକ୍ରମ ଧାର୍ଯ୍ୟ ସମୟ ବୁଧବାର ସନ୍ଧ୍ୟା ଠିକ୍ ୬ଟା ୪ ମିନିଟରେ ଚନ୍ଦ୍ରପୃଷ୍ଠ ସ୍ପର୍ଶ କରିଥିଲା। ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ପାଇଁ ଐତିହାସିକ ଦିନ କହିବା ସହ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି।

# ମୁନ୍ ମିଶନ ସଫଳ

## ଚନ୍ଦ୍ରୟାନ-୩ର ଯାତ୍ରାପଥ

ଜୁଲାଇ ୬: ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ମିଶନ ଆରମ୍ଭ କରିଥିଲା।

ଜୁଲାଇ ୭: ଚନ୍ଦ୍ରୟାନ-୩ର ସମସ୍ତ ବୈଦ୍ୟୁତିକ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଥିଲା।

ଜୁଲାଇ ୧୧: ଏକ ୨୪ ଘଣ୍ଟିଆ ଲଞ୍ଚ ରିହର୍ସାଲ'ସଫଳତାର ସହିତ କରାଯାଇଥିଲା।

ଜୁଲାଇ ୧୪: ଇସ୍ରୋର ଏଲ୍‌ଭିଏମ୩ ଏମ୍୪ ଚନ୍ଦ୍ରୟାନ-୩କୁ ଏହାର ଉଦ୍ଦିଷ୍ଟ




କକ୍ଷପଥରେ ସ୍ଥାପନ କଲା।

ଜୁଲାଇ ୧୫: ବେଙ୍ଗାଲୁରୁରେ ମିଶନର ପ୍ରଥମ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳ ହେଲା। ଏହା ମହାକାଶ ଯାନ ୪୧,୭୬୨ x ୧୭୩ କି.ମି. କକ୍ଷପଥରେ ପହଞ୍ଚିଲା।

ଜୁଲାଇ ୧୭: ଦ୍ୱିତୀୟ କକ୍ଷପଥ ବୃଦ୍ଧି ମାନିଉଭର୍ ଚନ୍ଦ୍ରୟାନ-୩କୁ ୪୧,୬୦୩ x ୨୨୬ କି.ମି ପୃଥିବୀ-ବନ୍ଧିତ କକ୍ଷପଥରେ ରଖିଲା।

ଜୁଲାଇ ୨୨: ଚତୁର୍ଥ କକ୍ଷପଥ ବୃଦ୍ଧି ମାନିଉଭର୍ ବା ପୃଥିବୀ ବନ୍ଧିତ ପେରିଜି ଫାୟାରିଂ ଦ୍ୱାରା ମହାକାଶଯାନକୁ ୭୧,୩୫୧ x ୨୩୩ କିମି କକ୍ଷପଥରେ ସଫଳତାର ସହ ସ୍ଥାନିତ।

ଜୁଲାଇ ୨୫: ଅନ୍ୟ ଏକ କକ୍ଷପଥ ବୃଦ୍ଧି କାର୍ଯ୍ୟ ସଫଳତାର ସହିତ କରାଯାଇଥିଲା।

ଅଗଷ୍ଟ ୧: ଏକ ଗୁରୁତ୍ୱପୂର୍ଣ୍ଣ ମାଇଲସ୍ତମ୍ଭ ହାସଲ ସ୍ୱରୂପ ଚନ୍ଦ୍ରୟାନ-୩ ଏକ ୨୮୮ କି.ମି x ୩,୬୯,୩୨୮ କି.ମି. ଟ୍ରାନ୍ସଲୁନାର୍ କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୫: ମହାକାଶଯାନ ୧୬୪ କି.ମି. x ୧୮,୦୭୪ କି.ମି ଚନ୍ଦ୍ର କକ୍ଷପଥରେ ପ୍ରବେଶ କଲା।

ଅଗଷ୍ଟ ୬: ମହାକାଶଯାନର ଚନ୍ଦ୍ର-ବନ୍ଧିତ କକ୍ଷପଥକୁ ୧୭୦ କିମି x ୪,୩୧୩ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୯: ଅନ୍ୟ ଏକ ମାନିଉଭର୍ କରାଯାଇଥିଲା ଯଦ୍ଦ୍ୱାରା ମହାକାଶଯାନ ୧୭୪ x ୧୪୩୭ କି.ମି. କକ୍ଷପଥକୁ ଖସି ଆସିଥିଲା।

ଅଗଷ୍ଟ ୧୪: ପ୍ରାୟ ବୃତ୍ତାକାର ୧୫୧ କି.ମି. x ୧୭୯ କି.ମି. କକ୍ଷପଥରେ ଚନ୍ଦ୍ରୟାନ-୩ ପ୍ରବେଶ କଲା।

ଅଗଷ୍ଟ ୧୬: ଫାୟାରିଂ ପରେ ମହାକାଶଯାନ ୧୫୩ କି.ମି. x ୧୬୩ କି.ମି. କକ୍ଷପଥରେ ପ୍ରବେଶ କଲା

ଅଗଷ୍ଟ ୧୭: ବିକ୍ରମ ଲ୍ୟାଣ୍ଡର ଏବଂ ପ୍ରଜ୍ଞାନ ରୋଭରକୁ ନେଇ ଲ୍ୟାଣ୍ଡିଂ ମଡ୍ୟୁଲ୍ ଏହାର ପ୍ରବୃତ୍ତି ପ୍ରଣାଳୀ(ପ୍ରପଲ୍‌ସନ୍ ସିଷ୍ଟମ୍)ରୁ ଅଲଗା ହୋଇଥିଲା।

ଅଗଷ୍ଟ ୧୮: ମହାକାଶଯାନ ସଫଳତାର ସହିତ ଏକ ଡିବୁଷ୍ଟିଂ ଅପରେଶନ(ଗତିବେଗ ହ୍ରାସ ପ୍ରକ୍ରିୟା)ସମାପ୍ତ କଲା, ଯଦ୍ଦ୍ୱରା ଏହାର କକ୍ଷପଥ ୧୧୩ କି.ମି. x ୧୫୭ କି.ମି.କୁ ହ୍ରାସ ପାଇଲା।

ଅଗଷ୍ଟ ୨୦: ଚନ୍ଦ୍ରୟାନ-୩ର ଦ୍ୱିତୀୟ ତଥା ଅନ୍ତିମ ଡିବଷ୍ଟିଂ ଅପରେଶନ କରାଯାଇ ଏହାର ଏଲ୍‌ଏମ୍ କକ୍ଷପଥକୁ ୨୫ କି.ମି. x ୧୩୪ କି.ମି.କୁ ହ୍ରାସ କରାଗଲା।

ଅଗଷ୍ଟ ୨୩: ଚନ୍ଦ୍ରୟାନ-୩ ପୂର୍ବନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬.୪ ମିନିଟରେ ସଫଳତାର ସହ ଅବତରଣ କରିବା ସହ ଇତିହାସ ରଚିଲା।




## ଚନ୍ଦ୍ର ଛୁଇଁବାରେ ଭାରତ ଚତୁର୍ଥ

ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇଛି। ତେବେ ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଅବତରଣ କରାଇବାରେ ଏହା ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ଆମେରିକା, ସୋଭିଏଟ୍ ୟୁନିୟନ ଏବଂ ଚାଇନା ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ। ଏପରିକି ସେମାନେ ଚନ୍ଦ୍ରପୃଷ୍ଠରୁ ମାଟି ଓ ଶିଳା ନମୁନା ଧରି ପୃଥିବୀକୁ ଫେରିଥିଲେ। ତେବେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବାରେ ଏପର୍ଯ୍ୟନ୍ତ କୌଣସି ଦେଶ ସଫଳ ହୋଇ ନ ଥିଲେ। ସୋଭିଏଟ୍ ୟୁନିୟନ ୫ ଥର ବିଫଳ ହେବା ପରେ ଷଷ୍ଠ ମହାକାଶ ଯାନ ଚନ୍ଦ୍ରରେ ଅବତରଣ କରିବାରେ ସଫଳ ହୋଇଥିଲା। ସେହିପରି ଆମେରିକାର ମହାକାଶ ସଂସ୍ଥା ନାସା ୧୩ ଥର ବିଫଳ ହେବା ପରେ ୧୯୬୪ ଜୁଲାଇ ୩୧ରେ ଏହାର ଲୁନାର ମିଶନ ସଫଳ ହୋଇଥିଲା। ଚାଇନାର ଚେଙ୍ଗ୍ ୩ ଏବଂ ୪ ମିଶନ ୨୦୧୩ ଡିସେମ୍ବର ୨ ଏବଂ ୨୦୧୮ ଡିସେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ରୋଭରକୁ କାର୍ଯ୍ୟକ୍ଷମ କରିଥିଲା। ୨୦୨୦ ନଭେମ୍ବର ୨୩ରେ ଏହାର ଚେଙ୍ଗ୍ ୫ ମିଶନ ଡିସେମ୍ବର ୧ରେ ଚନ୍ଦ୍ରରେ ଅବତରଣ କରି ସେଠାରୁ ୨ କିଲୋଗ୍ରାମ ମୃତ୍ତିକା ଧରି ଡିସେମ୍ବର ୧୬ରେ ପୃଥିବୀକୁ ଫେରିଥିଲା। ୨୦୦୮ ଅକ୍ଟୋବର ୨୨ରେ ଭାରତର ଚନ୍ଦ୍ରୟାନ-୧ ଚନ୍ଦ୍ରଠାରୁ ୧୦୦ କିଲୋମିଟର କକ୍ଷପଥରେ ଅବସ୍ଥାନ କରିଥିଲା। ୨୦୧୯ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨ ପଠାଯାଇଥିଲା, ଯେଉଁଥିରେ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ରହିଥିଲା। ତେବେ ସେହିବର୍ଷ ସେପ୍ଟେମ୍ବର ୬ରେ ସଫ୍ଟ ଲ୍ୟାଣ୍ଡିଂରେ ବିଫଳ ହୋଇ ଏହା ଚନ୍ଦ୍ରପୃଷ୍ଠରେ ଖସିପଡ଼ିଥିଲା।



## ନୂଆ ଇତିହାସ ଲେଖାହେଲା



ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ ଅବତରଣ କରାଇ ନୂଆ ଇତିହାସ ଲେଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବ୍ରିକ୍ସ ସମିଟ୍ ପାଇଁ ଦକ୍ଷିଣ ଆଫ୍ରିକାରେ ଥିବା ପ୍ରଧାନମନ୍ତ୍ରୀ ଚନ୍ଦ୍ରୟାନ-୩ର ଅବତରଣ ଉଦ୍ୟମକୁ ଭର୍ଚୁଆଲି ଦେଖିଥିଲେ। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ସେ ଦକ୍ଷିଣ ଆଫ୍ରିକାରେ ଥାଇପାରନ୍ତି, ହେଲେ ତାଙ୍କ ହୃଦୟ ସବୁବେଳେ ଚନ୍ଦ୍ରୟାନ ମିଶନ ସହ ରହିଛି ବୋଲି ଦକ୍ଷିଣ ଆଫ୍ରିକାରେ ଭର୍ଚୁଆଲି ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିକ୍ରିୟା



" ଆଜିର ଅଗ୍ରଣୀ ଉପଲବ୍ଧି ପାଇଁ ଇସ୍ରୋ ଟିମ୍‌କୁ ଶୁଭେଚ୍ଛା। ଚନ୍ଦ୍ରମାର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ର ସଫଳ ଲ୍ୟାଣ୍ଡିଂ ଆମ ବୈଜ୍ଞାନିକ ମାନଙ୍କ ଉନ୍ନତ ପ୍ରତିଭା ଏବଂ କଠିନ ପରିଶ୍ରମର ପରିଣାମ। ୧୯୬୨ ପରେ ଭାରତର ମହାକାଶ କାର୍ଯ୍ୟକ୍ରମ ନୂଆ ଶିଖରକୁ ଛୁଇଁଛି ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



" ଚନ୍ଦ୍ରୟାନ-୨ର ବିଫଳତା ମୋତେ ଅଧିକ କଷ୍ଟ ଦେଇଥିଲା। କାରଣ ଏହା ଅବତରଣର ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିଲା। ତେବେ ଚନ୍ଦ୍ରୟାନ-୩ର ସଫଳତା ଲାଗି ମୁଁ ଉତ୍ସାହିତ। ମୁଁ ଏହି କ୍ଷଣକୁ ଦୀର୍ଘଦିନ ଧରି ଅପେକ୍ଷା କରି ରହିଥିଲି, ଯାହା ଖୁସି ଦେଇଛି।

**-କେ. ଶିବନ, ପୂର୍ବତନ ଇସ୍ରୋ ମୁଖ୍ୟ**



" ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା 'ଆତ୍ମନିର୍ଭର ଭାରତ'ର ମନ୍ତ୍ରକୁ ସତ୍ୟ ପ୍ରମାଣିତ କରିଛି।

**-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ**



" ଛଅ ଦଶନ୍ଧି ପୁରୁଣା ଏହି ମହାକାଶ କାର୍ଯ୍ୟକ୍ରମରେ ଆଜି ୧୪୦ କୋଟି ଭାରତୀୟ ନୂଆ ଉପଲବ୍ଧି ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ଏହି ଅଭିଯାନ ଆରମ୍ଭ କରିଥିଲା।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

## ଚନ୍ଦ୍ରୟାନ-୩ ବଜେଟ 'ଇଣ୍ଟରଷ୍ଟେଲାର'ଠାରୁ କମ୍

ଇସ୍ରୋର ଲୁନାର ମିଶନ ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ଭାରତକୁ ପ୍ରଥମ ଦେଶ ଭାବେ ଏଭଳି ସଫଳତା ମିଳିଛି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଏହା ଉପରେ ନିଜର ପ୍ରତିକ୍ରିୟା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ନ୍ୟୁଜ୍‌ଥିଙ୍କ ଆକାଉଣ୍ଟରେ ସେ ଲେଖିଛନ୍ତି, ଚନ୍ଦ୍ରୟାନ-୩ ପାଇଁ ୭୫ ନିୟୁତ ଡଲାର (ପ୍ରାୟ ୬୨୦ କୋଟି ଟଙ୍କା) ବ୍ୟୟ ଆକଳନ କରାଯାଇଛି, ଯାହାକି କ୍ରିଷ୍ଟୋଫର ନୋଲାନ୍‌ଙ୍କ ୨୦୧୪ର ଫିଲ୍ମ 'ଇଣ୍ଟରଷ୍ଟେଲାର' ବଜେଟଠାରୁ କମ୍। ସେତେବେଳେ ଇଣ୍ଟରଷ୍ଟେଲାର ଚଳଚ୍ଚିତ୍ର ନିର୍ମାଣରେ ୧୬୫ ନିୟୁତ ଡଲାର ବ୍ୟୟ ହୋଇଥିଲା।



ଏଲନ ମସ୍କ



ଚନ୍ଦ୍ରୟାନ-୩ର ସଫଳ ଅବତରଣ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ସାମୂହିକ ପ୍ରାର୍ଥନା।



ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ପରେ ଉତ୍ସାହିତ ବୈଜ୍ଞାନିକ।




# ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ ଏଡିଜିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

## ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ମାମଲାର ତନାଘନା

- ଅନୁଗୋଳ ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ହୋମଗାର୍ଡ ଡିଜି
- ଗୃହ ସଚିବ, ଡିଜିପି, ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ମହିଳା ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାଏଙ୍କ ସ୍ତ୍ରୀ ନିର୍ଯାତନା ଦେବା ଅଭିଯୋଗ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ମାମଲାରେ ବ୍ରିଜେଶ୍‌ଙ୍କୁ ମଙ୍ଗଳବାର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କ ବିରୋଧରେ ବିଭିନ୍ନ ମହଲରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ଏଭଳିସ୍ଥିତିରେ ବୁଧବାର ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଏ ସଂକ୍ରାନ୍ତରେ ନିଜ ଆଡୁ ମାମଲା ରୁଜୁ କରି ମହିଳା ଏବଂ ଶିଶୁ ଅପରାଧ ନିରୋଧ ୱିଙ୍ଗ୍ (ସିଏଡବ୍ଲ୍ୟୁଆଣ୍ଡସିଡବ୍ଲ୍ୟୁ)ର ଏଡିଜିପି ଅରୁଣ ବୋଥ୍ରାଙ୍କୁ ରିପୋର୍ଟ ତଲବ କରିଛନ୍ତି।୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ପୀଡ଼ିତା ସୈରିନ୍ଦ୍ରୀଙ୍କ ସହ ଆଲୋଚନା କରିବୁ। ଏହି ମାମଲାରେ ଠିକ୍ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଘଟଣାରେ ଅନୁଗୋଳ ଏସ୍‌ପିଙ୍କୁ ହୋମ୍‌ଗାର୍ଡ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପ୍ରାରମ୍ଭିକ ରିପୋର୍ଟ ମାଗିଛନ୍ତି। ଡିଜିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୈରିନ୍ଦ୍ରୀ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ତାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଆବଶ୍ୟକ ପଡ଼ିଲେ ସୈରିନ୍ଦ୍ରୀଙ୍କ ଝିଅଙ୍କୁ ହୋମଗାର୍ଡ ଭାବେ ଥଇଥାନ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ସେପଟେ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ଦ୍ୱାରା ମଙ୍ଗଳବାର ହୋଇଥିବା ଏତଲାକୁ ଗ୍ରହଣ କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ତଦନ୍ତ କରି ଏ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ରାଜ୍ୟ ଗୃହ ସଚିବ, ପୋଲିସ ଡିଜି, ମୁଖ୍ୟ ସାଶନ ସଚିବଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହୋମଗାର୍ଡମାନେ ପୋଲିସ ବାବୁଙ୍କ ଘରେ ବ୍ୟକ୍ତିଗତ କାମ କରିବା ବେଆଇନ ହୋଇଥିବାବେଳେ ଡିଆଇଜିଙ୍କ ସ୍ତ୍ରୀ ଆୟୁଷୀ ରାଏ କିଭଳି ସୈରିନ୍ଦ୍ରୀଙ୍କୁ ନିର୍ଯାତନା ଦେଉଥିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବ ନା ମାମଲାକୁ ଚପାଇ ଦିଆଯିବ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଡିଆଇଜି ବ୍ରିଜେଶଙ୍କ ଅନୁଗୋଳସ୍ଥିତ ସରକାରୀ ବାସଭବନରେ ନିୟୋଜିତ ଥିବା ସୈରିନ୍ଦ୍ରୀଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିଲେ। ଏପରି କି ଚାକିରି ନେଇଯିବାର ଧମକ ଦେଇ ଗତ ୪ ତାରିଖରେ ସୈରିନ୍ଦ୍ରୀଙ୍କୁ ଧକ୍କା ଦେଇ ବାହାର କରି ଦେଇଥିଲେ। ଏନେଇ ଅଗଷ୍ଟ ୧୩ରେ ସେ ନିର୍ଯାତନା ସମ୍ପର୍କରେ ଲିଖିତ ଭାବେ ହୋମ୍‌ଗାର୍ଡ ଡିଜିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏହାପରେ ସୈରିନ୍ଦ୍ରୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଦୁଇଟି ଯାକ ଗୋଡ଼ ହରାଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ୨୧ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୮ (ଅନିଲ ଦାସ)


୨୧ ନୂଆ ବସ୍‌ଷ୍ଟାଣ୍ଡର ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ଆମ ବସ୍‌ଷ୍ଟାଣ୍ଡ ଯୋଜନା'ରେ ରାଜ୍ୟର ୧୩ ଜିଲାରେ ୨୧ଟି ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ୨୬ ଜିଲାରେ ୧୨୪ଟି ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତି ମଧ୍ୟ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ସମସ୍ତ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୨ କୋଟି ଲୋକ ଉପକୃତ ହେବେ। ଏ ସମସ୍ତ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍‌ଷ୍ଟାଣ୍ଡ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସବୁପ୍ରକାର ସୁବିଧା ଉପଲବ୍ଧ ରହିଛି। ଏହାଛଡ଼ା ଏମ୍-ପରିବହନ ମୋବାଇଲ ଆପ୍‌ର ସେ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ବିଭିନ୍ନ ପରିବହନ ସେବା ପାଇଁ ଆଉ ସରକାରୀ ଅଫିସକୁ ଯିବା ଆବଶ୍ୟକତା ରହିବ ନାହିଁ। ଡ୍ରାଇଭରମାନଙ୍କୁ ଗାଡ଼ି ଚଳାଇବା କ୍ଷେତ୍ରରେ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁ-ବାହକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୫୦ ହଜାର ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଗଞ୍ଜାମର ପାଲୁରଠାରେ ଏକ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ସଡ଼କ ଓ ସଡ଼କ ବ୍ୟବହାରକାରୀ ତଥା ଯାତ୍ରୀମାନଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଲ ପରିବହନ ବ୍ୟବସ୍ଥା ଏକ ଉନ୍ନତ ଅର୍ଥନୀତି ପାଇଁ ମାର୍ଗ ପରିଷ୍କାର କରିଥାଏ। ବିଭିନ୍ନ ସଂସ୍ଥାଗତ ସେବା ତଥା ସ୍କୁଲ, କଲେଜ, ହସ୍ପିଟାଲ ଆଦିର ସୁବିଧା ସହଜରେ ଉପଲବ୍ଧ ହୋଇପାରେ। ଏକ ଗତିଶୀଳ ସାମାଜିକ ଓ ଅର୍ଥନୈତିକ ସମାଜ ଗଠନ ଦିଗରେ ଏହା ଏକ କାଟାଲିଷ୍ଟ ଭାବରେ କାମ କରିଥାଏ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇଦେବା ପାଇଁ ଉଦ୍ୟମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୨୩ ବର୍ଷ ଧରି ରାଜ୍ୟରେ ସୁଶାସନର ଧାରା ଅବ୍ୟାହତ ରହିଛି। ଗମନାଗମନର ବିକାଶ ପାଇଁ ରାଜ୍ୟରେ ସଡ଼କ ପରିବହନ ସହିତ ରେଳ ଓ ଆକାଶମାର୍ଗରେ ପରିବହନର ବିକାଶ ଲାଗି ଉଦ୍ୟମ ଜାରି ରହିଛି।

ପୁରୀଠାରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସୋନପୁରଠାରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ପରିବହନ ବ୍ୟବସ୍ଥା ଓ ବସ୍‌ଷ୍ଟାଣ୍ଡ ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ୫-ଟି ସଚିବ ଭି .କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏସ୍‌ଆରଟିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମ ବସ୍‌ଷ୍ଟାଣ୍ଡ ଯୋଜନା

- ୨୬ ଜିଲାରେ ୧୨୪ ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଡ୍ରାଇଭରଙ୍କ ଟ୍ରେନିଂ ପାଇଁ ସୁ-ବାହକ ଯୋଜନାର ଶୁଭାରମ୍ଭ
- ବର୍ଷକୁ ପ୍ରଶିକ୍ଷଣ ନେବେ ୫୦ ହଜାର ଡ୍ରାଇଭର
- ଏମ୍-ପରିବହନ ମୋବାଇଲ ଆପ୍‌ର ଶୁଭାରମ୍ଭ
- ସମସ୍ତଙ୍କୁ ନିରାପଦ, ଆରାମଦାୟକ ପରିବହନ ସେବା ଯୋଗାଇବା ପାଇଁ ଉଦ୍ୟମ ଜାରି ରହିଛି: ମୁଖ୍ୟମନ୍ତ୍ରୀ




E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.

LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.

SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

APARNAA MOTORS
SAMBALPUR (PARDHIAPALI): 9237395001.

*Offer includes consumer offer, exchange bonus, institutional or rural offer and 2 ka 4 wheeler offer (wherever applicable) on selected models/ variants. ^Up to 100% on road funding is provided by select financiers only. Above mentioned savings amount is the value of maximum savings on selected models. ***Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st August, 2023.

**ଆଜିର ମନ୍ତବ୍ୟ**

ମୋ ରାଜନୈତିକ ପରାମର୍ଶଦାତା ଏବଂ ଓଏସ୍‌ଡିଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ।
**-ଭୂପେଶ ବଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛ' ମାସର ବଳ**
**ଦିନକର ଜର।**
ସାଧାରଣତଃ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟହାନି ଘଟିବାର ଆଶଙ୍କା ରହିଥାଏ। ଏଭଳି ସ୍ଥଳେ ଦେହ ଅସ୍ୱସ୍ତି ଲାଗିବା ବା ଦୁର୍ବଳ ଲାଗିବା ଭଳି ଅନେକ ଲକ୍ଷଣମାନ ମଧ୍ୟ ପ୍ରକାଶ ପାଇଥାଏ। ତେଣୁ ଜର ହେଲେ ବା ଦେହ ଖରାପ ହେଲେ ଦେହରୁ ବଳ କମିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଛପନ କୋଟି ଜୀବଙ୍କୁ,**
**ବାଆନ କୋଟି ଭଣ୍ଡାର।**
ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା ଓ ପ୍ରାଣକର୍ତ୍ତା। ଜୀବମାନଙ୍କ ପାଇଁ ଈଶ୍ୱରଙ୍କ ସଂସାରରେ ଖାଦ୍ୟର ଅଭାବ ପଡୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୫ ଜିଲାରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଇ-ବସ୍ ସେବା

## କ୍ରୁଟ୍‌ର ୪୪ତମ ବୋର୍ଡ ବୈଠକ

■ ଇଭି ଡିପୋ, ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ ଯୋଜନା

ଭୁବନେଶ୍ୱର, ୨୩।୮
(ସୁନିତ୍ ମିଶ୍ର)

କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ୪୪ତମ ବୋର୍ଡ ବୈଠକ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ତଥା କ୍ରୁଟ୍ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦୁଝର ଜିଲାରେ ତୁରନ୍ତ 'ମୋ ବସ୍' ସେବା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କେନ୍ଦୁଝରବାସୀଙ୍କ ଗମନାଗମନ ସୁଲଭ ଓ ସୁଗମ ହୋଇପାରିବ। ନିକଟରେ ଘୋଷଣା କରାଯାଇଥିବା ପିଏମ୍ ଇ-ବସ୍ ଯୋଜନା ଭଳି କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଭୁବନେଶ୍ୱର, କଟକ, ରାଉରକେଲା, କେନ୍ଦୁଝର ଏବଂ ସମ୍ବଲପୁରର ପ୍ରମୁଖ ସ୍ଥାନରେ ଇ-ବସ୍ ସେବା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହି ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ କ୍ରୁଟ୍ ଏକ ବ୍ୟାପକ ଭିତ୍ତିଭୂମି ବିକାଶ ଯୋଜନା କରିଛି। ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ କଟକ ନରାଜରେ ଏକ ଆଧୁନିକ ବସ୍ ଡିପୋ, ଗାଡକଣ ଠାରେ ଏକ ଉତ୍ସର୍ଗୀକୃତ ଇଲେକ୍ଟ୍ରୋନିକ ଭେହିକିଲ(ଇଭି) ଡିପୋ ଏବଂ ଭୁବନେଶ୍ୱରର ପୋଖରୀପୁଟରେ ଏକ ଅତ୍ୟାଧୁନିକ ବସ୍ ଡିପୋ ନିର୍ମାଣ ଅନ୍ତର୍ଭୁକ୍ତ ଅଛି। ଏହାଛଡ଼ା ଭୁବନେଶ୍ୱରର ଅରିଜିନ ଡେଷ୍ଟିନେଶନ ଟର୍ମିନାଲ ଘାଟିକିଆରେ ଏକ ଇଲେକ୍ଟ୍ରିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯିବ। ଏହାସହ ଛତ୍ରପୁର, ଗୋପାଳପୁର, ହଳଦୀପଦର ଏବଂ ସମ୍ବଲପୁରର ମୋଦିପଡ଼ା ଓ ଅଇଁଠାପାଲିରେ ଅରିଜିନ ଡେଷ୍ଟିନେଶନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ କ୍ରୁଟ୍ ଯୋଜନା କରିଛି। ପୁନରୁଦ୍ଧାର ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ କ୍ରୁଟ୍ ମାଷ୍ଟର କ୍ୟାଣ୍ଟିନରେ ଥିବା ବସ୍ ଟର୍ମିନାଲର ମରାମତି, ନବୀକରଣ ଏବଂ ଉନ୍ନତି ପାଇଁ ସମ୍ବଳ ଯୋଗାଇଦେଇଛି। ଏହିସବୁ ଭିତ୍ତିଭୂମି, ପଦକ୍ଷେପ ଏବଂ ଉନ୍ନତି ଲୋକଙ୍କ ପାଇଁ ଭ୍ରମଣ ଅଭିଜ୍ଞତାକୁ ଆହୁରି ସହଜ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟର ବିଭିନ୍ନ ପରିଚାଳନା କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଆଭାସୀ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶକୁ ସୁଗମ କରିବା ପାଇଁ ପଟିଆ ଏବଂ ଭଗବାନପୁର ଡିପୋରେ ଅତ୍ୟାଧୁନିକ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି,ରାଜ୍ୟବାସୀଙ୍କ ସେବାରେ ଏକ ବୃତ୍ତିଗତ ତାଲିମପ୍ରାପ୍ତ କର୍ମଚାରୀ ଦଳକୁ ସବୁ ସମୟରେ ପ୍ରସ୍ତୁତ ରଖାଯିବ। ବୈଠକରେ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ପରିବହନ କମିଶନର ଅମିତାଭ ଠାକୁର, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, କଟକ ମହାନଗର ନିଗମ କମିଶନର ନିଖିଲ ପବନ କଲ୍ୟାଣ, ଗଞ୍ଜାମ, କେନ୍ଦୁଝର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାପାଳ ଉପସ୍ଥିତ ଥିଲେ।




ନିଶାସକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ସରକାରଙ୍କ ନିଶା ପ୍ରସାରଣ ନୀତି ବିରୋଧରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ। (ଫଟୋ- ମୌସମ ନନ୍ଦ)

# ବଡ଼ଗୁମୁଡ଼ା ସେବାଶ୍ରମ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୩।୮
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କୋଷାଗୁମୁଡା ବ୍ଲକ ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ରଞ୍ଜିତା ହରିଜନଙ୍କର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ନବରଙ୍ଗପୁର ଜିଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକ ତାରାଯୋଡି ଗ୍ରାମର ଖଗପତି ହରିଜନଙ୍କ ଝିଅ ରଞ୍ଜିତା ମଙ୍ଗଳ ବିଭାଗ ବଡ଼ଗୁମୁଡ଼ା ସେବାଶ୍ରମ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିଲେ। ୨୧ ତାରିଖରେ ତାଙ୍କର ମୁଣ୍ଡବ୍ୟଥା ହେବାରୁ ବଡ଼ଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ସେବାଶ୍ରମକୁ ଫେରି ଆସିଥିଲେ। ରଞ୍ଜିତା ପୁଣି ଅସୁସ୍ଥ ହେବାରୁ ବୁଧବାର ବଡ଼ଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଧାନ ଶିକ୍ଷକ ସପନ ହାଲଦାର କହିଛନ୍ତି, ରଞ୍ଜିତାଙ୍କୁ ୨୧ ତାରିଖରେ ବଡ଼ଗୁମୁଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଔଷଧ ଦେଇ ଛାଡି ଦେଇଥିଲେ। ରାତିରେ ଔଷଧ ଖାଇବା ପରେ ମଧ୍ୟ ମୁଣ୍ଡବ୍ୟଥା ନ କମିବାରୁ ପୁଣି ଥରେ ଗତ ୨୨ ତାରିଖରେ ଡାକ୍ତରଖାନାକୁ ନିଆଯାଇଥିଲା। ୨୩ ତାରିଖରେ ବାନ୍ତି ହେବା ପରେ ପୁଣି ଥରେ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ସକାଳୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅପରାହ୍ଣ ୧ଟାରେ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି।

କୋଡିଗାଁ ଥାନା ଅଧିକାରୀ ଯୁଗଳ ଶବରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜଣେ ଛାତ୍ରୀଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ନେଇ ନବରଙ୍ଗପୁର ଥାନା ପକ୍ଷରୁ ସୂଚନା ପାଇଛନ୍ତି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସେ କହିଛନ୍ତି। ତେବେ ପରିବାର ଲୋକେ ଅଭିଯୋଗ କରିଛନ୍ତି, ଝିଅ ଗୁରୁତର ସଂକ୍ରାନ୍ତରେ ତାଙ୍କୁ ଜଣାଯାଇ ନ ଥିଲା। ପୂର୍ବରୁ ଖବର ପାଇ ସମ୍ପର୍କୀୟ ଯିବାରୁ କେବଳ ମା' ବାପାଙ୍କୁ ଝିଅ ସହିତ ମିଶିବା ନିୟମ ଅଛି କହି ଝିଅକୁ ଦେଖିବା ପାଇଁ ମନା କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ।

# ଶ୍ରମିକ ବୋଝେଇ ଗାଡ଼ି ଓଲଟିଲା

## ୨୦ ଆହତ, ୭ ଗୁରୁତର

ଠାକୁରମୁଣ୍ଡା,୨୩।୮
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୁଡାମ୍ବ ଘାଟି ନିକଟରେ ବୁଧବାର ଭୋର ସମୟରେ ଏକ ଶ୍ରମିକ ବୋଝେଇ ଟାଟା ମ୍ୟାଜିକ ଓଲଟି ୨୦ ଜଣ ଆହତ ହେବା ସହ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ଅଧୀନ ଜଡିପଦା ଗ୍ରାମରୁ ଧାନ ବିଲରେ କାମ କରିବାକୁ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଏକ ଟାଟା ମ୍ୟାଜିକ୍ ଗାଡ଼ି ଭଦ୍ରକ ଜିଲା ବନ୍ତ ନିକଟ କେନ୍ଦୁଆ ଗ୍ରାମକୁ ଯାଉଥିଲା। ଗାଡ଼ି ଜୁଡାମ୍ବ ଘାଟିରୁ ଓହ୍ଲାଉଥିବା ବେଳେ ଏକ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁତର ଥିବା ୭ ଜଣଙ୍କୁ କରଞ୍ଜିଆ ଓ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ଜଡିପଦା ଗ୍ରାମର ମିତା ନାଏକ, ଶାନ୍ତିଲତା ନାଏକ, ମାଳତୀ ନାଏକ, ଉତ୍ତମ ଦାସ, ଗଜେନ୍ଦ୍ର ନାଏକ, ରୁନା ନାଏକ ଓ ଯଶୋଦା ନାଏକ। ଅନ୍ୟ ସମସ୍ତ ଆହତ ଶ୍ରମିକ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଠାକୁରମୁଣ୍ଡା ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ଚନ୍ଦ୍ରରେ ଭାରତ...

ସମର୍ପିତ। ଆଗକୁ ଏହା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଚନ୍ଦ୍ରାଭିଯାନରେ ସହାୟକ ହେବ। ଏହି ଅବସରରେ ଇସ୍ରୋ ମୁଖ୍ୟ କହିଥିଲେ, ସଫଳତା ପାଇଁ ସେହି ସମସ୍ତଙ୍କୁ ଧନ୍ୟବାଦ, ଯେଉଁମାନେ ଦେଶ ଲାଗି ପ୍ରାର୍ଥନା କରିଥିଲେ, ଉତ୍ସାହ ଦେଖାଇଥିଲେ ଏବଂ ଭଲ ପାଇବା ଦେଇଥିଲେ। ଆପଣମାନଙ୍କୁ ଏହା ଉତ୍ସର୍ଗୀକୃତ। ଆମର ପରବର୍ତ୍ତୀ ମିଶନ ହେବ ଗଗନୟାନ (ହ୍ୟୁମାନ୍ ସ୍ପେସ୍ ଫ୍ଲାଇଟ୍)। ସେପ୍ଟେମ୍ବର କିମ୍ବା ଅକ୍ଟୋବର ପ୍ରଥମ ସପ୍ତାହରେ ଏହା ଆରମ୍ଭ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଏହାର କିଛି ସମୟ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଟେଲିଭିଜନ ବାର୍ତ୍ତାରେ କହିଥିଲେ, ବାସ୍ତବରେ ଏହା ହେଉଛି ଏକ ଗୌରବର ମୁହୂର୍ତ୍ତ, ଯାହାକି ଜୀବନକାଳ ମଧ୍ୟରେ ଥରେ ଥରେ ଦେଖିବାକୁ ମିଳିଥାଏ। ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରୟାନ-୩ ମିଶନ୍‌କୁ ସଫଳ କରି କେବଳ ଇତିହାସ ରଚିନାହାନ୍ତି, ସେମାନେ ଭୂଗୋଳର ଧାରଣାକୁ ପୁନଃ ଅଙ୍କନ କରିଛନ୍ତି।

ଅନ୍ୟପକ୍ଷେ ବିକ୍ରମ ଲ୍ୟାଣ୍ଡରର ସଫଳ ଲ୍ୟାଣ୍ଡିଂ ପରେ ଚନ୍ଦ୍ରପୃଷ୍ଠରେ ବିପୁଳ ଧୂଳିକଣିକା ଉଠିଥିଲା। ଚନ୍ଦ୍ରର ନିମ୍ନ ମାଧ୍ୟାକର୍ଷଣ ଯୋଗୁ ଏହି ଧୂଳି ସ୍ଥିର ହେବାକୁ ଦିନେ ଲାଗିଯିବ। ଏହା ପରେ ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠରେ ଗଡ଼ିବା ଆରମ୍ଭ କରିବ। ବହୁ ପରୀକ୍ଷାନିରୀକ୍ଷା ପରେ ଲ୍ୟାଣ୍ଡିଂ ସ୍ଥଳ ସ୍ଥିର କରାଯାଇଥିଲା। ଉକ୍ତ ଅଞ୍ଚଳରେ ଜଳର ସଙ୍କେତ ଥିବାରୁ ଚନ୍ଦ୍ରରେ ବରଫ ଥାଇପାରେ ବୋଲି ଅନୁମାନ କରାଯାଉଛି, ଯାହାକି ବୈଜ୍ଞାନିକ ଗବେଷଣା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଏହା ପୂର୍ବରୁ ମଧ୍ୟ ୨୦୦୯ରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ସହାୟତାରେ ଭାରତର ପ୍ରଥମ ମୁନ୍ ମିଶନ ଚନ୍ଦ୍ରୟାନ-୧ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଥିଲା। ଆଗାମୀ ୧୪ ଦିନ (ଅର୍ଥାତ୍ ଚନ୍ଦ୍ରର ଦିନେ) ଧରି ସୌରଚାଳିତ ରୋଭର ପ୍ରଜ୍ଞାନ ଜହ୍ନ ରାଇଜରୁ ଇସ୍ରୋକୁ ଅନେକ ଚିତ୍ର ଓ ତଥ୍ୟ ପ୍ରେରଣ କରିବ। ୧୪ ଦିନ ପରେ ଏହାର ଗତିବିଧି ମନ୍ଥର ହୋଇଯାଇପାରେ। ମୁନ୍ ରୋଭର ଲ୍ୟାଣ୍ଡର ବିକ୍ରମ ଏବଂ ଚନ୍ଦ୍ରୟାନ୍-୨ର ଅର୍ବିଟର ସହ ଯୋଗାଯୋଗରେ ରହିବ। ଲ୍ୟାଣ୍ଡର ଇସ୍ରୋକୁ ଡେଟା ରିଲେ କରିବ।

ପ୍ରକାଶ ଯେ, ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ୍ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ମୁନ୍ ଲ୍ୟାଣ୍ଡରକୁ ଭିଏଲ୍ଏମ୍ ୩ ଜରିଆରେ ଲଞ୍ଚ କରାଯାଇଥିଲା। ଅଗଷ୍ଟ ୫ରେ ଏହା ଚନ୍ଦ୍ର କକ୍ଷପଥରେ ଅବସ୍ଥାପିତ ହୋଇଥିଲା।

### ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର,୨୩।୮
(ଅନିଲ ଦାସ)

ଭାରତର ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପାଇଁ ଆଜିର ଦିନ ଏକ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ଚନ୍ଦ୍ରୟାନ-୩ ହେଉଛି ବିଶ୍ୱର ପ୍ରଥମ ମହାକାଶ ଯାନ, ଯାହା ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଏହି ଲ୍ୟାଣ୍ଡିଂ ଭାରତୀୟ ବିଜ୍ଞାନ ପାଇଁ ଏକ ଅବିସ୍ମରଣୀୟ ସଫଳତା ଏବଂ ମାନବ ଜାତି ପାଇଁ ଏକ ବୃହତ୍ ଅବଦାନ। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକ ଏବଂ ଚନ୍ଦ୍ର ମିଶନକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସଞ୍ଜୟ ମିଶ୍ରାଙ୍କୁ ...

ସେପ୍ଟେମ୍ବର ୧୫ରେ ସେ ଅବସର ନେବା ପୂର୍ବରୁ ସିଆଇଓ ପଦବୀ ସୃଷ୍ଟି କରାଯାଇପାରେ ବୋଲି ଜଣାପଡ଼ିଛି। ସିବିଆଇ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଏବଂ ଇଡି କାର୍ମିକ, ପେନ୍‌ସନ ଓ ସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ଅଧୀନରେ ପୂର୍ବ ଭଳି କାର୍ଯ୍ୟ କରିବ। ତେବେ ଦୁଇ ଏଜେନ୍ସି ସିଆଇଓଙ୍କ ତତ୍ତ୍ୱାବଧାନରେ ରହିବ, ଯିଏକି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ରିପୋର୍ଟ କରିବେ। ସ୍ମରଣଯୋଗ୍ୟ, ସଞ୍ଜୟଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୨୭ରେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ସଞ୍ଜୟଙ୍କୁ ଛାଡ଼ିଦେଲେ ବିଭାଗରେ ଥିବା ସମସ୍ତ ଅଧିକାରୀ ଅଯୋଗ୍ୟ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏଥିସହ ତାଙ୍କ କାର୍ଯ୍ୟକାଳ ଅକ୍ଟୋବର ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦୟା କଲା ଭଳି ଅନୁମତି ଦେଇଥିଲେ। ଏହି ଅବଧି ବୃଦ୍ଧି ପରେ ଆଗକୁ ତାଙ୍କୁ ଅଧିକ ଦିନ ଚାକିରିରେ ରଖାଯାଇପାରିବ ନାହିଁ ଏବଂ ଏଥିପାଇଁ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ପୂର୍ବରୁ କେନ୍ଦ୍ର ପକ୍ଷରୁ ତାଙ୍କ କାର୍ଯ୍ୟକାଳ ୨ ଥର ବୃଦ୍ଧି କରାଯାଇଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଥିବାରୁ ଏହି ସମୟରେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏଫ୍ଏଟିଏଫ୍‌ର ଗ୍ରେ ଲିଷ୍ଟ୍ (ଧୂସର ତାଲିକା)ରେ ଭାରତକୁ ସ୍ଥାନିତ କରିବା ପାଇଁ କେତେକ ପଡ଼ୋଶୀ ରାଷ୍ଟ୍ର ଚାହୁଁଛନ୍ତି। ତେଣୁ ଇଡି ମୁଖ୍ୟ ଭାବେ ସଞ୍ଜୟ ରହିବା ଜରୁରୀ। ୩ ଜଣିଆ ଖଣ୍ଡପୀଠ ଶୁଣାଣି ବେଳେ ସରକାରଙ୍କୁ ପ୍ରଶ୍ନ କରିଥିଲେ, ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ଆମେ କ'ଣ କେବଳ ଜଣେ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବା? ତାଙ୍କ ବ୍ୟତୀତ ଇଡିରେ ଆଉ କେହି ଯୋଗ୍ୟ ଅଧିକାରୀ ନାହାନ୍ତି କି? ସମ୍ପୂର୍ଣ୍ଣ ବିଭାଗରେ କ'ଣ ସବୁ ଅଯୋଗ୍ୟ ଲୋକ ଭର୍ତ୍ତି ହୋଇଛନ୍ତି ବୋଲି ମେହେଟ୍ଟାଙ୍କୁ ଖଣ୍ଡପୀଠ ପଚାରିଥିଲେ। ତେଣୁ ସଞ୍ଜୟଙ୍କ ଅବସରକୁ ମାସେରୁ କମ୍ ସମୟ ବାକିଥିବାବେଳେ କେନ୍ଦ୍ର ସରକାର ତାଙ୍କ ପାଇଁ ନୂଆ ପଦବୀ ସୃଷ୍ଟି କରିବାକୁ ଯାଉଥିବା ଆଲୋଚନା ହେଉଛି।

### ରାତିରେ ଖୋଲିବ...

ନେଇ ନନ୍ଦନକାନନ ମାଷ୍ଟରପ୍ଲାନ ଦାଖଲ କରିଛି। ଆସନ୍ତା (୨୦୨୦-୪୦)୨୦ବର୍ଷ ପାଇଁ ଏହି ପ୍ରସ୍ତାବ ଦିଆଯାଇଛି। ସନ୍ଧ୍ୟା ୬ରୁ ୭ କିମ୍ବା ୭ରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବାର ବ୍ୟବସ୍ଥା କରାଯିବା ନେଇ ଚିନ୍ତା କରାଯାଉଛି। ମାଷ୍ଟରପ୍ଲାନରେ ନନ୍ଦନକାନନ କଳେବର ବୃଦ୍ଧି ପାଇଁ ବି ପ୍ରସ୍ତାବ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନର ପରିସୀମାକୁ ବୃଦ୍ଧିକରିବା ପାଇଁ ଚୂଡ଼ଙ୍ଗ ଓ କୃଷ୍ଣନଗର ଅଞ୍ଚଳକୁ ସାମିଲ କରାଯାଇ ନନ୍ଦନକାନନର ସମୁଦାୟ ପରିସୀମାକୁ ୧,୦୪୩ ହେକ୍ଟର ପରିମିତ ଜାଗାକୁ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ଚୂଡ଼ଙ୍ଗ ଓ କୃଷ୍ଣନଗର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଜାଗା ଅକ୍ତିଆର କରିବା ପ୍ରକ୍ରିୟା ସାମୟିକଭାବେ ବନ୍ଦ ରହିଛି। ଏହି ଜାଗା ନନ୍ଦନକାନନରେ ମିଶିଯିବା ପରେ ନାଇଟ୍ ସଫାରି କରିବା ପାଇଁ ନନ୍ଦନକାନନ ପକ୍ଷରୁ ଯୋଜନା କରାଯାଇଛି। ରାତ୍ରିଚର ଜୀବଙ୍କୁ ଦେଖିବାକୁ ନକ୍ଟରାଲ ଡ୍ରିଲ ସଫାରି ବ୍ୟବସ୍ଥା ମଧ୍ୟ କରାଯିବାର ଯୋଜନା କରାଯାଉଛି। ତେବେ ମନୋନୀତ ଲୋକ କେବଳ ରାତ୍ରିଚର ଜୀବଙ୍କୁ ଦେଖିବା ପାଇଁ ଯାଇପାରିବେ। ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି କହିଛନ୍ତି, ଶିକ୍ଷାଗତ ସଚେତନତା ପାଇଁ ରାତିରେ ନନ୍ଦନକାନନ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମୋଦନ ଦେଲେ ହୋଇପାରିବ। ଯଦି ପ୍ରସ୍ତାବ ଅନୁସାରେ ସବୁକିଛି ଠିକ୍ ହୋଇଯାଏ ତେବେ ପର୍ଯ୍ୟଟକମାନେ ଖୁବ୍‌ଶୀଘ୍ର ରାତିରେ ନନ୍ଦନକାନନ ବୁଲିପାରିବେ ବୋଲି ପିସିସିଏଫ୍ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ସିଜେଡ୍‌ଏଙ୍କ ପକ୍ଷରୁ ଏହି ଅନୁମୋଦନ ପାଇଲେ ପର୍ଯ୍ୟଟକମାନେ ରାତିରେ ମଧ୍ୟ ନନ୍ଦନକାନନ ବୁଲିବାର ମଜା ଉଠାଇପାରିବେ ବୋଲି ଉପନିର୍ଦ୍ଦେଶକ ସନତ କୁମାର ଏନ୍ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବର୍ତ୍ତମାନ ୧୬୯ଟି ପ୍ରଜାତିର ୪ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ ଅଛନ୍ତି। ଏହା ୨୫୦ ପ୍ରଜାତିକୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି।

### ରେଳ ବ୍ରିଜ୍ ...

୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରେଲୱେ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମବଙ୍ଗର ମାଳଦା ଜିଲାର। ଉଦ୍ଧାର କାର୍ଯ୍ୟରେ ମିଜୋରାମ ସରକାରଙ୍କୁ ସହାୟତା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବର୍ଷକୁ ୨ ଥର ...

ସୁଯୋଗ ପାଇବେ। ସେମାନେ ଯେଉଁସବୁ ବିଷୟ ସମ୍ପୂର୍ଣ୍ଣ କରିଥିବେ ଏବଂ ପ୍ରସ୍ତୁତ ଥିବା ଅନୁଭବ କରିବେ, ସେହି ବିଷୟରେ ପରୀକ୍ଷା ଦେବେ। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ବିଷୟ ଚୟନରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଭଳି ଷ୍ଟ୍ରିମ୍ କଟକଣା ରହିବ ନାହିଁ। ସେମାନେ ଯେକୌଣସି ଷ୍ଟ୍ରିମ୍‌ର ବିଷୟ ଚୟନ କରିପାରିବେ। ସ୍କୁଲ ବୋର୍ଡଗୁଡ଼ିକ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରାଇବା ପାଇଁ ସାମର୍ଥ୍ୟ ବଢ଼ାଇବେ। ସେହିପରି ପରୀକ୍ଷକ ଏବଂ ପରୀକ୍ଷା ପ୍ରସ୍ତୁତକାରୀଙ୍କୁ ଏଥିପାଇଁ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପାଠ୍ୟକ୍ରମ ହାସଲ କରିବାକୁ ହେବ ବୋଲି ମନ୍ତ୍ରଣାଳୟ କହିଛି।

### ଛାତ୍ରୀଙ୍କ ପରୀକ୍ଷା ...

ବାର୍ତ୍ତା ଏବେ ଭାଇରାଲ ହେବାରେ ଲାଗିଛି। କଲେଜ ପ୍ରିନ୍ସିପାଲ ମହାପାତ୍ର ଅଧ୍ୟାପିକାଙ୍କୁ ଫୋନ କରି ନିରୋଳା ସ୍ଥାନରେ ଦେଖା କରିବାକୁ ଡାକୁଥିବା, ଅଧ୍ୟାପିକା ଜଣକ କଲେଜ ଗଲେ କଥା ହେବେ ବୋଲି କହିବାରୁ ପ୍ରିନ୍ସିପାଲ କଲେଜରେ କଥା ହୋଇ ହେବ ନାହିଁ ବୋଲି କହୁଥିବା ଭାଇରାଲ ଅଡିଓରୁ ଜଣାପଡ଼ିଛି। ଅଧ୍ୟାପିକା ଜଣକ ନିରୋଳା ସ୍ଥାନରେ ଭେଟିବାକୁ ମନା କରିବାରୁ ପ୍ରିନ୍ସିପାଲ ତାଙ୍କ ଘରକୁ ଆସିବାକୁ କହୁଛନ୍ତି। ଏହି ଅଡିଓରେ ସମ୍ପୃକ୍ତ ଅଧ୍ୟାପିକାଙ୍କ ପ୍ରତି ପ୍ରିନ୍ସିପାଲଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରିନ୍ସିପାଲ ମହାପାତ୍ରଙ୍କୁ ପଚାରିବାରୁ ସେ ଅଧ୍ୟାପିକାଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ନିରୋଳା ସ୍ଥାନକୁ ଡାକିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପାପଯୁକ୍ତ ଚନ୍ଦ୍ର ହେତୁ ବିଷାଦିତ ରହିପାରନ୍ତି। ତରବରିଆ କାମ କିମ୍ବା ସତର୍କତା ଅଭାବରୁ ଧନହାନିର ସୂଚନା ରହିଛି। ଶତ୍ରୁତା ହେତୁ କର୍ମକ୍ଷେତ୍ରରେ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ବ୍ୟବସାୟ କ୍ଷେତ୍ର, କଳା, ସାହିତ୍ୟ, ପ୍ରଶାସନିକ କ୍ଷେତ୍ର, ଗବେଷଣା ଓ ଅନୁସନ୍ଧାନାଦି କାର୍ଯ୍ୟରେ ପ୍ରତିଷ୍ଠାର୍ଜନ କରିବେ।

**ବୃଷ** - ବୁଧାଦିତ୍ୟ ଯୋଗ ପ୍ରଭାବରୁ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ମଧ୍ୟ ଫଳ ମିଳିବ ଓଲଟା। ଯାହାକୁ ନିଜର ବୋଲି ଖୋଲା ମନ ନେଇ ଗୋପନୀୟ କଥା କହିବେ, ଦୁର୍ବଳତାର ସୁଯୋଗ ନେଇ ସିଏ ହିଁ ଦାଉ ସାଧିବ। ଆର୍ଥିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ କେତେକାଂଶରେ ଦୂରୀଭୂତ ହେବ। ଅବଶ୍ୟ ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ।

**ମିଥୁନ** - ତୃତୀୟସ୍ଥ ବୁଧଙ୍କ ଯୋଗୁ ପାରିବାରିକ ସମସ୍ୟା ହିଁ ଆଜିର ମୁଖ୍ୟ ଚିନ୍ତାର କାରଣ ହେବ। ନିଜ ନିଜର ସ୍ୱାର୍ଥସାଧନ ସକାଶେ ବନ୍ଧୁମାନେ ଆପଣଙ୍କ ଉପରୁ ନଜର ହଟାଇବେ। ସରକାରୀ କ୍ଷେତ୍ରରୁ ଆଦେଶ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ ଘଟଣାକୁ ନେଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**କର୍କଟ** - ଅଷ୍ଟମସ୍ଥ ଶନି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅବସ୍ଥା ଭଲ ନ ହେଲେ ମଧ୍ୟ ମନ୍ଦ ହେବ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ** - ରାଶିରେ ରବି ଓ ବୁଧଙ୍କ ଯୋଗ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ଆଜି ପୁଣି ଯୋଡିହୋଇଯିବ। କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** - ଭଲ ଚିନ୍ତା କଲେ ମଧ୍ୟ କ'ଣ ହେବ? ପରିବେଶ ଓ ପରିସ୍ଥିତି ଭିନ୍ନ ବାଟରେ ଯିବା ପାଇଁ ମାର୍ଗ ଉନ୍ମୁକ୍ତ କରିବ। ଶୁକ୍ରଙ୍କ ପ୍ରଭାବରୁ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣେଇପାରନ୍ତି। ସାଂସ୍କୃତିକ, ରାଜନୈତିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** - ଯାହାକୁ ଯାହା କହିବାକୁ ଚିନ୍ତା କରୁଥିଲେ ମଧ୍ୟ କହି ପାରିବେ ନାହିଁ। ଚନ୍ଦ୍ର ସହ କେତୁଙ୍କ ଯୋଗୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ ମଧ୍ୟ କରିପାରିବେନି। ବନ୍ଧୁ କିମ୍ବା ସହକର୍ମୀଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି ଲାଗିରହିବ।

**ବିଛା** - ଆତ୍ମୀୟ ସ୍ୱଜନମାନଙ୍କ ଅନାଦର ଭାବ ଓ ବେଖାତିର କଥାର ସମୀକ୍ଷା କରିବେ। ଅସଜଡ଼ା ପରିବାରକୁ ସଜାଡ଼ିବା ସକାଶେ ଦୁଶ୍ଚିନ୍ତା ମଧ୍ୟ ଲାଗିରହିବ। କର୍ମସ୍ଥାନରେ ରବି ଓ ବୁଧ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ ଏକ ପ୍ରକାର ଚଳନୀୟ ରହିବ।

**ଧନୁ** - ଶନିଙ୍କ ପ୍ରଭାବରେ କଠୋର ପରିଶ୍ରମଜନିତ ଶାନ୍ତିରେ ସୁନିଦ୍ରା ମଧ୍ୟ ନ ହୋଇପାରେ। କେତେକଙ୍କ କ୍ଷେତ୍ରରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ମାତ୍ର ପୂର୍ବାଷାଢ଼ା ନକ୍ଷତ୍ର ହାତକୁ ନେଇଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ତରଫରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** - ଆଜିର ଯାତ୍ରା, ବାଣିଜ୍ୟ, ଚେଷ୍ଟା କରୁଥିବା କାର୍ଯ୍ୟ, ଆଲୋଚନା, ସଭାସମିତି ପ୍ରଭୃତିରୁ ସନ୍ତୋଷଜନକ ଫଳ ପାଇବେ। ବଳହୀନ ମଙ୍ଗଳଙ୍କ କୁପ୍ରଭାବରୁ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ଦୀର୍ଘ ଦିନର ବକେୟା ଅର୍ଥ ବନ୍ଧୁଙ୍କ ସହାୟତାରେ ଆଜି ପ୍ରାପ୍ତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ହଟିଯିବ।

**କୁମ୍ଭ** - ଆଜିର କାମଗୁଡ଼ିକ ବହୁତ ବିଳମ୍ବରେ ସମ୍ପନ୍ନ ହେବ। ଅନ୍ୟମାନଙ୍କ ନିକଟରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂରୀଭୂତ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ମୀନ** - ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ତ୍ୱରିତ ନିଷ୍ପତ୍ତି ନେବାରେ ସହାୟକ ହେବ। ନିଜର ବୁଦ୍ଧିମତ୍ତା ମାଧ୍ୟମରେ ଅସମ୍ଭବ ମନେହେଉଥିବା କାମକୁ ସମ୍ଭବ କରିପାରିବେ। ଶତ୍ରୁମାନେ ମିତ୍ରଭଳି ଆଚରଣ କରିବା ସାଙ୍ଗକୁ ଆତ୍ମୀୟମାନେ ପାଖେଇ ଆସିବେ। କୌଣସି ଆନୁଷ୍ଠାନିକ ଉତ୍ସବାରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଅଷ୍ଟମୀ, ଚାତୁର୍ମାସ୍ୟା ବ୍ରତ, ଗୁରୁବାର, ଅଗଷ୍ଟ ୨୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ. ୦୯।୦୨ପର୍ଯ୍ୟନ୍ତ ବିଶାଖା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୩ ଗତେ ଘ.୦୭।୧୩ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୧।୨୩ ଗତେ ଘ.୦୨।୫୭ ମଧ୍ୟେ ରାହୁକାଳ।

# ଜହ୍ନରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ/ଶର୍ମିଷ୍ଠା ପାଣିଗ୍ରାହୀ)

ଦୀର୍ଘଦିନର ସ୍ୱପ୍ନ ଏବେ ବାସ୍ତବ ରୂପ ନେଇଛି। 'ଜହ୍ନମାମୁ ରାଇଜ ବୁଲି ଆସିବା' ଗପ ଏବେ ସତ ହୋଇଛି। ଶେଷରେ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ପାଦ ଥାପିଛି ଚନ୍ଦ୍ରୟାନ-୩। ଏଥିସହ ବିଶ୍ୱର ଚତୁର୍ଥ ଦେଶ ଭାବେ ଇତିହାସ ରଚିଛି ଭାରତ। ୨୦୦୮ ଓ ୨୦୧୯ର ବିଫଳତା ପରେ ୨୦୨୩ରେ ଭାରତକୁ ଏହି ବଡ଼ ସଫଳତା ମିଳିଛି। ଏହା ସମଗ୍ର ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିବାବେଳେ ଏଥିପାଇଁ ସାରା ଦେଶ ଏବେ ଅସରନ୍ତି ଆନନ୍ଦ ଉଲ୍ଲାସରେ ଫାଟି ପଡୁଥିବାବେଳେ ସବୁଆଡୁ 'ଇସ୍ରୋ' ଟିମ୍‌କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



ଭୁବନେଶ୍ୱର ସିଟିସିଠାରେ ଉତ୍ସାହିତ ଛାତ୍ରୀଛାତ୍ର, ବୈଜ୍ଞାନିକ ଓ ଅନ୍ୟମାନେ।

### ଚନ୍ଦ୍ର, ମଙ୍ଗଳରେ ବସତି ସ୍ଥାପନ ଅସମ୍ଭବ ନୁହେଁ



ଚନ୍ଦ୍ରୟାନ-୨ରେ ଯେଉଁ ବିଫଳତା ଦେଖିଥିଲୁ, ତାହା ବିଶ୍ୱବାସୀଙ୍କୁ ଦୁଃଖିତ କରିଥିଲା। ମାତ୍ର ଆମ ବୈଜ୍ଞାନିକ, ଇଞ୍ଜିନିୟର ସମସ୍ତଙ୍କର ୪ ବର୍ଷର ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜି ଏହି ସଫଳତା ମିଳିଛି। ଏହା କୋଟି କୋଟି ଭାରତୀୟ, ଇସ୍ରୋରେ ସମସ୍ତ ବୈଜ୍ଞାନିକଙ୍କୁ ଆନନ୍ଦ ଦେଇଛି। ଏହି ସଫଳତା ଆମ ଭବିଷ୍ୟତ କାର୍ଯ୍ୟ ପାଇଁ ପଥ ପ୍ରଦର୍ଶକ ହୋଇରହିବ। ବିଶେଷକରି ପୃଥିବୀର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ରପୃଷ୍ଠ ଦକ୍ଷିଣ ମେରୁରେ ପହଞ୍ଚିବା ଗର୍ବର ବିଷୟ। ଗପ, କବିତା, କଳ୍ପନାରେ ଥିବା ଯୁକ୍ତିଯୁକ୍ତ କଥାକୁ ବିଜ୍ଞାନ ସମୟକ୍ରମେ ବାସ୍ତବ କରିଥାଏ। ତେଣୁ ଭବିଷ୍ୟତରେ ଚନ୍ଦ୍ର, ମଙ୍ଗଳରେ ଯାଇ ବସତି ସ୍ଥାପନ କରିବା କିଛି ଅସମ୍ଭବ ନୁହେଁ। ସେହିପରି ଆଗାମୀ ପିଢ଼ି ସୌରମଣ୍ଡଳର ବିଭିନ୍ନ ଭାଗକୁ ଯାତ୍ରା କରି ପ୍ରକୃତିର ରହସ୍ୟକୁ ଉନ୍ମୋଚନ କରିବାରେ ସହାୟକ ହେବ ବୋଲି ଆଜିର ସଫଳତାରୁ ଆଶା କରିପାରିବା।

- ଡ. କାର୍ତ୍ତିକ ସ୍ୱାଇଁ, ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ, ଇସ୍ରୋ

### ମହାକାଶ ଗବେଷଣାକୁ ଉତ୍ସାହିତ କରିବ



ଦେଶବାସୀଙ୍କ ପାଇଁ ଗୌରବର କଥା। ଏଥିପାଇଁ ଇସ୍ରୋ ବୈଜ୍ଞାନିକ, ସମସ୍ତ କର୍ମଚାରୀ ଓ ଭାରତ ସରକାର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ଆବଶ୍ୟକ। କେବଳ ଜହ୍ନ ରାଇଜ ନୁହେଁ, ବରଂ ଆଗକୁ ମହାକାଶକୁ ନେଇ ଗବେଷଣା କରିବାରେ ଏହା ପ୍ରେରଣା ଦେବ। ମହାକାଶ ବିଜ୍ଞାନୀଙ୍କୁ ଆହୁରି ଉତ୍ସାହିତ କରିବ। ସବୁଠାରୁ ମଜାଦାର କଥା ହେଉଛି, ଏବେ ଲୋକମାନେ ଚେଷ୍ଟା କଲେ ଜହ୍ନମାମୁ ଘର ବୁଲି ଆସି ପାରିବେ।

- ରଘୁନାଥ ପଣ୍ଡା, ବିଜେବି କଲେଜ, ପୂର୍ବତନ ଅଧକ୍ଷ

### ସଫଳତାର ପ୍ରଥମ ପାହାଚ



ସମସ୍ତଙ୍କ ପାଇଁ ଏହା ଏକ ଐତିହାସିକ ଦିନ। ଇସ୍ରୋର ବୈଜ୍ଞାନିକଙ୍କୁ ବହୁତ ବହୁତ ଅଭିନନ୍ଦନ। ଏହା ହେଉଛି ପ୍ରଥମ ପାହାଚ। ଆଶା କରୁଛି ଭବିଷ୍ୟତରେ ଇସ୍ରୋର ଏହି ଜ୍ଞାନକୁ ନେଇକି ମଙ୍ଗଳ ଓ ଅନ୍ୟ କ୍ଷୁଦ୍ର ଗ୍ରହ ଉପରେ ଲ୍ୟାଣ୍ଡ କରିବା। ଆମେ ନାଇଜରରେ ରୋଭର୍ ତଥ୍ୟକୁ ଷ୍ଟଡି କରିବୁ, ଆଉ ଚନ୍ଦ୍ରର ଦକ୍ଷିଣ ମେରୁ ପୃଷ୍ଠରେ କ'ଣ ଅଛି ଜାଣିବାକୁ ଚେଷ୍ଟା କରିବୁ।

- ସୂର୍ଯ୍ୟସ୍ନାତ ରାଉତ, ଜ୍ୟୋତିର୍ବିଜ୍ଞାନୀ, ନାଇଜର

### ଇସ୍ରୋ ଟିମ୍‌କୁ କୃତଜ୍ଞତା



ଚନ୍ଦ୍ରୟାନ-୩ର ସଫଳ ଅବତରଣ ଆମ ଭାରତବାସୀଙ୍କ ପାଇଁ ବଡ଼ ଗର୍ବ ଓ ଗୌରବର ବିଷୟ। ଏତେବଡ଼ ବୈଜ୍ଞାନିକ ସଫଳତା ବହୁତ କମ୍ ଦେଶ ପାଇପାରିଛନ୍ତି, ଯେଉଁଥିରେ ଆମେ ୪ର୍ଥ। ସେହିପରି ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳତା ପାଇଛନ୍ତି। ଆଗାମୀ ଦିନଗୁଡ଼ିକରେ ରୋଭର ଚାଲିବାର ବ୍ୟବସ୍ଥା କରିବା। ଇସ୍ରୋର ପ୍ରତ୍ୟେକ ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତି ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଉଛି। ସେମାନଙ୍କ ପାଇଁ ଆମ ଦେଶ ଆଜି ଏତେ ବଡ଼ ଗୌରବ ପାଇପାରିଛି। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଆମେ ଆହୁରି ମଧ ଆଗକୁ ଯିବା। ମହାକାଶ ବିଜ୍ଞାନରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିଛି।

- ଶୁଭେନ୍ଦୁ ପଟ୍ଟନାୟକ, ମହାକାଶ ବିଜ୍ଞାନୀ

### ଭାରତ ଟେକ୍ନୋଲଜି ଜାଏଣ୍ଟ ଭାବେ ପରିଗଣିତ ହେଲା



ଭାରତୀୟ ବୈଜ୍ଞାନିକମାନେ ଯେଉଁ ନିଦର୍ଶନ ଦେଇଛନ୍ତି ତାହା ଅଭୂତପୂର୍ବ। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାସ୍ତା ଖୋଲିଗଲା। ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ବିଦେଶରେ ସମ୍ମାନ ଆଣିଦେଲା ଏହି ସଫଳତା। ଅଧବସାୟ, ଯାନ୍ତ୍ରିକ ବ୍ୟବସ୍ଥାକୁ ବୁଝି ସୁଧାର ଆଣିବା ଦ୍ୱାରା ଏହି ସଫଳତା ମିଳିପାରିଛି। ଭାରତ ବିଶ୍ୱ ଦରବାରରେ ଟେକ୍ନୋଲଜି ଜିଆଣ୍ଟ ଭାବେ ପରିଗଣିତ କରିପାରିଛି।

- ହିମାଂଶୁ ଶେଖର ଶତପଥୀ, ଏଜୁକେଶନ୍ ଅଫିସର୍, ରିଜିଓନାଲ ସାଇନ୍ସ ସେଣ୍ଟର, ଭୁବନେଶ୍ୱର

### ଜହ୍ନ ମାମୁ ରାଇଜକୁ ନେଇ ଉତ୍କଣ୍ଠା ବଢ଼ିଲା



ଛୋଟବେଳୁ ଜହ୍ନମାମୁକୁ ନେଇ ଅନେକ ଗପ, ଗୀତ ଶୁଣିଛୁ। ଜହ୍ନମାମୁର ଘର କେମିତି ହୋଇଥିବ ସେ ନେଇ ଛୋଟରୁ ବଡ ସମସ୍ତଙ୍କ ମନରେ ଏକ ପ୍ରକାର ଉତ୍କଣ୍ଠା ରହିଛି। ଆଜିର ସଫଳତା ପରେ ସେହି ଉତ୍କଣ୍ଠା ଆହୁରି ବଢ଼ିଯାଇଛି। ପୁଣି ଦକ୍ଷିଣ ମେରୁରେ ଲ୍ୟାଣ୍ଡିଂ କରିବାରେ ଭାରତ ପ୍ରଥମ ଦେଶ ହୋଇଥିବାରୁ ଏହା ସମସ୍ତ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ସେହିପରି ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ଭାରତ ମଧ ଇତିହାସ ରଚିପାରେ ବୋଲି ପ୍ରମାଣିତ ହୋଇଛି।

- ବିଭୁଦତ୍ତ ପାଣିଗ୍ରାହୀ, ଛାତ୍ର

## ଲ୍ୟାଣ୍ଡିଂର ଲାଇଭ ଦୃଶ୍ୟ ଦେଖିଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର, ୨୩।୮ (ଅନିଲ ଦାସ)

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ ବୁଧବାର ସଫଳତାର ସହ ଲ୍ୟାଣ୍ଡିଂ କରିଛି। ଏହି ଅବିସ୍ମରଣୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଏକ ଐତିହାସିକ ସଫଳତା। ଭାରତ ପାଇଁ ଏହା ଏକ ଚମତ୍କାର ଉପଲବ୍ଧି। ଏହି ଐତିହାସିକ ପ୍ରକଳ୍ପରେ ସାମିଲ ହୋଇଥିବା ସମସ୍ତ ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ବୁଧବାର ଅପରାହ୍ନରେ ଚନ୍ଦ୍ରୟାନ ଅବତରଣ ଲାଇଭ ଦୃଶ୍ୟକୁ ଟିଭିରେ ଦେଖିଥିଲେ। ଏହି ସମୟରେ ୫-ଟି ସଚିବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅମୃତକାଳ ପ୍ରାରମ୍ଭରେ ଅବିସ୍ମରଣୀୟ ଉପଲବ୍ଧି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ନେଇ ଖୁସି ପ୍ରକାଶ କରିବା ସହ ଇସ୍ରୋ ସମେତ ଦେଶର ବୈଜ୍ଞାନିକ ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି , ଅମୃତକାଳର ପ୍ରାରମ୍ଭରେ ଏହା ଅବିସ୍ମରଣୀୟ ଉପଲବ୍ଧି। ଚନ୍ଦ୍ରଯାନ-୩ର ଐତିହାସିକ ଉପଲବ୍ଧିକୁ ସମଗ୍ର ଭାରତବର୍ଷ ଉତ୍ସାହର ସହ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚନ୍ଦ୍ରଯାନ-୩ ଖବର ସହ ପ୍ରତିଟି ମୁହୂର୍ତ୍ତରେ ଯୋଡ଼ିହୋଇ ରହିଥିଲେ। ପ୍ରଧାନମନ୍ତ୍ରୀ ଯେଉଁଠାରେ ବି ରୁହନ୍ତୁ ଏକ ପରିବାରର ସଦସ୍ୟ ଭଳି ଦେଶ ଏବଂ ଦେଶର ଜନତାଙ୍କ ସାଥିରେ ରହିଥାନ୍ତି। ଏହି ଗୌରବମୟ ଉପଲବ୍ଧି ଅବସରରେ ବୈଜ୍ଞାନିକଙ୍କ ମନୋବଳ ବଢ଼ାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

**ସଂକ୍ଷେପରେ**

## ପ୍ରଣବ ପଟ୍ଟନାୟକ ଅସୁସ୍ଥ

**ହସ୍ପିଟାଲରେ ଭେଟି ସହାୟତା ଦେଲା କଳାକାର ସଂଘ**



ଭୁବନେଶ୍ୱର, ୨୩।୮ (ଶର୍ମିଷ୍ଠା ପାଣିଗ୍ରାହୀ): ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଅସୁସ୍ଥ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜ୍ୱର ବଢ଼ିବାରୁ ସେ ଚିକିତ୍ସାଧୀନ ଥିଲେ। ଏବେ ସେ ସୁସ୍ଥ ହୋଇ ଆସିଲେଣି। ଗୁରୁବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ସୂଚନା ମିଳିଛି। ତେବେ ତାଙ୍କ ଅସୁସ୍ଥ ଖବର ଶୁଣିବା ପରେ ବୁଧବାର ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ହସ୍ପିଟାଲରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ଏଥିସହ ଚିକିତ୍ସା ପାଇଁ ୧ଲକ୍ଷ ଟଙ୍କା ଅର୍ଥରାଶି ରାଜ୍ୟ କଳାକାର ସଂଘ ପକ୍ଷରୁ ପ୍ରଦାନ କରିଥିଲେ। ପ୍ରଣବଙ୍କ ପାଖରେ ତାଙ୍କ ସ୍ତ୍ରୀ କସ୍ତୁରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି: ଶଙ୍କରାଚାର୍ଯ୍ୟ

ପୁରୀ, ୨୩।୮ (ଅଜିତ ମହାନ୍ତି): ଭାରତର ଚନ୍ଦ୍ରୟାନ-୩ ବୁଧବାର ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଏନେଇ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଖୁସି ବ୍ୟକ୍ତ କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି, ଇସ୍ରୋର ବୈଜ୍ଞାନିକମାନେ ବିଶ୍ୱରେ ଭାରତକୁ ଗୌରବାନ୍ୱିତ କରିଛନ୍ତି। ସାରା ବିଶ୍ୱ ପାଇଁ ଏହା ଏକ ଆଦର୍ଶ। କେନ୍ଦ୍ର ଏବଂ ପ୍ରାନ୍ତୀୟ ଶାସନତନ୍ତ୍ର ଯେଭଳି ଭାବେ ଶ୍ରଦ୍ଧା ପ୍ରଦାନ କରିଛନ୍ତି ଓ ବୈଜ୍ଞାନିକମାନଙ୍କୁ କାର୍ଯ୍ୟ କରିବା ପାଇଁ ଅବସର ଦେଇଛନ୍ତି, ସେଥିଲାଗି ସେମାନେ ଧନ୍ୟବାଦର ପାତ୍ର। ସେ ଇସ୍ରୋ ବୈଜ୍ଞାନିକଙ୍କ ଉଦ୍ୟମକୁ ପ୍ରଶଂସା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସଫଳତା ମନାସିଥିଲେ। ଚନ୍ଦ୍ରପୃଷ୍ଠରେ ଦିବ୍ୟଶକ୍ତି ରହିଛି। ତା'ର ଉର୍ଜା ପରିବ୍ୟାପ୍ତ। ଅସଫଳତାର ଅବସାନ ସଫଳତାରେ ହିଁ ହୋଇଥାଏ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

## 'ପାନୀୟଜଳ, ଜମି ସମସ୍ୟା ସମାଧାନ ହେବ'





୫-ଟି ସଚିବ ଭି. କେ. ପାଣ୍ଡିଆନ ଜଟଣୀ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ଏବଂ ସମାବେଶରେ ଉପସ୍ଥିତ ଜନସାଧାରଣ।

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ଜଟଣୀ (ରବୀନ୍ଦ୍ର ମହାକୁଡ଼)/ବାଲିଅନ୍ତା (ନୀଳମାଧବ ସାହୁ), ୨୩।୮

**୫-ଟି ସଚିବଙ୍କ ଜଟଣୀ ଗସ୍ତ**

- ବିଭିନ୍ନ ଧର୍ମାନୁଷ୍ଠାନ ପାଇଁ ଅଗଷ୍ଟ ୩୧ ସୁଦ୍ଧା ଅର୍ଥ ଘୋଷଣା
- ୫୦୩ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ ସମ୍ପର୍କରେ ସୂଚନା
- ଜୟଦେବ ପୀଠ ଉନ୍ନତୀକରଣ କରାଯିବ

୫-ଟି ସଚିବ ଭି. କେ. ପାଣ୍ଡିଆନ ବୁଧବାର ଖୋର୍ଦ୍ଧା ଜିଲାର ଜଟଣୀ ଗସ୍ତରେ ଆସି ବଡ଼ନୂଆଗାଁ ମୌଜା ଖେଳ ପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ତାଙ୍କୁ ମହିଳାଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ୫-ଟି ସଚିବ ଉପସ୍ଥିତ ମିଶନଶକ୍ତି ସଦସ୍ୟା ଓ ଜନସାଧାରଣଙ୍କଠାରୁ ୪ଶହରୁ ଉର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନେ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ, ପ୍ରଥମେ ଧର୍ମାନୁଷ୍ଠାନ ଏବଂ ଗୋଷ୍ଠୀ କେନ୍ଦ୍ର ପାଇଁ ଆସିଥିବା ଅଭିଯୋଗ ଉପରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଅର୍ଥ ଘୋଷଣା କରିବେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଅନୁଷ୍ଠାନକୁ ପ୍ରଥମ କିସ୍ତି ଅନୁଦାନ ରାଶିର ଠିକ ବିନିଯୋଗ କଲେ ଦ୍ୱିତୀୟ ଓ ତୃତୀୟ କିସ୍ତି ପ୍ରଦାନ କରାଯିବ। ଗାଁଗୁଡ଼ିକରେ ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପହଞ୍ଚିବେ ଏବଂ ଦୁଇଦିନ ମଧ୍ୟରେ ଜିଲା ପ୍ରଶାସନ ସମାଧାନ କଲା କି ନାହିଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ଅଭିଯୋଗ କର୍ତ୍ତାଙ୍କ ନିକଟକୁ ଫୋନ ଯିବ ବୋଲି ସେ କହିଥିଲେ। ଖୋର୍ଦ୍ଧାରୁ ଜଟଣୀ-ପିପିଲି ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୨୧ କୋଟି, ପଟ୍ଟନାୟିକିଆ-ଡେଲାଙ୍ଗ - ଖୋର୍ଦ୍ଧା ରାସ୍ତା ପାଇଁ ୩୨ କୋଟି ଟଙ୍କା ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ। ୧୦୫ କୋଟି ଟଙ୍କା ବିନିଯୋଗରେ ନିର୍ମାଣାଧୀନ ଜଟଣୀ ଫ୍ଲାଏ ଓଭରବ୍ରିଜ, ଜଟଣୀ ବ୍ଲକରେ ଖେଳର ବିକାଶ ପାଇଁ ୯ କୋଟି ଟଙ୍କାରେ ନିର୍ମିତ ହେଉଥିବା ପ୍ରକଳ୍ପକୁ ଖୁବଶୀଘ୍ର ଉଦ୍‌ଘାଟନ କରାଯିବ। ଶ୍ରୀଜଗନ୍ନାଥ ଜମି, ଏକହଜରତ ମାହାଲ ଓ ଖାସ୍‌ମାହାଲ ଜମି ସମସ୍ୟା ସମେତ ଷ୍ଟ୍ରିଟଭେଣ୍ଡରଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଜଟଣୀ, ଖୋର୍ଦ୍ଧା ଓ ବେଗୁନିଆ ବ୍ଲକର ପଞ୍ଚାୟତଗୁଡ଼ିକରେ ୫୦୩ କୋଟି ଟଙ୍କା ବ୍ୟୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଘରେ ଘରେ ପାଇପଯୋଗେ ପାନୀୟଜଳ ପହଞ୍ଚିବ। ଭୁବନେଶ୍ୱର ଉପକଣ୍ଠ ଗାଁଗୁଡ଼ିକରେ ରାସ୍ତାର ବିକାଶ ପାଇଁ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତ ଏକ ବର୍ଷରେ ମିଶନଶକ୍ତି ଜରିଆରେ ୧୧ ହଜାର ୩୦୦ କୋଟି ଟଙ୍କା ଋଣ ନେଇଥିବାବେଳେ ସେଥିରୁ ଖୋର୍ଦ୍ଧା ଜିଲାର ୧୬,୨୦୦ ଗ୍ରୁପ୍ ୬୫୦ କୋଟି ଟଙ୍କା ଋଣ ନେଇ ଭଲ କାମ କରିଛନ୍ତି। ପରିବାର ସଶକ୍ତ ହେଲେ ଓଡ଼ିଶା ଉନ୍ନତି କରିବ ବୋଲି ପାଣ୍ଡିଆନ କହିଥିଲେ।

ଅପରାହ୍ନ ୩ଟାରେ ୫-ଟି ସଚିବ ପାଣ୍ଡିଆନ ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେଇ ଉପସ୍ଥିତ ମହିଳା ଓ ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମହିଳାମାନେ ପାଣ୍ଡିଆନଙ୍କ ହାତରେ ରାଖୀ ବାନ୍ଧିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳାମାନେ ତାଙ୍କୁ ଉପହାରସ୍ୱରୂପ ପଟ୍ଟଚିତ୍ର, ବିଭିନ୍ନ ଫଟୋ ପ୍ରଦାନ କରିଥିଲେ। ପାଣ୍ଡିଆନ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ, ମିଶନଶକ୍ତି ମହିଳାଙ୍କୁ ଅଧିକ ସଶକ୍ତ କରିବା ପାଇଁ ଆଗକୁ ମୁଖ୍ୟମନ୍ତ୍ରୀ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପରିମାଣକୁ ବଢ଼ାଇବେ। ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ, ଆପଣମାନେ ଭଲରେ ରହିଲେ ପରିବାର ଏବଂ ଓଡ଼ିଶା ଆଗେଇବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ। ଜୟଦେବ ପୀଠର ଉନ୍ନତୀକରଣ କରାଯିବ। ସେହିଭଳି ଖୋର୍ଦ୍ଧା ଜିଲାର ୧୦୮ଟି ଯୁକ୍ତ୨, ଯୁକ୍ତ୩ କଲେଜକୁ ୫-ଟିରେ ସାମିଲ କରାଯିବ। କୁଶଭଦ୍ରା, କୁଆଖାଇ ନଦୀ ପ୍ରକଳ୍ପ ପାଇଁ ୨୦୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୪ ଜୁନ୍ ସୁଦ୍ଧା ବାଲିଅନ୍ତା, ବାଲିପାଟଣାର ପ୍ରତି ଘରେ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ, ସ୍କୁଟି ଜବତ: ୩ ଗିରଫ

ସୋନପୁର, ୨୩।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସୋନପୁର ଥାନା ହରଡଖୋଲ ଛକ ନିକଟରେ ବୁଧବାର ଚଢାଉ ହୋଇଥିଲା। ବ୍ରାଉନ କଲରର ଏକ ଟିଭିଏସ ଜୁପିଟର ସ୍କୁଟି (ନଂ ଓଡି୧୫କ୍ୟୁ-୫୯୮୧)ରେ ୨ ଜଣ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଦେଧେଲମାଲ ଅଞ୍ଚଳର ଜିତେନ୍ଦ୍ର ହରିପାଲ(୩୦) ଓ ସୁବର୍ଣ୍ଣପୁର ଜିଲା ସରଭା ଥାନା ସିଂଘାରୀ(ସାଗରପାଲି) ଅଞ୍ଚଳର ଅଲେଖ କୁମ୍ଭାର(୨୧)ଙ୍କୁ ଗିରଫ କରାଯାଇଛି। ତନଖି ସମୟରେ ସେମାନଙ୍କ ନିକଟରୁ ଏକ ଜରି ବ୍ୟାଗ୍‌ରେ ଥିବା ୧୨ କିଲୋ ଗଞ୍ଜେଇ ମିଳିଥିଲା। ବିଭାଗ ପକ୍ଷରୁ ସ୍କୁଟି ଓ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ୧୫୭/୨୩-୨୪ ମୂଳେ ଏକ ମାମଲା ରୁଜୁ ହୋଇଛି। ସେହିପରି ସୋନପୁର ଅବକାରୀ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ବୈଦ୍ୟନାଥ ଛକ ନିକଟରେ ଛତିଶଗଡର ଲକ୍ଷ୍ମଣ ଯାଦବଙ୍କୁ ତନଖି କରା ଯାଇଥିଲା। ଲକ୍ଷ୍ମଣ ସ୍କୁଟି (ନଂ ସିଜି୧୩ଏଭି-୨୭୧୩)ରେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ତାଙ୍କ ନିକଟରୁ ୮କିଲୋ ୧୩୦ ଗ୍ରାମ ଗଞ୍ଜେଇ ଓ ସ୍କୁଟି ଜବତ ହୋଇଛି। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଛି। ସୋନପୁର ଅବକାରୀ ଥାନା ପକ୍ଷରୁ ଏ ସମ୍ପର୍କରେ ଏକ ମାମଲା ରୁଜୁ ହେବା ସହ ଅଧିକ ତଦନ୍ତ ଜାରି ରହିଛି। ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର ଓ ଟିମ୍ ଏହି ଚଢାଉରେ ସାମିଲ ଥିଲେ।

**KASHINATH HIGHER SECONDARY SCHOOL**
Pahandi (Cherupali), P.O.: Digsira, Dist.: Sonepur
**WALK-IN-INTERVIEW**
Walk-in-Interview for the Post of lecturer (Self Financing Mode) in Kashinath H.S. School, Pahandi on **Dt.27.08.2023** for the following **Subjects:** English, Odia, Economics, Political Science, Home Science at 10.00 A.M. and Hindi, Education, Psychology and Information Technology at 02.00 P.M. **Qualification:** Minimum 55% of marks in PG level in concerned subjects and MCA/M.Tech/M.Sc. in Computer Sc. for IT.
**Contact: 7749037064**
Sd./- Principal, Kashinath H.S. School, Pahandi



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ବିତ୍ତୀୟ ସେବାରୁ ସ୍ୱାସ୍ଥ୍ୟଗତ ଲାଭ



କିମ୍ ଫେ କ୍ରାମର

ବିଶ୍ୱ ଜନସଂଖ୍ୟାର ଅତିକମ୍‌ରେ ଅଧା ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହ ସ୍ୱାସ୍ଥ୍ୟସେବାର ଅତ୍ୟଧିକ ବ୍ୟୟ ପ୍ରତିବର୍ଷ ୧୦୦ ମିଲିୟନ ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେଉଛି। ଏଣୁ ଅଭାବ ରହୁଥିବା ସଂସାଧନଗୁଡ଼ିକର କିପରି ସୁବଣ୍ଟନ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦେବା ଉଚିତ ଏବଂ ଏହି ସମସ୍ୟା ସମାଧାନ କରିବାରେ ଅର୍ଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ବିଶ୍ୱାସ କରିବା ଦରକାର। ୬୦ଟିରୁ ଅଧିକ ଦେଶ ସ୍ୱାସ୍ଥ୍ୟସେବା ସୁଧାରିବାରେ ସେମାନଙ୍କର ଜାତୀୟ ବିତ୍ତୀୟ ସମାବେଶନ ରଣନୀତି ଆରମ୍ଭ କରିଛନ୍ତି ଏବଂ ସେଗୁଡ଼ିକର ପ୍ରଭାବ ଜାଣିବାକୁ ବୈଜ୍ଞାନିକ ଗବେଷଣା ମଧ୍ୟ ଆଗ୍ରହୀ ହୋଇପଡ଼ିଛି। ସ୍ୱାସ୍ଥ୍ୟ ପାଇଁ ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ ବୋଲି ଏଯାବତ କୌଣସି ପ୍ରମାଣ ନ ଥିଲା। ପରିବାରର ସଞ୍ଚୟ ଆକାଉଣ୍ଟ, ଋଣ ଏବଂ ସ୍ୱାସ୍ଥ୍ୟବୀମାକୁ ନେଇ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣରେ କୌଣସି ପ୍ରଭାବ ଥିବା ଦେଖିବାକୁ ମିଳିନାହିଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଧ୍ୟୟନଗୁଡିକ ବ୍ୟାଙ୍କିଙ୍ଗ୍‌ର ଗୁରୁତ୍ୱପୂର୍ଣ୍ଣ ଦୀର୍ଘମିଆଦୀ ତଥା ବ୍ୟାପକ ଦିଗଗୁଡ଼ିକୁ ପରୀକ୍ଷଣ କରି ନ ଥିଲେ କିମ୍ବା ବ୍ୟବସାୟ ତଥା ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସେବା ପାଇଁ ଉତ୍ତରଦାୟୀ ରହି ନ ଥିଲେ। ତେବେ ନିକଟରେ ଏକ ଅଧ୍ୟୟନରେ ମୁଁ ଏକ ବାସ୍ତବ ପରୀକ୍ଷଣ ପଦ୍ଧତିକୁ ବ୍ୟବହାର କରିଥିଲି, ଯେଉଁଥିରେ ଦେଶ ସାରା ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଲାଗୁ ହୋଇଥିବା ବିତ୍ତୀୟ ସମାବେଶନର ବିକାଶ ଏବଂ ବଜାରରେ ବିଭିନ୍ନ ସଂସ୍ଥା ଉପରେ ଏହାର ପ୍ରଭାବକୁ ଆକଳନ କରାଯାଇଥିଲା। ଦେଖାଯାଇଥିଲା ଯେ, ଭାରତରେ ବ୍ୟାଙ୍କ ଉପସ୍ଥିତି ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲା। ପୂର୍ବ ଗବେଷଣା ତୁଳନାରେ ମୁଁ ଏହି ଅଧ୍ୟୟନରେ ପରିବାରର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇଥିବା ଦେଖିବାକୁ ପାଇଥିଲି।

୨୦୦୫ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଦେଶର ସବୁଆଡେ ଯେଉଁ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କମ୍ ଥିଲା ସେଠାରେ ବ୍ୟାଙ୍କଗୁଡ଼ିକୁ ନୂଆ ଶାଖା ଖୋଲିବାକୁ ପ୍ରେରିତ କରିବା ପାଇଁ ଏକ ନୂଆ ନୀତି ଆରମ୍ଭ କରିଥିଲା। ଫଳରେ ଏହିସବୁ ଜିଲାରେ ୫ ବର୍ଷ ପରେ ବ୍ୟାଙ୍କ ଶାଖାଗୁଡ଼ିକର ସଂଖ୍ୟା ୧୯% ବୃଦ୍ଧି ପାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶରେ ପାରିବାରିକ ସ୍ତରରେ ହୋଇଥିବା ଦୁଇଟି ସର୍ବେକ୍ଷଣରୁ ଜଣାପଡ଼ିଛି, ଯେଉଁଠାରେ ଏହି ନୀତି ଲାଗୁ କରାଯାଇ ନ ଥିଲା ତା' ତୁଳନାରେ ଏହି ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇଥିବା ଦେଖାଯାଇଛି। ଆର୍‌ବିଆଇ ଯୋଜନା କାର୍ଯ୍ୟକାରୀ ହେବାର ୬ ବର୍ଷ ପରେ ଭାରତର ମାନବ ବିକାଶ ସର୍ଭେ(ଆଇଏଚ୍‌ଡିଏସ୍) ଦର୍ଶାଇଥିଲା ଯେ, ଯେଉଁ ଜିଲାଗୁଡ଼ିକରେ ଅଧିକ ବ୍ୟାଙ୍କ ଖୋଲାଯାଇଥିଲା ସେଠାକାର ପରିବାରଗୁଡ଼ିକରେ ୩୬% କମ୍ ଅଣ-କ୍ରନିକ ଡିଜିଜ୍ ଯଥା ଜ୍ୱର କିମ୍ବା ଡାଇରିଆ ଦେଖାଯାଇଥିଲା। ସେହିଭଳି ଆର୍‌ବିଆଇ ଯୋଜନା ଲାଗୁ ହେବା ପରେ ୧୦ ବର୍ଷରେ ଥରେ ହେଉଥିବା ଜନସାଂଖ୍ୟିକ ଓ ସ୍ୱାସ୍ଥ୍ୟ ସର୍ଭେ ମଧ୍ୟ ଦର୍ଶାଇଛି ଯେ, ସେହିସବୁ ଜିଲାରେ ଟିକାକରଣ ହାର ଅଧିକ ହେବା ସହ ଗର୍ଭଧାରଣଜନିତ ବିପଦ କମ୍ ରହିଛି। ଅସୁସ୍ଥତା ହାର କମ୍ ହେବା ଯୋଗୁ ତାହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅର୍ଥନୈତିକ ପରିଣାମରେ ଉନ୍ନତି ଆଣିଥିଲା। ଆଇଏଚ୍‌ଡିଏସ୍ ଦର୍ଶାଏ ଯେ, ଅସୁସ୍ଥତା କାରଣରୁ କମ୍ ସ୍କୁଲ ଯିବା ଓ କମ୍ କାମ କରିବାରେ ପରିବର୍ତ୍ତନ ଦେଖାଯାଇଥିଲା ଏବଂ ଚିକିତ୍ସା ଖର୍ଚ୍ଚ କମିଥିଲା।

ସମ୍ଭବତଃ ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବା ଲାଗି ତିନୋଟି ପ୍ରକ୍ରିୟା ବଡ଼ ଭୂମିକା ଗ୍ରହଣ କରିଥିଲା। ଯେଉଁ ବ୍ୟାଙ୍କଗୁଡ଼ିକ ଶାଖା ଖୋଲିଥିଲେ ସେମାନେ ସ୍ଥାନୀୟ ବ୍ୟବସାୟକୁ ଋଣ ଯୋଗାଇ ଦେଇଥିଲେ, ଯାହାକି ପରିବାରଗୁଡ଼ିକୁ ଅଧିକ ରୋଜଗାର କରିବାଏବଂ ସ୍ୱାସ୍ଥ୍ୟରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେଇଥିଲା। ଦ୍ୱିତୀୟତଃ, ପରିବାରଗୁଡ଼ିକ ସିଧାସଳଖ ଆର୍ଥିକ ସେବା ପାଇପାରିଲେ। ସେମାନେ ସଞ୍ଚୟ ଖାତା ଖୋଲିଲେ ଏବଂ ସ୍ୱାସ୍ଥ୍ୟ ବୀମା ମଧ୍ୟ କିଣିପାରିଲେ। ଅଧାରୁ ଅଧିକ ବିକାଶଶୀଳ ଦେଶଗୁଡିକ ଭଳି ଭାରତରେ ଲୋକାଲ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ସ୍ୱାସ୍ଥ୍ୟ ବୀମା ପଲିସି ବିକ୍ରୟ କରିବା ସହ ପ୍ରମୁଖ ସହରଗୁଡିକରେ ବୀମା କମ୍ପାନୀଗୁଡିକ ପାଇଁ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଛନ୍ତି। ସବୁଠୁ ବିକଶିତ ଦେଶଠାରୁ ଏହା ପୂରା ଭିନ୍ନ, କାରଣ ସେଠାରେ ସ୍ୱାସ୍ଥ୍ୟ ବୀମା କେବଳ ବୀମା କମ୍ପାନୀଗୁଡ଼ିକଠାରୁ କିଣାଯାଇଥାଏ କିମ୍ବା ସରକାରୀ ଯୋଜନାରୁ ମିଳିଥାଏ।



ଶେଷରେ ବ୍ୟାଙ୍କ ଶାଖା ସଂଖ୍ୟା ବଢ଼ିବାରୁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନେ ଋଣ ପାଇପାରିଲେ। ଆର୍‌ବିଆଇ ନୀତି ଲାଗୁ ହେବାର ୮ ବର୍ଷ ପରେ ପ୍ରୋତ୍ସାହନ ଦିଆଯାଇଥିବା ଜିଲାଗୁଡ଼ିକରେ କାର୍ଯ୍ୟକରୁଥିବା ହସ୍ପିଟାଲ ସଂଖ୍ୟା ୧୪୦% ବଢ଼ିଯାଇଥିଲା ଏବଂ ସେମାନେ ସଂସ୍ଥାଗତ ଋଣ ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ। ଏହାସହ ସ୍ଥାନୀୟ ପରିବାରଗୁଡ଼ିକ ସ୍ୱାସ୍ଥ୍ୟସେବା ଯୋଗାଣରେ କମ୍ ସମସ୍ୟା ଥିବା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଅଧିକ ଋଣ ପ୍ରଦାନର ଗୁରୁତ୍ୱକୁ ନୀତି ନିର୍ଦ୍ଧାରକମାନେ ବି ହୃଦୟଙ୍ଗମ କରିଥିଲେ। କୋଭିଡ୍-୧୯ ସଙ୍କଟରେ, ମେ ୨୦୨୧ରେ ଏହି କ୍ଷେତ୍ର ପାଇଁ ସହଜରେ ଋଣ ପାଇବା ଲାଗି ଆର୍‌ବିଆଇ ମଧ୍ୟ ୬.୭୮ ବିଲିୟନ ଡଲାର ପ୍ରଦାନ କରିଥିଲା।

ମୋ ଦ୍ୱାରା କରାଯାଇଥିବା ବାସ୍ତବ ପରୀକ୍ଷଣରେ ସ୍ୱାସ୍ଥ୍ୟ ଉପରେ ଅର୍ଥ ଯୋଗାଣର ମହତ୍ତ୍ୱପୂର୍ଣ୍ଣ ପ୍ରଭାବଗୁଡିକ ପୂର୍ବରୁ କରାଯାଉଥିବା ଇଚ୍ଛାମୁତାବକ ଚୟନ ନିୟନ୍ତ୍ରିତ ପରୀକ୍ଷଣ ଅପେକ୍ଷା ଅଧିକ ସ୍ପଷ୍ଟ ତଥା ପ୍ରମାଣିତ ହେବା ଦେଖାଯାଇଛି। ଏକ ବାସ୍ତବ ପରୀକ୍ଷଣ ଦ୍ୱାରା ବିତ୍ତୀୟ ଅନୁସନ୍ଧାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭଲ ଗୁଣ ରହିଛି। ପ୍ରଥମତଃ, ଏହା ସାଧାରଣ ସନ୍ତୁଳନ ପ୍ରଭାବକୁ ଆୟତ୍ତ କରିବାକୁ ଜଣକୁ ଅନୁମତି ଦିଏ ଏବଂ ତଥ୍ୟ ଦର୍ଶାଏ ଯେ, ଏକ ଦୃଢ ପ୍ରକ୍ରିୟା ସୃଷ୍ଟିକରି ସ୍ୱାସ୍ଥ୍ୟସେବା ବଜାରର ଉଭୟ ଚାହିଦା ଏବଂ ଯୋଗାଣ ବଢାଇଥାଏ। ଦ୍ୱିତୀୟତଃ,ଏକ ଦୀର୍ଘ ସମୟ ମଧ୍ୟରେ ଜଣେ ବ୍ୟାପକ ପ୍ରଭାବର ଅନୁସନ୍ଧାନ କରିପାରିବେ।

କୌଣସି ଅଞ୍ଚଳରେ ଅଧିକ ବ୍ୟାଙ୍କ ଖୋଲିଲେ ତାହା ବିଶ୍ୱବ୍ୟାପୀ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ। ବ୍ୟାଙ୍କ ଶାଖାଗୁଡ଼ିକରେ ଉନ୍ନତ ଅର୍ଥ ଉପଲବ୍ଧ ବ୍ୟବସ୍ଥା ଓ ଅସୁସ୍ଥତା ହେତୁ ବିଦ୍ୟାଳୟରେ କମ୍ ଉପସ୍ଥିତି ମଧ୍ୟରେ ସମ୍ପର୍କକୁ ଦେଖିଲେ ଶିକ୍ଷା କ୍ଷେତ୍ରରେ ଆର୍ଥିକ-ଅନ୍ତର୍ଭୁକ୍ତ ପଦକ୍ଷେପ ସୁବିଧାଜନକ ହୋଇପାରିବ। ଏହା ପରିବାରକୁ ଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ କରିବାକୁ ଅନୁମତି ଦେବା ସହ ନୂତନ ବିଦ୍ୟାଳୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୃଷ୍ଟି ପାଇଁ ଋଣ ପ୍ରଦାନ କରିବ, ଯାହା ଶିକ୍ଷାରେ ଉତ୍ତମ ଫଳାଫଳ ଦେବ। ସ୍ୱାସ୍ଥ୍ୟ ପରିଣାମରେ ଉନ୍ନତି ଆଣିବାକୁ ଚାହୁଁଥିବା ବିକାଶଶୀଳ ଦେଶଗୁଡିକରେ ନୀତି ନିର୍ଦ୍ଧାରକଙ୍କ ପାଇଁ ଆର୍‌ବିଆଇ ନୀତିର ସଫଳତା ଶୁଭ ଲକ୍ଷଣ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନିଆଯାଉଥିବା ସମାନ ପ୍ରକାର ପଦକ୍ଷେପ ଚାହିଦା ଏବଂ ଯୋଗାଣ ଉପରେ କିପରି ପ୍ରଭାବ ପକାଇପାରେ ତାହା ଉପରେ ଅଧିକ ଅଧ୍ୟୟନ କରିବାକୁ ନିଶ୍ଚିତ କରିବ। କମ୍ ସ୍ୱାସ୍ଥ୍ୟସେବା ଥିବା ଅଞ୍ଚଳରେ ବ୍ୟାଙ୍କ ଶାଖା ସଂଖ୍ୟା ବୃଦ୍ଧି ପାଇଁ ନୀତିଗତ ପ୍ରୋତ୍ସାହନ ଆଧୁନିକ ସ୍ୱାସ୍ଥ୍ୟ ସୂଚକାଙ୍କ ତୁଳନାରେ ଏକାଧିକ ସକାରାତ୍ମକ ପରିଣାମ ଆଣିବାର ସମ୍ଭାବନା ଅଧିକ।

**ସହକାରୀ ପ୍ରାଧ୍ୟାପକ, ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ**

## ଏଇ ଭାରତରେ

୨୦୦୯ରେ ଏଚ୍‌ଆଇଭିରେ ପୀଡ଼ିତ ହେଇଥିବା ଜଣାପଡ଼ିବା ପରେ ଗୌତମ ଯାଦବ ଏହି ରୋଗକୁ ମୁକାବିଲା କରି କେବଳ ନୂଆ ଜୀବନ ଜିଉଛନ୍ତି। କେବଳ ଏତିକି ନୁହେଁ ସେ ୧୫ ବର୍ଷ ହେଲା ଏଚଆଇଭି ସମ୍ପର୍କରେ ସଚେତନତା ସୃଷ୍ଟି କରିଚାଲିଛନ୍ତି। ଗୌତମ ରହୁଛନ୍ତି ଦିଲ୍ଲୀରେ। ସେ ଦିଲ୍ଲୀର ଏଚ୍‌ଆଇଭି/ଏଡ୍‌ସ କ୍ଷେତ୍ରରେ କାମ କରୁଥିବା ଏକ ଏନ୍‌ଜିଓରେ ପ୍ରୋଗ୍ରାମ ଅଫିସର ଭାବେ କାମ କରି ପୀଡ଼ିତଙ୍କୁ ଏହି ରୋଗକୁ ମୁକାବିଲା କରିବା ଏବଂ ଏହା ପଛରେ ଥିବା ଭ୍ରାନ୍ତ ଧାରଣା ଦୂର କରିବାରେ ପ୍ରମୁଖ ଭୂମିକା ନେଇ ଆସୁଛନ୍ତି। ଏହି ରୋଗକୁ ଲୁଚାଉ ଥିବା ବ୍ୟକ୍ତିଙ୍କୁ ଠାବ କରି ସେମାନଙ୍କୁ ହସ୍ପିଟାଲକୁ ଆଣୁଛନ୍ତି। ଗୌତମ ଏବେସୁଦ୍ଧା ୫୦୦ରୁ ଅଧିକ ଏଚ୍‌ଆଇଭି ପୀଡ଼ିତଙ୍କୁ ସାହାଯ୍ୟ କରିସାରିଲେଣି। ତାଙ୍କର ଏଭଳି କାର୍ଯ୍ୟ ଲାଗି ଦେଶ ପକ୍ଷରୁ ତାଙ୍କୁ ଆମେରିକା, ସୁଇଜରଲାଣ୍ଡ ଏବଂ ଥାଇଲାଣ୍ଡରେ ଅନୁଷ୍ଠିତ ଏଚ୍‌ଆଇଭି ସମ୍ପର୍କିତ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଏହାବ୍ୟତୀତ ସେ ୟୁନେସ୍କୋ ସହ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅଗଷ୍ଟ ୧୯୯୮

- ଆଫଗାନିସ୍ଥାନ ଓ ସୁଦାନ ଉପରେ କରାଯାଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆମେରିକା ବିରୁଦ୍ଧରେ ଋଷିଆର ସ୍ୱୟଂ ଘୋଷିତ ସ୍ୱାଧୀନ ରାଷ୍ଟ୍ର ଚେଚେନିୟାର ଯୁଦ୍ଧ ଘୋଷଣା।
- ବିଦ୍ରୋହୀ ସୌଦୀ କୋଟିପତି ଓସାମା ବିନ୍ ଲାଡେନ୍‌ଙ୍କ ନେତୃତ୍ୱାଧୀନ ସଙ୍ଗଠନ ବିରୁଦ୍ଧରେ ଅର୍ଥ ଓ ସାମରିକ ବଳ ପ୍ରୟୋଗ ପାଇଁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନିର୍ଦ୍ଦେଶ।
- ବଡ଼ମ୍ବାର ପୂର୍ବତନ ବିଧାୟକ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ପ୍ରତାପ ପଟ୍ଟନାୟକଙ୍କ ୭୮ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 2 | | 4 |
| 2 | | | | | | | | |
| 8 | | | | 7 | | | | |
| 9 | 1 | | 6 | | | 5 | | |
| | 8 | | 2 | | | 6 | 1 | |
| | | 6 | 7 | | | | | |
| | 2 | | | | | | 6 | |
| | 3 | | | | 8 | 1 | 9 | |
| | 4 | | | 1 | | 8 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 8 | 4 | 7 | 1 | 2 | 5 |
| 5 | 8 | 4 | 6 | 1 | 2 | 3 | 9 | 7 |
| 7 | 1 | 2 | 9 | 3 | 5 | 4 | 8 | 6 |
| 4 | 5 | 9 | 3 | 8 | 6 | 7 | 1 | 2 |
| 2 | 3 | 1 | 5 | 7 | 4 | 8 | 6 | 9 |
| 8 | 7 | 6 | 2 | 9 | 1 | 5 | 4 | 3 |
| 3 | 4 | 5 | 1 | 6 | 9 | 2 | 7 | 8 |
| 1 | 6 | 8 | 7 | 2 | 3 | 9 | 5 | 4 |
| 9 | 2 | 7 | 4 | 5 | 8 | 6 | 3 | 1 |

ଗତକାଲିର ଉତ୍ତର

# ଚନ୍ଦ୍ରରେ ଭାରତ



ଡ. ନରେନ୍ଦ୍ର ସେଠୀ

୨୦୦୩ ଅଗଷ୍ଟ ୧୫ରେ ଲାଲ୍‌କିଲ୍ଲାରୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଚନ୍ଦ୍ରୟାନ ମିଶନ ଘୋଷଣା କଲାବେଳେ କେହି ଭାବି ନ ଥିଲେ ଭାରତ ଦିନେ ସଫଳତାର ସହିତ ବିଶ୍ୱର ପ୍ରଥମ ଦେଶ ଭାବରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରକୃତରେ ବାଜପେୟୀଙ୍କ ଏହି ଘୋଷଣା ପଛରେ ୧୯୯୯ ରେ ଭାରତୀୟ ବିଜ୍ଞାନ ଏକାଡେମୀର ଏକ ସଂକଳ୍ପ ଥିଲା, ଯାହାର ଫଳ ସ୍ୱରୂପ ଇସ୍ରୋକୁ ଏହି ଗୁରୁଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ୨୦୦୩ ରେ ଭାରତ ସରକାର ଏହି ଚନ୍ଦ୍ର ମିଶନ ପାଇଁ ଅନୁମତି ପ୍ରଦାନ କରିଥିଲେ ଓ ପ୍ରାରମ୍ଭିକ ଭାବରେ ଚନ୍ଦ୍ରୟାନ ମିଶନ -୧ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା। ଚନ୍ଦ୍ରୟାନ ମିଶନ -୧କୁ ପ୍ରାରମ୍ଭିକ ଭାବରେ ଭାରତର ଭବିଷ୍ୟତର ମିଶନ ପାଇଁ ପ୍ରଥମ ସୋପାନ ଭାବେ ପରିକଳ୍ପିତ କରାଗଲା। ପ୍ରଥମେ ବିଶ୍ୱକୁ ନିଜର ଜ୍ଞାନ କୌଶଳର ପ୍ରଦର୍ଶନ କରିବା ସହିତ ଚନ୍ଦ୍ରପୃଷ୍ଠ ପର୍ଯ୍ୟନ୍ତ ସଫଳତାର ସହିତ ପହଞ୍ଚିବା ହିଁ ଏହି ମିଶନର ଲକ୍ଷ୍ୟ ରହିଲା। ୨୦୦୫ ରେ ଚନ୍ଦ୍ରୟାନ ମିଶନ -୧ ନିଜ ସହିତ ଏକ ମୁନ୍ ଅର୍ବିଟର ଓ ଏକ ମୁନ୍ ଇମ୍ପାକ୍ଟ ପ୍ରୋବ୍ (ଏମ୍‌ଆଇପି ) ନେଇ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ଭାରତ ପ୍ରଥମ ପ୍ରୟାସରେ ସଫଳତାର ସହିତ ମୁନ୍ ଇମ୍ପାକ୍ଟ ପ୍ରୋବ୍‌କୁ ଅବତରଣ କରାଇ ପାରିଥିଲା। ଏହି ମୁନ୍ ଇମ୍ପାକ୍ଟ ପ୍ରୋବ୍ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ନିୟନ୍ତ୍ରିତ ହୋଇ ଠିକ୍ ଭାବରେ ଚନ୍ଦ୍ର ପୃଷ୍ଠରେ ପଡ଼ିଥିଲା, ଯେଉଁ ସ୍ଥାନକୁ ଜବାହର ବିନ୍ଦୁ ଭାବରେ ନାମକରଣ କରାଯାଇଛି। ଚନ୍ଦ୍ରୟାନ ମିଶନ -୧ ପ୍ରାୟ ୧୦ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା ଓ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ କରି ସାରା ପୃଥିବୀରେ ଚହଳ ସୃଷ୍ଟି କରିଥିଲା।

ଚନ୍ଦ୍ରୟାନ-୧ର ସଫଳତା ଭାରତର ବୈଜ୍ଞାନିକମାନଙ୍କୁ ଉତ୍ସାହିତ କଲା ଓ ଚନ୍ଦ୍ରୟାନ-୨ ମିଶନରେ ଆଉ ପାଦେ ଆଗକୁ ଯାଇ ସଫଳତାର ସହିତ ଯାନକୁ ସଫ୍ଟ ଲ୍ୟାଣ୍ଡିଂ କରାଇବା ସେମାନେ ପାଇଁ ଲାଗିପଡିଲେ। ଏହି ଅଭିଯାନ ଲାଗି ଋଷିଆ ଲ୍ୟାଣ୍ଡର ଦେବାକୁ ମନା କରିବା ଫଳରେ ଭାରତର ବୈଜ୍ଞାନିକମାନେ ସ୍ୱଦେଶୀ ଜ୍ଞାନ କୌଶଳରେ ଲ୍ୟାଣ୍ଡର ପ୍ରସ୍ତୁତ କଲେ। ଏକ ଅର୍ବିଟର, ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭରକୁ ନେଇ ଜିଏସ୍‌ଏଲ୍‌ଭି-ଏମ୍‌କେ୩ ରକେଟ ସାହାଯ୍ୟରେ ଚନ୍ଦ୍ରୟାନ-୨ ମିଶନ ୧୮ ଅକ୍ଟୋବର ୨୦୧୯ ରେ ମହାକାଶକୁ ପ୍ରେରିତ କରାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଲ୍ୟାଣ୍ଡର ଅଣାୟତ୍ତ ହୋଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇଯାଇଥିଲା ଓ ଭାରତ ଇତିହାସ ସୃଷ୍ଟି କରିବାକୁ ମାତ୍ରେ ୧ ଇଞ୍ଚ ଦୂରତାରୁ ପଛରେ ରହିଗଲା। ତେବେ ବିଫଳତା ହିଁ ସଫଳତାର ଚାବିକାଠି ଓ ଏହା ଭାରତର ବୈଜ୍ଞାନିକମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସତ ପ୍ରମାଣିତ ହେଲା ଯେବେ ଚନ୍ଦ୍ରୟାନ-୩ ସଫଳତାର ସହିତ ଦକ୍ଷିଣ ମେରୁରେ ଅବତରଣ କଲା। କୌଣସି ଲୋକପ୍ରିୟ ଖେଳର ବିଶ୍ୱ କପ୍ ଫାଇନାଲ ପରି ସମଗ୍ର ଭାରତୀୟଙ୍କ ଆଖି ଚନ୍ଦ୍ରୟାନକୁ ଅବତରଣ କରୁଥିବାର ଦୃଶ୍ୟକୁ ଦେଖିବା ପାଇଁ ଟିଭି ପରଦାରେ ଲାଖି ରହିଥିଲା ଓ ସବୁ ଗଳିକନ୍ଦି ରାସ୍ତାଘାଟ ଜନଶୂନ୍ୟ ହୋଇଗଲା। ଏହା ଭାରତ ପାଇଁ ଏକ ଗର୍ବର କ୍ଷଣ ଓ ସମଗ୍ର ବିଜ୍ଞାନ ସମାଜକୁ ଆମ ଭାରତୀୟମାନଙ୍କର ନତମସ୍ତକ ହେବାର ସମୟ।

କିଛିଦିନ ପୂର୍ବେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବାରେ ଋଷିଆର ବିଫଳତା ଏହି ମିଶନର ସଫଳତାକୁ ଆହୁରି ଦ୍ୱିଗୁଣିତ କରିଛି। ଚନ୍ଦ୍ରୟାନ-୩ର ସଫଳତାକୁ ସମଗ୍ର ମାନବ ସମାଜ ଆତୁରତାର ସହିତ ଅପେକ୍ଷା କରିଥିଲା କାରଣ ଏହା ଏପରି କିଛି ବିରଳ କୃତି ହାସଲ କରିଛି ଯାହା ଆଗରୁ କେଉଁ ଦେଶ ହାସଲ କରି ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଏପର୍ଯ୍ୟନ୍ତ ଯେଉଁ କେତୋଟି ହାତଗଣତି ରାଷ୍ଟ୍ର ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ସଫଳତା ହାସଲ କରିଛନ୍ତି ତାହା କେବଳ ଏହାର ବିଷୁବ ଅଞ୍ଚଳରେ ଯେଉଁଠି ଇଲାକା ସମତଳ, ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଉପଲବ୍ଧ ଓ ପରିବେଶ ଅବତରଣ ପାଇଁ ଅନୁକୂଳ। ତୁଳନାତ୍ମକ ଭାବରେ ଚନ୍ଦ୍ରର ଦକ୍ଷିଣ ମେରୁ ପୃଥିବୀକୁ ଦୃଶ୍ୟମାନ ହୁଏ ନାହିଁ ଓ ଏଠାରେ ପ୍ରାୟତଃ ଅନ୍ଧକାର, ଉଚ୍ଚ ପାହାଡ଼, ଗଭୀର ଗର୍ତ୍ତ ଓ -୨୩୦ ତାପମାତ୍ରା ଅଛି। ଏତେ ନିମ୍ନ ତାପମାତ୍ରାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଲକ୍ଷ ଲକ୍ଷ ବର୍ଷ ଧରି ବିଶେଷ କିଛି ପରିବର୍ତ୍ତନ ହୋଇ ନ ଥିବ। ଏହି ସ୍ଥାନରେ ଅନେକ ପାଣି ବରଫ ଆକାରରେ ଗର୍ତ୍ତମାନଙ୍କରେ ଲୁଚି ରହିଥାଇ ପାରେ ବା କୌଣସି ଜୀବାଂଶ ଇତ୍ୟାଦିର ଠାବ ମଧ୍ୟ ହୋଇପାରେ। ଖୁବ୍‌ଶୀଘ୍ର ପ୍ରଜ୍ଞାନ ରୋଭରରେ ଲାଗିଥିବା ଅତ୍ୟାଧୁନିକ ଯନ୍ତ୍ରପାତି ସୌର ଜଗତର ଉତ୍ପତ୍ତି ସମୟର ଅନେକ ଅଜଣା ତଥ୍ୟ ପ୍ରଥମ କରି ବିଶ୍ୱକୁ ଅବଗତ କରାଇବାକୁ ଯାଉଛି। ସେଠାକାର ମୃତ୍ତିକାରେ ଥିବା ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଖଣିଜଗୁଡ଼ିକର ମଧ୍ୟ ଏହି ଯାନରେ ଥିବା ଅତ୍ୟାଧୁନିକ ଯନ୍ତ୍ରଗୁଡ଼ିକ ଠାବ କରିବ ଓ ଏହାର ତଥ୍ୟ ପୃଥିବୀକୁ ପ୍ରେରଣ କରାଇବାକୁ ଯାଉଛି।



ଚନ୍ଦ୍ରୟାନ -୨ର ବିଫଳତାକୁ ନେଇ ନ୍ୟୁୟର୍କ ଟାଇମ୍‌ସରେ ଆସିଥିବା ବ୍ୟଙ୍ଗାତ୍ମକ କାର୍ଟୁନ ଚିତ୍ରରେ ବିଶ୍ୱର ହାତଗଣତି ଦେଶଗୁଡ଼ିକ ବସିଥିବା ଇଲାଇଟ୍ ସ୍ପେସ୍ କ୍ଲବର ଦ୍ୱାର ଦେଶରେ ଜଣେ ଗରିବ ଭାରତୀୟ ତାଙ୍କ ଗାଈ ସହିତ ଛିଡା ହୋଇ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିବାର ଦୃଶ୍ୟ ବେଶ୍ ଅପମାନଜନକ ଥିଲା। ଏହା ପାଶ୍ଚାତ୍ୟ ଦେଶଗୁଡିକର ଭାରତ ପ୍ରତି ସେମାନଙ୍କର ଚିନ୍ତାଧାରା ଓ ମାନସିକତାକୁ ଦର୍ଶାଉଥିଲା ଯେ ଭାରତ ପରି ଏକ ଗରିବ ଅନଗ୍ରସର ଦେଶ ସମ୍ଭ୍ରାନ୍ତ ସ୍ପେସ୍ କ୍ଲବର ମେମ୍ବର ହେବାକୁ ସାହସ କଲା କେମିତି ? ଚନ୍ଦ୍ରୟାନ ମିଶନ -୩ର ସଫଳତା ସେହି ପାଶ୍ଚାତ୍ୟ ୟୁରୋପୀୟ ଦେଶଗୁଡ଼ିକ ମୁହଁରେ ଏକ ଶକ୍ତ ଚାପୁଡ଼ା ଓ ଏହା ପରେ ଭାରତ ସାରା ବିଶ୍ୱରେ ମହାକାଶ ଜ୍ଞାନ କୌଶଳରେ ଆଗଧାଡ଼ିର ପ୍ରଥମ ସ୍ଥାନରେ ରହିବାକୁ ଯାଉଛି କହିଲେ ଭୁଲ୍ ହେବନି। ଏକ ରିପୋର୍ଟରୁ ଜଣାଯାଏ ଯେ ଭାରତ ସ୍ପେସ୍ ଇକୋନୋମି ଆଗାମୀ ଦିନରେ ଆଶାତୀତ ଭାବରେ ବୃଦ୍ଧି ପାଇବ, ବିଶେଷ କରି ଶସ୍ତା ଦରରେ ଯୋଗାଯୋଗ ଉପଗ୍ରହ, ନାଭିଗେଶନ ଉପଗ୍ରହ ଇତ୍ୟାଦିର ବୈଶ୍ୱିକ ବଜାର ପାଲଟିଯିବ ଓ ପୃଥିବୀର ଅଧିକାଂଶ ଦେଶ ନିଜର ଉପଗ୍ରହ ପ୍ରେରଣ ପାଇଁ ଭାରତ ଉପରେ ନିର୍ଭରଶୀଳ ହୋଇଯିବେ। ଆନୁଷଙ୍ଗିକ ଯନ୍ତ୍ରପାତି, ସଫ୍ଟୱେର ଆଦି ଯୋଗାଇ ଦେବା ପାଇଁ ଅନେକ ନୂତନ ଘରୋଇ ଷ୍ଟାର୍ଟଅପ୍ ଓ ଉଦ୍ୟୋଗ ଗଢିଉଠିବ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଭାରତରେ ସ୍ପେସ୍ ଷ୍ଟାର୍ଟ ଅପ୍ ସଂଖ୍ୟା ୧୪୦ରୁ ଅଧିକ ଓ ଏହିସବୁ ଉଦ୍ୟୋଗ ବିପୁଳ ନିଯୁକ୍ତି ସୃଷ୍ଟି କରି ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ଲାଗିଛି। ଭବିଷ୍ୟତରେ ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ, ମୂଲ୍ୟବାନ ଖଣିଜର ଉତ୍ତୋଳନ ଓ ଆନ୍ତଃ ଗ୍ରହୀୟ ଗବେଷଣା ପାଇଁ ଚନ୍ଦ୍ରର ଉତ୍ପତ୍ତି ଓ ପ୍ରକୃତି ବିଷୟରେ ଅଧ୍ୟୟନ ଏକାନ୍ତ ଆବଶ୍ୟକ ଯାହା ଏପର୍ଯ୍ୟନ୍ତ ଅନେକ ଦେଶ ଏହି ବିଷୟରେ ଅଧ୍ୟୟନ ଆରମ୍ଭ କରିସାରିଛନ୍ତି । ତେବେ ଭାରତର ଏହି ସଫଳତା ୧୯୪୭ ଅଗଷ୍ଟ ୧୫ ପ୍ରଥମ ସକାଳର ଖୁସି ପରି ସମଗ୍ର ଭାରତକୁ ଉତ୍ସବମୁଖର କରି ଆତ୍ମହରା କରିଛି କହିଲେ ଭୁଲ୍ ହେବ ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟ ଯବାନ,ଜୟ କିଷାନ ସ୍ଲୋଗାନ ସହ ବାଜପେୟୀ ଜୟ ବିଜ୍ଞାନକୁ ଯୋଡ଼ିଥିଲେ, ଯାହା ଆଜି ଯଥାର୍ଥ ସାବ୍ୟସ୍ତ ହୋଇଛି।

ମୋ-୭୦୦୪୦୬୮୧୧୦

# ଗଞ୍ଜେଇ ଚାଷ ଯଥାର୍ଥ କି



ଡ. ଚିନ୍ତାମଣି ପଣ୍ଡା

ଦେଶ ସ୍ୱାଧୀନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ଚାଷୀ ଭାଇମାନଙ୍କୁ ପାରମ୍ପରିକ ଧାନଚାଷ ପାଇଁ ବିଭିନ୍ନ ଉପାୟରେ ପ୍ରୋତ୍ସାହନ ଦେଇଆସୁଛନ୍ତି। ଯଥା ଉନ୍ନତ ବିହନ, ରିହାତି ଦରରେ ସାର, ବିକ୍ରିବଟାର ବନ୍ଦୋବସ୍ତ ଏବଂ ସର୍ବୋପରି ଉତ୍ତମ ଜ୍ଞାନ କୌଶଳ ବାବଦରେ ତାଲିମ ଇତ୍ୟାଦି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ବିନା କୌଣସି ସହାୟତାରେ ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ, ହିଂସ୍ର ଜନ୍ତୁ କିମ୍ବା ମାଓବାଦୀମାନଙ୍କ ଭୟକୁ ନ ଡରି, ବର୍ଷା ବିପ୍ଳାତ ତଥା ମରୁଡ଼ି ପାଇଁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶହ ଶହ ଏକର ଗଞ୍ଜେଇ ଚାଷ କରୁଥିବାର ଆମ ଅବକାରୀ ବିଭାଗ ଠାବ କରୁଛନ୍ତି। ଏହା କିପରି ଓ କାହିଁକି ସମ୍ଭବ ହେଉଛି ତାହା ହିଁ ଚିନ୍ତାର ବିଷୟ। ଯେତିକି ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି, ତାହାର କାହିଁ କେତେ ଗୁଣ ଚାଷ କରାଯାଉଥିବାରୁ ଶହ ଶହ ଟ୍ରକ ଗଞ୍ଜେଇ କେତେବେଳେ ତେଲଟ୍ୟାଙ୍କର ତ ପୁଣି କେତେବେଳେ ଆମ୍ବୁଲାନ୍ସରେ ଚାଲାଣ ବେଳେ ଧରାହେଉଥିବାର ଖବର ଶୁଣୁଛୁ। ଅନେକ ଦଲାଲ ମଧ୍ୟ ହାଜତକୁ ଯାଉଛନ୍ତି। ତଥାପି ଏସବୁକୁ ଭ୍ରୂକ୍ଷେପ ନ କରି ଗଞ୍ଜେଇ ଚାଷ ହେଉଛି କିପରି ? ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ଉତ୍ତର ପ୍ରଦେଶ ପରି ରାଜ୍ୟଗୁଡ଼ିକ ଗଞ୍ଜେଇ ଚାଷକୁ ଅପରାଧମୁକ୍ତ କରି ନିୟନ୍ତ୍ରଣରେ ରଖିଛନ୍ତି। ଯେହେତୁ ଏନ୍‌ଡିପିଏସ୍ ଆଇନ ୧୯୮୫ ଅନୁଯାୟୀ ରାଜ୍ୟଗୁଡ଼ିକ ନିଜ ନିଜର ସୁବିଧାରେ ଏହି ଚାଷକୁ ଅପରାଧମୁକ୍ତ କରି ନିଜ ନିୟନ୍ତ୍ରଣକୁ ଆଣିପାରିବେ। ଯଦି ଓଡ଼ିଶା ପ୍ରସଙ୍ଗକୁ ଆସିବା, ଆମ ରାଜ୍ୟ, ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳର ଜଳବାୟୁ ଗଞ୍ଜେଇ ଚାଷ ପାଇଁ ଉପଯୁକ୍ତ। ଏହା ସାଙ୍ଗକୁ ଯେଉଁ ଦେଶୀ ଗଞ୍ଜେଇ କିସମ ଏ ଅଞ୍ଚଳରେ ମିଳେ, ତାହାର ଦୁଇଟି ଉତ୍ତମ ଗୁଣ ହେଲା ଔଷଧୀୟ ଉପାଦାନ ଓ ମଞ୍ଜି ଉତ୍ପାଦନ କ୍ଷମତା, ଅର୍ଥାତ୍ ଓଡ଼ିଶା ଗଞ୍ଜେଇରୁ ମିଳୁଥିବା ଜୈବ ରସାୟନଯୁକ୍ତ ତନ୍ତୁ ପୃଥିବୀ ପ୍ରସିଦ୍ଧ। ଗଞ୍ଜେଇ ମଞ୍ଜିର ତେଲରେ ଓମେଗା ୩ ଓ ୬ ଜାତୀୟ ସ୍ନେହସାର ସନ୍ତୁଳିତ ପରିମାଣରେ ପ୍ରଚୁର ମାତ୍ରାରେ ଥିବାରୁ ଏହା ସର୍ବୋତ୍କୃଷ୍ଟ ଜୈବ ରସାୟନ। ସେଥିପାଇଁ କେବଳ ଏଲୋପାଥିକ କାହିଁକି ୧୫୭ ପ୍ରକାରର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଏହା ବ୍ୟବହୃତ ହୋଇଥାଏ। ଏହାର ଉପଯୋଗରେ ଦୁରାରୋଗ୍ୟ କର୍କଟ, ଏଡ୍‌ସ ତଥା ଅପସ୍ମାର ଭଳି ବେମାରିର ଚିକିତ୍ସା କରାଯାଇଥାଏ। ସେଥିପାଇଁ ଓଡ଼ିଶା ଗଞ୍ଜେଇର ଚାହିଦା ଦୃଷ୍ଟିରୁ ସବୁ ଔଷଧ କମ୍ପାନୀ କଞ୍ଚାମାଲ ପାଇଁ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି ଉଠାନ୍ତି।

ଅପରପକ୍ଷେ ଗଞ୍ଜେଇ ଗଛର ମରୁଡ଼ି ଓ ରୋଗ ସହଣି ଶକ୍ତି ଅଧିକ ଏବଂ ଏହା ଅଧିକ ଶ୍ରମସାପେକ୍ଷ ନୁହେଁ। ଗଞ୍ଜେଇ ଗଛର ତନ୍ତୁରୁ ବିଶ୍ୱର ସବୁଠୁ ମଜଭୁତ ଶୀତ ତାପ ନିରୋଧୀ, ଜୀବାଣୁମୁକ୍ତ, କାଗଜ ତଥା ପ୍ଲାଷ୍ଟିକ ଉପକରଣ ତିଆରି କରାଯାଇଥାଏ। ପାରମ୍ପରିକ ଚାଷ ଅପେକ୍ଷା ଏଥିରୁ ଅଧିକ ଲାଭ ମିଳୁଥିବାରୁ ସ୍ୱାଭିମାନ ଅଞ୍ଚଳର ଚାଷୀମାନେ ମଧ୍ୟ ଏହି ଚାଷକୁ ଅପରାଧମୁକ୍ତ କରିବାକୁ ଦାବି କରନ୍ତି। ଅଶୀ ଦଶକ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା କୋରାପୁଟ ଓ ଲଚିଦା ଫାର୍ମ, ସମ୍ବଲପୁରରେ ସରକାରୀ ଭାବରେ ଗଞ୍ଜେଇ ଚାଷ କରାଯାଉଥିଲା। ଅନ୍ୟପକ୍ଷରେ କେଉଁ ଆବହମାନ କାଳରୁ ଗଞ୍ଜେଇର ବ୍ୟବହାର ଗାଁ ଗହଳିର ତ୍ରିନାଥ ମେଳାଠାରୁ ଆରମ୍ଭକରି ଅତ୍ୟାଧୁନିକ କାଉଡ଼ିଆ ଯାତ୍ରା ପର୍ଯ୍ୟନ୍ତ ସବୁଠି ବହୁଳ ଭାବରେ ଦେଖାଯାଏ। ଉତ୍କୃଷ୍ଟ ଚାହିଦା ଦୃଷ୍ଟିରୁ ଚୋରା ଚାଲାଣକାରୀମାନେ ଅତ୍ୟାଧୁନିକ ଉପାୟରେ ଏହାକୁ ଉପାନ୍ତ ଅଞ୍ଚଳରୁ ସଂଗ୍ରହକରି କଳାବଜାର ମାନଙ୍କରେ ଚଢ଼ାଦରରେ ଉପଲବ୍ଧ କରାଇଥାନ୍ତି।

ଅତଏବ ଆମେ ଆନ୍ତର୍ଜାତିକ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଏହି ଚାଷକୁ ଅପରାଧମୁକ୍ତ ତଥା ନିୟନ୍ତ୍ରଣଯୁକ୍ତ କଲେ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ କଞ୍ଚାମାଲ ପାଇ ଜୀବନରକ୍ଷାକରୀ ଔଷଧ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଉପାନ୍ତ ଅଞ୍ଚଳର ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଲାଭାନ୍ୱିତ ହୋଇପାରନ୍ତେ। ଏତଦ୍ ବ୍ୟତୀତ ଗଞ୍ଜେଇର ଚୋରା ଚାଲାଣ, କଳାବଜାର, ଥାନା ପୋଡ଼ାଜଳା ଓ ତଜ୍ଜନିତ ଆଇନଶୃଙ୍ଖଳା ପରିସ୍ଥିତି କମିବା ସହିତ ସରକାର ମଧ୍ୟ ନିଜର ରାଜସ୍ୱ ବୃଦ୍ଧି କରିପାରନ୍ତେ। ତେଣୁ ଚିନ୍ତାନାୟକ ତଥା ଆଇନ ପ୍ରଣୟନକାରୀମାନଙ୍କୁ ଏ ଦିଗରେ ମାନସ ମନ୍ଥନ କରିବାର ସମୟ ଆସିଯାଇଛି।

**ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**

ମୋ: ୮୧୪୪୦୬୬୦୧୬

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ !

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡକୁ ଆସୁନି ବସ୍

ମହାଶୟ,

ଖୋର୍ଦ୍ଧା ସହର ଏକ ଐତିହାସିକ ସହର। ଜିଲାର ପୁରୁଣା ବସ୍‌ଷ୍ଟାଣ୍ଡକୁ ଜନଗହଳି ଦୃଷ୍ଟିରୁ ନୂଆ ବସ୍‌ଷ୍ଟାଣ୍ଡ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣ କଲେ। ସମସ୍ତ ରୁଟ୍‌ର ବସ୍ ଖୋର୍ଦ୍ଧା ବାଇପାସ୍ ଦେଇ ନୂଆ ବସ୍‌ଷ୍ଟାଣ୍ଡ ଆସି ନିଜର ଗନ୍ତବ୍ୟସ୍ଥଳକୁ ଯିବା କଥା, ହେଲେ କେବଳ ନୟାଗଡ଼ ଓ ବାଙ୍କୀ ରୁଟ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବସ୍ ବାଇପାସ୍‌ଠାରେ କଲେକ୍ଟରଙ୍କ ଅଫିସ ନିକଟରେ ଓହ୍ଲାଇ ଦେଇଚାଲିଯାଉଛନ୍ତି। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ବ୍ରହ୍ମପୁର ଓ ରଣପୁର ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲେକ୍ଟରଙ୍କ ଅଫିସଠାରୁ ଖୋର୍ଦ୍ଧା ସହରକୁ ଆସିବାକୁ ଅଟୋରେ ୫୦ଟଙ୍କା ଦେଇ ଆସିବାକୁ ପଡୁଛି। ତେବେ ଏ ନୂଆ ବସ୍‌ଷ୍ଟାଣ୍ଡ କାହା ପାଇଁ ? ପରିବହନ ବିଭାଗ ସିଧା ବାଇପାସ୍‌ରେ ଯିବାକୁ ଅନୁମତିପତ୍ର ଦେଇଛନ୍ତି ବୋଲି ଗାଡ଼ିର କର୍ମଚାରୀ ଦାବି କରୁଛନ୍ତି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ ବିଭାଗ ସ୍ଥାନୀୟ ପ୍ରଶାସନ ତଥା ଘରୋଇ ମାଲିକ ସଂଘକୁ ନିବେଦନ ସମସ୍ତ ବସ୍‌କୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଦେଇ ଯିବା ପାଇଁ ନିର୍ଦ୍ଦେଶନାମା ଜାରି କରନ୍ତୁ। ନଚେତ୍ ସରକାର ବସ୍‌ଷ୍ଟାଣ୍ଡକୁ କଲେକ୍ଟର ଅଫିସ ନିକଟକୁ ଉଠାଇ ନିଅନ୍ତୁ ଓ ଟାଉନ ବସ୍‌ର ସୁବିଧା କରନ୍ତୁ।

**-ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ହିକଳଗାଡ଼ିଆ, ରଣପୁର, ନୟାଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମାନସିକ ଚାପ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜେଏସ୍ଏମ ବାଣିଜ୍ୟ ଓ କଳା ମହାବିଦ୍ୟାଳୟରେ ମାନସିକ ଚାପ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧକ୍ଷ ଶ୍ରୀକନ୍ତ ଶର୍ମାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁଖିଶାମ ତ୍ରିପାଠୀ ଏବଂ ଡକ୍ଟର ଟିକିନା ବେହେରା ଉକ୍ତ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ ପରିଚାଳନା ଉପରେ ସଚେତନ କରିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପକ ଏବଂ ଷ୍ଟାଫ୍ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଲି ଚାଲାଣ, ଟ୍ରାକ୍ଟରରୁ ଜରିମାନା ଆଦାୟ

ଲାଠୋର, ୨୩।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଜସ୍ୱ ନିରୀକ୍ଷକ ବୁଧବାର ବେଆଇନ ବାଲି ବୋଝେଇ ଦୁଇଟି ଟ୍ରାକ୍ଟରରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରଛନ୍ତି। ବେନ୍ଦେର ପଞ୍ଚାୟତ ଭାଲୁଟୁଆଁ ନିକଟ ବେନ୍ଦେର ସଂରକ୍ଷିତ ଜଙ୍ଗଲ ଭିତରେ ପ୍ରବାହିତ ଲାନ୍ଥନଦୀରୁ ବେଆଇନ ଭାବେ ବାଲି ବୋଝେଇ ଟ୍ରାକ୍ଟରରେ ଆସୁଥିବା ବେଳେ ଲାଠୋର ରାଜସ୍ୱ ନିରୀକ୍ଷକ ହସ୍ପିଟାଲ ନିକଟରେ ଅଟକାଇଥିଲେ। ଯାଞ୍ଚ ବେଳେ ବାଲି ପିପଲବାହାଲ ଖଇରା ପଡ଼ାରେ ନିର୍ମାଣ ହେଉଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଠିକାଦାର ନେଉଥିବା ଜଣାପଡ଼ିଥିଲା। ଦୁଇ ଟ୍ରାକ୍ଟରର ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଖପ୍ରାଖୋଲ ତହସିଲଦାରଙ୍କୁ ଘଟଣା ବିଷୟରେ ଅବଗତ କରାଯାଇଥିଲା। ତାଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ଗାଡ଼ିରୁ ୧୫ ହଜାର ଲେଖାଏ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକ କହିଛନ୍ତି।

### ୫ ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ

ଗୁଡ଼ଭେଲା, ୨୩।୮ (ମନୋଜ କୁମାର ଜୈନ)

ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ପାଣ୍ଠିରୁ ବୁଧବାର ଗୁଡ଼ଭେଲା ବ୍ଲକର ୫ଜଣ ଭିନ୍ନକ୍ଷମଙ୍କୁ ବିଡିଓ ଗୁରେଶ୍ୱର ଭୋଇ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜାମମୁଣ୍ଡା ଗ୍ରାମର ପ୍ରେମାନନ୍ଦ ଭୋଇ, ବିରାମୁଣ୍ଡା ଗ୍ରାମର ସଞ୍ଜବ ସାହୁ, ସନ୍ଧିସରା ଗ୍ରାମର ବସନ୍ତ ଜାଲ, ଟାର୍ସୁଗୁଡା ଗ୍ରାମର ଉଦ୍ୟାନ ରଣା ଓ ଡୁଙ୍ଗିବାହାଲ ଗ୍ରାମର ଗିରିଧାରୀ ତ୍ରିପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ପ୍ରଦାନ କରାଯାଇଥିବା ବିଡିଓ ଭୋଇ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଡୁଷୁରା ଗସ୍ତରେ ଆସିଥିବା ୫ଟି ସଚିବଙ୍କୁ ଉକ୍ତ ବ୍ୟକ୍ତିମାନେ ନିଜର ଆସୁବିଧା ନେଇ ଦାବିପତ୍ର ପ୍ରଦାନ କରିଥିଲେ।

### ଟିଟିଲାଗଡ଼ ଜିଲା ଦାବି, ୨୭ରେ କୋର କମିଟି ବୈଠକ

ଟିଟିଲାଗଡ଼, ୨୩।୮ (ଶରତ ମିଶ୍ର)

ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ନେଇ ଜାରି ରହିଥିବା ୩୧ବର୍ଷର ଦାବି ପୁଣି ଥରେ ତେଜିୟାନ ହୋଇଛି। ଆସନ୍ତା ୨୭ତାରିଖ ରବିବାର ଜିଲା କ୍ରିୟାନୁଷ୍ଠାନ ବୈଠକ ବସି ଆଗାମୀ ରଣନୀତି ସ୍ଥିର କରାଯିବ। ଏନେଇ ବୁଧବାର ସ୍ଥାନୀୟ ଓକିଲ ସଂଘ ଲାଇବ୍ରେରୀ ହଲରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏନେଇ ଓକିଲ ସଂଘ ସଭାପତି ତଥା ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି ଯେ ୧୯୯୨ରେ ପ୍ରବାଦ ପୁରୁଷ ବିଜୁ ବାବୁ ରାଜ୍ୟରେ ୧୩ରୁ ୩୦କୁ ଜିଲା ସଂଖ୍ୟା ବୃଦ୍ଧି କରିଥିବା ବେଳେ ଟିଟିଲାଗଡ ଜିଲା ଗଠନ ହୋଇପାରିଲା ନାହିଁ। ସେ ସମୟରେ ରାଜଧାନୀରେ ଡେରା ପକାଇଥିବା ଟିଟିଲାଗଡ ଉପଖଣ୍ଡର ବୁଦ୍ଧିଜୀବୀଙ୍କୁ ବିଜୁ ବାବୁ ରାଜ୍ୟରେ ୩୧ ନମ୍ବର ଜିଲା ଗଠନ ହେଲେ ତାହା ଟିଟିଲାଗଡ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ ଗସ୍ତରେ ଆସି ଜିଲା ନିଶ୍ଚିତ କରିବେ ବୋଲି କହିଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ପଦଯାତ୍ରା ତଥା ଟ୍ରେନ ଯୋଗେ ରାଜଧାନୀ ପହଞ୍ଚିଥିବା ଜିଲା ସଂଗ୍ରାମୀଙ୍କୁ ମୁଖ୍ୟମନ୍ତ୍ରୀ ସାକ୍ଷାତ ସହ ଜିଲା ନିଶ୍ଚିତ କରିବେ ବୋଲି କହିଥିଲେ। ହେଲେ ଜିଲା ଗଠନ ଦାବି ପୂରଣ ହୋଇ ପାରିନାହିଁ। ତେଣୁ ୨୭ରେ ହେବାକୁ ଥିବା କୋର କମିଟି ବୈଠକରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ, ରାଜନୈତିକ ଦଳ, ବୁଦ୍ଧିଜୀବୀ ଯୋଗଦେଇ ତାଙ୍କ ମତାମତ ପ୍ରଦାନ କରିବେ । ଯଦି ମୁଖ୍ୟମନ୍ତ୍ରୀ ସମୟ ଦେବେ ତେବେ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ସାକ୍ଷାତ କରି ନିଜ ଦାବି ପୁଣି ଥରେ ଉତ୍ଥାପନ କରିବ ବୋଲି କ୍ରିୟାନୁଷ୍ଠାନ କମିଟି ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ତଥା କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ମହେଶ ମହାନ୍ତି, ଆଇନଜୀବୀ ବୀରେନ୍ଦ୍ର ବାଗ ଉପସ୍ଥିତ ଥିଲେ।

# ପାର୍ବତୀ ଗିରିଙ୍କ ସେବା, ବଳିଦାନ ପ୍ରେରଣାଦାୟୀ

ବଲାଙ୍ଗୀର, ୨୩।୮
(ବୀରେନ୍ଦ୍ର କୁମାର ଝାଙ୍କର)



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ଏବଂ ଅନୁଷ୍ଠାନ ସଦସ୍ୟ।

**ପୂଜ୍ୟପୂଜା ସେବା ସଙ୍ଗଠନର ଅଷ୍ଟାଦଶତମ ପ୍ରତିଷ୍ଠା ଦିବସ**

ପୂଜ୍ୟପୂଜା ସେବା ସଙ୍ଗଠନର ଅଷ୍ଟାଦଶତମ ପ୍ରତିଷ୍ଠା ଦିବସ ଏବଂ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟଠାରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସୁସାହିତ୍ୟିକ ତୁଳସୀ ଜୈନ ମୁଖ୍ୟଅତିଥି, ପ୍ରଫେସର ଡ. ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା ଏବଂ ବରେଣ୍ୟ ଅତିଥିଭାବେ ଟାଉନ୍ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଏବଂ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇଥିଲେ। ଅତିଥିମାନେ ପାର୍ବତୀ ଗିରିଙ୍କ ସେବା, ତ୍ୟାଗ ଓ ନିଃସ୍ୱାର୍ଥପର ସେବା, ଅନାଥ ଶିଶୁଙ୍କ ପ୍ରତି ତାଙ୍କର କାର୍ଯ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ ଓ ସୁଶ୍ରୀ ସୃଜନୀ ଶୁଭଲକ୍ଷ୍ମୀ ନାୟକ ବେଦ ପାଠ କରିଥିଲେ । ଡା. ଅଶୋକ କୁମାର ସେଠୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ କସ୍ତୁରୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ମଧୁ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ପୂଜ୍ୟପୂଜା ସେବା ସମ୍ମାନ ୨୦୨୩ ପୁସ୍ତକ ଓ କବି ଦଶରଥ ସାମଲଙ୍କ ଭାବ ରତନ ଓ ଦେବତାର ଗୀତ ଦୁଇଟି ଭଜନ ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଡା. ରାମଚନ୍ଦ୍ର ହୋତା, ପ୍ରକାଶ ଥନାପତି, ଡା. ବିଜ୍ଞାନ ମିଶ୍ର, ଟଙ୍କଧର ଛତ୍ରିଆ, ଡ. ସଙ୍ଗୀତା ରଥ, ଶତ୍ରୁଘ୍ନ ବେହେରା, ଭକ୍ତ ନାଏକ, ବାସନ୍ତୀ ମଞ୍ଜରୀ ହନୁମାନ, ଲକ୍ଷ୍ମୀଧର ମାଝି, ଡା. ଭାରତୀ ଦାସ, ହୃଷୀକେଶ ପୁରୋହିତ, ଦିଗାମ୍ବର ନାଏକ, ଧନେଶ୍ୱର ଦାଶ, ନିମାଇଁ ଚରଣ ପାଣିଗ୍ରହୀ, ଭାରତୀ ପଟ୍ଟନାୟକଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ସେବା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଙ୍ଗଠନର ମାହେଶ୍ୱରୀ ସଙ୍ଗଠନକୁ ମର୍ଯ୍ୟାଦାଜନକ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଦେହଦାନ ଇଚ୍ଛାପତ୍ର ଦେଇ ଥିବା ଶୁଭେନ୍ଦ୍ର ନେପାକଙ୍କୁ, ଶିଳ୍ପୋଦ୍ୟୋଗୀ ପ୍ରସନ୍ନ କୁମାର ଗିରି ଏବଂ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ଅନୁଷ୍ଠାନ ସଭ୍ୟ କସ୍ତୁରୀ ରଥ, ମଦନ ମୋହନ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ମିଶ୍ର, ଆହ୍ଲାଦିନୀ ମିଶ୍ର, ଅନୁପ୍ରିୟା ମିଶ୍ର, କୁମୁଦିନୀ ପୃଷ୍ଟି, ନିରୂପମା ପାଣିଗ୍ରାହୀ, ତପସ୍ୱିନୀ ପଶାୟତ, ନଳିନୀପ୍ରଭା ଶତପଥୀ, ଜ୍ୟୋତିରାଣୀ ମିଶ୍ର, ଧୀରେନ୍ଦ୍ର ନାରାୟଣ ସିଂଦେଓ, ଦୁର୍ଗା ଚରଣ ସାହୁ, ସୀତାଂଶୁ ନାୟକ, ଚୁଡେନ୍ଦ୍ର କୁମାର ବେହେରା, ଓଁ ପ୍ରଣବ ନାୟକ, ରତ୍ନମୟ ତ୍ରିପାଠୀ, ଅରୁଣ କୁମାର ଖୁଆସ, ପ୍ରଦୀପ ପଶାୟତ, ରାଜ କୁମାର ଦାଶ, ପୂଜା ସେଠ, ରତ୍ନୀ ରଣା, ପ୍ରଶାନ୍ତ ଷଡଙ୍ଗୀ, ଗିରିଜା ଶଙ୍କର ରଥ, କପିଳ ପତି, ଜୟରାମ ମିଶ୍ର, ନିଳମଣୀ ମିଶ୍ର, ଧର୍ମବ୍ରତ ରଥ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। ଶେଷରେ ସହସମ୍ପାଦକ ସୁନାଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୨ ଘଣ୍ଟା ପରେ ଉଦ୍ଧାର ହେଲେ ମହିଳା, ଯୁବକ

ଲୋଇସିଂହା, ୨୩।୮ (ସୁଶାନ୍ତ ବାରିକ)

**ଉତ୍ତେଜନା, ଉଦ୍ଧାର କଲା ପୋଲିସ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବେନ୍ଦ୍ରା ଗ୍ରାମରେ ମଙ୍ଗଳବାର ରାତିରୁ ଏକ ଘଟଣା ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିଲା। ଗ୍ରାମ ଦଳିତ ବସ୍ତିର ଜଣେ ବିବାହିତ ମହିଳା ଓ ସବର୍ଣ୍ଣ ବସ୍ତିର ଜଣେ ଯୁବକ(୨୨) ମଙ୍ଗଳବାର ରାତିରୁ ଏକ ଘରେ ଗୃହବନ୍ଦୀ ଅବସ୍ଥାରେ ରହିଥିଲେ। ଏହି ଘଟଣାକୁ ନେଇ ଦଳିତବସ୍ତିରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ରାତିସାରା ଘଟଣାସ୍ଥଳରେ ଜଗି ରହିଥିଲା। ଦୀର୍ଘ ୧୨ଘଣ୍ଟା ପରେ ବୁଧବାର ମଧ୍ୟାହ୍ନରେ ଫୋର୍ସ ସହାୟତାରେ ଲୋଇସିଂହା ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ବେଳେ ଦଳିତବସ୍ତିର ଲୋକେ ପୋଲିସକୁ ଢେଲାପଥର ମାଡ କରିଥିଲେ। ହେଲେ ଏଥିରେ କେହି ଆହତ ହୋଇନାହାନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଜଣେ ଶ୍ରମିକ। ପରିବାର ପରିପୋଷଣ ପାଇଁ ବିଭିନ୍ନ ସ୍ଥାନକୁ କାମ କରିବାକୁ ଯାଇଥାନ୍ତି। ମଙ୍ଗଳବାର ମହିଳାଙ୍କ ସ୍ୱାମୀ ମୁନିଗୁଡାକୁ ରେଳବାଇ କାମ କରିବା ପାଇଁ ଯାଇଥିଲେ । ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସମ୍ପୃକ୍ତ ମହିଳା ଜଣକ କୁଆଡେ ପ୍ରେମ ସମ୍ପର୍କ ଥିବା ସମ୍ପୃକ୍ତ ଯୁବକଙ୍କୁ ରାତିରେ ଘରକୁ ଡାକିଥିଲେ। ଏହାପରେ ଯୁବକ ଜଣକ ମହିଳାଙ୍କ ଘରକୁ ଯାଇଥିଲେ। ମହିଳାଙ୍କ ଶ୍ୱଶୁର ଏହା ଜାଣିଲା ପରେ ପଡୋଶୀମାନଙ୍କୁ ଅବଗତ କରିଥିଲେ। ପଡୋଶୀଙ୍କ ପରାମର୍ଶରେ ମହିଳାଙ୍କ ଶ୍ୱଶୁର ସେହି ଘରେ ତାଲା ପକାଇ ପୋଲିସକୁ ଜଣାଇଥିଲେ। ଆଇଆଇସି ଯାଜ୍ଞସିନୀ ନାୟକ ସଦଳବଳେ ଠୋରେ ପହଞ୍ଚିଲା ବେଳକୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇଯାଇଥିଲା। ଦଳିତବସ୍ତିର ଲୋକେ ଉଭୟଙ୍କ ମଧ୍ୟରେ ବିବାହ କରିବାକୁ ଅଡି ବସିଥିଲେ। ଏହାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣ ବସ୍ତିର ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରସ୍ଥିତ ସୃଷ୍ଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଘର ଭିତରେ ଥିବା ମହିଳା ଓ ଯୁବକଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ବୁଧବାର ସକାଳେ ବିଭିନ୍ନ ଅଞ୍ଚଳର ଦଳିତ ସଂଗଠକ ସେଠାରେ ପହଞ୍ଚିବା ପରେ ପରିସ୍ଥିତକୁ ସଙ୍ଗୀନ ହୋଇଯାଇଥିଲା। ଶେଷରେ ପୋଲିସ ଆଇଆରବି ଫୋର୍ସ ମଗାଇ ବନ୍ଦ ଘରୁ ମହିଳା ଓ ଯୁବକଙ୍କୁ ଉଦ୍ଧାର କରି ଲୋଇସିଂହା ଥାନାକୁ ନେଇଥିଲେ ।

# ନକଲି ଆଦିବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ


ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି ଓ ସଦସ୍ୟ।

ବଲାଙ୍ଗୀର, ୨୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରିଣୀ ବୈଠକ**

ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନକଲି ଆଦିବାସୀ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଅଧ୍ୟକ୍ଷ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଟାଲଟୁଲ ନୀତି ଅବଲମ୍ବନ ନ କରିବାକୁ ଦାବି କରାଯାଇଛି। ଅଣଆଦିବାସୀଙ୍କ ଜବରଦଖଲରେ ଥିବା ଆଦିବାସୀଙ୍କ ଜମି ଫେରସ୍ତ, ଜମି ହସ୍ତାନ୍ତର ଅନୁମତି ବନ୍ଦ, ଆଦିବାସୀ ଏବଂ ଅନ୍ୟାନ୍ୟ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ଅନୁସାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ବେଛପରି ଗାଁଗୁଡିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟଗୁଡିକରେ ସିଟ୍‌ର ଅଭାବଜନିତ ସମସ୍ୟା ମୁକାବିଲା ପାଇଁ ସିଟ ବୃଦ୍ଧି କରିବା ଉପରେ ଆଲୋଚନା କରାଯାଇଥିଲା। ଆଟ୍ରୋସିଟି କେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା, ଆଦିବାସୀ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବା, କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ଟିଟିଲାଗଡ଼, ବଙ୍ଗୋମୁଣ୍ଡା, ବଲାଙ୍ଗୀର, ଲୋଇସିଂହା, ଆଗଲପୁର, ପୁଇଁତଲା ବ୍ଲକକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିବା ପାଇଁ ଆଲୋଚନା କରାଯାଇଥିଲା। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ, ସେବାଶ୍ରମ ଓ କନ୍ୟାଶ୍ରମଗୁଡିକରେ ସିଟ୍ ସଂଖ୍ୟା ବୃଦ୍ଧି କରିବା, ହଷ୍ଟେଲ ବୃଦ୍ଧି କରିବା, ଶିକ୍ଷକ ପଦବୀ ପୂରଣ କରିବା, ଆଦିବାସୀମାନଙ୍କ ପାଇଁ ଖାଲି ପଡ଼ିଥିବା ପଦବୀଗୁଡିକୁ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟାରେ ପୂରଣ କରିବା ପାଇଁ ସଭାରେ ଦାବି କରାଯାଇଥିଲା। ଏ ଦିଗରେ ଆଗକୁ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜ ମୋହନ ବିଶି, ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ଜିଲା କାର୍ଯ୍ୟକାରୀ ସଭାପତି ବନଲତା ମାଝି ଏବଂ ୧୪ଟି ବ୍ଲକର ବ୍ଲକ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶାରୀରିକ ଶିକ୍ଷକ କ୍ରୀଡ଼ାଙ୍ଗନ ତାଲିମ ଶିବିର

ଲୋଇସିଂହା, ୨୩।୮
(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ଲୋଇସିଂହା ଓ ଆଗଲପୁର ବ୍ଲକର ଶାରୀରିକ ଶିକ୍ଷକଙ୍କ କ୍ରୀଡାଙ୍ଗନ ତ୍ରିଦିବସୀୟ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କିଲ ଡେଭଲମେଣ୍ଟ ଉପରେ ଆଲୋକପାତ କରିଥିଲେ।ସମ୍ମାନୀତ ଅତିଥି ରଙ୍ଗାଧର ପଟେଲ କ୍ରୀଡାଙ୍ଗନ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମଙ୍ଗଳବାର ତାଲିମ ଶିବିରର ଦ୍ୱିତୀୟ ଦିବସରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆଇପି ଅନ୍ତର୍ଯ୍ୟାମୀ ବିଶ୍ୱାଳ ଯୋଗଦେଇଥିଲେ। ସୋମବାର ଲୋଇସିଂହା ଏବିଓ ଟଙ୍କଧର ଭୋଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ । ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ ମୁଖ୍ୟବକ୍ତା, ଶାରୀରିକ ଶିକ୍ଷକ ସଂଘର ଲୋଇସିଂହା ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର ମେହେର, ଆଗଲପୁର ବ୍ଲକ ସମ୍ପାଦକ ଡାକ୍ତର ଭୋଇ, ଆରପି ଉମାକନ୍ତ ପଧାନ, ଜ୍ୟୋତିରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୋଟର ସଚେତନତା ମହାଅଭିଯାନ

ବଲାଙ୍ଗୀର, ୨୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ମଣ୍ଡଳୀ ଭାଜପା ସଂଯୋଜକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଭଗବତୀ ମଣ୍ଡପଠାରେ ଭୋଟର ସଚେତନତା ମହାଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ। ମହିଳା ମୋର୍ଚ୍ଚା ସଭାନେତ୍ରୀ ପଙ୍କଜିନୀ ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଞ୍ଜିତା ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଅମିତ ସିଂ ନିନା, ଭାଜପା ବଲାଙ୍ଗୀର ବିଧାନସଭା ପ୍ରଭାରୀ ତଥା ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର, ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ ଏବଂ ପ୍ରଭାସ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏହି ସଭାରେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମକର୍ତ୍ତାଙ୍କୁ ଜିଲା ସଭାପତି ଶିବାଜୀ ମହାନ୍ତି ସମ୍ବୋଧିତ କରି ଆଗାମୀ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ମଣ୍ଡଳୀରେ ଭାଜପାର ବିଜୟ ସୁନିଶ୍ଚିତ କରିବା ପାଇଁ ଦଳକୁ ବୁଥସ୍ତରରୁ ସଙ୍ଗଠିତ କରିବା ସହ ଜନସମ୍ପର୍କ ଅଭିଯାନକୁ ବ୍ୟାପକ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ସଭାରେ ବନଶ୍ରୀ ଆଚାର୍ଯ୍ୟ, ରଶ୍ମିରେଖା ଦାନୀ, ବାସନ୍ତୀ ଜେନା, ଅନୁସୟା ବେଜ, ସୌଦାମିନୀ ମିଶ୍ର, ସରିତା ଯୋଶୀ, ଗାୟତ୍ରୀ ଦାସ, ସତ୍ତ୍ୱବତୀ ଗୁରୁ, ମୁନା ପଟ୍ଟନାୟକ, ନରେଶ ଅଗ୍ରୱାଲ, ଅପ୍ରମିତ ପରିଚ୍ଛା, ରାହୁଲ ପାଣିଗ୍ରାହୀ, ଡ଼ ଶଶୀଭୂଷଣ ସାହୁ, ପ୍ରଦୀପ ମିଶ୍ର, ଶ୍ରୀକାନ୍ତ ଜାଲ, ମୁନେଶ ରଥ, ଦେବବ୍ରତ ନିନା, ଅଜୟ ଶର୍ମା, ସୁରମ୍ୟ ମିଶ୍ର, ପୁରୁଷୋତ୍ତମ ସାହୁ, ଶ୍ୟାମ ଗୁରୁ, ପାର୍ଥ କରଣ, ଦେବରାଜ ନାଗଙ୍କ ସମେତ ବଲାଙ୍ଗୀର ନଗର, ବଲାଙ୍ଗୀର ବ୍ଲକ ଓ ଦେଓଗାଁ ବ୍ଲକ ସମସ୍ତ ବୁଥରୁ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା କାର୍ଯ୍ୟକର୍ତ୍ତା।

# କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର

ଟିଟିଲାଗଡ଼, ୨୩।୮ (ଶରତ ମିଶ୍ର)

ଟିଟିଲାଗଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ଟିଟିଲାଗଡ ଏବଂ ସଇଁତଲା ବ୍ଲକର ହାଇସ୍କୁଲର ଖେଳ ଶିକ୍ଷକଙ୍କୁ ନେଇ ତିନିଦିନିଆ କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ବ୍ଲକର ମୋଟ ୬୦ଟି ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ନେଇଥିଲେ। ଶିବିରରେ ଖେଳ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଫୁଟବଲ, ପାଣି ବୋତଲ, କାଗଜ ମୁଣ୍ଡା କ୍ୟାଚ କରିବା ଆଦି ଅଭ୍ୟାସ କରାଇବା ସହ ବିଭିନ୍ନ ଖେଳ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଉଦଘାଟନୀ ଦିବସରେ ଟିଟିଲାଗଡ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ଆୟୋଜକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡା, ଟିଟିଲାଗଡ ବ୍ଲକ ଖେଳ ଶିକ୍ଷକ ସମ୍ପାଦିକା ପଦ୍ମଜା ବହିଦାର, ବ୍ଲକ ଟ୍ରେନର ରାଜେଶ ସ୍ୱାଇଁ, ସଇଁତଲା ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର, ବ୍ଲକ ଟ୍ରେନର ଚନ୍ଦ୍ରଶେଖର ବାହୁକ ମଞ୍ଚାସୀନ ଥିଲେ।


ଶିବିରରେ ଉପସ୍ଥିତ ଖେଳ ଶିକ୍ଷୟିତ୍ରୀଶିକ୍ଷକ ଓ ଅତିଥି।

# ଶିକ୍ଷକ ଅଭାବ, ଡେପୁଟେଶନରେ ପଠାଯାଉଛି

ଲାଠୋର, ୨୩।୮ (ଭୁବନେଶ୍ୱର ବାରିକ)


ସ୍କୁଲ ଗେଟରେ ତାଲା ପକାଇ ଅଭିଭାବକ ଓ କମିଟି ସଦସ୍ୟ ପ୍ରତିବାଦ କରୁଛନ୍ତି।

**ଟଙ୍କପାଣି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
■ ପ୍ରତିବାଦରେ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସଦର ଟଙ୍କପାଣି ଗ୍ରାମରେ ରହିଥିବା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ ସମସ୍ୟା ଦେଖାଦେଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ଓ ଅଭିଭାବକ ବୁଧବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ୧୯୬୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ଶିକ୍ଷଦାନ ପାଇଁ ୬ଜଣ ଶିକ୍ଷକ ରହିଛନ୍ତି। ଶିକ୍ଷକ ଅଭାବ ନେଇ ଦାବି ହୋଇ ଆସୁଥିଲେ ମଧ ନିଯୁକ୍ତି ଦେବା ପରିବର୍ତ୍ତେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୪୨୫/ ତା ୨୨।୮।୨୦୨୩ରିଖରେ ଟଙ୍କପାଣି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପ୍ରେମଲାଲ ପ୍ରଧାନଙ୍କୁ ଫୁଲଝର ବିଦ୍ୟାଳୟକୁ ଡେ଼ପୁଟେସନ କରି ତୁରନ୍ତ ରିଲିଫ କରିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖବର ପ୍ରଚାର ହେବା ପରେ ଗ୍ରାମବାସୀ ତଥା ପରିଚାଳନା ସମିତି ଏଥିରେ ଉତ୍ତକ୍ଷିପ୍ତ ହୋଇ ବୁଧବାର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଗେଟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏକ ପ୍ରତିନିଧି ଦଳ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇ ଏକ ଅଭିଯୋଗ ପତ୍ର ଦାଖଲ କରି ସ୍ଥାନୀୟ ବିଧାୟକଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି। ଯେ ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ଡେ଼ପୁଟେସନ ନିର୍ଦ୍ଦେଶ ବାତିଲ କରା ନ ଯାଇଛି ସେ ଯାଏ ବିଦ୍ୟାଳୟ ଗେଟ ଖୋଲାଯିବ ନାହିଁ ବୋଲି ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଛନ୍ତି। ପରିଚାଳନା କମିଟି ସଭାପତ ପରନ୍ଧର ଭୁଏ କହିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନ୍ଦୋଳନସ୍ଥଳକୁ ଆସି ସମାଧାନ ନ କରିବା ଯାଏ ସେମାନେ ହଟିବେ ନାହିଁ ବୋଲି କହିଛନ୍ତି। କମିଟି ସଭ୍ୟ ପର୍ଶୁରାମ ଖମାରୀ କହିଛନ୍ତି ଡେ଼ପୁଟେସନ ନିର୍ଦ୍ଦେଶ ବାତିଲ କରାଯାଉ। ଅନ୍ୟଥା ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ। ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାବେଳେ ବିଭାଗ ଏଠାରୁ ଡେ଼ପୁଟେସନରେ ଶିକ୍ଷକଙ୍କୁ ପଠାଇବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମର ସୁଫଳ କରୁଆଁ କହିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ପଣ୍ଡାଙ୍କୁ ପଚାରିବାରୁ ୨୦୧୮ ମସିହା ପରେ ଶିକ୍ଷକ ନିଯୁକ୍ତ ହୋଇ ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବୁ ବୋଲି କହିଥିଲେ।

**ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ମହାନଦୀ ବ୍ରିଜ ଛକରୁ ମଙ୍ଗଳବାର ସନ୍ଧ୍ୟାରେ ବୌଦ୍ଧ ପୋଲିସ ଗୁରୁତର ଅବସ୍ଥାରେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ବୌଦ୍ଧ,୨୩।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସରସରା ନିକଟ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱ କେନାଲରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ତାଲବାହାଲ ଗ୍ରାମର ହିମାଂଶୁ ପ୍ରଧାନ (୬୦)। ରାସ୍ତାରେ ଯାଉଥିବା ଲୋକେ କେନାଲରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହାସହ ଏକ ସାଇକେଲ ଓ କିଛି କପଡା ଜବତ କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

### ଜଙ୍ଗଲରେ ଭାଲୁର ମୃତଦେହ ଠାବ

ପୁରୁଣାକଟକ,୨୩।୮(ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ବନଖଣ୍ଡ ଦେବଗଡ଼ ବିଟ ବାଙ୍କଦେଇ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବନ ବିଭାଗର ପାଟ୍ରୋଲିଂ ସମୟରେ ଏକ ଭାଲୁର ମୃତଦେହ ଠାବ କରିଛି। ଏହାସହ ଏକ ଜଙ୍ଗଲୀ ବାର୍‌ହାର ଅନ୍ତନାଡି ପୁଟା ମଧ୍ୟ ଜବତ କରିଥିଲା। ଏସିଏଫ୍ ଆଶିଷ କହଁର, ଫରେଷ୍ଟର ପ୍ରକାଶ ପ୍ରଧାନ, ସ୍ୱାଧୀନ ସାମଲ ଓ ସ୍କ୍ୱାଡ୍ କର୍ମଚାରୀ ପାଟ୍ରୋଲିଂରେ ସାମିଲ ଥିଲେ। ଭାଲୁ ମୃତଦେହ ଓ ବାର୍‌ହା ପୁଟାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଦୁଇ ପ୍ରାଣୀଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସିଏଫ୍ କହଁର ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ଜଣେ ଗୁରୁତର

ଅମରପାଲି,୨୩।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଖଣ୍ଡହତା ଗ୍ରାମର ରାସ୍ତା କଡରେ ଛିଡା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ରାତିରେ ଏକ ବାଇକ୍ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ଖଣ୍ଡହତା ଗ୍ରାମର ରାଧେ ବଗର୍ତ୍ତି(୪୦)। ପ୍ରକାଶ ଯେ, ରାଧେ କୌଣସି କାରଣରୁ ରାସ୍ତା କଡରେ ଛିଡା ହୋଇଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ବାମ ଗୋଡରେ ଗଭୀର ଆଘାତ ଲାଗିଛି। ବାଇକ୍ ଚାଳକ ଧକ୍କା ମାରି ଫେରାର ହେବାକୁ ଉଦ୍ୟମ କରିଥିଲେ ହେଁ ଗାଡି ଷ୍ଟାର୍ଟ ହୋଇ ନ ଥିଲା। ଏଣୁ ସେ ବାଇକ୍‌କୁ ଛାଡି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ବୀରମହାରାଜପୁର ଜୋନ ୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ନିଜ ଗାଡିରେ ଫେରୁଥିଲେ। ସେ ଆହତ ରାଧେଙ୍କୁ ଚିକିତ୍ସା ପାଇଁ ବୀରମହାରାଜପୁର ଡାକ୍ତରଖାନା ପଠାଇବା ସହ ୮ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବୁଧବାର ଆହତ ବ୍ୟକ୍ତିଙ୍କୁ ବୁର୍ଲା ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ସନ୍ଦେହ

ବିନିକା,୨୩।୮(ରାମ ଗୋପାଳ ବାଘ )

ବୁଧବାର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବିଶାଳପାଲି ଗାଁ ନିକଟ ଏକ ପରିତ୍ୟକ୍ତ ପମ୍ପ ଘରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରି ଟଙ୍ଗାଇ ଦେଇଥିବା ସନ୍ଦେହ କରାଯାଉଛି। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସକାଳେ ସ୍ଥାନୀୟ ଲୋକେ ଯୁବକ ଜଣକ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ବିନିକା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ଗୋଟିଏ ପାଦ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ଅନ୍ୟ ଏକ ପାଦ ଚୌକିରେ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ତେଣୁ ତାଙ୍କୁ କେହି ହତ୍ୟା କରି ଏଠାରେ ଝୁଲାଇ ଦେଇଥିବା ସନ୍ଦେହ ହେଉଛି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଚିହ୍ନଟ ହୋଇ ପାରି ନ ଥିବାରୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖାଯାଇଛି।

# ସୋନପୁରରେ ଏ-ଟାଇପ୍ ବସଷ୍ଟାଣ୍ଡର ଶିଳାନ୍ୟାସ

ସୋନପୁର,୨୩।୮(ମୃତ୍ୟୁଞ୍ଜୟ ଶତପଥୀ)


ସୋନପୁର ବସଷ୍ଟାଣ୍ଡ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥି ବୃନ୍ଦ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ସୁବର୍ଣ୍ଣପୁର ଜିଲା ସଦର ମହକୁମା ସୋନପୁରରେ ଏ ଟାଇପ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ସେହିପରି ଜିଲାର ବିନିକା ଓ ଉଲୁଣ୍ଡାରେ ସି-ଟାଇପ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସୋନପୁର ନୂତନ ଟାଉନ ହଲରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦାନ କରି ନୂତନ ବସଷ୍ଟାଣ୍ଡର ଶିଳାନ୍ୟାସ ଓ ଖଇରମାଳ, ଗୋଧନେଶ୍ୱର ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ଓ ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ବ୍ୟବସାୟୀ ସଂଘ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଜନସାଧାରଣଙ୍କ ଦୀର୍ଘବର୍ଷର ଦାବି ଅନୁଯାୟୀ ସୋନପୁର ପୁରୁଣା ବସଷ୍ଟାଣ୍ଡ, ପୁରୁଣା ଟାଉନ ହଲ ଓ ଦୋକାନ ଘର ଭାଙ୍ଗି ସେହି ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ୩.୩୪ ଏକର ପରିମିତ ଜମିରେ ପ୍ରାୟ ୫ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ସୋନପୁର ବସଷ୍ଟାଣ୍ଡ ନିର୍ମାଣ ହେବ। ବସଷ୍ଟାଣ୍ଡ ପରିସରରେ ହୋଟେଲ, ଦୋକାନ ଗୃହ ସହ ବସ୍ ଓ କାର୍ ପାର୍କିଂ ପାଇଁ ସୁବିଧା କରାଯିବ। ଯାତ୍ରୀ ଓ ବସ୍ କର୍ମଚାରୀଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଜଣାପଡିଛି।

**ବିନିକା, ଉଲୁଣ୍ଡା ବସଷ୍ଟାଣ୍ଡ ଉଦ୍‌ଘାଟିତ**

ଉଲୁଣ୍ଡାରେ ବସଷ୍ଟାଣ୍ଡ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ବିଡିଓ କରିସ୍ମା ବେଶ୍ରା ମଞ୍ଚାସୀନ ଥିଲେ। ସେହିପରି ବିନିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ବିଡିଓ ଆନନ୍ଦ କୁମାର ଦାସ, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଓ ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ ଉପସ୍ଥିତ ଥିଲେ।

# ଛତରଙ୍ଗଠାରେ ସାମର୍ଥ୍ୟ ତାଲିମ ଶିବିର

ବୌଦ୍ଧ,୨୩।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ସାମର୍ଥ୍ୟ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଶିବିରରେ ଆଡେଣିଗଡ, ତଳଗାଁ, କୁଶଙ୍ଗ, ହରଭଙ୍ଗା, ଛତରଙ୍ଗ ଶଙ୍କୁଲୋଇ ଓ ବାଣିଭୁଷଣପୁର ଆଦି ୭ ଗୋଟି କ୍ଲଷ୍ଟରର ୪୩ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ନେଇଥିଲେ। ବିଦ୍ୟାଳୟକୁ ଆସୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟାର କିଭଳି ସମାଧାନ କରାଯିବ ସେ ନେଇ ଚିନ୍ତାମଣୀ ସ୍ୱାଇଁ, ଅର୍ଜୁନ କହଁର, ରାଜତ କୁମାର ପ୍ରଧାନ ଓ ରଶ୍ମିତା ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମିଶ୍ର, ଜଗତ ମଲିକ, ଜ୍ୟୋସ୍ନାରାଣୀ ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ।



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

# ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

ପୁରୁଣାକଟକ,୨୩।୮(ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ୟୁପି ସ୍କୁଲଠାରେ ତିନିଦିନ ଧରି ଶିକ୍ଷକମାନଙ୍କ ନିମନ୍ତେ ଚାଲିଥିବା ସାମର୍ଥ୍ୟ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଆସୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ସମାଧାନ କରିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଶିବିରରେ ବ୍ଲକର ୪୩ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ନେଇଥିଲେ। ଚିନ୍ତାମଣି ସ୍ୱାଇଁ, ଅର୍ଜୁନ କହଁର, ରଜତ କୁମାର ପ୍ରଧାନ, ରଶ୍ମିତା ପ୍ରଧାନ ତାଲିମ ପ୍ରଦାନ କରିଥଲେ। ତାଲିମ ସମୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମିଶ୍ର, ଜଗତ ମଲିକ, ଜ୍ୟୋସ୍ନାରାଣୀ ମହାପାତ୍ର ପରିଦର୍ଶନରେ ଆସି ଶିକ୍ଷକମାନେ ତାଲିମର ବିଷୟବସ୍ତୁ ଗ୍ରହଣ କରି ଶ୍ରେଣୀ କକ୍ଷରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ରତ୍ନାକର ଦାସ ଶିବିର ପରିଚାଳନା କରିଥଲେ।


ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

# ମାହେଶ୍ୱରୀ ମହୋତ୍ସବ-୨୦୨୩ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ସଦସ୍ୟ ବୃନ୍ଦ।

ଅମରପାଲି,୨୩।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁରସ୍ଥିତ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମାହେଶ୍ୱରୀ ମହୋତ୍ସବ-୨୦୨୩ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା' ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମା' ମାହେଶ୍ୱରୀ ସେନା ସଭାପତି ଜିତେନ୍ଦ୍ର ମେଣ୍ଡିଲି ଉକ୍ତ ବୈଠକରେ ପୌରୋହିତ୍ୟ କରିଥିଲେ। ଉକ୍ତ ବୈଠକରେ ମାହେଶ୍ୱରୀ ସେନାର ଭଗବାନ କର୍ଣ୍ଣ, ପ୍ରକାଶ ପଧାନ, ଢଳେଶ ପଧାନ, ମଳୟ ଅମାତ, କାହ୍ନୁ ମହାକୁର, ସୁନିଲ ପଧାନ, ସୁଧାଂଶୁ କର୍ଣ୍ଣ, ବିକାଶ ମହାକୁର, ପ୍ରଦୀପ ପଧାନ, ନୀଳକଣ୍ଠ ପଧାନ, ଶ୍ରଦ୍ଧାଂଶୁ ମେଣ୍ଡିଲି, ବିକାଶ ଅମାତ ପ୍ରମୁଖ ଯୋଗଦେଇ ନିଜ ନିଜ ମତ ବ୍ୟକ୍ତ କରିଥିଲେ। ଆସନ୍ତା ନଭେମ୍ବର ୫ ତାରିଖ ଦିନ ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମାହେଶ୍ୱରୀ ମହୋତ୍ସବ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ଡୁମାଲ ସମାଜର ବ୍ୟକ୍ତି ବିଶେଷ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତି ହୋଇଛି। କିଭଳି ଭାବରେ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହେବ ସେନେଇ ବିଭିନ୍ନ ସୁଚିନ୍ତିତ ମତାମତ ଗ୍ରହଣ କରାଯାଇଥିଲା। ଭଗବାନ କର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରକାଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାହେଶ୍ୱରୀ ସେନାର ସଦସ୍ୟମାନେ ଯୋଗ ଦେଇଥିଲେ।

**ନଭେମ୍ବର ୫ରେ ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବ ମହୋତ୍ସବ**

### ବୁର୍ଲା ସ୍ଥାନାନ୍ତର ବେଳେ ଡୁଙ୍ଗୁରିପାଲି ଡାକ୍ତରଖାନାରେ ମୃତ୍ୟୁ

**କୋକସରା ଥାନାରେ ଥିଲା ମାମଲା**

ଡୁଙ୍ଗୁରିପାଲି,୨୩।୮(ଦୀନବନ୍ଧୁ ସୁନା)

କଳାହାଣ୍ଡି ଜିଲାର ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ବୁର୍ଲା ଡାକ୍ତରଖାନା ନେବା ବେଳେ ବାଟରେ ସେ ଚେତାଶୂନ୍ୟ ହୋଇ ପଡିବାରୁ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ କଳାହାଣ୍ଡି ଜିଲା ଗମ୍ଭାରୀଗିଡା ଗାଁର ରୂପେଶ ନାଏକ । ରୂପେଶଙ୍କ ନାମରେ କୋକସରା ଥାନାରେ ନଂ ୨୧୬/୨୩ରେ ମାମଲା ରୁଜୁ ହୋଇ ଥାନାରେ ରଖାଯାଇଥିଲା । ମଙ୍ଗଳବାର ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପୋଲିସ ଭବାନୀପାଟଣା ଡାକ୍ତରଖାନା ପଠାଇଥିଲା। ଭବାନୀପାଟଣାରୁ ଡାକ୍ତର ବୁର୍ଲା ମେଡିକାଲକୁ ରେଫର କରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ବୁର୍ଲା ନେଉଥିବା ବେଳେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ। ଏହି ସମୟରେ କୋକସରା ପୋଲିସ, ରୂପେଶର ବାପା ଜୟଶଙ୍କର ନାଏକ ଓ ଅଜା ସାଙ୍ଗରେ ରହିଥିଲେ। ଏ ନେଇ ଡୁଙ୍ଗୁରିପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ କରିଛି । କେସ୍ ନଂ ୭/୨୩। ତଦନ୍ତ ଅଧିକାରୀ ଏସ୍‌ଆଇ ଟଙ୍କଧର ଛତ୍ରିଆ ଘଟଣାର ତଦନ୍ତ ଜାରି ରଖିଛନ୍ତି । ବୁଧବାର ଡୁଙ୍ଗୁରିପାଲି ଡାକ୍ତରଖାନାରେ ମୃତଦେହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ଉପସ୍ଥିତରେ ବଲାଙ୍ଗୀର ଫରେନସିକ ଟିମ୍ ଓ ପୋଲିସ ପଞ୍ଚନାମା କରିଥିଲେ । ପରେ ବିନିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରକାଶ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଘଣ୍ଟାପଡ଼ା,୨୩।୮(ପ୍ରଭାତ କୁମାର ସାହୁ)

ଘଣ୍ଟାପଡ଼ା ଗ୍ରୀଡ୍ ଅଞ୍ଚଳର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପାଚେରି ନ ଥିବାବେଳେ ଖୋଲାରେ ଫ୍ୟୁଜ ବାକ୍ସ ରହିଛି। ଫଳରେ ଉକ୍ତ ରାସ୍ତାଦେଇ ଯିବାଆସିବା କରୁଥିବା ଜନସାଧାରଣଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଛି। ବିଗତ ଦିନରେ ଏହି ଅଞ୍ଚଳରେ ବିଦ୍ୟୁତ୍ ଜନିତ ଅଘଟଣ ଘଟିବା ନଜିର ରହିଛି। ଆଗକୁ କିଛି ଅଘଟଣ ଘଟିବା ପୂର୍ବରୁ ଏହାର ଚାରିପଟେ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଭିଯୋଗକ୍ରମେ ଘଣ୍ଟାପଡ଼ା ମାର୍କେଟ ଛକ, ଘଣ୍ଟାପଡ଼ା ବସ୍ତିରେ ଥିବା ଶିବ ମନ୍ଦିର ସାମ୍ନା, ହାଟପଦା ମୁଖ୍ୟ ରାସ୍ତା, ଆମ୍ବଗାଁ, ଝିଣ୍ଟିଗୋରା ଭଳି ଜନଗହଳି ସ୍ଥାନରେ ବିନା ସୁରକ୍ଷା ପାଚେରିରେ ଟ୍ରାନ୍ସଫର୍ମର ରହିଛି। ଏ ସମ୍ପର୍କରେ ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଡିଲେଶର ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, କୌଣସି ସ୍ଥାନରେ ପାରେରି ହୋଇ ନାହିଁ। ଆଲଟ୍‌ମେଣ୍ଟ ଯାଇଛି, ଆସିବା ପରେ ପ୍ରାଥମିକତା ଭିତ୍ତିରେ ପାରେରି ନିର୍ମାଣ ହେବ।


ମୁକୁଳା ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ଡୁମାଲ ସମାଜର ବୈଠକ

ବାଉଁଶୁଣି,୨୩।୮(ଦେବାଶିଷ ନେପାକ)

ସ୍ଥାନୀୟ ବରକନିଆ ହନୁମାନ ମନ୍ଦିର ପରିସରରେ ବୁଧବାର ନୂତନ ଭାବେ ଗଠିତ ହୋଇଥିବା ବୁଡିକଣ ଡୁମାଲ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଭାପତି ବିହାରୀ ମହାକୁଲ ଅଧ୍ୟକ୍ଷତା କରିଥିବାବେଳେ ଦୟା ସାଗର ବାରିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମାଜର ଅଧିଷ୍ଠାତ୍ରୀ ଦେବୀଙ୍କ ପାଇଁ ମନ୍ଦିର ନିର୍ମାଣ ପାଇଁ ପୂଜକ ମାନୁ ମିଶ୍ରଙ୍କ ଦ୍ୱାରା ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ସମାଜ ସହିତ ଯୋଡି ହୋଇଥିବା ସମସ୍ତ ପରିବାର ଏହାକୁ ଆଗେଇ ନେବା ଲାଗି ସଭାପତି ମହାକୁଳ ଅଭିଭାଷଣ ଦେଇଥିଲେ। ବୈଠକରେ ସମାଜର ସମସ୍ତ ସଦସ୍ୟଙ୍କ ସହିତ ଗୋପବନ୍ଧୁ ଦେହୁରି, ନକୁଳ ପ୍ରଧାନ, ଅର୍ଜୁନ କ୍ଷେତି, ଶମ୍ଭୁ ମହାକୁଳ, ଗଣପତି ପ୍ରଧାନ, ଋଷି ମହାକୁଳ, ମହିଧର ଛନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସନ୍ତୋଷ ଦେହୁରି ଧନ୍ୟବାଦ ଅର୍ପଣ କରିଥିଲେ।


ସମାଜର ମନ୍ଦିର ନିର୍ମାଣ ପାଇଁ ଶୁଭ ଖମ୍ବ ସ୍ଥାପନ କରାଯାଉଛି।

# ଖୁସି ମନାଇଲେ ବୀରମହାରାଜପୁରବାସୀ

ଅମରପାଲି,୨୩।୮(ପୀତାମ୍ବର ସାହୁ)

**ଚନ୍ଦ୍ରୟାନ-୩ର ସଫଳତା**

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ପରେ ସମଗ୍ର ବୀରମହାରାଜପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବୁଧବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବହୁ ଲୋକ ଟେଲିଭିଜନ ପରଦା ଓ ମୋବାଇଲ ଫୋନ ଆଦିରେ ସିଧା ପ୍ରସାରଣ ଦେଖିଥିଲେ। ଅନେକ ସ୍ଥାନରେ ବାଣ ଫୁଟାଇ ଲୋକମାନେ ଖୁସି ମନାଇଥିଲେ। ସୁବଳୟା, ମୁର୍ଷୁଣ୍ଡି, ଅମରପାଲି, ଖଣ୍ଡହତା, ବାଗବର, ଉଫୁଲା ଆଦି ସ୍ଥାନରେ ଅନେକ ଲୋକ ଖୁସି ମନାଇ ବାଣ ଫୁଟାଇବା ସହ ଇସ୍ରୋରେ କାର୍ଯ୍ୟରତ ଭାରତୀୟ ବୈଜ୍ଞାନିକଙ୍କ ଜୟକାର କରିଥିଲେ। ଅନେକ ଲୋକ ଚନ୍ଦ୍ରୟାନର ସଫଳତା କାମନା କରି ମନ୍ଦିରରେ ସକାଳେ ଓ ସନ୍ଧ୍ୟା ସମୟରେ ପୂଜାର୍ଚ୍ଚନା ମଧ୍ୟ କରିଥିଲେ।


ଚନ୍ଦ୍ରୟାନ-୩ର ସଫଳତାରେ ବୀରମହାରାଜପୁରରେ ଲୋକେ ଖୁସି ମନାଉଛନ୍ତି।

# କନ୍ୟା ସନ୍ତାନ ଜନ୍ମ ହାର ହ୍ରାସ ପାଉଥିବାରୁ ଉଦ୍‌ବେଗ

ସୋନପୁର,୨୩।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟସ୍ଥିତ ମିନି ସମ୍ମିଳନୀ କକ୍ଷ ରେ ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ କନ୍ୟା ସନ୍ତାନ ଜନ୍ମ ହ୍ରାସ ପାଉ ଥିବାରୁ ଜିଲାପାଳ ରାୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ନିରାକରଣ ନିମନ୍ତେ ନିୟମିତ ଯାଞ୍ଚ କରିବାକୁ ଏକ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲାର ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଅଳ୍ପ ସଂଖ୍ୟକ ଗର୍ଭବତୀଙ୍କ ଅଲଟ୍ରା ସାଉଣ୍ଡ ପରୀକ୍ଷା ହେଉଛି। ଏହାକୁ ବୃଦ୍ଧି କରିବାକୁ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଯୋଜନାର ସୁଫଳ ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ସହଜରେ ଉପଲବ୍ଧ ହୋଇପାରିବ ସେଥି ନିମନ୍ତେ ସ୍ୱାସ୍ଥ୍ୟ ଅଧିକାରୀମାନେ ଯତ୍ନବାନ ହୋଇ କହିଥିଲେ। ଆବଶ୍ୟକ ପ୍ରଚାର ପ୍ରସାର ପାଇଁ ଜିଲାର ସମସ୍ତ ପଞ୍ଜୀକୃତ ଅଲଟ୍ରା ସାଉଣ୍ଡ କେନ୍ଦ୍ରର ସତ୍ତ୍ୱାଧିକାରୀ ୨ ଟି ଲେଖାଏ ପ୍ରାଚୀର ବିଜ୍ଞାପନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବୈଦ୍ୟନାରାୟଣ ପାଢ଼ୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶୋଭନା ଦାଶ ଗତ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଡା.ଦୁର୍ଗାଦତ୍ତ ଦାଶ, ଡା. ମନୋଜ କୁମାର ଅଦାବର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରକାଶ କୁମାର ଦଣ୍ଡସେନା, ଡା. ଦିଲୀପ କୁମାର ପୁରୋହିତ, ଡା. ପଦ୍ମହଂସା ଦୋରା, ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ସରକାରୀ ଓକିଲ ଅଟଳ ବିହାରୀ ମହାପାତ୍ର, ଅନିତା ଗୁରୁ, କେଶବ ଚନ୍ଦ୍ର ମେହେର ଓ ଏନଏଚଏମ ଡିପିଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ କମିଟିର ଅଧ୍ୟକ୍ଷ ଓ ସଭ୍ୟ ବୃନ୍ଦ।

**ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ ୨୦୨୩



## ସାପ କାମୁଡ଼ାରେ ଛାତ୍ର ମୃତ

କୁତ୍ରା (ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେରାନା ଗ୍ରାମରେ ସାପ କାମୁଡାରେ ଜଣେ ୧୮ ବର୍ଷ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହିଗ୍ରାମର ପ୍ରଶାନ୍ତ ମିଞ୍ଜ। ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡିଥିଲା। ଏହା ଜାଣିପାରି ପରିବାରଲୋକେ ସାପକୁ ମାରିଦେଇଥିବା ବେଳେ ପ୍ରଶାନ୍ତଙ୍କୁ ପ୍ରଥମେ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଅଧିକ ଚିକିତ୍ସାପାଇଁ ରାଉରକେଲାକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା,୨୩।୮(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ବାସୁବାହାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଖଡୁମୁଣ୍ଡା(୫୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚାଯୋଗ୍ୟ, ଖଡୁମୁଣ୍ଡା ମଙ୍ଗଳବାର ତାଙ୍କ ଝିଅ ଘର କୁର୍ଡା ପଞ୍ଚାୟତ ବ୍ରାହ୍ମଣଗାଁକୁ ଯାଇଥିଲେ। ସନ୍ଧ୍ୟା ସମୟରେ କାହାରିକୁ କିଛି ନ କହି ଝିଅ ଘର ନିକଟରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଅନେକ ସମୟ ପରେ ଗଛରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖି ଗାଁ ଲୋକ ପରିବାରକୁ ଜଣାଇଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

### ମୁଣ୍ଡରେ ବନ୍ଧୁକ ରଖି ମରଣାନ୍ତକ ଆକ୍ରମଣ

ବେଦବ୍ୟାସ,୨୩।୮(ଆଲୋକ ସ୍ୱାଇଁ) : ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ରଖି ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଗର୍ଜନ ମହୁଲ ଟୋଳାର ମଙ୍ଗୁଲି ନାମକ ଜଣେ ବ୍ୟକ୍ତି ବୁଧବାର ସନ୍ଧ୍ୟାରେ ବଜାର କରି କାରରେ ପରିବାର ସହ ଫେରୁଥିବା ବେଳେ ୨ ବାଇକ୍‌ରେ ୫ ଦୁର୍ବୃତ୍ତ କାର ଚାଲାକ୍ ଓସ୍କାର ମୁଣ୍ଡରେ ବନ୍ଧୁକ ରଖି ଥିଲେ। ପରେ ଦୁର୍ବୃତ୍ତମାନେ ମଙ୍ଗୁଲିଙ୍କ ମୁଣ୍ଡ, ହାତ ଓ ଗୋଡ଼କୁ ହାଣି ଥିଲେ। ମଙ୍ଗୁଲି ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରି ପାରି ନ ଥିଲେ। ମଙ୍ଗୁଲିଙ୍କୁ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ(ରାତି ୧୦.୩୦) ଥାନାରେ କୌଣସି ଏତଲା ହୋଇନାହିଁ। ତେବେ ଜମିଜୁମାକୁ ନେଇ ଏପରି ହୋଇଥିବା ଚର୍ଚ୍ଚା ହେଉଛି।

### ୩ ଦିନିଆ ନୂଆଖାଇ ଛୁଟି ଘୋଷଣା ପାଇଁ ଆର୍‌ଡିସିଙ୍କୁ ଚିଠି ଲେଖିଲେ ବିଧାୟିକା

ସୁନ୍ଦରଗଡ,୨୩।୮(ଜୟ ନାରାୟଣ ମେଣ୍ଡୁଲି)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଛୁଟି ୩ ଦିନ ଘୋଷଣା କରିବା ପାଇଁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଦାବି କରିଛନ୍ତି। ବିଧାୟିକା କୁସୁମ ଏନେଇ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ବିଧାୟିକା ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ,ପଶ୍ଚିମ ଓଡିଶାର ଏହି ମହାନ ଗଣ ପର୍ବ ପ୍ରତ୍ୟେକ ପରିବାର ଓ ଗାଁରେ ସମସ୍ତେ ମିଳିତ ହୋଇ ହର୍ଷ ଉଲ୍ଲାସ ମଧ୍ୟରେ ପାଳନ କରିଥାନ୍ତି। ଉତ୍ସବମୁଖର ହୋଇ ଉଠିଥାଏ ପୁରପଲ୍ଲୀ। ଏଣୁ ଗଣପର୍ବର ଗୁରୁତ୍ୱକୁ ଉପଲବ୍ଧି କରି ୩ ଦିନ ପାଇଁ ଛୁଟି ଘୋଷଣା ନିମନ୍ତେ ସେ ଦାବି କରିଛନ୍ତି।

### ଟ୍ରେଲରରୁ ଡ୍ରାଇଭରଙ୍କ ମୃତଦେହ ଜବତ

କୁତ୍ରା,୨୩।୮(ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍ ୱେ ଗଙ୍ଗାଜଳ ବସଷ୍ଟାଣ୍ଡ ନିକଟରେ ବୁଧବାର ଏକ ଟ୍ରେଲର(ସିଜି୨୨ଏକ୍ସ୯୩୫୧)ରୁ ଡ୍ରାଇଭରଙ୍କ ମୃତଦେହ ଜବତ କରାଯାଇଛି। ଖବର ଲେଖା ହେବା ସୁଦ୍ଧା (ସନ୍ଧ୍ୟା ୭ଟା) ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାବେଳେ ସାଇଣ୍ଟିଫିକ ଦଳକୁ ଖବର ଦିଆଯାଇଛି। ଲୁଟ୍ ପାଇଁ ତାଙ୍କୁ ଏଭଳି ଆକ୍ରମଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତ ଚାଳକଙ୍କ ବାମ ଜଙ୍ଘରେ ଛୁରିରେ ଆକ୍ରମଣ ହୋଇଥିବାର ଚିହ୍ନ ଥିବାବେଳେ ରକ୍ତ ବାହାରି ଚାଳକଙ୍କ ଗାଡି ଭିତରେ ହିଁ ମୃତ୍ୟୁ ହୋଇଛି। ପ୍ରକାଶ ଥାଉକି, ଟ୍ରେଲରଟି କୋଇଡାରୁ ଲୁହାପଥର ନେଇ ଆସୁଥିବା ଜଣାପଡିଛି। ମଙ୍ଗଳବାର ରାତି ୧୧ ଟାରେ ରମାବାହାଲସ୍ଥିତ ଟୋଲଗେଟ ଅତିକ୍ରମ କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

# ବିଜୁଳିବନ୍ଧ ପ୍ରକଳ୍ପ ନେଇ ଆଲୋଚନା

ସୁନ୍ଦରଗଡ,୨୩।୮(ଜୟନାରାୟଣ ମେଣ୍ଡୁଲି)



ଆଲୋଚନା ସମୟରେ ଜିଲା ଖଣିଜ ପ୍ରତିଷ୍ଠାନର ଅଧିକାରୀ ଓ ନାଗରିକ କମିଟିର ସଦସ୍ୟ।



ବିଜୁଳିବନ୍ଧ।

ସୁନ୍ଦରଗଡ ସହରର ବିଜୁଳି ବନ୍ଧ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ବିଳମ୍ବ ନେଇ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ନାଗରିକ କମିଟି ମଧ୍ୟରେ ବୁଧବାର ଆଲୋଚନା ହୋଇଛି। ନିକଟରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ସୁନ୍ଦରଗଡ ଗସ୍ତ ସମୟରେ ସୁନ୍ଦରଗଡ ନାଗରିକ କମିଟି ତରଫରୁ ସହରର ବିଭିନ୍ନ ପ୍ରମୁଖ ସମସ୍ୟା ଓ ସହରର ବିକାଶ ସମ୍ପର୍କିତ ଅନେକ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଜୁଳିବନ୍ଧ ପ୍ରକଳ୍ପର ଅହେତୁକ ବିଳମ୍ବ ପ୍ରମୁଖ ଦାବି ଥିଲା। ଏହି ପ୍ରକଳ୍ପ କାମକୁ ନେଇ ନାଗରିକ କମିଟିର ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଖଣିଜ ପ୍ରତିଷ୍ଠାନ ସଭାଗୃହରେ ଆଲୋଚନା ହୋଇଥିଲା । ନାଗରିକ କମିଟି ତରଫରୁ ପ୍ରକଳ୍ପ ନେଇ ଅନେକ ପ୍ରଶ୍ନ ପଚରାଯାଇଥିବା ବେଳେ ଖଣିଜପ୍ରତିଷ୍ଠାନର ପ୍ରକଳ୍ପ ଅଧିକାରୀମାନେ ସଠିକ ତଥ୍ୟ ପ୍ରଦାନ କରି ପାରି ନ ଥିଲେ। ଏହାକୁ ନେଇ କମିଟି ତରଫରୁ କ୍ଷୋଭ ପ୍ରକାଶ ପାଇଥିଲା। ଏଣୁ

### ଠିକ୍ ତଥ୍ୟ ପ୍ରଦାନ କରିବାରେ ବିଫଳ ପ୍ରତିଷ୍ଠାନ

ସଠିକ ତଥ୍ୟ ସଂଗ୍ରହ ପାଇଁ ଏହି ପ୍ରକଳ୍ପ ସହିତ ଜଡିତ ପୌର ପରିଷଦ କର୍ତ୍ତୃପକ୍ଷ, ଜଳସେଚନ ବିଭାଗକୁ ନେଇ ଆଉ ଥରେ ଆଲୋଚନା କରିବାକୁ ନାଗରିକ କମିଟି ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ସହର ମଧ୍ୟଭାଗରେ ରାଜରାଜୁଡା ସମୟରୁ ଥିବା ବିରାଟ ଜଳାଶୟ ବିଜୁଳିବନ୍ଧର ଜଳଧାରଣ କ୍ଷମତା ଯୋଗୁ ଗ୍ରୀଷ୍ମଋତୁରେ ସହରର ଅନେକ କୂଅ, ବୋରୱେଲ ତଥା ଜଳାଶୟଗୁଡିକର ଜଳଧାରଣ କ୍ଷମତା ବଜାୟ ରହିପାରୁଛି । ସୁନ୍ଦରଗଡରେ ସୁରେନ୍ଦ୍ର କୁମାର ମୀନା ଜିଲାପାଳ ଭାବେ ଯୋଗଦାନ କରିବା ସମୟରୁ ବିଜୁଳିବନ୍ଧକୁ ଅନେକ ବାର ଖୋଳା ପୋତା କରାଯାଇଥିଲା । ପରବର୍ତ୍ତୀ ସମୟରେ ଜିଲାପାଳ ଭାବେ ଯୋଗଦାନ କରିଥିବା ନିଖିଲ ପବନ କଲ୍ୟାଣଙ୍କ ସମୟରେ ଏହାକୁ ଏକ ବୃହତ୍ ପ୍ରକଳ୍ପ ଭାବରେ କରିବା ସକାଶେ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟେଣ୍ଡର ସମୟରେ ପ୍ରକଳ୍ପ ନିର୍ମାଣ ସକାଶେ ଠିକାସଂସ୍ଥା ପାଇଁ ରଖାଯାଇଥିବା ଅନେକ ସର୍ତ୍ତ ଯୋଗୁ ସ୍ଥାନୀୟ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରି ନ ଥିଲେ। ଦିଲ୍ଲୀର ଏକ ଠିକା ସଂସ୍ଥା ୱାପକସ୍ ଟେଣ୍ଡର ପାଇଥିବା ବେଳେ ଏହି ସଂସ୍ଥା ନିଜେ କାମ ନ କରି ଅନ୍ୟଏକ ଠିକାସଂସ୍ଥାକୁ କାମ ଦେଇଥିଲା। ସେହି ଠିକାସଂସ୍ଥା ପୁଣି ଏକ ସ୍ଥାନୀୟ ଠିକା ସଂସ୍ଥା ଜରିଆରେ କାମ ଚଲାଇ ଥିବାରୁ ପ୍ରକଳ୍ପ ଠିକ ସମୟରେ ତିଆରି ହୋଇ ନ ପାରି ଅହେତୁକ ବିଳମ୍ବ ହେଉଥିବା ପ୍ରକଳ୍ପ ଅଧିକାରୀମାନେ ସ୍ୱୀକାର କରିଥିଲେ । ଏହାଛଡା ଟେଣ୍ଡରର ମୂଳ ମୂଲ୍ୟ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ପ୍ରଦାନ କରିବାରେ ପ୍ରକଳ୍ପ ଅଧିକାରୀମାନେ ଜାଣିଶୁଣି ହେଉ ଅବା କୌଣସି ଚାପର ବଶବର୍ତ୍ତୀ ହୋଇ ତଥ୍ୟ ପ୍ରଦାନ କରୁ ନ ଥିବାରୁ ନାଗରିକ କମିଟିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। କମିଟି ତରଫରୁ ସଭାପତି ଅଶୋକ କୁମାର ଦାଶଙ୍କ ସହିତ ବରିଷ୍ଠ ସଦସ୍ୟ ନିମାଇଁ ଚରଣ ନାଏକ, ବେଣୁମାଧବ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ସଂପାଦକ ଧର୍ମେଶ ପଟେଲ, ଉପସଭାପତି ପ୍ରଦିପ ସିଂ, ଅଜିତ ପ୍ରସାଦ, ପ୍ରଣବ ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଜିଲା ଖଣିଜ ପ୍ରତିଷ୍ଠାନର ସିଇଓ ତଥା ଅନ୍ୟ ପ୍ରକଳ୍ପ ଅଧିକାରୀଗଣ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ଯୋଗାଣ ସହାୟକ ସଂଘର ୬ ଦଫା ଦାବିପତ୍ର ପ୍ରଦାନ

କୁତ୍ରା,୨୩।୮(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବିଡିଓଙ୍କ ଜରିଆରେ ବୁଧବାର ଯୋଗାଣ ସହାୟକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ଶାସନ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟିତ୍ୱ ଏବଂ ମାସିକ ଦରମା ୨୫ ହଜାରକୁ ବୃଦ୍ଧି, ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ ପ୍ରଦାନ, କାର୍ଯ୍ୟରତ ଯୋଗାଣ ସହାୟକଙ୍କ ମୃତ୍ୟୁକାଳିନ ସହାୟତା ପ୍ରଦାନ ସହିତ ତାଙ୍କ ପରିବାରର ଜଣଙ୍କୁ ଚାକିରି ପ୍ରଦାନ, ଯୋଗାଣ ସହାୟକଙ୍କୁ ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରି ଉକ୍ତ ପଦବିକୁ ସହକାରୀ ଯୋଗାଣ ନିରୀକ୍ଷକ ଭାବେ ନାମିତ କରିବା, ମାସିକ ପିଡିଏସ୍ ଆବଣ୍ଟନରେ ୨ ପ୍ରତିଶତ ନିଅଣ୍ଟକୁ ଭରଣ କରିବା ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ୨ରୁ ୩ ତିନି ଦିନ ମଧ୍ୟରେ ଦାବି ଗୁଡିକୁ ପୂରଣ କରିବା ପାଇଁ ଓଡିଶା ରାଜ୍ୟ ଯୋଗାଣ ସହାୟକ ସଂଘ ନିବେଦନ କରିଛି। ଯଦି ଦାବି ପୂରଣ ନ ହୁଏ ତେବେ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ରାଜ୍ୟର ସମସ୍ତ ଯୋଗାଣ ସହାୟକ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଉଲ୍ଲେଖ କରିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି କାରଖାନା କର୍ମଚାରୀ ଗୁରୁତର

ଲହୁଣୀପଡ଼ା,୨୩।୮(ଦାଶରଥି ପଣ୍ଡା)



କାରଖାନା ନିକଟ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର।

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଡୁମକଲା ଗ୍ରାମସ୍ଥିତ ଭାସ୍କର ସ୍ପଞ୍ଜ କାରଖାନାରେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ଜଣେ ଯୁବକ ବୁଧବାର ସକାଳ ପ୍ରାୟ ସାଢେ ୬ଟା ବେଳେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି ।

ପ୍ରକାଶ ଯେ, ବିହାର ଔରଙ୍ଗାବାଦ ଜିଲା ଅନ୍ତର୍ଗତ ଦୁର୍ଗା ଗ୍ରାମର ରାଜୁ ଶର୍ମାଙ୍କ ପୁଅ ରଞ୍ଜୟ (୨୮) ଭାସ୍କର ସ୍ପଞ୍ଜ କାରଖାନାରେ ଦୀର୍ଘ ଦିନ ହେଲା ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ କାରଖାନା କଲୋନୀରେ ରହୁଥିଲେ। ସକାଳେ ଶୌଚ ପାଇଁ ନିକଟସ୍ଥ ପଡ଼ିଆକୁ ଯାଇଥିବା ବେଳେ ୩୩କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ତାଙ୍କ ଶରୀରର ଶତକଡା ୭୦ ଭାଗ ପୋଡିଯାଇଛି । ସ୍ଥାନୀୟ ଲୋକେ ଦେଖି କାରଖାନା କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଖବରପାଇ କାରଖାନା କର୍ମଚାରୀମାନେ ତାଙ୍କୁ ପ୍ରଥମେ ବଣେଇ ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ରାଜାମୁଣ୍ଡା ବିଦ୍ୟୁତ୍ ସବ୍‌ଷ୍ଟେଶନ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ, ବହୁତ ଆଗରୁ ୩୩ କେଭି ଲାଇନ ଯାଇଛି। କିନ୍ତୁ କାରଖାନା ପକ୍ଷରୁ ସେଠାରେ ବର୍ଜ୍ୟବସ୍ତୁ ପକାଯିବା ଯୋଗୁ ଉଚ୍ଚତା କମିଯିବା ଦ୍ୱାରା ଏଭଳି ହୋଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ବୁଧବାର ଲହୁଣୀପଡ଼ା ଥାନାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏତଲା ଦିଆଯାଇଛି ବୋଲି ସୂଚନା ମିଳିଛି। ତେବେ ଏନେଇ କାରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ ।

ସୂଚନାଯୋଗ୍ୟ, ଭାସ୍କର ସ୍ପଞ୍ଜ କାରଖାନା ପକ୍ଷରୁ ବର୍ଜ୍ୟବସ୍ତୁ ପକାଯିବା ଦ୍ୱାରା ନିକଟରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ଉଚ୍ଚତା ହ୍ରାସ ପାଇଥିଲେ ମଧ୍ୟ କାରଖାନା ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏହାକୁ ନେଇ ଡୁମକଲା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଗ୍ରାମର ବହୁ ବ୍ୟକ୍ତି ଉକ୍ତ ଅଞ୍ଚଳକୁ ଗାଈ ଛେଳି ଚରେଇବା ପାଇଁ ନେଇଥାନ୍ତି। ଏହାର ତୁରନ୍ତ ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଅଧିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। କାରଣ ଏହା ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିବାର ନଜିର ଅଛି। ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ବହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଫାଟକ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ସମ୍ବଲପୁର,୨୩।୮(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଫାଟକ ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୟନ ମହାମାୟା ମନ୍ଦିର ପରିସରରେ କରାଯାଇଛି। ଆଇନଜୀବୀ ସୁଶାନ୍ତ ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସର୍ବସମ୍ମତି କ୍ରମେ ବୁଲୁ ବିଶ୍ୱାଳଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଏଥିସହ ବଦ୍ରିନାରାୟଣ ମିଶ୍ର, ଅନିଲ ବେହେରା, ଦୁର୍ଗା ତ୍ରିପାଠୀ, ଚନ୍ଦ୍ର ଭୂମିଜ, ହର୍ସ ସାହୁ, ମନୋଜ ଦାଶ ଉପସଭାପତି, ସୁଶାନ୍ତ କୁମାର ଡନସନା ସମ୍ପାଦକ, ମୋହନ ମୁଣ୍ଡା, ବଳରାମ ମୁଣ୍ଡା, ରାଜେଶ ବେହେରା, ରୋଶନ ପାଢ଼ୀ ଓ ବାବୁଲୁ ଜାଲ ସହ ସମ୍ପାଦକ, ଚିତ୍ତବୋଧ ବିଶ୍ୱାଳ କୋଷାଧ୍ୟକ୍ଷ, ଦିପକ କୁଅଁର ସହ କୋଷାଧ୍ୟକ୍ଷ ଏବଂ ଗୌତମ ମିଶ୍ର ମିଡିଆ ପ୍ରଭାରୀ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଦୁର୍ଗାପୂଜା ୬୯ ବର୍ଷରେ ପହଞ୍ଚିଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂଜାକୁ ଆକର୍ଷଣୀୟ କରାଯିବାକୁ ଆଲୋଚନା କରାଯାଇଥିଲା ।

## ଚନ୍ଦ୍ରୟାନ-୩ର ସିଧା ପ୍ରସାରଣ ଦେଖିଲେ ସ୍କୁଲ ଛାତ୍ରୀଛାତ୍ର



ସୁନ୍ଦରଗଡ,୨୩।୮(ଜୟ ନାରାୟଣ ମେଣ୍ଡୁଲି)

ଭାରତର ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଚନ୍ଦ୍ରୟାନ-୩ ବୁଧବାର ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ସୁନ୍ଦରଗଡ ଜିଲାର ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦେଖିବା ସକାଶେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ଜିଲାର ବହୁ ସଂଖ୍ୟକ ଛାତ୍ରୀଛାତ୍ର ସ୍ମାର୍ଟ ବୋର୍ଡରେ ଏହି କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭର୍ଚୁଆଲ ଲାବରୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ଖଣିଜ ପ୍ରତିଷ୍ଠାନର ସିଇଓ ସୁଷମା ବିଲୁଙ୍ଗ, ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା,ଏନଆଇଟିର ଆସୋସିଏଟ ପ୍ରଫେସର ଅନନ୍ତ ଚନ୍ଦ୍ର ପ୍ରଧାନ, ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ରାଧାନାଥ ମିଶ୍ର, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଯୋଶୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଛାତ୍ରମାନଙ୍କୁ ଚନ୍ଦ୍ରୟାନ-୩ର କାର୍ଯ୍ୟକାରିତା ସମ୍ବନ୍ଧରେ ଧାରଣା ଦେଇଥିଲେ।

## ୨୫ରୁ ଇଣ୍ଟର ନ୍ୟାଶନାଲ ଟ୍ରେଡ୍ ଏକ୍ସପୋ ମେଳା



ରାଉରକେଲା,୨୩।୮(ଦିନେଶ ମିଶ୍ର)

ସେକ୍ଟର-୧୩ ସ୍ଥିତ ମେଲଣ ପଡିଆରେ ଆସନ୍ତା ୨୫ରେ ଇଣ୍ଟର ନ୍ୟାଶନାଲ ଟ୍ରେଡ ଏକ୍ସପୋ ମେଳା ଉଦ୍‌ଘାଟିତ ହେବ। ମେଳାରେ ଥାଇଲାଣ୍ଡ, ଆଫଗାନିସ୍ଥାନ, ବାଙ୍ଗଲାଦେଶ, ମାଲେସିଆ ସମେତ ଭାରତର ଦିଲ୍ଲୀ, ପଞ୍ଜାବ, ମୁମ୍ବାଇ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ରାଜ୍ୟରୁ ପ୍ରସିଦ୍ଧ ସାମଗ୍ରୀ ନେଇ ବିଭିନ୍ନ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ଉପକରଣକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରିବେ। ଏଥିସହ ମେଳାରେ ମାଲେସିଆ ଫାଉଣ୍ଟେନ୍, ଥାଇଲାଣ୍ଡର ମେଳା ପାଇନ, କୋକରି, ଆଫଗାନିସ୍ଥାନର ଡ୍ରାଏ ଫ୍ରୁଡ୍, ବାଙ୍ଗଲାଦେଶର ସିଲକି ଶାଢୀ ସମେତ ଦିଲ୍ଲୀର ବିଭିନ୍ନ ଗାରମେଣ୍ଟସ୍, ଆସାମର ହ୍ୟାଣ୍ଡଲୁମ, ବୋଧେଇର କାରପେଟ, କେରଳ ରାଜ୍ୟର ହାଲୁଆ ରହିବ। ଏଥିରେ ମୋଟ ୨୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେବ। ମେଳାରେ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି, ମେହେନ୍ଦୀ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କୃତ କରାଯିବ। ଏଥିସହ ମେଳରେ ସୁସ୍ୱାଦୁ ବ୍ୟଞ୍ଜନ ସହ ପିଲାମାନଙ୍କ ପାଇଁ ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି। ସହରରେ ପ୍ରଥମ ଥର କରି ଲାଗୁଥିବା ଇଣ୍ଟର ନ୍ୟାସନାଲ ଟ୍ରେଡ ଏକ୍ସପୋ ମେଳାରେ ବହୁ ସଂଖ୍ୟାରେ ସହରବାସୀ ଯୋଗ ଦେବା ପାଇଁ ଆୟୋଜକ ମଣ୍ଡଳି ପକ୍ଷରୁ ଅନୁରୋଧ କରାଯାଇଛି। ଏନେଇ ଆୟୋଜକ କମିଟି ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଉକ୍ତ ମେଲଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ବରିଷ୍ଠ ସଦସ୍ୟ ବୀର ବାହାଦୂର ସିଂହ, ଆକାଶ ଯାଦବ, ନିରଞ୍ଜନ ନାୟକ ଉପସ୍ଥିତ ରହି ମେଳାର ଆୟୋଜନ ବିଷୟରେ ସମ୍ପୃକ୍ତ ବିବରଣୀ ପ୍ରଦାନ କରିଥିଲେ।

## କାର୍ଯ୍ୟ ପରିଦର୍ଶନ କଲେ ଜିଲା ଉନ୍ନୟନ ଅଧିକାରୀ

ବଡ଼ଗାଁ,୨୩।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି ଜିଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ ସତ୍ୟବାନ୍। ଝାରମୁଣ୍ଡା ଗାଁରେ କାଜୁ ଚାଷ, ଜମର୍ଲା ଗାଁରେ ଛତୁ ଚାଷ, ସିଙ୍ଗାରମୁଣ୍ଡା ଗୋଷ୍ଠୀ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଅଗ୍ରଗତି, ବଡଖମନ୍ ଗାଁରେ ଗ୍ରାମବାସୀଙ୍କ ଦ୍ୱାରା କରାଯାଇଥିବା ଜମି ଉନ୍ନୟନ କାର୍ଯ୍ୟ, ଏକମା ଗାଁରେ ମାଛ ଚାଷ ଓ ନିର୍ମାଣଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ, ବାମଡେରା ଗାଁରେ ନିର୍ମିତ ଅମୃତ ସରୋବର, ସେଚକୁପ ଆଦି ବିଭିନ୍ନ କାର୍ଯ୍ୟ ଗୁଡିକୁ ଦେଖିଥିଲେ। ଏହି ସମୟରେ ବଡ଼ଗାଁ ବିଡିଓ କ୍ଷମନିଧି ଭୋଇ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଏପିଓ ତପନ କୁମାର ପୂଜାରୀ, ପ୍ରଭାତ କିଷାନ, ବିପିଏଲ ରାଜେଶ କୁଲୁ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକ ଉପସ୍ଥିତ ଥିଲେ।

## ପ୍ଲାଣ୍ଟସ୍ତରୀୟ ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତାର ବିଜେତା ପୁରସ୍କୃତ



ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

ରାଉରକେଲା,୨୩।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଆର୍ ଆଣ୍ଡ ସି ଲ୍ୟାବଠାରେ ପ୍ଲାଣ୍ଟସ୍ତରୀୟ ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗୀତାର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଆୟୋଜିତ ପୁରସ୍କାର ଉତ୍ସବରେ ଗୁଣବତା ବିଭାଗ ସିଜିଏମ୍ ଆତିଶ ଚନ୍ଦ୍ର ସରକାର ଏଥିରେ ଅଧ୍ୟକ୍ଷତା କରି ପ୍ରତିଯୋଗୀତାରେ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ଗୁଣବତ୍ତା ମଣ୍ଡଳୀ ଦଳଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ୨୪ଟି ଦଳ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲେ। ପୁରସ୍କୃତ ଦଳ ମାନଙ୍କର ବିଚାରକ ମଣ୍ଡଳୀ ପ୍ୟାନେଲରେ ବିଜନେସ୍ ଏକ୍ସଲେନ୍ସ ଓ ଆଇଇଡି ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଚୈତାଳୀ ଦାସ, ମେକାନିକାଲ ସପ ଓ ଫାଉଣ୍ଡ୍ରି ବିଭାଗ ଜିଏମ୍ ଇନଚାର୍ଜ ଶେଖର ନାରାୟଣ,ଏସଏମ୍‌ଏସ ବିଭାଗ ଜିଏମ୍ ଏସଆର୍ ପତି ଓ ନୂତନ ପ୍ଲେଟମିଲ ବିଭାଗ ଜିଏମ୍ ନୀଳମଣୀ ମହାପାତ୍ର ଏବଂ ହଟ୍ ଷ୍ଟ୍ରିପ ମିଲ-୧ ବିଭାଗର ଜିଏମ୍ ଇନଚାର୍ଜ କେ. ସମଜଦାର ସାମିଲ ଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଆତିଶ ଚନ୍ଦ୍ର ସରକାର ଗୁଣବତ୍ତା ମଣ୍ଡଳୀଙ୍କ ଅବଦାନ ଏବଂ ସୃଜନଶୀଳ ଚିନ୍ତାଧାରାକୁ ଉପଯୋଗ କରି କାରଖାନା କିଭଳି ଉପକୃତ ହୋଇଛି ସେ ଉପରେ ଆଲୋକପାତ କରିଥିଲେ। ଆର୍‌ସିଏଲ ବିଭାଗର ମ୍ୟାନେଜର ସୁଶ୍ରୀ ଅଙ୍କିତା ବିଲୁଙ୍ଗ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସିନିୟର ଟେକ୍ନିସିଆନ ଜେ. ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ଡିସିସି ବ୍ୟାଙ୍କ ପକ୍ଷରୁ ସ୍କୁଟର ଋଣମେଳା



ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ ଝାରସୁଗୁଡ଼ା ଶାଖା ପକ୍ଷରୁ ମିଶନ ଶକ୍ତି ବିଭାଗ ମୋ ସ୍କୁଟର ଯୋଜନା ଅଧୀନରେ ମହିଳା ଏସ୍‌ଏସ୍‌ଜିଙ୍କୁ ସାମିଲ କରାଯାଇଛି । ମହିଳା ଶସକ୍ତୀକରଣ ପାଇଁ କମ୍ୟୁନିଟି ଷ୍ଟାଫ୍ କାର୍ଯ୍ୟକାରୀ ସଦସ୍ୟାମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୧୬ ଜଣଙ୍କୁ ଋଣ ମଞ୍ଜୁରୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ଡିସିସି ବ୍ୟାଙ୍କ ନିର୍ଦ୍ଦେଶକ ତଥା ଝାରସୁଗୁଡା ଶାଖା ଚେୟାରମ୍ୟାନ ଜୟ ପ୍ରକାଶ କୁଅଁର, ବ୍ୟାଙ୍କର ସିଇଓ ଅମୂଲ୍ୟାନନ୍ଦ ମହାନ୍ତି, ବ୍ୟାଙ୍କ ଶାଖା ପରିଚାଳିକା ରୋଜାଲିନ ବାଗ, ବ୍ଲକ ପ୍ରକଳ୍ପ ସଂଯୋଜିକା (ମିଶନ ଶକ୍ତି) ଷ୍ମୁସିତ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୪୩ ନମ୍ବର ଜାତୀୟ ରାଜପଥର ପୁନରୁଦ୍ଧାର ପାଇଁ ଦାବିପତ୍ର

କୁଆଁରମୁଣ୍ଡା,୨୩।୮(ମହେନ୍ଦ୍ର କୁମାର ସାହୁ)



ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ସହ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଆଲୋଚନା କରୁଛନ୍ତି।

୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ନିକଟରୁ ଫାଣ୍ଡି ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ମରାମତି ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଫଳରେ ଯାତାୟତରେ ସମସ୍ୟା ହେଉଛି ।ଏ ନେଇ ବୁଧବାର ରାଉରକେଲାସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ବିଜେଡ଼ି ରାଉରକେଲା ସାଂଗଠନିକ ଜିଲା ସାଧରଣ ସମ୍ପାଦକ ତଥା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଏନଏଚଏଆଇ କର୍ତ୍ତୃପକ୍ଷ ଏକ ସପ୍ତାହ ମଧ୍ୟରେ ଶୋଚନୀୟ ହୋଇ ପଡିଥିବା ଉକ୍ତ ରାସ୍ତା ମରାମତି ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲା ପରିଷଦ ସଭ୍ୟ କୁଜୁରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ମରାମତି ଶେଷ ହେବା ପରେ ଉକ୍ତ ରାଜପଥର ଦାୟିତ୍ୱ ପିଡବ୍ଲ୍ୟୁଡି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି । ଏହି ଅବସରରେ ଉଭୟ ଏନଏଚଏଆଇ କର୍ତ୍ତୃପକ୍ଷ ଓ ପିଡବ୍ଲ୍ୟୁଡିର ଏସଡିଓଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପ ହୋଇ ବୃତାନ୍ତ ନିଷ୍ପତ୍ତି ନିଆଯାଇଛି ବୋଲି କୁଜୁର ସୂଚନା ଦେଇଛନ୍ତି ।ଏହି ଖବର ପ୍ରଚାରିତ ହେବା ପରେ କୁଆଁରମୁଣ୍ଡାବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ସୂଚନାଯୋଗ୍ୟ, ଦୀର୍ଘ ୮ ବର୍ଷ ହେଲା ଏହି ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି । ଏ ସମ୍ପର୍କରେ କୁଆଁରମୁଣ୍ଡାବାସୀ ପ୍ରଶାସନ ଠାରୁ ଆରମ୍ଭ କରି ନେତା,ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ ।

**ଚନ୍ଦ୍ରୟାନ-୩ର ସଫଳତା ନେଇ ଜୁନାଗଡ଼ରେ ଉତ୍ସବର ମାହୋଲ**

ଜୁନାଗଡ଼,(ସୁନୀଲ କୁମାର ସିଂହ): ଚନ୍ଦ୍ରୟାନ-୩ର ସଫଳତା ନେଇ ବୁଧବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟ ନିକଟରେ ବାଣ ଫୁଟାଇବା ସହ ରାସ୍ତାରେ ଯାଉଥିବା ଲୋକଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରୋ ବୈଜ୍ଞାନିକ ଓ ଚନ୍ଦ୍ରୟାନ-୩ର ସମସ୍ତ ଟିମକୁ ନଗରପାଳ ଅଗ୍ରୱାଲ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଜୁନାଗଡ଼,୨୩।୮(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ଗ୍ରାମର କିଶୋର ହଂସ (୩୦) ନାମକ ଜଣେ ଯୁବକ ତେଲଙ୍ଗାନାକୁ



ଦାଦନ ଖଟିଯାଇ ସେଠାରେ ସୋମବାର ମୃତ୍ୟୁ ବରଣ କରିଛନ୍ତି। କିଶୋରଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ବନିତା ଓ ୮ ବର୍ଷର ପୁଅ ରାହୁଲ ଦୁଃଖରେ ଭାଙ୍ଗିପଡିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମୃତଦେହ ଗାଁକୁ ଆସିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, କିଶୋର ୩ ବର୍ଷ ହେଲା ତେଲଙ୍ଗାନାର ଲାଲଗୁଣ୍ଡାଠାରେ ଏକ କମ୍ପାନୀରେ କାମ କରୁଥିଲେ। ଗତ କିଛିଦିନ ତଳେ ତାଙ୍କୁ ସାମାନ୍ୟ ଜ୍ୱର ହେଉଥିବା ଜାଣି କମ୍ପାନୀ କର୍ମଚାରୀମାନେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ସ୍ୱାମୀଙ୍କ ଜ୍ୱର ହେବା ଖବର ଜାଣି ସ୍ତ୍ରୀ ବନିତା ଘରକୁ ଆସିବା ପାଇଁ କହିଥିଲେ। କିଶୋର ନୂଆଁଖାଇରେ ଘରକୁ ଯିବା ପାଇଁ ସ୍ତ୍ରୀ ଓ ପୁଅକୁ କହିଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ ପ୍ରକାର ନୂଆଖାଇକୁ ଆସିବା କଥା ଅଧାରେ ରହିଯାଇଥିଲା। କିଶୋରଙ୍କ ମୃତ୍ୟୁ ପରେ ପରିବାର ବୋଝ ସ୍ତ୍ରୀ ବନିତାଙ୍କ ହାତରେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅସହାୟ ପରିବାରକୁ ସହାୟତା କରିବାକୁ ଦାବି ହୋଇଛି।

### କୂଅରେ ପଡ଼ି ଚାଷୀଙ୍କ ମୃତ୍ୟୁ

ଜୁନାଗଡ଼,୨୩।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ପରିଆ ଗାଁରେ ବୁଧବାର



ଅପରାହ୍ଣରେ ଗ୍ରାମର ଏକ କୂଅରେ ପଡି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁରେନ୍ଦ୍ର ମିଶ୍ର (୫୩)। ମିଳିଥିବା ସୂଚନା ଅନୁଯାୟୀ, ରାସ୍ତା ନିକଟରେ ଏହି କୁଅ ରହିଥିବା ବେଳେ ଉକ୍ତ ରାସ୍ତା ଦେଇ ସୁରେନ୍ଦ୍ର ଯାଉଥିଲେ। ବର୍ଷା ଯୋଗୁ ହଠାତ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ସେ କୂଅରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୪/୨୩) ରୁଜୁ ହୋଇଛି।

### ଜ୍ୟୋତିଷ ଗବେଷଣା ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆପଡ଼ା,୨୩।୮(ମକାରୁ ବେମାଲ)

ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦଙ୍କ ତତ୍ତ୍ୱାବଧାନରେ ଜ୍ୟୋତିର୍ବିଦଙ୍କ ଜ୍ଞାନକୌଶଳ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଜିଲାର ସମସ୍ତ ଜ୍ୟୋତର୍ବିଦଙ୍କ ମିଳିତ ଉଦ୍ୟମରେ ନୂଆପଡା ଜିଲା ଖଡିଆଳ ଆହାର କେନ୍ଦ୍ର ନିକଟ ଜିତେନ୍ଦ୍ର ପଟ୍ଟନାୟକଙ୍କ ଗୃହରେ ଅଖିଳ ଭାରତୀୟ ଜ୍ୟୋତିଷ ଗବେଷଣା ଟ୍ରଷ୍ଟ ମୁଖ୍ୟ କାର୍ଯ୍ୟାଳୟ ଉଦଘାଟନ କରାଯାଇଛି। ଟ୍ରଷ୍ଟ ସଭାପତି ଡ.ଅର୍ଜ୍ଜୁନ ବାଗଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବରେ କାଉନସିଲର କୁମାରୀ ରେବତୀ ଶବର ମୁଖ୍ୟଅତିଥି, ବଲାଙ୍ଗୀର ଜିଲା ଜ୍ୟୋତିର୍ବିଦ ଅଧ୍ୟକ୍ଷ ତେଜରାଜ ରଣା, ସଂକିର୍ତନ ଜିଲା ସଭାପତି ଅଶୋକ ନାଏକ, କଳା ସାଂସ୍କୃତିକ ସଂଘ ଜିଲ୍ଲଲା ଉପସଭାପତି ଅର୍ଜୁନ ଛତ୍ରିଆ, ଅଖିଳ ଭାରତୀୟ ଜ୍ୟୋତିଷ ଗବେଷଣା ଟ୍ରଷ୍ଟ କୋଷାଧ୍ୟକ୍ଷ ବୈକୁଣ୍ଠ ଶଗରିଆ, ଉପସଭାପତି ଚତୁର୍ଭୂଜ ରଣା, ସିନାପାଲି ବ୍ଲକ ସଭାପତି ଉଗ୍ରେସନ ମାଝି, କୋମନା ବ୍ଲକ ସଭାପତି ଗୌରୀ ଶଙ୍କର ଗହିର, ଅମର ବିଳାଶ ପଟେଲ, ଓଙ୍କାର ମାଝି, ପଦ୍ମ ଚରଣ ମେହେର, ଧନପତି ପଣ୍ଡା, ବଲିଆର ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବସନ୍ତ ଶବର ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ଘଣ୍ଟା ଖଡ଼ିଆଳ ବନ୍ଦ

**ଫେସବୁକ୍‌ରେ ଅଶ୍ଳୀଳ ଫଟୋ ପୋଷ୍ଟ କରିବା ଘଟଣା**

ଖଡ଼ିଆଳ,୨୩।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହରର ଜଣେ ମୁସଲମାନ ଯୁବକ ହିନ୍ଦୁ ଦେବଦେବୀଙ୍କୁ ଅଶ୍ଳୀଳ ଏବଂ ଅପମାନ ସୂଚକ ଭିଡିଓ ଫେସବୁକରେ ପୋଷ୍ଟ କରିବା ଘଟଣାକୁ ସବୁମହଲରେ ନିନ୍ଦା କରାଯାଇଛି। ଏହି ଘଟଣା ନେଇ ଖଡିଆଳ ଥାନାରେ ମାମଲା ରୁଜୁ ହୋଇଛି। ମୁସଲମାନ ଯୁବକ ମହମ୍ମଦ ଆକିବା ରାଜୁଙ୍କୁ ବୁଧବାର ପୋଲିସ କୋର୍ଟ ଚଲାନ କରିଛି। ଏହି ଘଟଣା ନେଇ ବୁଧବାର ସମସ୍ତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଖଡିଆଳ ବନ୍ଦ ପାଳନ କରାଯାଇଛି। ଦୋକାନ ବଜାର ବନ୍ଦ ରହିଥିବା ବେଳେ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ, ସ୍କୁଲ, କଲେଜ ବନ୍ଦ ରହିଛି। ଅନୁଷ୍ଠାନ ସଦସ୍ୟମାନେ ମୋଟରସାଇକେଲରେ ପେକେଟିଂ କରିଥିବା ବେଳେ ଖଡିଆଳ ଥାନା ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧର୍ମ ଏବଂ ସମ୍ପ୍ରଦାୟକୁ ଆକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ସଙ୍ଗଠନ ପକ୍ଷରୁ ପ୍ରକାଶ କରିଛନ୍ତି। ବନ୍ଦ ପାଳନରେ ବସ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିବା ବେଳେ ୩୫୩ ନମ୍ବର ଜାତୀୟ ରାଜପଥ ମଧ୍ୟ ସ୍ୱାଭାବିକ ରହିଛି। ଖଡିଆଳ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ସମସ୍ତ ଛକ ଏବଂ ଜନଗହଳି ସ୍ଥାନରେ ପୋଲିସ ମୁତୟନ ହୋଇଥିଲ। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଖଡିଆଳ ସମଲେଶ୍ୱରୀ ମନ୍ଦିର ପରିସର ମଧ୍ୟରୁ ଏକ ରାଲି ଖଡିଆଳ ନଗର ପରିକ୍ରମା କରି ଥାନାରେ ହଞ୍ଚିଥିଲ। ହିନ୍ଦୁ ଦେବଦେବୀଙ୍କୁ ଦେଇଥିବା ଅପମାନ ସୂଚକ ମନ୍ତବ୍ୟ କିମ୍ବା ପୋଷ୍ଟ କରିଥିବା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ଏହି ରାଲିରେ ଖଡିଆଳ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଖଡିଆଳ ନଗରପାଳ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ସୁଜିତ୍ ପାତ୍ର, ସୁରେନ୍ଦ୍ର ଶର୍ମା, ବଷ୍ଟି ତାଣ୍ଡି, ବିନୋଦ ଅଗ୍ରୱାଲ ସହ ଶତାଧିକ ହିନ୍ଦୁ ଯୁବ ଗୋଷ୍ଠୀ ଯୋଗଦେଇଥିଲେ।




ଖଡ଼ିଆଳରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଦଳିତ ଅଧିକାର ମଞ୍ଚ ପକ୍ଷରୁ କ୍ୟାଣ୍ଡେଲ ସଭାଯାତ୍ରା

**ତୃତୀୟ ଶ୍ରେଣୀ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ଘଟଣା**

ଖଡ଼ିଆଳ,୨୩।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୁଢ଼ାପଡ଼ାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ଛାତ୍ର କେଶବ ଜଗତ ସୋମବାର ନାଳରେ ବୁଡି ମୃତ୍ୟୁବରଣ କରିଥିଲେ। ତାଙ୍କର ବିୟୋଗରେ ବୁଧବାର ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ କେଶବଙ୍କୁ ଶ୍ରଦ୍ଧାଞ୍ଜଳୀ କ୍ୟାଣ୍ଡେଲ ଯାତ୍ରା କରି କେଶବଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ପରିବାରଙ୍କୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ଦାବି କରିଛନ୍ତି। ଏହି ଉପଲକ୍ଷେ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଖଡିଆଳ ବୋଡ଼େନ ଛକଠାରୁ ବାହାରି ଖଡିଆଳ ସହର ପରିକ୍ରମା କରି ଆମ୍ବେଡ୍‌କର ଛକଠାରେ ସମାପନ ହୋଇଥିଲା। ସେଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ହୋଇଥିବା ବେଳେ ନିମାଇଁ ଚରଣ ତାଣ୍ଡି, ଗୌତମ ତାଣ୍ଡି, ପୁଷ୍ପାଞ୍ଜଳି ପାଣ୍ଡେ, ଝରାମଣୀ ପାନ, ଜ୍ୟୋତିଲାଲ ବଞ୍ଜାରେ, ହେମନ୍ତ ତାଣ୍ଡି, ସମେତ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଯୋଗଦେଇ କେଶବଙ୍କ ଆତ୍ମାର ସଦଗତି କାମନା କରିଥିଲେ।



ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।

## ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ପ୍ରଶାସନ ପକ୍ଷରୁ ଖଡିଆଳଠାରେ ସାମ୍ପ୍ରତିକ ପରିସ୍ଥିତିକୁ ଶାନ୍ତ କରିବା ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଭବିଷ୍ୟତରେ ଉଭୟ ସମ୍ପ୍ରଦାୟ ପକ୍ଷରୁ ଶାନ୍ତି ବଜାୟ ପାଇଁ ଆହ୍ୱାନ କରାଯାଇଛି। ବୈଠକରେ ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଳ ବିଡ଼ିଓ ବିରସେନା ବେହେରା, ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ନଗରପାଳ ଉଜ୍ଜଳ ଗୁପ୍ତା, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଉଭୟ ସମ୍ପ୍ରଦାୟର ପ୍ରତିନିଧି ଯୋଗଦେଇଥିଲେ। ଖଡିଆଳରେ ଭାଇଚାରା ସୃଷ୍ଟି କରିବା ସହ ଶାନ୍ତି ବଜାୟ ରଖିବାକୁ ନିଷ୍ପତ୍ତି ହୋଇଥିଲା।



ଶାନ୍ତି କମିଟ ବୈଠକରେ ଆଲୋଚନା କରାଯାଉଛି।

## ବାଲ୍ୟ ବିବାହ ନିରୁତ୍ସାହିତ ପାଇଁ ସଚେତନତା କାର୍ଯ୍ୟକ୍ରମ

**ଶିଶୁ ପାଇଁ ଦିନଟିଏ**

ଭବାନୀପାଟଣା,୨୩।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲ୍ୟ ବିବାହ ନିରୋଧ ଓ ବେଟି ବଚାଓ ବେଟି ପଢ଼ାଓର ଟାସ୍କ ଫୋର୍ସ ବୈଠକ କରାଯାଇଥିଲା। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ .ବିଶ୍ୱଜିତ୍ ଦାସ, ସିଡିଏମଓ ଡ଼. ଗିରିଶ ରାଉତ, ଡିଇଓ ସୁଶାନ୍ତ ଚୋପଦାର, ଡିଆଇପିଆର୍‌ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡିସିପିଓ ଶୈଳେନ୍ଦ୍ର ଶେଖର ମହାପାତ୍ର ସ୍ୱାଗତ କରିବା ସହ ପୂର୍ବ ବୈଠକ କାର୍ଯ୍ୟଧାରା ଉପରେ ବିବରଣୀ ପାଠ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗ୍ରାମ୍ୟ ତଥା ବ୍ଲକସ୍ତରରେ ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ପ୍ରତ୍ୟେକ ଗ୍ରାମର ୧୫ରୁ ୧୮ବର୍ଷ ବୟସ୍କ ବାଳକବାଳିକାଙ୍କ ତଥ୍ୟ ସଂଗ୍ରହ, ସେମାନଙ୍କ ବର୍ତ୍ତମାନ ସ୍ଥିତି ଓ ଶିକ୍ଷା ଅନୁଧ୍ୟାନ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀ, ସିଡିପିଓ, ଆଇସିଡିଏସ ସୁପରଭାଇଜର, ବିଇଓମାନେ ମିଳିତ ଉଦ୍ୟମ କରି ବ୍ଲକସ୍ତରରେ ତଥ୍ୟ ରଖିବେ। ବିଭିନ୍ନ ଧାର୍ମିକ ସ୍ଥଳ, ମନ୍ଦିର ପୁରୋହିତ, କଲ୍ୟାଣ ମଣ୍ଡପ, ବିବାହ କାର୍ଡ ପ୍ରିଣ୍ଟ ପ୍ରେସ, ଟେଣ୍ଟ ହାଉସ, ଡିଜେ ସଂଘମାନଙ୍କୁ ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ପାଇଁ କୌଣସି ବାଲ୍ୟ ବିବାହରେ ସାମିଲ ନ ହେବା ପାଇଁ ବିଭିନ୍ନ ଦଣ୍ଡ ବିଧାନ ଆଇନ ସମ୍ମିଳିତ ସ୍ୱତନ୍ତ୍ର ପତ୍ର ପ୍ରେରଣ କରାଯିବ। ଏହାସହ ଗ୍ରାମ୍ୟସ୍ତରୀୟ ଓ ପଞ୍ଚାୟତ ଟାସ୍କଫୋର୍ସ, ବ୍ଲକ ଟାସ୍କଫୋର୍ସ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତ ନିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବେଟି ବଚାଓ ବେଟି ପଢାଓ ଯୋଜନାର କାର୍ଯ୍ୟପନ୍ଥା ତଥା ଆଗାମୀ ଦିନରେରେ ଏହାର ସଫଳ ନିୟୋଜନ କିପରି ଭାବେ କରାଯାଇପାରିବ ତାଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ସଦ୍ୟ ଜନ୍ମ ଗ୍ରହଣ କରିଥିବା ଜଣେ ଶିଶୁ କନ୍ୟା ପାଇଁ ସ୍ୱାଗତ ଉତ୍ସବ, ମେଧାବୀ ଛାତ୍ରୀଙ୍କୁ ପ୍ରୋତ୍ସାହନ, ବିଜ୍ଞାନ, କଳା, କ୍ରୀଡା, ସଂସ୍କୃତି, ମେଡିକାଲ ଓ ଇଞ୍ଜିନିୟରିଂ ରେ ଜିଲାରେ ଶ୍ରେଷ୍ଠତା ପାଇଁ ଝିଅଙ୍କୁ ସ୍ୱତନ୍ତ୍ର ପୁରସ୍କାର ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ।




ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ସୂଚନା ଦେଉଛନ୍ତି।

## ସେପ୍ଟେମ୍ବର ୨୪ରେ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା,୨୩।୮(ମକାରୁ ବେମାଲ)

ସ୍ଥାନୀୟ ଜଳସେଚନ କଲୋନୀସ୍ଥିତ ମନ୍ଦିର ପ୍ରାଙ୍ଗଣରେ କୋଶଳଭାଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ୨୦୨୩ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ହରିଶ୍ଚନ୍ଦ୍ର ପଣ୍ଡା, ପ୍ରବୋଧ ହୋତା, ସୁବଳ ପଣ୍ଡା, ସଞ୍ଜୟ ପାଢୀ, ଯାଜ୍ଞସେନି ମହାପାତ୍ର, ପ୍ରତିଭା ହୋତା, ରବି ରାଜ ମାଝି, ମୁରଲିଧର ସୁନା, କୃଷ୍ଣଚନ୍ଦ୍ର ସିଂ, ଲୋକନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୨୦ରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ତିହାର ଅନୁଷ୍ଠିତ ହେବ। ଭାଇ ଚାରାକୁ ବଜାୟ ରଖିବା ସହ ପରସ୍ପରକୁ ମିଳନ ହେବା ପାଇଁ ଆସନ୍ତା ସେପ୍ଟେମ୍ବର ୨୪ରେ ନୂଆଁଖାଇ ଭେଟଘାଟ ନୂଆପଡାଠାରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତଙ୍କୁ ଖୁସି ବାଣ୍ଟିବା ପାଇଁ ନୂଆଁଖାଇ ଭେଟଘାଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରୁ ଅନେକ ସାଂସ୍କୃତିକ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ପାଢୀଙ୍କ ସୂଚନା ଦେଇଛନ୍ତି।

## ବ୍ଲକ ସମ୍ମୁଖରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କ ଧାରଣା

କର୍ଲାମୁଣ୍ଡା,୨୩।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜଲା କର୍ଲାମୁଣ୍ଡା ବ୍ଲକ ସମ୍ମୁଖରେ ବୁଧବାର ସ. ମାଲପଡା ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟମାନେ ଧାରଣା ଦେଇଛନ୍ତି। ସୂଚନା ଯେ, ସରକାର ଗ୍ରାମପଞ୍ଚାୟତ ମୁଖ୍ୟାଳୟଗୁଡିକରେ ବ୍ୟାଙ୍କିଙ୍କ ସୁବିଧା ଯୋଗାଇ ଦେବାକୁ ଘୋଷଣା କରିଥିବା ବେଳେ ସ. ମାଲପଡା ପଞ୍ଚାୟତରେ ସରପଞ୍ଚଙ୍କ ବିନା ପରାମର୍ଶରେ ବ୍ଲକ ପ୍ରଶାସନ ପଞ୍ଚାୟତର ଅନ୍ୟ ଏକ ଗାଁ ପୁଟୀଗାଁର ଏକ ଛକ ଜାଗାରେ ବ୍ୟାଙ୍କ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାର ପ୍ରତିବାଦରେ ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ସରପଞ୍ଚ ବରୁଣ ଛାତ୍ରିଆ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ଛତ୍ରୀଆ, ଭୁବନେଶ୍ୱର ସାହୁ, ଗଜପତି ସାହୁ, ନାଏବ ସରପଞ୍ଚ ରଶ୍ମିତା ସାହୁ, ମକୁନ୍ଦ ସାହୁ, ଭୁପିନ୍ଦର ସାହୁ, ଭକ୍ତ କୁମାର, ଜଗବନ୍ଧୁ ସାହୁ, ଲବ ସାହୁ, ଦୈତାରି ସାହୁ, ଧରଣୀ ସାହୁ, ଲୀଳାବତୀ ସାହୁ, ବିମଳା ସାହୁ, ମଧୁଲାଲ ବିଭାର, ରୁଦ୍ର ପ୍ରସାଦ ରଣା, ବାସ୍ମତି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ଧାରଣା ପ୍ରତ୍ୟାହାର କରାଯାଇ ଆଗାମୀ ଦିନରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ବରୁଣ ଛତ୍ରିଆ କହିଛନ୍ତି। ମ.ରାମପୁର ଥାନା ଅଧିକାରୀ ସୁଦର୍ଶନ ନାଏକ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବ୍ଲକ ପ୍ରଶାସନର ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନ ଥିଲା। ଅନ୍ୟପଟେ ବର୍ତ୍ତମାନ ନିର୍ମାଣାଧୀନ ସ୍ଥାନ ଜଣେ ବ୍ୟକ୍ତି ବ୍ୟାଙ୍କ ଘର ନିର୍ମାଣ ପାଇଁ ଜାଗା ଦାନକରିଥିବା ଜଣାପଡ଼ିଛି।



ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟାମାନେ ବ୍ଲକ ସମ୍ମୁଖରେ ଧାରଣା ଦେଉଛନ୍ତି।

## ୩୦ଜଣଙ୍କୁ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ

ନୂଆପଡ଼ା,୨୩।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ପଞ୍ଚାୟତ ବଞ୍ଜାରୀ ଜିଲା ସ୍ୱତନ୍ତ୍ର ଦୃଷ୍ଟିହୀନ ମୁକ ବଧିର ବିଦ୍ୟାଳୟରେ ଡିଜିଟାଲ ଶ୍ରବଣ ଯନ୍ତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ସଶକ୍ତି କରଣ ଅଧିକାରୀ ନାରାୟଣ ବେହେରାଙ୍କ ତ୍ୱତାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରବଣ ଶକ୍ତି ବିଶେଷଜ୍ଞ ଭୁବନେଶ୍ୱର ବାଦଲ ପଟ୍ଟନାୟକ ଯୋଗଦେଇ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ ବଞ୍ଜାରୀ ଓ ଅଞ୍ଚଳର ମୋଟ ୫୦ଜଣଙ୍କ ଶ୍ରବଣ ପରୀକ୍ଷା କରି ବିଦ୍ୟାଳୟର ୨୫ଜଣ ଛାତ୍ରୀଛାତ୍ର ଓ ଅଞ୍ଚଳର ୫ଜଣଙ୍କୁ ଶ୍ରବଣ ଯନ୍ତ୍ର ମାଗଣାରେ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁଣିବାରେ ଅସୁବିଧା ହେଉଥିଲା। କାନ ପରୀକ୍ଷା କରି ମାଗଣାରେ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିବାରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଛନ୍ତି। ପ୍ରତିବର୍ଷ ଆଖି, କାନ ଓ ନାକ ପରୀକ୍ଷା କରି ଏପରି ସୁବିଧା ଯୋଗାଇ ଦିଆ ଗଲେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ଲୋକ ଉପକୃତ ହୋଇ ସୁବିଧା ପାଇ ପାରନ୍ତେ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବଞ୍ଜାରୀ ଅକ୍ଷମ ସେବା କେନ୍ଦ୍ର ସମ୍ପାଦକ ଅଶୋକ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ରୋସନୀ ସାହୁ, ଶିବାଗିନୀ ସାଗର, ବିଜୟ ଲକ୍ଷ୍ମୀ ଷଣ୍ଢେ, ରାଜ କୁମାର ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ଶ୍ରବଣ ପରୀକ୍ଷା ପରେ ଡିଜିଟାଲ ଯନ୍ତ୍ର ପ୍ରଦାନ କରାଯାଉଛି।

## ମରୁଡ଼ି ଘୋଷଣା ପାଇଁ ତହସିଲଦାରଙ୍କୁ ଦାବିପତ୍ର

କୋକସରା,୨୩।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଣଜଳସେଚିତ ଗୋତମୁଣ୍ଡା ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ଠିକ ଭାବେ ଆଗେଇ ପାରିନାହିଁ। ଯେଉଁ କେତେକ ଚାଷୀ ରୁଆ ବେଉଷଣ କରିଛନ୍ତି, ତାହା ବି ପାଣି ଅଭାବରୁ ଜମି ଫାଟି ଆଁ କଲାଣି। ଏମିତିରେ ଚାଷୀକୁଳ ନିରାଶ ହୋଇଥିବା ବେଳେ ଅଞ୍ଚଳରେ ସାମ୍ଭାବ୍ୟ ମରୁଡ଼ି ସ୍ଥିତି ଦେଖାଦେଇଛି। ବୁଧବାର ଗୋତମୁଣ୍ଡା ଅଞ୍ଚଳବାସୀ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ସହ ଇନପୁଟ ସବସିଡି ଓ ସହାୟତା ରାଶି ପ୍ରଦାନ କରିବା ନେଇ କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋତମୁଣ୍ଡା ପଞ୍ଚାୟତର ପିପଲଝାପର ଓ ଗୋତମୁଣ୍ଡା ମୌଜାର ପ୍ରାୟ ୯୦ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ଚାଷ ନିମନ୍ତେ କୌଣସି ଜଳ ସେଚନ ବ୍ୟବସ୍ଥା ନାହିଁ। ଫଳରେ ଚାଷୀମାନେ ବର୍ଷା ପାଣି ଉପରେ ଭରସା କରନ୍ତି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀଧାନ ବୁଣା ବୁଣି କରିଥିଲେ, ସେମାନଙ୍କ ବର୍ତ୍ତମାନ ସୁଦ୍ଧା ବେଉଷଣ ହୋଇ ପାରିନାହିଁ। ଯେଉଁ କେତେକ ଚାଷୀ ତଳି ପକାଇ ଥିଲେ ସେମାନଙ୍କ ତଳିସବୁ ତିନି ମାସରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ରୁଆ କାର୍ଯ୍ୟ ମଧ୍ୟ ହୋଇ ପାରିନାହିଁ। ତଳିସବୁ ପୋଡ଼ିବା ଆରମ୍ଭ ହେଲାଣି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ୯୦ ପ୍ରତିଶତ ଚାଷୀ ସେମାନଙ୍କ ଚାଷକାର୍ଯ୍ୟ କରି ପାରିନାହାନ୍ତି ଏବଂ ଆଗକୁ ମଧ୍ୟ ଚାଷ ହେବା ସମ୍ଭାବନା ଦେଖାଯାଉନାହିଁ। ଋଣଭାର ଓ ପରିବାର ପ୍ରତିପୋଷଣ କିଭଳି ହେବ ସେ ନେଇ ଚିନ୍ତାରେ ରହିଛନ୍ତି ଚାଷୀ। ଗୋତମୁଣ୍ଡା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ସହ ଇନପୁଟ ସବସିଡି ଓ ସହାୟତା ରାଶି ପ୍ରଦାନ କରିବା ନେଇ ଗୋତମୁଣ୍ଡା ଅଞ୍ଚଳର ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପାର୍ଥବ ମାଝିଙ୍କ ନେତୃତ୍ୱରେ ତହସିଲଦାର ଦେବବ୍ରତ କରାଟିଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶଙ୍କର ମାଝି, ହୃଷିକେଶ ମାଝି, ଦୋଲ ଗୋବିନ୍ଦ ବାଗ, ବିଭୁତି ପୋଟା, ରୁକଧର କାଣ୍ଡ, କ୍ଷୀର ସିନ୍ଧୁ ନାଏକ, ମଧୁସୂଦନ ସୌରୀ, ମୁକୁନ୍ଦ ନାଗେଶ, ଭରତ ନାଗେଶ, ଉପେନ୍ଦ୍ର ଗୋପାଳ, କ୍ଷୀରସିନ୍ଧୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ଜାଗା ମିଶନ କାର୍ଯ୍ୟକ୍ରମ

**ବରପାଲି, ୨୩।୮ ( ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ଏନଏସି ଆନୁକୂଲ୍ୟରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଓଡିଶା ସରକାରଙ୍କ ଜାଗା ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗା ମିଶନ କୋଅର୍ଡିନେଟର ଜୟଶ୍ରୀ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରୀତା ସାହୁ ଯୋଗଦେଇଥିଲେ। ଜାଗା ମିଶନ ରାଜ୍ୟ ପରାମର୍ଶଦାତା ଶାଶ୍ୱତୀ ମିଶ୍ର, ଏନଏସି ନଗରପାଳ ଦୀନେଶ ଗହୀର, କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମୁକ୍ତା ପ୍ରକଳ୍ପର କୋଅର୍ଡିନେଟର ପ୍ରଦୀପ ପଧାନ ପରିଚାଳନା କରିଥିଲେ। ଧନ୍ୟବାଦ ଜଣାଇ ଥିଲେ ସୁଧାଂଶୁ ଶେଖର ଦାସ।

### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

**ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୦ ଜଣ ଛାତ୍ରୀଛାତ୍ର ଓ ଅଧ୍ୟାପକ ଭିତ୍ତିଭୂମି ସେବା ସଂଗଠନ ପ୍ରକଳ୍ପ ଅଧୀନରେ ପଦ୍ମପୁର କନସିଂଘା ପଞ୍ଚାୟତ ବଇଦପାଲିଠାରେ ହୋଇଥିବା ମାଣ୍ଡିଆ, କୁଦୋ, ମୁଗ ଓ ରାଶି କ୍ଷେତ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଭିତ୍ତିଭୂମିର ଗବେଷଣା ସଂଯୋଜକ ବବଲୁ ବର୍ଗତ୍ତୀ, କ୍ଷେତ୍ର ସଂଯୋଜକ ଶୁକଦେବ ସ୍ୱାଇଁ, କମଳଲୋଚନ ଭୋଇ, ଉତ୍କଳ ନାୟକ, ରୋହିଣୀ ଧରୁଆ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ମହିଳା ଗିରଫ

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଅବକାରୀ ବିଭାଗ ବୁଧବାର ସ୍ଥାନୀୟ ୱାର୍ଡ଼ ନଂ-୧ରେ ଚଢ଼ାଉ କରି ଗଞ୍ଜେଇ ଜବତ ସହିତ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ପାଖରୁ ୫୫୩କି.ଗ୍ରା ୨୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅବକାରୀ ଟିମ ପ୍ରଥମେ ସମ୍ପୃକ୍ତ ମହିଳାଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ୫୦୫କି.ଗ୍ରା ଗଞ୍ଜେଇ ଜବତ ହୋଇଥିଲା । ସେହିପରି ତାଙ୍କୁ ଜେରା କରି ସମ୍ପୃକ୍ତ ମହିଳାଙ୍କ ଘୁଲିପାଲିସ୍ଥିତ ଘରେ ପୁଣି ଚଢ଼ାଉ ହୋଇଥିଲା ଏବଂ ସେଠାରୁ ୪୮କି.ଗ୍ରା ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଏହି ମାମଲାରେ ୨ଅଭିଯୁକ୍ତ ଫେରାର୍ ଥିବାବେଳେ ସେମାନଙ୍କୁ ଧରିବା ପାଇଁ ଅବକାରୀ ଟିମ୍ ତନାଘନା ଚଲାଇଛି।

### ପୁସ୍ତକ ଜ୍ଞାନ ବିତରଣର ମାଧ୍ୟମ



**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ବୁଧବାର କବିତା ସଂକଳନ ଝରା ଶେଫାଳୀର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଛି। ଯୁଗୋପଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ କବୟିତ୍ରୀ ରାଧାରାଣୀ ପଟ୍ଟନାୟକଙ୍କ ଲିଖିତ ଏହି କବିତା ସଂକଳନ ଉନ୍ମୋଚନ ହୋଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଏବଂ ବବିତା ନାଏକ ସଂଯୋଜନା କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଅଧ୍ୟକ୍ଷ ମନୋରଞ୍ଜନ ମେହେର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପୁସ୍ତକ ଲୋକାର୍ପଣ ଜ୍ଞାନ ବିତରଣର ଏକ ମାଧ୍ୟମ ବୋଲି ସେ କହିଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଅଶ୍ଳେଷା ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କବୟତ୍ରୀ ପଟ୍ଟନାୟକଙ୍କୁ ସୁବର୍ଣ୍ଣଦୀପ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ, ନିଲିମା ପ୍ରଧାନ, ନନ୍ଦିତା ସାହୁ, ସଂଜ୍ଞା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭାଗ କଲାନି, କେନାଲ ସଫାକଲେ ଚାଷୀ

**ସାପଲହର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ**

**ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ)**



ଚାଷୀମାନେ କେନାଲ ସଫା କରୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅଧିନ ସାପଲହର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରହିଛି। ଗତ ୪୦ ବର୍ଷଧରି ପ୍ରକଳ୍ପ ଅଧୀନ ଚାଷୀ ଜଳକର ଦେଉଛନ୍ତି। ହେଲେ ମୁଖ୍ୟ କେନାଲ ମରାମତି କାର୍ଯ୍ୟର ଅବହେଳା ହେତୁ ପୁରେନା ଏବଂ ସତୀଭଟା ଗ୍ରାମର ଚାଷୀ ମରୁଡିର ଶିକାର ହେଉଛନ୍ତି। ଏହି ଦୁଇ ଗ୍ରାମର ଚାଷୀଙ୍କ ଜମି ଶୁଖିଗଲାଣି। ବାରମ୍ବାର ବିଭାଗୀୟ ଅଫିସର ଓ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ ସୁଦ୍ଧା ଏହାର କୌଣସି ଆଶୁ ସମାଧାନ କରାଯାଉ ନାହିଁ। ଅନ୍ୟନୋପାୟ ହୋଇ ବୁଧବାର ସତୀଭଟା ଓ ପୁରେନା ଗ୍ରାମର ଚାଷୀମାନେ ନିଜେ କେନାଲ ସଫେଇ କରିଥିଲେ। ସତୀଭଟା ଗ୍ରାମର ଚିତ୍ତ ରଞ୍ଜନ ପଣ୍ଡା, ହରିବୋଲ ରଣା, କିଶୋର ସାହୁ, ଯଶୋବନ୍ତ ନାୟକ, କିଶୋର ପାଣିଗ୍ରାହୀ, ବିଭୂତି ଭୂଷଣ ନାଏକ, ବଶୁଧର ସେଠ ଓ ପୁରେନା ଗ୍ରାମରୁ ଦେବରାଜ ସାହୁ, ଲକ୍ଷପତି ସାହୁ, ମୀନ ସାହୁ, ଯୀଶୁରାମ ସାହୁ ତଥା ଅନ୍ୟାନ୍ୟ ଚାଷୀ କେନାଲ ସଫେଇରେ ସାମିଲ ହୋଇଥିଲେ ।

# ଯାତ୍ରା ପୋଷ୍ଟର ଚିରାକୁ ନେଇ ଗଣ୍ଡଗୋଳ

**ଭେଡ଼େନ, ୨୩।୮ (ସୁଦନ ମହାକୁର)**

**ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କଲା ପୋଲିସ**

ବରଗଡ଼ ଜିଲା ଭେଡ଼େନ ଥାନା ରକ୍ଷୁଡ଼ା ଫାଣ୍ଡି ଅର୍ନ୍ତଗତ ଖୁଣ୍ଟୁଲିପାଲିଠାରେ ଲାଗିଥିବା ଯାତ୍ରା ପୋଷ୍ଟର ଚିରାକୁ ନେଇ ମଙ୍ଗଳବାର ରାତିରେ ତୁମୁଳକାଣ୍ଡ ଘଟିଛି। କୋଶଳ ସେନା ଏବଂ ସ୍ଥାନୀୟ ଦୁର୍ଗାପୂଜା କମିଟି ସଦସ୍ୟ ହାତାହାତି ଓ ଗାଡ଼ି ଭଙ୍ଗାରୁଜା ହୋଇଥିଲା। ମାମଲା ଥାନାକୁ ଯାଇଛି। ଖବର ପାଇ ଭେଡ଼େନ ଥାନାଧିକାରୀ ପ୍ରେମଜିତ ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଦୁର୍ଗାପୂଜା କମିଟିର ଅଭିଯୋଗକ୍ରମେ ଭେଡ଼େନ ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଆଗାମୀ ସାର୍ବଜନୀନ ଦୁର୍ଗାପୂଜା ଖୁଣ୍ଟୁଲିପାଲି ଦୁର୍ଗାପୂଜା କମିଟି ଏକ ଯାତ୍ରା ପାର୍ଟିର ଆୟୋଜନ କରିଛି। ଆସନ୍ତା ସେପ୍ଟେମ୍ବର ୫ରୁ ଏହା ୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ପାର୍ଟି ଅପେରା ପରିବେଷଣ କରିବ। ଏଥିପାଇଁ ପ୍ରସ୍ତୁତିପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପୋଷ୍ଟର ମାଧ୍ୟମରେ ପ୍ରଚାର ପ୍ରସାର ସହିତ କମିଟି ସଦସ୍ୟ ସାଜସଜ୍ଜାରେ ଲାଗିଛନ୍ତି। ଏହିକ୍ରମରେ ଖୁଣ୍ଟୁଲିପାଲି ଛକ ସ୍ଥିତ ମହାନ୍ତି ମାର୍କେଟ କମ୍ପ୍ଲେକ୍ସର ଦ୍ୱିତୀୟ ମହଲାରେ ଏକ ବିରାଟ ପୋଷ୍ଟର ଲଗାଯାଇଥିଲା। ତେବେ ମଙ୍ଗଳବାର ସନ୍ଧ୍ୟାରେ କୋଶଳ ସେନାର କେତେଜଣ ସଦସ୍ୟ ସେଠାକୁ ଆସି ପାଟିତୁଣ୍ଡ କରିଥିଲେ। ଦୁର୍ଗାପୂଜା କମିଟି ସଦସ୍ୟମାନେ ସେମାନଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ । ପରେ ସେମାନେ କମ୍ପ୍ଲେକ୍ସର ଉପରମହଲାକୁ ଚଢି ପୋଷ୍ଟରକୁ ଚିରା ଫୋପଡ଼ା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

# ପାସ୍‌ବୁକ ମିଳିନି, ଭତ୍ତା ପାଇପାରୁନାହାନ୍ତି ହିତାଧିକାରୀ

**ଭେଡ଼େନ, ୨୩।୮ (ସୁଦନ ମହାକୁର)**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ**

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ଭତ୍ତା ପାସବୁକ୍ ମିଳି ପାରିନାହିଁ। ଫଳରେ ହିତାଧିକାରୀମାନେ ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ବୁଧବାର ଚିଠି ଲେଖି ଅବଗତ କରାଇଛନ୍ତି। ଗତ ୧୩ ତାରିଖଠାରୁ ନୂତନ ହିତାଧିକାରୀଙ୍କ ଭତ୍ତା ଟଙ୍କା ଉଠାଣ ହେଲାଣି । ମାତ୍ର ବ୍ଲକ ପ୍ରଶାସନ ନୂତନ ହିତାଧିକାରୀଙ୍କ ପାସ୍‌ବୁକ ଦେଉନାହାନ୍ତି। ତୁରନ୍ତ ନୂତନ ଭତ୍ତା ପାସ୍‌ବୁକ ପଞ୍ଚାୟତକୁ ହସ୍ତାନ୍ତର କରାଯାଉ ବୋଲି ସେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଭେଡ଼େନ ବ୍ଲକର ୨୧ପଞ୍ଚାୟତ ରହିଛି। ୨୧୬୦ଜଣ ନୂତନ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନସନ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ଗତ ଅଗଷ୍ଟ ୧୬ ତାରିଖରେ ସବୁ ପଞ୍ଚାୟତରେ ଭତ୍ତା ଦିଆଯିବ ବୋଲି ଉପଜିଲାପାଳ ବ୍ଲକ ପ୍ରଶାସନକୁ ସୂଚନା ଦେଇଥିଲେ। ମାତ୍ର କୌଣସି ସରପଞ୍ଚଙ୍କୁ ସୂଚନା ନ ଦେଇ ସ୍ଥାନୀୟ ବିଧାୟିକା ବ୍ଲକକୁ ଆସି କେତେଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପୂର୍ବ ସୂଚନା ଅନୁସାରେ ଅନେକ ବୃଦ୍ଧାବୃଦ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଆସି ଭତ୍ତା ନପାଇ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। ସରପଞ୍ଚଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏଭଳି ଅଭିଯୋଗ କରି ମଙ୍ଗଳବାର ବରଗଡ଼ ଜିଲା ସରପଞ୍ଚ ସଂଘ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସଂଘ ପକ୍ଷରୁ ୧୨ ଦଫା ସମ୍ମିଳିତ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି ।

# ୯ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଅତିଥିବୃନ୍ଦ ।

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ(ଆଭାସୀ) ମାଧ୍ୟମରେ ଆମ ବସଷ୍ଟାଣ୍ଡ ଯୋଜନାରେ ଜିଲାର ୯ବ୍ଲକରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଭେଡ଼େନ, ଅତାବିରା, ଭଟଲି, ଅମ୍ବାଭୋନା, ବରପାଲି, ବିଜେପୁର, ସୋହେଲା, ପାଇକମାଲ ଏବଂ ଝାରବନ୍ଧ ବ୍ଲକରେ ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଉକ୍ତ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ଦେୟମୁକ୍ତ ଶୌଚାଳୟ, ସୁବ୍ୟବସ୍ଥିତ ବିଶ୍ରାମ କକ୍ଷ ଏବଂ ସମସ୍ତ ପ୍ରକାର ସୂଚନା ମିଳିବା ବ୍ୟବସ୍ଥା ରହିବ। ଏହାବ୍ୟତୀତ ଜନସାଧାରଣଙ୍କ ସୁରକ୍ଷିତ ଯାତ୍ରା ପାଇଁ ଏବଂ ପରିବହନ ସଂକ୍ରାନ୍ତୀୟ କାର୍ଯ୍ୟକୁ ଘରେ ବସି ମୋବାଇଲ ଏବଂ କମ୍ପ୍ୟୁଟର ଦ୍ୱାରା କରିବାକୁ ଉଦ୍ଦିଷ୍ଟ ଆପ୍, ପ୍ରତିବର୍ଷ ୫୦ହଜାର ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ପାଇଁ ସୁବାହକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଏମଭିଆଇ ସୁଷମା ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ବିଭାଗୀୟ କର୍ମଚାରୀ କିଶୋର ତିରିଆ, ବଲରାମ ଦାଶ ଉପସ୍ଥିତ ଥିଲେ।

### ଗଙ୍ଗାଧର ଜୟନ୍ତୀ ପାଇଁ ବକ୍ତୃତା ପ୍ରତିଯୋଗିତା

**ବରପାଲି, ୨୩।୮ (ଚିତ୍ତରଞ୍ଜନ ସାହୁ)**

ଆସନ୍ତା ୩୧ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବରପାଲି ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୁଲ୍ୟରେ ପାଳିତ ହେବ। ଏହି ଅବସରରେ ଗଙ୍ଗାଧର ମେହେର କ୍ଲବ ପକ୍ଷରୁ ବୁଧବାର ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ଅଧ୍ୟାପକ ଉତ୍ତର କୁମାର ଗଡତିୟା, ଧୀରୋଜ ତ୍ରିପାଠୀ, ଅଧ୍ୟାପିକା ମନୀଷା ଦାଶ ବିଚାରକଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ନିବେଦିତା ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଜୟନ୍ତୀ କମିଟି ଆବାହକ ଚିତ୍ତରଞ୍ଜନ ସାହୁ, କ୍ଲବ ସହସମ୍ପାଦକ ବାଲ କିଶୋର ଖାଡଙ୍ଗା, ସରୋଜ ତ୍ରିପାଠୀ, ପଦ୍ମଲୋଚନ ସାହୁ, ବଣ୍ଟି ତ୍ରିପାଠୀ, ବିଭୂତି ଭୂଷଣ ମିଶ୍ର, ମହେନ୍ଦ୍ର ଗହୀର, ରୋଷନ ପାଣିଗ୍ରାହୀ, ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ଗୁରୁବାର ମେହେର ସଙ୍ଗୀତ ଉପରେ ସଙ୍ଗୀତ ପ୍ରତିଯୋଗୀତା ହେବ ବୋଲି କ୍ଲବ ସୂତ୍ରରୁ ପ୍ରକାଶ।

### ଗମ୍ଭାରୀଡିହି ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ଗମ୍ଭାରୀଡିହି ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଚୋରମାନେ ମଧ୍ୟାହ୍ନଭୋଜନ ଚାଉଳ ୧୩ ପ୍ୟାକେଟ, ରନ୍ଧନ ପାଇଁ ବ୍ୟବହୃତ ବାସନ କୁସନ ସରଞ୍ଜାମ, କୋଡ଼ି, କୋଦାଳ ଆଦି ଚୋରି କରିନେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଦାନନ୍ଦ ବାରିକ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଫାଇଲେରିଆ ନିରାକରଣ ସଚେତନତା




ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମରେ ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ନର୍ସିଂ କଲେଜ ପକ୍ଷରୁ ବରାହଗୋଡ଼ା ଗ୍ରାମ ସାହୁପଡ଼ାରେ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ କର୍ମଚାରୀ, ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ସାମୂହିକଭାବେ ସମବେତ ହୋଇ ଫାଇଲେରିଆ ନିରାକରଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର ଫାଇଲେରିଆ ନିରାକରଣ ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ।

# ଖବରକାଗଜ ବିତରକ ସଂଘର ସମ୍ବର୍ଦ୍ଧନା



ଖବରକାଗଜ ବିତରକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଖବରକାଗଜ ବିତରକ ସଂଘ ପକ୍ଷରୁ ବୁଧବାର ସକାଳେ ବରଗଡ଼ ସାମ୍ବାଦିକ ସଂଘର ନୂତନ ମନୋନୀତ ସଭାପତି ସୁରେନ୍ଦ୍ର ହୋତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହା ସହିତ ହୋତାଙ୍କୁ ଖବରକାଗଜ ବିତରକମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖବରକାଗଜ ବିତରକ ସଂଘ ସଭାପତି ଦେବନାରାୟଣ ଦାଶଙ୍କ ସମେତ ସଭ୍ୟ ସୁଦାମ ସୁନା, ଗୋବିନ୍ଦ ଦୁରଦାସ୍, ସମ୍ପଦ କଲେତ, ହରି ମୁଗ୍ରୀ, ବିଶ୍ୱନାଥ ତାଣ୍ଡି, ସୁଶିଲ ମହାନନ୍ଦ, ଦେବାନନ୍ଦ ସୁନା, ନିଲାଞ୍ଚଳ ଘିବେଲା, ବଡ଼ବାବୁ ଭାଇନା, ବିଶ୍ୱେଶ୍ୱର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜନ୍ମତିଥିରେ ପଞ୍ଚାନନ ମେହେରଙ୍କ ସ୍ମୃତିଚାରଣ



ବିଶିଷ୍ଟ କଳାକାର ପଞ୍ଚାନନ ମେହେରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

**ବରପାଲି,୨୩।୮(ଚିତ୍ତରଞ୍ଜନ ସାହୁ)**

ଅଭିନେତା ନାଟ୍ୟକାର ନିର୍ଦ୍ଦେଶକ ପଞ୍ଚାନନ ମେହେରଙ୍କ ୮୦ତମ ଜନ୍ମ ଜୟନ୍ତୀ ବରପାଲି କଳାକାର କ୍ଲବଠାରେ ନାଟ୍ୟଶ୍ରୀ ଚଳଚ୍ଚିତ୍ର ଅଭିନେତା ସରୋଜ କୁମାର ମେହେର ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତାଭାବେ ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ମାନୀତ ଅତିଥି ଭାବେ ହର୍ଷ ବେହେରା ଯୋଗଦେଇଥିଲେ। ମଧୁସୂଦନ ମେହେର, ମଙ୍ଗନ ମେହେର, ଟଙ୍କଧର ଭୋଇ, ଶିବଶଙ୍କର ମେହେର, ମିନି ମେହେର, ମୁରଲୀ ମେହେର, ପଞ୍ଚା ମେହେର, ଚକାନୟନ ମେହେର, ଗୋପାଳ ମେହେର, ହୃଷୀକେଶ ମେହେର, ବଟୁ ମେହେର, ନବକିଶୋର ମେହେର, ଚିତ୍ରକୁଟ ମେହେର ପଞ୍ଚାନନଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ। ପଞ୍ଚାନନ ବରପାଲି ଶୀତଳଷଷ୍ଠୀ ଯାତ୍ରାରେ ଦୀର୍ଘ ୩୦ବର୍ଷ କାଳ ତାରକାସୁର ଭୂମିକାରେ ଅଭିନୟ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପଞ୍ଚାନନ ମେହେରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ସଭାରେ ଦାବି ହୋଇଥିଲା। ଶେଷରେ ପ୍ରଯୋଜକ କିଶୋର କୁଷ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ତାଙ୍କର ସୁଯୋଗ୍ୟ ସନ୍ତାନ ବୀର ବଜରଙ୍ଗ ମେହେର ଏବଂ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ଆଶା, ଆଶଙ୍କାରେ ଉଚ୍ଛେଦ ଅଭିଯାନ

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**




ଅଧାରେ ଅଟକିଥିବା ଲେଙ୍ଗୁ ମିଶ୍ର-ନୂଆ ଜୀରାବ୍ରିଜ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ।

**ଲେଙ୍ଗୁ ମିଶ୍ର-ନୂଆ ଜୀରାବ୍ରିଜ୍ ରାସ୍ତା ଜବରଦଖଲ**

- ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ
- ଶୁଣାଣି ଘୁଞ୍ଚିଲା, ଅଧାରେ ଅଟକିଛି ଉଚ୍ଛେଦ
- ସେପ୍ଟେମ୍ବର ୧୩ରେ ହେବ ପରବର୍ତ୍ତୀ ଶୁଣାଣି

ବରଗଡ଼ ସହରରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକରୁ ନୂଆ ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଦାବି ହୋଇ ଆସିଛି। ବାରମ୍ବାର ଦାବି ସତ୍ତ୍ୱେ ସମ୍ପୃକ୍ତ ଅଞ୍ଚଳର ଜବରଦଖଲକୁ ପ୍ରଶାସନର ହାତ ପହଞ୍ଚି ପାରି ନ ଥିଲା। ତେବେ ଉଚ୍ଛେଦ ଦାବିରେ ଆନ୍ଦୋଳନ ତେଜି ଉଠିବା ସହିତ ବିଭିନ୍ନ ସଂଗଠନର ସମର୍ଥନ ମିଳିବା ପରେ ଗତମାସ ୩୧ତାରିଖରୁ ପ୍ରଶାସନ ଜବରଦଖଲ ଉଚ୍ଛେଦ ଆରମ୍ଭ କରିଥିଲା। ଅନ୍ୟପଟେ ଉଚ୍ଛେଦରେ ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ରହିତାଦେଶ ଆଣିଛନ୍ତି। ବୁଧବାର ଶୁଣାଣି ଥିଲା। ମାତ୍ର ଏହାର ଚୂଡ଼ାନ୍ତ ଶୁଣାଣି ହୋଇପାରି ନ ଥିବାବେଳେ ପରବର୍ତ୍ତୀ ତାରିଖ ସେପ୍ଟେମ୍ବର ମାସ ୧୩ତାରିଖକୁ ନିର୍ଦ୍ଧାରିତ କରାଯାଇଛି। ଏଭଳି ସ୍ଥଳେ ଉଚ୍ଛେଦ ଅଧାରେ ଅଟକି ଥିବାବେଳେ ଉଚ୍ଛେଦ ନେଇ ଅଞ୍ଚଳବାସୀ ଆଶା, ଆଶଙ୍କା ଭିତରେ ରହିଛନ୍ତି।

ସୂଚନା ଅନୁଯାୟୀ, ଏକଦା ଉକ୍ତ ରାସ୍ତା ପୁରୁଣା ଜାତୀୟ ରାଜପଥ ରହିଥିଲା । ସେତେବେଳେ ରାଜପଥର ଓସାର ପ୍ରାୟ ୧୧୦ରୁ ୧୨୦ ଫୁଟ୍ ମଧ୍ୟରେ ରହିଥିଲା। ହମିଦ ନକ୍ସାରେ ତାହା ବର୍ତ୍ତମାନ ମଧ୍ୟ ଉଲ୍ଲେଖିତ ରହିଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। କିନ୍ତୁ ନୂତନ ରାଜପଥ ହେବା ପରେ ସେହି ପୁରୁଣା ରାଜପଥ ଉପରେ କୋଠାବାଡ଼ି ନିର୍ମାଣ ହେବା ଯୋଗୁ ରାସ୍ତାଟି ଧିରେଧିରେ ସଂକୁଚିତ ହେବାରେ ଲାଗିଥିଲା ଏବଂ ରାସ୍ତାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ନୂତନ ଜୀରାବ୍ରିଜ ନିର୍ମାଣ ହେବା ପରେ ଏହି ରାସ୍ତାରେ ପୂର୍ବାପେକ୍ଷା ଯାନବାହାନ ଯାତାୟାତ ସଂଖ୍ୟା ବଢ଼ିଥିବା ଯୋଗୁ ଟ୍ରାଫିକ ସମସ୍ୟା ଆହୁରି ବଢ଼ି ଯାଇଛି। ଏଭଳି ସ୍ଥିତିରେ ଏଠାରୁ ଜବରଦଖଲ ଉଚ୍ଛେଦ ପାଇଁ ଆନ୍ଦୋଳନ ଜୋର୍ ଧରି ବସିଥିଲା। ସମଲେଶ୍ୱରୀ ସଂଘ, ଜିଲା ଓକିଲ ସଂଘ, ଆପ୍ ସମେତ ବିଭିନ୍ନ ଅନୁଷ୍ଠାନ ଉଚ୍ଛେଦ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

ଏହାପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ ସୁଦ୍ଧା ପ୍ରଥମେ ହମିଦ୍ ବଦଳରେ ମେଜର ନକ୍ସା ଧରି ମାପଚୁପ କରାଯାଇଥିଲା । ସେଥିରେ ସ୍ଥାନୀୟ ଲୋକେ ସହମତି ପ୍ରକାଶ କରି ନଥିଲେ ଏବଂ ହମିଦ ନକ୍ସା ଅନୁସାରେ ମାପଚୁପ କରିବା ଦାବି ଉଠିଥିଲା । ଉଚ୍ଛେଦ ଦାବି ଜୋର୍ ଧରି ବସିବାରୁ ପ୍ରଶାସନ ଏକ କମିଟି ଗଠନ କରିଥିଲା ଏବଂ ହମିଦ ନକ୍ସା ଅନୁଯାୟୀ ସୀମା ଚିହ୍ନଟ କରିଥିଲା। ଏହା ପରେ ରାସ୍ତାପାର୍ଶ୍ୱ ଜବରଦଖଲର ବାସ୍ତବ ସ୍ଥିତି ପଦାକୁ ଆସିଥିଲା । କେଉଁ ଦୋକାନ ତଥା ଘର ଭିତରକୁ ୨୦ଫୁଟ୍ ତ ଆଉ କେଉଁଠାରେ ୫୦, ୬୦ଫୁଟ୍ ଭିତରକୁ ମଧ୍ୟ ସରକାରୀ ଜମି ରହିଥିବା ଚିହ୍ନଟ ହୋଇଥିଲା। ଏଭଳି ୫୯ପ୍ଲଟକୁ ପ୍ରଶାସନ ଚିହ୍ନଟ କରିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ କେତେକ ଚଞ୍ଚକତା ସହିତ ମେଜର ନକ୍ସାରେ କାଗଜାତ୍ ପ୍ରସ୍ତୁତ କରିଥିବାବେଳେ ଅନେକଙ୍କ ପାଖରେ ସେ ନେଇ କୌଣସି କାଗଜାତ୍ ନଥିବା ଏବଂ ପ୍ଲଟ ଗୁଡ଼ିକ ବିଭିନ୍ନ ସରକାରୀ ବିଭାଗର ନାମରେ ରହିଥିବା ଜଣାପଡ଼ିଥିଲା । ଏହା ଜାଣିପାରି ଗତମାସ ୩୧ତାରିଖ ପ୍ରଥମେ ପ୍ରଶାସନ ସରକାରୀ ବିଭାଗର ନାମରେ ରହିଥିବା ପ୍ଲଟ ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ବାହାରିଥିଲା। ପ୍ରଥମେ ଉଚ୍ଛେଦରେ ପ୍ରଭାବିତ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ହେଁ ଉଚ୍ଛେଦ ଦାବିରେ ବିପୁଳ ସମର୍ଥନ ମିଳିବା ପରେ ଜବରଦଖଲ କୋଠାବାଡ଼ି ଉପରେ ବୋଲଡ଼େଜର ଚଢ଼ାଇବାକୁ ପ୍ରଶାସନର ସାହସ ଜୁଟିଥିଲା। ସେଭଳି କିଛି କୋଠାବାଡ଼ିର ଆଂଶିକ ଭଙ୍ଗା ମଧ୍ୟ ଯାଇଥିଲା । ପ୍ରଶାସନର ଏଭଳି ପଦକ୍ଷେପକୁ ଲୋକେ ସ୍ୱାଗତ କରିଥିଲେ। ମାତ୍ର ଉଚ୍ଛେଦରେ ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣିବା ପରେ ଉଚ୍ଛେଦ ଆଉ ଆଗେଇ ପାରିନାହିଁ ।

## ସଂକ୍ଷେପରେ

### ସେପ୍ଟେମ୍ବର ୧ରୁ ରାଉରକେଲାରୁ କୋଲକାତାକୁ ଉଡ଼ିବ ବିମାନ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା):** ସେପ୍ଟେମ୍ବର ୧ରୁ ରାଉରକେଲାରୁ କୋଲକାତାକୁ ବିମାନ ଚଳାଚଳ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଟିଆର-୭୨ ଫ୍ଲାଇଟରେ ଏହି ଚଳାଚଳ ହେବ। ସପ୍ତାହରେ ୪ ଦିନ ପ୍ରତ୍ୟକ୍ଷ ଉଡ଼ାଣ ଓ ଅନ୍ୟ ୩ ଦିନ ଭୁବନେଶ୍ୱର ଭାୟା ଦେଇ ଚଳାଚଳ କରିବ। ଏନେଇ ୭ ଦିନର ସମୟ ସାରଣୀ ପ୍ରଦାନ କରିଛି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ। ଗତ ଜାନୁଆରୀରେ ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଦେଶର ଅନ୍ୟ ସ୍ଥାନକୁ ବିମାନ ସଂଯୋଗୀକରଣ ପାଇଁ ଦାବି ହୋଇଆସୁଥିଲା।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା):** ସୀମାନ୍ତ ପଶ୍ଚିମ ସିଂଭୂମ ଜିଲା ଗୋଇଲକେରା ଥାନା ବିଲା ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ଜବତ କରାଯାଇଛି। ମୃତକ ହେଲେ ରସରାଜ ପ୍ରଧାନ(୪୭)। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଛି। ରସରାଜ ସ୍ଥାନୀୟ ହାଟରେ ଛେଳି ବିକ୍ରି କରନ୍ତି। ମଙ୍ଗଳବାର ସେ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମୃତକଙ୍କ ଦେହରେ କାଠ ମାଡର ଚିହ୍ନ ରହିଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷରେ, ଏ ସଂକ୍ରାନ୍ତରେ ପଶ୍ଚିମ ସିଂଭୂମ ଜିଲା ଏସ୍‌ପି ଆଶୁତୋଷ ଶେଖର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହା ମାଓ ହତ୍ୟାକାଣ୍ଡ ହୋଇ ନ ଥିବା କହିଛନ୍ତି। ଅଧିକ ତଦନ୍ତପରେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବ ବୋଲି ଶେଖର କହିଛନ୍ତି। ଉକ୍ତ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ସୀମାନ୍ତ ଓଡ଼ିଶା ବିଶ୍ରା ବ୍ଲକ ସମେତ ଅନ୍ୟ ଅଞ୍ଚଳରେ ପୋଲିସ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି।

### ସେକ୍ଟର-୨ରେ କାର୍ ଦୁର୍ଘଟଣାଗ୍ରସ୍ତ



**ରାଉରକେଲା, ୨୩।୮ (ସଙ୍ଗୀତା ଜେନା):** ସେକ୍ଟର-୨ ବ୍ଲକ ମାର୍କେଟ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ହେଲେ ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ବାଇକ୍‌ରେ ଯାଉଥିବା ଏକ ଦମ୍ପତିଙ୍କୁ ବଞ୍ଚାଇବାକୁ ଯାଇ କାର(ସିଜି-୦୪ଏଚସି-୭୮୯୯) ଟି ଅଣାୟତ୍ତ ହୋଇ ରାସ୍ତା କଡ଼ ନାଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ କାରକୁ ଉଦ୍ଧାର କରାଯାଇଥିଲା।

### କୋଏଲନଗର ସି ବ୍ଲକ ଦୁର୍ଗାପୂଜା କମିଟି ଗଠିତ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

କୋଏଲନଗର ସ୍ଥିତ ସି ବ୍ଲକ ଦୁର୍ଗାପୂଜା ପେଣ୍ଡାଲରେ କମିଟିର ବରିଷ୍ଠ ସଦସ୍ୟ ସୁବ୍ରତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଇଛି। ଏଥିରେ ୨୦୨୨ ବର୍ଷର ଆୟବ୍ୟୟ ବିବରଣୀ ପାଠ ହେବା ସହ ସର୍ବ ସମ୍ମତି କ୍ରମେ ପାଶ୍ କରାଯାଇଥିଲା। ଏଥିସହ ଦୁର୍ଗାପୂଜା କିପରି ସୁରୁଖୁରୁରେ ପାଳନ କରାଯିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇ ନୂତନ ପୂଜା କମିଟି ଗଠନ କରାଯାଇଥିଲା। ସଭାପତିଭାବେ ରବିନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ସିଲଟୁ ନମତା, ଉପସଭାପତି ଶାନ୍ତନୁ ପଣ୍ଡା, ନିଳୟ ପାତ୍ର, ଗୌତମ ବନଶାଲ୍, ସାଧାରଣ ସମ୍ପାଦକଭାବେ ରାଜେଶ ସିଂହ, ସହସମ୍ପାଦକ ଶ୍ରୀକାନ୍ତ ରାୟ, ହାପି ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ସାହୁ, ହନି ସିଂ ରାନ୍ଧୱା, କୋଷାଧ୍ୟକ୍ଷ ଅଜିତ ସାମଲ, ସହକୋଷାଧ୍ୟକ୍ଷ ରାଜେଶ ଷଡ଼ଙ୍ଗୀ, ହିସାବ ନିରୀକ୍ଷକ ସୁବ୍ରତ ମଲ୍ଲିକ, ସଂଗ୍ରହ ସମ୍ପାଦକ ସୁମନ ବିଷ୍ଟ, ନେଲୁ ଅଗ୍ରୱାଲ, କାର୍ତ୍ତିକ ରାୟ ନିର୍ବାଚିତ ହୋଇଛନ୍ତି। ଏଥିରେ ଶତାଧିକ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ସଞ୍ଜୀବ ନାୟକ ଧନ୍ୟବାଦ ଦେଇଥିଲେ।



ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିବାକୁ ବିରୋଧ କରି ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ।

# ୪ ଘଣ୍ଟା ବଦଳରେ ୭ ଘଣ୍ଟା ବିଦ୍ୟୁତ୍ କାଟ

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ପାନପୋଷ ଅଞ୍ଚଳରେ ମଙ୍ଗଳବାର ୪ ଘଣ୍ଟା ବଦଳରେ ୭ ଘଣ୍ଟା ବିଦ୍ୟୁତ୍ କାଟ ହୋଇଥିଲା। ଫଳରେ ସମସ୍ତ ସରକାରୀ କାମ ଠପ ହୋଇଯିବା ସହିତ ବସ୍ତିରେ ରହୁଥିବା ଲୋକଙ୍କ ପାନୀୟ ଆବଶ୍ୟକତା ଓ ଘରୋଇ କାମ ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇଥିଲା। ପ୍ରକାଶ ଥାଉକି, ମଙ୍ଗଳବାର ସକାଳ ୧୦ଟାରେ ପାନପୋଷ ନବନିର୍ମିତ ଡେଲି ମାର୍କେଟ କମ୍ପ୍ଲେକ୍ସରେ କେବୁଲ ଯୋଡା କାମ ନେଇ ବିଦ୍ୟୁତ୍ କାଟ ନିର୍ଦ୍ଧାରିତ ହୋଇଥିଲା। ଏଥିପାଇଁ ସକାଳ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବନ୍ଦ ନେଇ ଡାକବାଜି ଯନ୍ତ୍ରଯୋଗେ ପାନପୋଷ ଅଞ୍ଚଳରେ ପ୍ରଚାର ହେଲା। ହେଲେ ଅପରାହ୍ନ ୨ଟା ପରିବର୍ତ୍ତେ ସନ୍ଧ୍ୟା ୫ଟା ପରେ ବିଦ୍ୟୁତ୍ ଆସିଥିଲା। ୪ ଘଣ୍ଟା ବଦଳରେ ୭ ଘଣ୍ଟା ବିଦ୍ୟୁତ୍ କାଟ ହେବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏନେଇ ପାନପୋଷ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ, ସୋମବାର ଡାକବାଜି ଯନ୍ତ୍ର ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। କାମ ସମ୍ପାଦନରେ ବିଳମ୍ବ ଯୋଗୁ ସନ୍ଧ୍ୟା ୫ଟା ଯାଏଁ ବିଦ୍ୟୁତ୍ କାଟ କରା ଯାଇଥିଲା ବୋଲି ସେ କହିଥିଲେ।

# ରେଳ ଷ୍ଟେଶନ ସୁରକ୍ଷା ବ୍ୟବସ୍ଥା ଢିଲା

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**




ବହୁ ଲଗେଜ କ୍ଷମତା ବିଶିଷ୍ଟ ସ୍କାନରକୁ ପାଲ ଢାଙ୍କି ରଖାଯାଇଛି।

- ଅଚଳ ହୋଇପଡ଼ିଛି ସ୍କାନର
- ଯାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ଷ୍ଟେସନଗୁଡ଼ିକରେ ନୂତନ କୌଶଳ ପ୍ରୟୋଗ ହେଉଛି। ମାତ୍ର ରେଳ ସୁରକ୍ଷା ବିଭାଗ ପକ୍ଷରୁ ଏହାର ସଠିକ୍ ଯାଞ୍ଚ ହୋଇପାରୁନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାଉରକେଲା ରେଳ ଷ୍ଟେସନରେ। ଯାତ୍ରୀଙ୍କ ସାମାନ ତନଖିବା ପାଇଁ ଷ୍ଟେସନରେ ୨ଟି ଲଗେଜ ସ୍କାନର ରହିଛି। ଗୋଟିଏ ବହୁ ଲଗେଜ କ୍ଷମତା ବିଶିଷ୍ଟ ସ୍କାନର ଏବଂ ଅନ୍ୟଟି ଅଳ୍ପ ଲଗେଜ କ୍ଷମତା ବିଶିଷ୍ଟ। ହେଲେ ପରିତାପର ବିଷୟ ଦୀର୍ଘମାସ ଧରି ବହୁ ଲଗେଜ କ୍ଷମତା ବିଶିଷ୍ଟ ସ୍କାନରଟି ଖରାପ ହୋଇଥିବା ଯୋଗୁ ଏହାକୁ ଜରି ପାଲ ଢାଙ୍କି ରଖି ଦିଆଯାଇଛି। ଏହି ସ୍କାନର ଜର୍ମାନୀ ମେଡ ହୋଇଥିବାରୁ ତାର ଆବଶ୍ୟକୀୟ ଉପାଦନ ମିଳୁ ନ ଥିବାରୁ ମରାମତି ହୋଇ ପାରୁ ନ ଥିବା ଜଣାପଡିଛି। ଅନ୍ୟପଟେ ଅଳ୍ପ କ୍ଷମତା ବିଶଷ୍ଟ ସ୍କାନରରେ ନାମକୁ ମାତ୍ର ଲଗେଜ ତନଖି କାର୍ଯ୍ୟ ହେଉଛି। ବହୁ ସମୟରେ ଲଗେଜ ତନଖି ସ୍ଥଳରେ ସୁରକ୍ଷାକର୍ମୀ ମଧ୍ୟ ରହୁନାହାଁନ୍ତି। ଫଳରେ ଯାତ୍ରୀଙ୍କ ଲଗେଜ ସଠିକ୍ ଯାଞ୍ଚ ହୋଇ ପାରୁନାହିଁ। ବେଧଡକଭାବେ ସେମାନେ ଷ୍ଟେସନ ମଧ୍ୟକୁ ପସୁଛନ୍ତି। ରେଳଷ୍ଟେସନ ସୁରକ୍ଷା ବ୍ୟବସ୍ଥାରେ ଏଭଳି ବିଶୃଙ୍ଖଳା ଆଚରଣ ଦକ୍ଷିଣ-ପୂର୍ବ ରେଳପଥ ପାଇଁ ଆଗକୁ ସାଂଘାତିକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଜନ୍ମାଉଛି। ଏଭଳି ଅବହେଳା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଷ୍ଟେସନର ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ବୋଲି ସହରର ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ତୁରନ୍ତ ଷ୍ଟେସନରେ ଲଗେଜ ତନଖି ସ୍କାନର ମରାମତି ଦିଗରେ ବିହିତ ପଦକ୍ଷେପ ନେବାକୁ ରେଳଯାତ୍ରୀ ମହଲରେ ଦାବି ହେଉଛି। ଏନେଇ ରାଉରକେଲା ଆର୍‌ପିଏଫ ପୋଷ୍ଟ କମାଣ୍ଡର ଏସଏଲ ସମଦାଙ୍କୁ ପଚାରିବାରୁ, ସେ ବ୍ୟସ୍ତ ଥିବା କହି ନିରୁତର ରହିଥିଲେ।

### ବିଧାୟକଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସୌଜନ୍ୟମୂଳକ ସାକ୍ଷାତ



ବିଧାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାକ୍ଷାତ କରୁଛନ୍ତି।

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**

ରଘୁନାଥପାଲ୍ଲୀ ବିଧାୟକ ତଥା ରାଜସ୍ୱ, ଶକ୍ତି ଏବଂ ଅବକାରୀ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସୁବ୍ରତ ତରାଇ ଏବଂ ରାଉରକେଲା ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଏକ ସୌଜନ୍ୟ ମୂଳକ ସାକ୍ଷାତକାର ବୁଧବାର ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସହରର କିଛି ନୂତନ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ପରିଚିତ ହୋଇଥିଲେ। ଦୁର୍ଗାପୂଜା ପୂର୍ବରୁ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ଉନ୍ନୟନ ମୂଳକ କାର୍ଯ୍ୟ, ନିର୍ବାଚନ ମଣ୍ଡଳୀ ସମସ୍ୟା ଏବଂ ତା'ର ସମାଧାନ ବିଷୟରେ ଏକ ଖବରଦାତା ସମ୍ମିଳନୀରେ ତଥ୍ୟ ପ୍ରଦାନ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର ସୁନ୍ଦର ରାୟ, ନଗର ସଭାପତି ଆର୍ତ୍ତ ମହାରଣା, ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ରାଜ୍ୟ ସମ୍ପାଦିକା ମିନତୀ ବିଶ୍ୱାଳ, ପ୍ରତିମା ରାଉତ, ଗାୟତ୍ରୀ ରାଉତ, ମିଡିଆ ସଂଯୋଜକ ଶିବ କୁମାର ନାୟକ ଓ ରମାକାନ୍ତ ରଥ, ବିରେନ୍ଦ୍ର ନାରାୟଣ ସ୍ୱାଇଁ, ସତ୍ୟନାରାୟଣ ସାହୁ ଓ ବିକାଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଢ଼ମାସରେ ପିଆଜ ଦର ୨ଗୁଣ ବୃଦ୍ଧି

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**

**ଚିନ୍ତାରେ ଖାଉଟି**



ରାଉରକେଲା ସହରର ଖୋଲା ବାଜରରେ ପିଆଜ କିଲୋ ପ୍ରତି ୧୫ରୁ୧୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ଏହା ୩୦ରୁ ୩୫ ଟଙ୍କାକୁ ବୃଦ୍ଧି ପାଇଛି। ହଠାତ ପିଆଜ ଦର ବୃଦ୍ଧି ସାଧାରଣ ଖାଉଟିଙ୍କୁ କନ୍ଦେଇବା ଆରମ୍ଭ କଲାଣି। ସହରକୁ ଆଗରୁ ଦୈନିକ ୧୫୦ରୁ ୨୦୦ଟନ୍ ପିଆଜ ମହାରାଷ୍ଟ୍ର ନାସିକରୁ ଆସୁଥିବା ବେଳେ ଏବେ ମାତ୍ର ୧୦୦ କୁଇଣ୍ଟାଲ ପିଆଜ ଆସୁଛି। ପିଆଜ ରପ୍ତାନୀରେ ହ୍ରାସ ହେବା ଯୋଗୁଁ ହୋଲସେଲରମାନେ ୧କୁଇଣ୍ଟାଲ ପିଆଜ ପିଛା ୨୫ଶହ ଟଙ୍କା ଦେଉଛନ୍ତି। ପରେ ହୋଲସେଲରମାନେ ପିଆଜ ରିଟେଲରଙ୍କ ନିକଟକୁ ପିଆଜ ପଠାଉଛନ୍ତି। ମାତ୍ର ଖୋଲା ବଜାରରେ ପିଆଜ ରିଟେଲରମାନେ ନିଜ ମନ ମୁତାବକ କିଲୋପ୍ରତି ୩୦ରୁ ୩୫ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟିଏ ପଟେ ପନିପରିବା ଦର ଆକାଶଛୁଆଁ ରହିଥିବା ବେଳେ ଏବେ ପିଆଜ ଦର ୨ଗୁଣ ବୃଦ୍ଧି ସହରରେ ରହୁଥିବା ପ୍ରାୟ ୪୦ଭାଗ ଦିନ ମଜୁରିଆଙ୍କ ସମେତ ଗରିବ ଶ୍ରେଣୀର ଲୋକେ ସମସ୍ୟା ଭୋଗୁଛନ୍ତି। କୁଆଁରମୁଣ୍ଡା, ଲାଠିକଟା ଓ ବିଶ୍ରା ଆଦି ବ୍ଲକ ଅଞ୍ଚଳରୁ ସହରକୁ କାମ କରିବାକୁ ଆସୁଥିବା ଶ୍ରମିକଙ୍କ ପଖାଳ କଂସାରୁ ପିଆଜ ହଜି ଯାଇଛି। ପିଆଜ କଳା ବଜାରି ଉପରେ ବିଭାଗୀୟ ପ୍ରଶାସନ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗରିବ ବସ୍ତି ବାସିନ୍ଦା ଦାବି କରିଛନ୍ତି। ଏନେଇ ରାଉରକେଲା ପ୍ଲାଣ୍ଟ ସାଇଡ ରୋଡସ୍ଥିତ ପିଆଜ ହୋଲସେଲର ମନୋଜ ଅଗ୍ରୱାଲ କୁହନ୍ତି, ବର୍ତ୍ତମାନ କେବଳ ପିଆଜ ନୁହେଁ ଚାଉଳରୁ ଆରମ୍ଭ କରି ତେଲ ଲୁଣ ଯାଏଁ ସବୁଥିରେ ଦରଦାମ ବୃଦ୍ଧି ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମରେ ଅଙ୍କୁଶ ଲଗାଇ ପାରୁନାହାଁନ୍ତି। ରାଜ୍ୟରେ ପିଆଜ ଚାଷ ନାହିଁ। ପିଆଜ ପାଇଁ ମହାରାଷ୍ଟ୍ରଉପରେ ନିର୍ଭର କରିବାକୁ ପଡୁଛି। ଆଗରୁ ସହରକୁ ୧୫୦ରୁ ୨୦୦ ଟନ ପିଆଜ ଆସୁଥିଲା। ହେଲେ ବର୍ତ୍ତମାନ ୧୦୦ ଟନ ପିଆଜ ଆସୁଛି। ଫଳରେ ପିଆଜ ଦର ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି।

### ଡାକ୍ତର ଦମ୍ପତିଙ୍କ ଘରୁ ଚୋରି

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ଆଇଜିଏଚରେ ଚାକିରି କରୁଥିବା ଜଣେ ଡାକ୍ତର ଦମ୍ପତିଙ୍କ ଛେଣ୍ଡସ୍ଥିତ ବାସଭବନରେ କେହି ନ ଥିବା ବେଳେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ସୂଚନା ମିଳିଛି। ଏ ନେଇ ଛେଣ୍ଡ ଥାନାରେ ଏତଲା ହୋଇଛି। ଡ. ଶୁଭଜିତ ସାହୁ ଓ ସ୍ତ୍ରୀ ୫ ଦିନ ପୂର୍ବେ ଦିଲ୍ଲୀ ଯାଇଥିବା ବେଳେ ତାଙ୍କ ଘର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ୨ ଲ୍ୟାପଟପ୍, ଗୋଟିଏ ଟାବଲେଟ୍ ଓ ନଗଦ ୩୦ ହଜାର ଟଙ୍କା ଚୋରିକରି ନେଇଛନ୍ତି। ଏ ନେଇ ଥାନରେ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ ୧୧୦/୨୩) ରୁଜୁ କରି ତଦନ୍ତ କରୁଛି।

### ଅହିରାବନ୍ଧ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ କଲେ ବିଧାୟକ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ସେକ୍ଟର-୩ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ହେଉଥିବା ନିର୍ମାଣ କାର୍ଯ୍ୟ ପରିସରକୁ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ବୁଧବାର ସକାଳେ ପରିଦର୍ଶନ କରିଛନ୍ତି। ଉତ୍ତମ ଗୁଣବତ୍ତା ବଜାୟ ରଖି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଧାୟକ ତରାଇ କହିଥିଲେ। ସେହିକ୍ରମରେ ସେକ୍ଟର-୨ରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଆର୍‌ଏସପି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା, ମାର୍କେଟର ଉନ୍ନତିକରଣ, ରାସ୍ତା ପାଇଁ ଭୂମିପୂଜନ କରାଯାଇଛି।

### ସିଆର୍‌ପିଏଫ୍‌ଙ୍କୁ ଦିଆଯିବ ସୁସ୍ୱାଦୁ ମିଲେଟ ଖାଦ୍ୟ



**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ସିଆର୍‌ପିଏଫ୍‌ଙ୍କ ଖାଦ୍ୟ ଥାଳିରେ ଏଣିକି ପରଷା ଯିବ ସୁସ୍ୱାଦୁ ମିଲେଟ ଖାଦ୍ୟ। ଯେଉଁଥିରେ ରହିଛି ସୁଆଁ କ୍ଷୀରି, ମାଣ୍ଡିଆ ଲଡ୍ଡୁ, ପରଟା, ରୁଟି, ଇଡ଼ଲି, ଦୋସା, ଜିଲାପି, ଚକୁଲି, ଚାଓମିନ୍, ଉପମା, ଦଲିଆ ଭଳି ଅନେକ ପ୍ରକାର ଜଳଖିଆ, ମିଷ୍ଟାନ୍ନ ଓ ନମକିନ ଭଳି ଖାଦ୍ୟ। ଏହାକୁ ସେମାନଙ୍କୁ ପ୍ରତ୍ୟେକ ଦିନ ଯୋଗାଇବା ପାଇଁ ବିଶ୍ରା ବ୍ଲକ ଅନ୍ତର୍ଗତ ଝିରପାଣିସ୍ଥିତ ଦିବ୍ୟଜ୍ୟୋତି ଏସ୍‌ଏଚଜିଙ୍କଠାରୁ ୫ ଯବାନ ଏହି ତାଲିମ ନେଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ସିଆର୍‌ପିଏଫ୍ କର୍ତ୍ତୃପକ୍ଷ। ପ୍ରାୟ ୩ଟି ବାଟାଲିୟନର ୩ ହଜାରରୁ ଊର୍ଦ୍ଧ୍ୱ ଯବାନ ଏଥିରେ ଖାଦ୍ୟ ଖାଇବେ। ଅଗଷ୍ଟ ୭ରୁ ୨୨ ପର୍ଯ୍ୟନ୍ତ ଏସ୍‌ଏଚ୍‌ଜି ପକ୍ଷରୁ ଦିବ୍ୟଜ୍ୟୋତି ସଭାନେତ୍ରୀ ପ୍ରେମା ଦାସ ଓ ଅନ୍ୟମାନେ ତାଲିମ ପ୍ରଦାନ କରିଛନ୍ତି। ସିଆରପିଏଫ୍ ୧୨ ବାଟାଲିୟନ(ନବରଙ୍ଗପୁର)ର ସୁରେଶ ଚନ୍ଦ୍ର ସାହୁ, ବାଟାଲିୟନ୍ ୪(ରାୟଗଡ଼ା) ର ସୁନୀଲ ଶୁକ୍ଲା, ୧୯ ବାଟାଲିୟନ(ରାଉରକେଲା)ର ବି.ଅନୀଲ କୁମାର, ଉମେଶ କୁମାର, କଟ୍ରେ ଉମେନ୍ଦ୍ର କୁମାର ଆଦି ୫ ଯବାନ ଏହି ତାଲିମ ଗ୍ରହଣକରିଛନ୍ତି। ତାଲିମର ଉଦ୍‌ଯାପନୀ ଦିବସରେ ୫ଟି ବାଟାଲିୟନକୁ ପରିଚାଳନା କରୁଥିବା ଡିଆଇଜି ଅଜିତ ସାଗୁଆନଙ୍କ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଏସ୍‌ଏଚ୍‌ଜିଙ୍କୁ ପ୍ରଶଂସା ପତ୍ର ଦିଆଯାଇଥିଲା। ଏହି ସମୟରେ କମାଣ୍ଡାଣ୍ଟ ମନୋଜ କୁମାର, ଡେପୁଟି କମାଣ୍ଡାଣ୍ଟ ଅମିତ କୁମାର, ସିରାଜୁଲ ଆଲାମ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୁଧବାରଠାରୁ ଖାଦ୍ୟ ପରିବର୍ତ୍ତନ ହୋଇ ମିଲେଟକୁ ପ୍ରାଥମିକତା ଦିଆଯାଇଥିବା ଜଣାପଡ଼ିଛି।

# ଇସ୍ରୋ ସଫଳତା ନେଇ ଖୁସି ମନାଇଲା ଶକ୍ତି କ୍ଲବ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ଇସ୍ରୋର ସଫଳତା ପାଇଁ ବୁଧବାର ସନ୍ଧ୍ୟାରେ ଶକ୍ତିନଗର ଛକରେ ଶକ୍ତିକ୍ଲବ ଓ ସୋଶିଆଲ ହୋମ ପକ୍ଷରୁ ଆତସବାଜି କରାଯାଇଛି। କ୍ଲବ ସଭାପତି କୈଳାଶ ପ୍ରଧାନ, ସାଧାରଣ ସମ୍ପାଦକ ଅକ୍ଷୟ ପାତ୍ର, ଗୋପାଳ ପାତ୍ର, ଶିଶିର ମୁଦୁଲି, ମିହିର ମହାପାତ୍ର, ତୁଷାର ବାରିକ, ହେମନ୍ତ ପାଲଟାସିଂ, ଚକ୍ରଧର ମଲ୍ଲିକଙ୍କ ସମେତ ଅନ୍ୟମାନେ ଆତସବାଜି କରିବା ସହ ଖୁସି ମନାଇଥିଲେ। ସେହିପରି ସେକ୍ଟର-୩ ଓ ଅନ୍ୟାନ୍ୟା ସ୍ଥାନରେ ଆତସବାଜି କରାଯାଇଛି।

### ଚେସ୍‌ରେ ଗୌରବ ହାସଲ କଲେ ପ୍ରିୟଙ୍କା

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପିର ରୋଲ ସପ୍ ବିଭାଗରେ ସହକାରୀ ପ୍ରବନ୍ଧକ ଭାବେ କାର୍ଯ୍ୟକରୁଥିବା ଜୟନ୍ତ କୁମାର ରାଉତରାୟ ଏବଂ ସସ୍ମିତାଙ୍କ ସୁପୁତ୍ରୀ ସୁଶ୍ରୀ ପ୍ରିୟଙ୍କା ଚେସ୍‌ରେ ରାଉରକେଲା ଇସ୍ପାତ ସହରକୁ ଗର୍ବିତ କରିଛନ୍ତି। ସୁନ୍ଦରଗଡରେ ଆୟୋଜିତ ୧୯ବର୍ଷରୁ କମ୍ ରାଜ୍ୟ ଓପନ ବାଳିକା ଚମ୍ପିୟନସିପ-୨୦୨୩ର ବିଜୟୀ ହୋଇଥିଲେ। ପ୍ରିୟଙ୍କା ଭିଏସଏସୟୁଟିରେ ଇଲୋକଟ୍ରୋନିକ୍ସ ଓ ଟେଲି ଯୋଗାଯୋଗ ବିଷୟରେ ବି.ଟେକ୍ କରୁଛନ୍ତି।



ପ୍ରିୟଙ୍କା ଚାମ୍ପିୟନ ଟ୍ରଫି ନେଉଛନ୍ତି।

# ଗୁରୁବାର ଡ୍ରାଏ ଡେ' ପାଳନ ପାଇଁ ଆହ୍ୱାନ

**ଡେଙ୍ଗୁ ହ୍ରାସ ନେଇ ସମନ୍ୱୟ ବୈଠକ**

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**



ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ରାଉରକେଲା ସହରରେ ଡେଙ୍ଗୁ ସ୍ଥିତି ଓ ଏହାର ମୁକାବିଲା ସହିତ ଡେଙ୍ଗୁ ହ୍ରାସ ଅଭିଯାନ ନେଇ ଆର୍‌ଏମ୍‌ସି ସଭାଗୃହରେ ଗୁରୁବାର ଏକ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସହରର ଡ୍ରେନ ସଫେଇ, ଘାସ କାଟିବା, ଲାର୍ଭା ନଷ୍ଟରେ ତେଲ ସିଞ୍ଚନ, ମଶା ଧୂଆଁ ସ୍ପ୍ରେ, ମଶା ପ୍ରଜନନ ସ୍ଥାନ ଚିହ୍ନଟ ଏବଂ ନଷ୍ଟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏଥିସହିତ ଆଶାକର୍ମୀ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବେ। ପ୍ରତି ଗୁରୁବାର ଡ୍ରାଇ ଡେ' ପାଳନ କରିବାକୁ ସହରାଞ୍ଚ ଲୋକଙ୍କୁ ନିବେଦନ କରିଥିଲେ। ଲୋକେ ନିଜ ଘର ଛାତ, ଅଦରକାରି ପାଣି କୁଣ୍ଡ, ଫୁଲ କୁଣ୍ଡ, ଟାୟାର ଆଦିରେ ଜମି ଥିବା ପାଣିକୁ ସଫା କରିବାକୁ କୁହାଯାଇଥିଲା। ଜନବହୁଳ ସ୍ଥାନ ଏବଂ ସ୍କୁଲରେ ଡେଙ୍ଗୁ ସଚେତନତା ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ବ୍ୟାପକ ସଚେତନତା ପାଇଁ ଡେଙ୍ଗୁ ରଥ ବାହାରିବ ବୋଲି କୁହାଯାଇଥିଲା। ବୈଠକରେ ଆର୍‌ଏସପି, ରେଳବାଇ, ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ବ୍ଲକ ଶିକ୍ଷା ଅଧିକାରୀ, ସିଟି ହେଲଥ ଅଫିସର ସୁଶୀଲ କୁମାର ପରିଡ଼ା,ଏଡିଏୁପିଏଚଓ ପୁଷ୍ପମିତ୍ରା ମିଶ୍ର, ଏଡିପିଏଚଓ (ସୁନ୍ଦରଗଡ) ଭକ୍ତ ମୋହନ ସ୍ୱାଇଁ ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋଦାମରୁ ୨୩୯ ଗ୍ୟାସ୍ ସିଲିଣ୍ଡର ଚୋରି

ରେଢାଖୋଲ,୨୩।୮(ଅଚ୍ୟୁତାନନ୍ଦ ପୁରୋହିତ): ରେଢାଖୋଲର ଇଣ୍ଡେନ ରନ୍ଧନ ଗ୍ୟାସ ଡିଲରଙ୍କ ବର୍ଷକିଆ ଗ୍ରାମ ନିକଟରେ ଥିବା ଗୋଦାମରୁ ୨୩୯ ସିଲିଣ୍ଡର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୧୯୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୧୯ ତାରିଖ ରାତିରେ ଏହି ଚୋରି ହୋଇଥିବା ନେଇ ମାଲିକ ପ୍ରଦ୍ୟୁମ୍ନ କୁମାର ନାୟକ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଉକ୍ତ ଗୋଦାମରୁ ସିଲିଣ୍ଡର ଚୋରି ହୋଇଥିବା ନାୟକ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏହାର ଟେର ମିଳି ନ ଥିବାବେଳେ ପୁଣିଥରେ ଚୋରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

### ସାମାଜିକ କର୍ମୀ ସୁରଞ୍ଜନ ମହାପାତ୍ରଙ୍କ ପରଲୋକ

**ବିଭିନ୍ନ ସଂଗଠନର ଶୋକ ପ୍ରକାଶ**



ସମ୍ବଲପୁର,୨୩।୮(ବି.ଶଙ୍କର): ବରିଷ୍ଠ କଂଗ୍ରେସ ନେତା ତଥା ସାମାଜିକ କର୍ମୀ ସୁରଞ୍ଜନ ମହାପାତ୍ରଙ୍କ ବୁଧବାର ସମ୍ବଲପୁର ଆଶପାଲି ନିକଟ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ହୋଇଥିଲା। ଜିଲା କଂଗ୍ରେସ ପକ୍ଷରୁ ତାଙ୍କ ଶବାଧାରରେ ଦଳୀୟ ପତାକା ପ୍ରଦାନ କରାଯାଇଥିଲା। ସେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ଟାଉନ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିଷ୍ଠାତା ସଭ୍ୟ ଥିଲେ। ଏଥିସହ ଜ୍ୟୋତି ଚକ୍ଷୁଦାନ ସଂସ୍ଥା, ଜିଲା ବରିଷ୍ଠ ନାଗରିକ ସଂଘ, ହୀରାଖଣ୍ଡ ନାଗରିକ ପରିଷଦର ଜଣେ ସକ୍ରିୟ ସଦସ୍ୟ ଥିଲେ। ଜିଲା ଚର୍ଚ୍ଚ ୟୁନିୟନର ପରାମର୍ଶଦାତା, ସମ୍ବଲପୁର ଖ୍ରୀଷ୍ଟିୟାନ ଫୋରମ ଆବାହକ, ଓଡିଶା ବାପଟିଷ୍ଟ ଚର୍ଚ୍ଚର ଡିକୋନ ଭାବେ କାର୍ଯ୍ୟ କରୁଥିଲେ। ସାମାଜିକ କାର୍ଯ୍ୟ ସକାଶେ ସେ ରାଜ୍ୟ, ଦେଶ ଓ ବିଦେଶରେ ସମ୍ମାନିତ ହୋଇଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ ପାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଆରତି, ଝିଅ ସ୍ମୃତିପ୍ରଭାଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ବିଭିନ୍ନ ସଂଗଠନ, ରାଜନୈତିକ ଦଳର ନେତା ତାଙ୍କୁ ଶେଷ ଦର୍ଶନ କରିଥିଲେ। ଗୁରୁବାର ତାଙ୍କର ଶେଷକୃତ୍ୟ କରାଯିବ ବୋଲି ପୁତ୍ର ସ୍ମୃତିରଞ୍ଜନ ସୂଚିତ କରିଛନ୍ତି।

### ଖେଳପଡ଼ିଆରେ ବୃକ୍ଷରୋପଣ

କୁଚିଣ୍ଡା,୨୩।୮(ବିରଞ୍ଚି ଦର୍ଚ୍ଚା): କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଫଲସାତୁଆଁ ଗ୍ରାମ ଖେଳପଡିଆରେ ବାପୁଜୀ କ୍ଲବ ପକ୍ଷରୁ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଗଜେନ୍ଦ୍ର କିଷାନ ଓ ସମ୍ପାଦକ ଟଙ୍କଧର ଲୁହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ଓ ଜଗନ୍ନାଥ ପୃଷ୍ଟେଠ ଅତିଥି ଭାବେ ଯୋଗଦେଇ କ୍ଲବ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଖେଳପଡିଆର ଚତୁଃପାର୍ଶ୍ୱରେ ୬ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି। ଏଥିରେ କ୍ଲବର ସୁଶାନ୍ତ କିଷାନ, ମିତ୍ର କିଷାନ, ଅତୁଲ୍ୟ କିଷାନ, କେଦାର ଲୁହୁରା, ରଞ୍ଜନ ବାଘ, ସମୀର ବାଘ, ଶନୁ କିଷାନ, ସୁକାନ୍ତ କିଷାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମାଲିକ ଅଜାଣତରେ ଜମି ବିକ୍ରି ଉଦ୍ୟମ




ଗିରଫ ଜମି ଦଲାଲ। ଜବତ ଟଙ୍କା ଓ ନକଲି କାଗଜପତ୍ର।

- ୨ ଗିରଫ, ୬ ଲକ୍ଷ ୪୦ ହଜାର ଟଙ୍କା ଜବତ
- ନକଲି ଦସ୍ତାବିଜରେ ହେଉଥିଲା କିଣାବିକା

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ମାଲିକ ଅଜାଣତରେ ହେଉଥିଲା ଜମି ବିକ୍ରି। ଦଲାଲମାନେ ନକଲି ଦସ୍ତାବିଜ ତିଆରି କରି ଜମି କିଣାବିକା କରୁଥିଲେ। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ମାଝିପାଲି ଗ୍ରାମର ଚନ୍ଦ୍ରଶେଖର ବିଶ୍ୱାଳ (୩୦) ଓ କ୍ଷେତରାଜପୁର ଥାନା ନୂଆପଡ଼ାର ଟେଙ୍ଗୁନୁ ହରିପାଲ (୩୫)। ଅଭିଯୁକ୍ତଙ୍କ ନିକଟରୁ ବୁର୍ଲା ସହର ମ୍ୟାପ୍, ନକଲି ଚୁକ୍ତିନାମା, ଆଧାର କାର୍ଡ ଭଳି କାଗଜପତ୍ର ସହ ୬ ଲକ୍ଷ ୪୦ ହଜାର ଟଙ୍କା ଜବତ କରାଯାଇଛି। ଏଥିରେ ଏକ ର୍ୟାକେଟ କାମ କରୁଥିବାରୁ ଆଗକୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବୁଧବାର ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ସୂଚନା ଅନୁସାରେ, ଅନୁଗୋଳ ଜିଲା ଖମାର ଗ୍ରାମର ସୂର୍ଯ୍ୟକାନ୍ତ ନାଏକ ବୁର୍ଲା ମୌଜାରେ ୧ ଏକର ୬୫ ଡେସିମିଲ ଜମି ଅଭିଯୁକ୍ତଙ୍କ ଜରିଆରେ କିଣିଥିଲେ। ଏଥିପାଇଁ ସେ ୨ ଲକ୍ଷ ନଗଦ ଓ ୨୮ ଲକ୍ଷ ଟଙ୍କା ଚେକ୍ ଆକାରରେ ଦେଇଥିଲେ। ଏହି ଜମି ମୋଟ ୨ କୋଟି ୧୮ ଲକ୍ଷ ୫୯ ହଜାର ଟଙ୍କାରେ ବିକ୍ରି ପାଇଁ ଚୂଡାନ୍ତ ହୋଇଥିଲା। ଗତ ଫେବୃୟାରୀ ମାସରେ ଅଭିଯୁକ୍ତମାନେ ଅଗ୍ରିମ ଟଙ୍କା ନେଇଥିଲେ ମଧ୍ୟ ଜମି ଦେଉ ନ ଥିଲେ। ଜମି ସମତଳ କରିବା ସମୟରେ ପ୍ରକୃତ ମାଲିକ ପୁରନ୍ଦର ରଣା, ନର ରଣା, ହିରନ୍ମୟ ରଣା, ହରିହର ରଣା ବିରୋଧ କରିଥିଲେ। ଏହି ସମୟରେ ସୂର୍ଯ୍ୟକାନ୍ତ ଠକେଇର ଶିକାର ହୋଇଥିବା ଜାଣିଥିଲେ। ପରେ ସେ ଗତ ୨୧ ତାରିଖରେ ବୁର୍ଲା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୁର୍ଲା ଏସ୍‌ଡିପିଓ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ସବୁ ରେକର୍ଡପତ୍ର ଯାଞ୍ଚ କରିବା ପରେ ପୋଲିସ ଟିମ୍ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବ୍ୟାଙ୍କ ଜମା ଖାତା ଫ୍ରିଜ୍ କରାଯାଇଛି। ଅଗ୍ରିମ ନେଇଥିବା ୩୦ ଲକ୍ଷରୁ ୮ ଲକ୍ଷ ବାକି ରହିଥିଲା, ଯାହାକୁ ପୋଲିସ ଜବତ କରିଛି।

# ଯାଞ୍ଚ କଲେ ସୁରକ୍ଷା କମିଶନର

**ସମ୍ବଲପୁର-ତାଳଚେର ଦୋହରୀକରଣ କାମ ଶେଷ**



ସମ୍ବଲପୁର-ତାଳଚେର ରେଲଲାଇନ ସୁରକ୍ଷା ଯାଞ୍ଚ କରାଯାଉଛି।

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର-ତାଳଚେର ୧୬୮.୨୧୨ କି.ମି. ଲମ୍ବା ସୁପର କ୍ରିଟିକାଲ୍ ଡବଲ୍ ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରେଳ ସୁରକ୍ଷା କମିଶନର ଏ.ଏମ୍. ଚୌଧୁରୀ ଗସ୍ତ କରି ଓଭରହେଡ୍ ଉପକରଣ, ସିଗନାଲ୍ ଏବଂ ଟେଲିକମ୍ ଯୋଗାଯୋଗ ଉପକରଣ, ରେଳ ଟ୍ରାକ୍ ଇତ୍ୟାଦି ସୁରକ୍ଷା ସମ୍ବନ୍ଧୀୟ ଦିଗଗୁଡିକ ଯାଞ୍ଚ କରିଥିଲେ । ସମ୍ବଲପୁର ସହର - ସମ୍ବଲପୁର ଷ୍ଟେଶନ ମଧ୍ୟରେ ଏକ ସ୍ପିଡ୍ ଟ୍ରାଏଲ୍ ହୋଇଥିଲା। ଯାଞ୍ଚ ସମୟରେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନୀତ ସିଂ, ମୁଖ୍ୟ ପ୍ରଶାସକ (କନ) ଶ୍ରୀନିବାସ, ଇକୋଆର ମୁଖ୍ୟାଳୟ ଏବଂ ସମ୍ବଲପୁର ଡିଭିଜନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜେନେରାଲ୍ ମ୍ୟାନେଜର ମନୋଜ ଶର୍ମା ତାଳଚେର-ସମ୍ବଲପୁର ଭଳି ସୁପର କ୍ରିଟିକାଲ୍ ଡବଲିଂ ପ୍ରୋଜେକ୍ଟ ସହିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ଏହିପ୍ରକଳ୍ପକୁ ୨୦୧୧-୧୨ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୧୮ରେ ଚୂଡ଼ାନ୍ତ ମଞ୍ଜୁରୀ ଦିଆଯାଇଥିଲା।

# ଯୁଯୁମୁରା ପୋଲିସର ବିଫଳତା, ବୁଲୁଛନ୍ତି ଅଭିଯୁକ୍ତ

**ମାଲିକ, ସାକ୍ଷୀ ନକଲି ରହି ଜମି ବିକ୍ରି ଘଟଣା**

- ଖୁବ୍‌ଶୀଘ୍ର ଗିରଫ କରାଯିବ : ଏସ୍‌ପି

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାରେ ଜମି ମାଫିଆ ର୍ୟାକେଟ କାମ କରୁଛି। ଅନେକ ସମୟରେ ଜମିବାଡି ସମସ୍ୟା କହି ପୋଲିସ ଲୋକଙ୍କ ଅଭିଯୋଗକୁ ହାଲୁକା ଭାବେ ନେଇଥାଏ। ହେଲେ ଯେଉଁଠାରେ ପୋଲିସ ମାମଲାକୁ ଗମ୍ଭିରତା ସହ ନେଇଛି ସେଠାରେ ର୍ୟାକେଟର ପର୍ଦ୍ଦାଫାଶ ହେଉଛି। ବୁଧବାର ବୁର୍ଲା ପୋଲିସ ଏଭଳି ଏକ ର୍ୟାକେଟ ଠାବ କରି ଅଭିଯୁକ୍ତଙ୍କୁ ଜେଲ ପଠାଇ ଦେଇଛି। ହେଲେ ଯୁଯୁମୁରା ପୋଲିସର ବିଫଳତା ଯୋଗୁ ମେ ମାସରେ ହୋଇଥିବା ଅଭିଯୋଗ ଉପରୁ ପରଦା ଉଠିପାରିନାହିଁ। ଅସଲି ମାଲିକଙ୍କ ଅଭିଯୋଗ କ୍ରମେ ପୋଲିସ କେବଳ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଖୋଲାରେ ବୁଲୁଥିଲେ ମଧ୍ୟ ଗିରଫ କରିପାରି ନାହିଁ। ଏଥିରେ ପୋଲିସର ନୀରବତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ମୋର ଯୋଗଦାନ ପୂର୍ବରୁ ଏହି ଘଟଣା ଘଟିଥିଲା। ତେଣୁ ଠିକ୍‌ଭାବେ ଜାଣି ନାହିଁ। ଏହି ଘଟଣାରେ ଅଭିଯୁକ୍ତମାନେ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସେ କହିଥିଲେ।

ସୂଚନା ଅନୁସରେ, ଯୁଯୁମୁରା ତହସିଲ ଅନ୍ତର୍ଗତ କୟାକୁଦ ଗ୍ରାମର ପ୍ରଫୁଲ୍ଲ ରଣାଙ୍କ ନାମରେ ଥିବା ଜମିକୁ ତାଙ୍କ ଅଜାଣତରେ ସାକ୍ଷୀ, ମାଲିକ ନକଲି, ମଧ୍ୟସ୍ତି ଅସଲି ରହି ବିକ୍ରି କରାଯାଇଥିଲା। ଏଥିରେ ପ୍ରାୟ ୬୫ ଲକ୍ଷ ଟଙ୍କା କାରବାର ହୋଇଥିଲା। ଘଟଣାକୁ ନେଇ ରଣା ଜିଲାପାଳ ଓ ପୋଲିସ ପାଖରେ ଅଭିଯୋଗ କରିବା ପରେ ତଦନ୍ତ ହୋଇଥିଲା। ଜମି କିଣିଥିବା ମୁଦିପଡାର ଜଗଦୀଶ ପଣ୍ଡା ଜୁନ ୨ରେ ରେଜିଷ୍ଟ୍ରି କରି ପୁଣି ମାଲିକଙ୍କୁ ଜମି ଫେରାଇ ଦେଇଥିଲେ। ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୨୨ରେ ୨୫ ହଜାର ଟଙ୍କା ଷ୍ଟାମ୍ପ ପେପରରେ ଜମି ରେଜିଷ୍ଟ୍ରି ହୋଇଥିଲା। କୟାକୁଦ ପଞ୍ଚାୟତ ଜରାସିଂହା ମୌଜାର ୪ ଏକର ୫୩ ଡେସିମିଲ ଜମି ବିକ୍ରି ହୋଇଥିଲା। ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ଜମି ମାଲିକ ପ୍ରଫୁଲ୍ଲଙ୍କ ସ୍ଥାନରେ ଅନ୍ୟଜଣଙ୍କ ଫଟୋ ଲଗାଇ ଜଗଦୀଶଙ୍କୁ ବିକ୍ରି କରାଯାଇଥିଲା। ଏଥିରେ କରୁଣା ରଣା, ମନସୁର ଅଲ୍ଲି ଖାନ ଦୁଇଜଣ ସାକ୍ଷୀଙ୍କ ନାମ ରହିଥିଲା। ତାହା ମଧ୍ୟ ନକଲି କି ଅସଲି ତଦନ୍ତାଧୀନ ରହିଛି।

### ମାରପିଟ ଘଟଣାରେ ୬ ଗିରଫ

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବୁର୍ଲା ଥାନା ଚିପିଲିମା ଗୋବିନ୍ଦପାଲି ଦିପକ ଆଇସ୍‌ପଏଣ୍ଟ ଦୋକାନରେ ଗତ ସୋମବାର ମାରପିଟ ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚିପିଲମାର ଅମନ କୋକ (୨୨), ଜିତେନ୍ଦ୍ରିୟ ଭୂୟାଁ (୨୧), ଗଜେନ୍ଦ୍ର କମାର (୨୧), ଦିନେଶ ମହାନନ୍ଦ (୨୩), ରାହୁଲ ଭୋଇ (୧୯), ବଗବିରାର ଗ୍ରାମର ଆଦିକନ୍ଦ ଠେଲା (୨୧)। ଏ ନେଇ ବୁର୍ଲା ଥାନାରେ କେସ ନଂ ୩୭୨/୨୩ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ସୋମବାର ରାତି ପ୍ରାୟ ୯ଟାରେ କେତେଜଣ ଯୁବକ ଦୋକାନକୁ ଆସି ସିଗାରେଟ ଉଧାରି ମାଗିଥିଲେ। ଦୋକାନୀ ଅମିତ ବଘାର ମନାକରି ଆଗର ବକେୟା ଦେବାକୁ କହିଥିଲେ। ଏଥିରେ ସେମାନେ ଉତ୍ୟକ୍ତ ହୋଇ ଅମିତଙ୍କୁ ଅତର୍କିତ ଏକ ଆକ୍ରମଣ କରି ଦୋକାନ ଭଙ୍ଗାରୁଜା କରିଥିଲେ। ଏହାକୁ ଅମିତଙ୍କ ଭଣଜା ଦୀପକ ଛୁରିଆ ଓ ଅନ୍ୟ ଦୁଇ ସହଯୋଗୀ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ଦୀପକ ଗୁରୁତର ଥିବାବେଳେ ଅନ୍ୟ ୩ଜଣ ଆହତ ହୋଇ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# କେଲଡ଼ା-ନଗରାବାହାଲ ରାସ୍ତା ଶୋଚନୀୟ



କେଲଡା-ନଗରାବାହାଲ ରାସ୍ତା।

କୁଚିଣ୍ଡା,୨୩।୮(ବିରଞ୍ଚି ଦର୍ଚ୍ଚା)

କେଲଡା-ନଗରାବାହାଲ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି କୁଚିଣ୍ଡା ଓ ଜମନକିରା ବ୍ଲକର ସୀମାବର୍ତ୍ତୀ ହୋଇଥିବାରୁ ଉଭୟ ବ୍ଲକ କର୍ତ୍ତୃପକ୍ଷଙ୍କ ନଜର ଆଢୁଆଳରେ ରହିଯାଇଥିବା କୁହାଯାଉଛି। କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତ ଅଧୀନରେ ଏହି ରାସ୍ତା ବରଡିପା ପର୍ଯ୍ୟନ୍ତ ଆସୁଥିବାରୁ ପ୍ରାୟ ଅଧ କି.ମି. ରାସ୍ତା ପାଇଁ ୨୦୨୦-୨୧ରେ ବ୍ଲକ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ମୋରମ କାମ ହୋଇଥିଲା। ମାତ୍ର ବରଡିପାରୁ ନଗରାବାହାଲ ପ୍ରାୟ ଅଧ କି.ମି. ରାସ୍ତା ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ଅଧୀନରେ ଆସୁଥିବାରୁ ଏହାର ମରାମତି କାମ ଆଦୌ ହେଉ ନାହିଁ। ରାସ୍ତା ଖରାପ ପାଇଁ ନଗରାବାହାଲ ଗ୍ରାମବାସୀ କୁଚିଣ୍ଡା ଉପଖଣ୍ଡ ମୁଖ୍ୟାଳୟକୁ ଅଧିକ ୫କି.ମି. ବୁଲି ଆସୁଛନ୍ତି। ବର୍ଷା ଋତୁରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ଆମ ବ୍ଲକ ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତାରେ କୌଣସି ଅସୁବିଧା ନ ଥିବା କହିଥିଲେ। ସେହିପରି ଜମନକିରା ବିଡିଓ ପ୍ରସନ୍ନ କୁମାର ପଟେଲ ଏଭଳି ରାସ୍ତା ସମସ୍ୟା ମୋ ଦୃଷ୍ଟିକୁ ଆସି ନାହିଁ, ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ ସତ୍‌ସଙ୍ଗର ଲକ୍ଷ୍ୟ



ପୋଲିସ ଟ୍ରେନିଂ ସେଣ୍ଟରରେ ସଚେତନତା କାର୍ଯ୍ୟକ୍ରମ।

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ପୋଲିସ ବେସିକ୍ ଟ୍ରେନିଂ ସେଣ୍ଟର ଓ ବୁର୍ଲା ଗୁରୁ ରାମପାଲଜୀ ମହାରାଜଙ୍କ ସତ୍‌ସଙ୍ଗ ପରିସରରେ ମୁନିନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ କୁରୁକ୍ଷେତ୍ର ହରିୟାଣା ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶାଖା ସମ୍ବଲପୁର, ଦେବଗଡ଼ ଜିଲାର ଭକ୍ତମାନଙ୍କ ସହଯୋଗରେ ଏହା ଆୟୋଜନ ହୋଇଥିଲା। ଟ୍ରେନିଂ ସେଣ୍ଟର ଡେ଼ପୁଟି କମାଣ୍ଡାଣ୍ଟ ଲକ୍ଷ୍ମଣ ସିଂଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ନୂତନ ପୋଲିସ ଟ୍ରେନର ଓ ଅଧିକାରୀ ଉପସ୍ଥିତ ଥିଲେ। ଯୁବବର୍ଗଙ୍କ ମଧ୍ୟରେ ନୈତିକତା ଓ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ କରାଇ ସ୍ୱଚ୍ଛ ସମାଜ ଗଠନ କରିବା ସତ୍‌ସଙ୍ଗର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଏ ନେଇ ଶପଥ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ଅକ୍ଷୟ ଦାସ, ରାଜ୍ୟ ସୋସିଆଲ ମିଡ଼ିଆ ସଂଯୋଜକ ଭଗତ କ୍ଷୀରୋଦ ଦାସଙ୍କ ସମେତ ଭଗତ ରାଜନ ଦାସ, ଋଷି ଦାସ, ବାବୁ ଦାସ, ଅନିଲ ଦାସ, ବିଶ୍ୱଜିତ ଦାସ, ହେମା ଦାସୀ, ଶାନ୍ତି ଦାସୀ ସହଯୋଗ କରିଥିଲେ।

### ତାଲା ଭାଙ୍ଗି ଟଙ୍କା, ମୋବାଇଲ ଚୋରି

କୁଚିଣ୍ଡା,୨୩।୮(ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ଥାନା ଅନ୍ତର୍ଗତ କିଣ୍ଡିରା ଗ୍ରାମର ପ୍ରହ୍ଲାଦ ଭଇଁଷାଙ୍କ ଘର ତାଲା ଭାଙ୍ଗି ଟଙ୍କା ଓ ମୋବାଇଲ ଫୋନ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଛି। ସୂଚନା ଅନୁଯାୟୀ ପ୍ରହ୍ଲାଦଙ୍କ ଘର ଶ୍ରୀଅରବିନ୍ଦ ସ୍କୁଲକୁ ଲାଗି ହାଡିପାଲି ରାସ୍ତା ପାର୍ଶ୍ୱରେ ଅଛି। ବୁଧବାର ପୂର୍ବାହ୍ନ ୧୧ଟାରେ ସେ ଘରେ ତାଲା ପକାଇ କୌଣସି କାମରେ ଗାଁ ଭିତରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଘରକୁ ଫେରି ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଆଲମିରା ଭିତରେ ଥିବା ସାଢେ ୩ହଜାର ଟଙ୍କା ଓ ଘରେ ଥିବା ୨୦ହଜାର ଟଙ୍କାର ଏକ ମୋବାଇଲ ଫୋନ ଚୋରି ହୋଇଥିବା ଜାଣି ଏ ସମ୍ପର୍କରେ କୁଚିଣ୍ଡା ଥାନା ପିସିଆରକୁ ଫୋନରେ ଜଣାଇଥିଲେ। ପିସିଆର୍ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ଚନ୍ଦ୍ର ମୋହନ ସିଂ କହିଛନ୍ତି।

### ବିଧାୟକ-ବ୍ଲକ ଅଧ୍ୟକ୍ଷାଙ୍କ ଭିତିରିଆ ସମ୍ପର୍କ ଚର୍ଚ୍ଚା

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାର ରାଜନେତା ଓ କର୍ମୀମାନେ ବିଭିନ୍ନ କାରଣରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥାନ୍ତି। ଏବେ ଜଣେ ବିଧାୟକ ଓ ଜଣେ ବ୍ଲକ ଅଧ୍ୟକ୍ଷାଙ୍କ ଭିତିରିଆ ସମ୍ପର୍କ ନେଇ ଚର୍ଚ୍ଚା ଜୋର ଧରିଛି। ବିଧାୟକ ଜଣଙ୍କ ବ୍ଲକ ଅଧ୍ୟକ୍ଷାଙ୍କୁ ସବୁ କାମରେ ସହଯୋଗ କରୁଛନ୍ତି। ଏପରି କି ପ୍ରଶାସନିକ ଅଧିକାରୀମାନଙ୍କ ସହିତ ମଧ୍ୟ ଅଧ୍ୟକ୍ଷାଙ୍କ ପାଇଁ ଗୁହାରି ଓ ଆବଶ୍ୟକ ପଡିଲେ ନାଲିଆଖି ଦେଖାଉଛନ୍ତି। ଅଧ୍ୟକ୍ଷାଙ୍କ ଉପରେ ଭରସା କରି ନିଜ ଦଳର ହାଇକମାଣ୍ଡଙ୍କ ପରାମର୍ଶ ମଧ୍ୟ ମାନୁନାହାନ୍ତି। ଦଳୀୟ କର୍ମକର୍ତ୍ତା ଏହାକୁ ନେଇ ବିରୋଧ ମଧ୍ୟ କରୁଛନ୍ତି। ବିଧାୟକ ପାଣ୍ଠି ଉକ୍ତ ବ୍ଲକକୁ ଅଗ୍ରାଧିକାର ଭିତ୍ତିରେ ଦେଉଥିବାବେଳେ ନିଜ ବିଧାନସଭା ଅଞ୍ଚଳର ଅନ୍ୟ ବ୍ଲକକୁ ସେଭଳି ଫୋକସ କରୁ ନାହାନ୍ତି। ବିଭିନ୍ନ ସଭାସମିତିରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏପରି କି ଭୁବନେଶ୍ୱର ଦଳୀୟ ବୈଠକରେ ମଧ୍ୟ ସାଙ୍ଗରେ ଯାଉଥିବା ଚର୍ଚ୍ଚା ହେଉଛି। ଯଦି ଉଭୟ ମିଳିମିଶି ଦଳୀୟ ସଂଗଠନ ପାଇଁ କାମ କରୁଛନ୍ତି ତା'ହେଲେ ଦଳ ପାଇଁ ଶୁଭଙ୍କର ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ବୈଠକ

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଗଡଲୁଇସିଂଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସଭାରେ ସଂଘର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବନ୍ଦ ହୋଇଯାଇଥିବା ବୋନସ ମିଳିଥିବାରୁ ସଭାରେ ଉତ୍ସାହ ଦେଖାଦେଇଥିଲା। ବର୍ତ୍ତମାନ ସର୍ବନିମ୍ନ ମଜୁରିର ସଂଶୋଧନ ଶୀଘ୍ର ଘୋଷଣା କରାଯିବା, ସେହି ଅନୁସାରେ ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ମଜୁରି ବୃଦ୍ଧି କରାଯିବା ପାଇଁ ଦାବି ହୋଇଥିଲା। ସରକାରୀ ସ୍ତରରେ ଘୋଷଣା ହୋଇଥିବା ବିଭିନ୍ନ ଯୋଜନା ମଧ୍ୟରେ ଛାତ୍ର ବୃତ୍ତି ନେଇ ପ୍ରଚାର ପ୍ରସାର ଅଭାବରୁ ଅଞ୍ଚଳରେ ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସଭାରେ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଧମା ରେଞ୍ଜ ସମ୍ପାଦକ ପ୍ରଶାନ୍ତ ଦୀପ, ଗଣେଶ ବାଗ, ବାଙ୍କମାନୀ ଦାଶ, ଗୁରୁଚରଣ ପ୍ରଧାନ, ଦୟାନନ୍ଦ ମୁଦୁଲି, କେତକୀ ଭୋଇ, ସୁମିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।




ବୈଠକରେ ସଂଘ କର୍ମକର୍ତ୍ତାଙ୍କ ସହ କର୍ମଚାରୀମାନେ।

# ତାଲଭଟାପଡ଼ାରେ ଗୋଷ୍ଠୀ ସଂଘର୍ଷ

**ରାସ୍ତାରୋକୋ, ଏସ୍‌ପି ଅଫିସ ଘେରାଉ**

ସମ୍ବଲପୁର,୨୩।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ତାଲଭଟାପଡ଼ାରେ କୌଣସି କାରଣକୁ ନେଇ ଗୋଷ୍ଠୀ ସଂଘର୍ଷ ଯୋଗୁ ବୁଧବାର ଦିନତମାମ ଚାପା ଉତ୍ତେଜନା ଲାଗିରହିଥିଲା। ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଅଭିଯୋଗ କରି ଶତାଧିକ ମହିଳାପୁରୁଷ ଏସ୍‌ପି ଅଫିସ ଘେରାଉ କରିଥିଲେ। ସେହିପରି ଅନ୍ୟ ଏକ ଗୋଷ୍ଠୀ ତାଲଭଟାପଡ଼ା ରାସ୍ତା ଅବରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଦୁଇ ଗୋଷ୍ଠୀ ପିଲାମାନଙ୍କ ମଧ୍ୟରେ ମାରପିଟ ହୋଇଥିଲା। ପୋଲିସ ରାତିଅଧିଆ ଘରେ ଚଡାଉ କରି ମହିଳା, ଦିବ୍ୟାଙ୍ଗ, ନିରୀହ ଯୁବକଙ୍କୁ ଉଠାଇ ଆଣିଥିଲା। ଘଟଣାର ତଦନ୍ତ କରି ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏ ନେଇ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି।



ଏସ୍‌ପି ଅଫିସରେ ପଡ଼ାବାସୀଙ୍କୁ ବୁଝାଶୁଝା କରୁଛି ପୋଲିସ।

ପୋଲିସ ଉଭୟ ଗୋଷ୍ଠୀର ଦୁଇଜଣ ନାବାଳକଙ୍କୁ ଧରିବା ସହ ୪ ଜଣଙ୍କୁ ଗିରଫ କରିଛି। କେସ୍ ନମ୍ବର ୨୧୧/୨୩ରେ ଦୁଇଜଣ ନାବାଳକଙ୍କୁ ଧରିବା ସହ ସୁଧିର ଛତ୍ରପାଲ (୩୦)ଙ୍କୁ ଗିରଫ କରିଛି। ସେହିପରି କେସ୍ ନଂ.୨୧୨/୨୩ରେ ବସୁଦେବ ପଲେଇ (୪୨), ସୁବୁ ସିଂ ଠାକୁର (୩୨) ଓ ଜିତେନ କୁଏଡ (୨୩) ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ତାଲଭଟାପଡ଼ାର ଜଣେ ଯୁବତୀଙ୍କୁ କିଛି ଯୁବକ କମେଣ୍ଟ ମାରୁଥିବା ନେଇ ଅଭିଯୋଗ ହୋଇଥିଲା। ଯୁବତୀଙ୍କ ଭାଇ ନିଜ ସାଙ୍ଗମାନଙ୍କ ସହ ଉକ୍ତ ଯୁବକଙ୍କୁ ମାରପିଟ କରିଥିଲେ। ଅନ୍ୟପଟେ ଯୁବତୀ ଜଣଙ୍କର ଜଣେ ଯୁବକଙ୍କ ସହ ବନ୍ଧୁତା ରହିଥିବାରୁ ଏଭଳି ଘଟଣା ଘଟିଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ପୋଲିସ ପଡ଼ାରେ ପହଞ୍ଚିଥିଲା। ପଥର ମାଡ଼ରେ ୪ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପଡ଼ାରେ ଚାପା ଉତ୍ତେଜନା ଲାଗିରହିଥିବାରୁ ପୋଲିସ ମୁତୟନ କାରଯାଇଛି।

## ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ, ଜେଲ ଗଲେ ଏନ୍ଏସି କିରାଣି

**କଣ୍ଟାବାଞ୍ଜି, ୨୩।୮ (ଗୁରୁ ଦୟାଲ ହଂସ)**

କଣ୍ଟାବାଞ୍ଜି ଏନଏସିର କୋଷାଧକ୍ଷ ଦାୟିତ୍ୱରେ ଥିବା କିରାଣୀ ଗୌରାଙ୍ଗ ବିଭାରକୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଗିରଫ କରାଯାଇଛି। ଅଡିଟ ରିପୋର୍ଟ ଏବଂ ଦୁର୍ନୀତି ନିବାରଣ ବିଭାଗ ରିପୋର୍ଟକୁ ଭିତ୍ତି କରି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାହୀ ଅଧିକାରୀ କଣ୍ଟାବାଞ୍ଜି ଥାନାରେ ଏତଲା ଦେଇଥିଲେ। ଏହାପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଭାରଙ୍କୁ ଗିରଫ କରାଯାଇଛି । କିରାଣୀ ବିଭାରଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ପ୍ରାପ୍ତ ସୂଚନାରୁ ଜଣାପଡିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜାମିନ ଆବେଦନ ନାମଞ୍ଜୁର କରିବାରୁ ଉପକାରାଗାରକୁ ପଠାଇ ଦିଆଯାଇଛି। ଜିଲାପାଳ କିରାଣୀ ବିଭାରଙ୍କୁ ଚାକିରିରୁ ନିଲମ୍ବନ ଆଦେଶ ଦେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ କହିଛନ୍ତି ।

# ହାଟ ନିର୍ମାଣ ନ ହେଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଘଣ୍ଟାସୁନୀ ପରିବା ବିକାଳି ସଂଘ କର୍ମକର୍ତ୍ତା।

### ଚେତାବନୀ ଦେଲା ବେପାରୀ ସଂଘ

**ଟିଟିଲାଗଡ, ୨୩।୮ (ଶରତ ମିଶ୍ର)**

୭୦୦ରୁ ଉର୍ଦ୍ଧ୍ୱ ଦୋକାନୀ ଚାଳ ଝୁମ୍ପୁଡି କରି ପେଟପାଟଣା କରୁଥିବା ସହର ସାପ୍ତାହିକ ହାଟକୁ ଦୁଇ ବର୍ଷ ପୂର୍ବେ ପ୍ରଶାସନ ଉଚ୍ଛେଦ କରିଛି। ତତ୍କାଳୀନ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ୩ ମାସ ମଧ୍ୟରେ ବଜାରକୁ ସୁନ୍ଦର ଭାବରେ ନିର୍ମାଣ କରାଯିବ, ବଜାର ପିଣ୍ଡି ଦୋକାନ ଗୃହ ହେବ, ଦୋକାନୀ ତଥା ଗ୍ରାହକଙ୍କ ସୁବିଧା ପାଇଁ ଶୌଚାଳୟ ହେବ ବୋଲ ପ୍ରତିଶ୍ରୁତି ଦେଇ ଦୋକାନୀଙ୍କୁ ଉଚ୍ଛେଦ କରିଥିଲେ। ହେଲେ ଦୁଇ ବର୍ଷ ପରେ ମଧ୍ୟ ବଜାର ତିଆରି ହୋଇ ପାରିଲା ନାହିଁ। ଏହାକୁ ନେଇ ବୁଧବାର ମା' ଘଣ୍ଟାସୁନୀ ପରିବା ବିକାଳି ସଂଘ ପକ୍ଷରୁ ବଜାର ପଡିଆରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନକୁ ଚେତାବନି ଦିଆଯାଇଛି।

ସଂଘ ସଭାପତି ନିରାକାର ସରାଫ ଅଭିଯୋଗ କରିଛନ୍ତି ଯେ ବଜାର ଉଜୁଡି ଯିବାରୁ ଦୋକାନୀ ଜୀବିକାହରା ହୋଇଛନ୍ତି। କେତେଜଣ ଦୋକାନୀ ରାସ୍ତାଘାଟରେ ବସୁଥିବା ବେଳେ ଅଧିକାଂଶ ଭିଟାମାଟି ଛାଡି ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୋଇଛନ୍ତି। ଅନେକ ଋଣଗ୍ରସ୍ତ ହେବା ଭଳି ଦୁଃଖଦ ପରିସ୍ଥିତି ଉପୁଜିଛି। ଯେଉଁଠି ସ୍ଥାନୀୟ ପସରା ଦୋକାନୀ ତଥା ଚାଷୀ ଆସି ନିଜ ବ୍ୟବସାୟ କରୁଥିଲେ ସେହି ହାଟପଦା ବଜାର ପ୍ରାଙ୍ଗଣ ଆଜି ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହେଉଛି। ଆଖପାଖରେ ଟିକିଏ ଶୁଖିଲା ସ୍ଥାନ ପାଇଲେ ଖୋଲା ଆକାଶ ତଳେ ଜୀବିକା ପାଇଁ ବେପାରୀମାନେ ପସରା ମେଲାଇ ବସୁଛନ୍ତି। ବଜାର ନିର୍ମାଣ ପାଇଁ ସଂଘ ଅନେକ ଥର ପୌର ପରିଷଦର ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ହେଲେ କେହି କର୍ଣ୍ଣପାତ କରୁ ନ ଥିବା ସଂଘ ଅଭିଯୋଗ କରିଛି। ସପ୍ତାହକୁ ଦୁଇ ଥର ହାଟ ତଥା ଡେଲି ମାର୍କେଟରୁ ବାର୍ଷିକ ପ୍ରାୟ ୧୫ ଲକ୍ଷ ଟଙ୍କା ପୌର ପରିଷଦ ଟିକସ ପାଉଥିଲା। ଏପରିକି ଛୋଟ ଦୋକାନୀ, ପସରା ଠାରୁ ଅତ୍ୟଧିକ ମାତ୍ରାରେ ପୌର ପରିଷଦ ଟିକସ ଅସୁଲ ହେଉଥିଲା। ବର୍ତ୍ତମାନ ମଧ୍ୟ ଏଣେତେଣେ ଖୋଲା ଆକାଶରେ ବଜାର ପାଖରେ ରାସ୍ତା କଡରେ ବସୁଥିବା ଦୋକାନୀଙ୍କଠାରୁ ଟିକସ ଅସୁଲ ଚାଲିଛି। ହେଲେ ବଜାର ପ୍ରାଙ୍ଗଣରେ ପ୍ରତିଶ୍ରୁତି ମୁତାବକ ପିଣ୍ଡି, ଦୋକାନ ଗୃହ ନିର୍ମାଣ କଥା ପୌର ପରିଷଦ ଭୁଲି ଯାଇଛି। ହାଟପଦା ପଡାରେ ପୂର୍ବରୁ ଥିବା ଦୋକାନ ଗୃହ ଭଙ୍ଗାଦଦରା ହୋଇପଡିଥିବା ବେଳେ ଭଡା ଅସୁଲ କରୁଥିବା ପୌର ପରିଷଦ ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି କରୁନାହିଁ। ଆସନ୍ତା ୭ ଦିନ ମଧ୍ୟରେ ପୌର ପରିଷଦ ବିହିତ ପଦକ୍ଷେପ ଗ୍ରହଣ କଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ। ହାଟପଦା ଅଞ୍ଚଳର କେହି ଦୋକାନୀ ପୌର ଟିକସ ପ୍ରଦାନ କରିବେ ନାହିଁ। ବିଦ୍ୟୁତ ବିଲ ଭରଣା କରାଯିବ ନାହିଁ। ଏନେଇ ଯାହା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସଂଘ ସଭାପତି ସରାଫ ତଥା ସଦସ୍ୟଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଘ ଉପସଭାପତି ଲକ୍ଷ୍ମୀଧର ବେହେରା, ସାଧାରଣ ସମ୍ପାଦକ ସୁଦାମ ସାହୁ, ଯୁଗ୍ମ ସମ୍ପାଦିକା ସୁପ୍ରିୟା ସାହୁ, ନିତେଶ ଜୈନ, କୋଷାଧକ୍ଷ ବିବେକ ଜୈନ, ଆଇନ ପରାମର୍ଶଦାତା ସତ୍ୟବ୍ରତ ପଣ୍ଡା, ଉପଦେଷ୍ଟା ପୂର୍ବତନ କାଉନସିଲର କୃଷ୍ଣଚନ୍ଦ୍ର ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଗେଲି


@ ଜନାର୍ଦ୍ଦନ


@ ପରିକ୍ଷିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଣୀବନ୍ଧର ପୁନରୁଦ୍ଧାର ଦାବିରେ ଜଳ ସତ୍ୟାଗ୍ରହ



ରାଣୀବନ୍ଧରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ଆନ୍ଦୋଳନକାରୀ ଜଳ ସତ୍ୟାଗ୍ରହ କରୁଛନ୍ତି।

**ବଲାଙ୍ଗୀର, ୨୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଣୀବନ୍ଧ ବନ୍ଧ ପୁନରୁଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ବନ୍ଧ ଭିତରେ ଜଳ ସତ୍ୟାଗ୍ରହ କରାଯାଇଥିଲା। ଏହି ବନ୍ଧ ଏବେ ଅଳିଆଗଦା ପାଲଟିଛି । ଲୋକେ ଏହି ବନ୍ଧର ପ୍ରଦୂଷିତ ପାଣି ବ୍ୟବହାର କରିବାକୁ ଭୟ କରୁଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟିର ୱାର୍ଡ ନମ୍ବର ୧୩, ୧୪, ୧୫ ଓ ୧୬ର ଜନସାଧାରଣ କିଛି ଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ରାଣୀବନ୍ଧ ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଓ ପୌରାଧ୍ୟକ୍ଷାଙ୍କୁ ଲିଖିତ ଜଣାଇଥିଲେ। ସରକାର ବନ୍ଧ କଟାର ଉନ୍ନତିକରଣ ପାଇଁ ଅନୁଦାନ ଦେଉଛନ୍ତି। ମାତ୍ର ଏହା କାମରେ ଲାଗୁନି। ରାଣୀବନ୍ଧ ଏହର ଜ୍ୱଳନ୍ତ ପ୍ରମାଣ ବୋଲି ଅଭିଯୋଗ କରିଥିଲେ। ଦାବି ପରେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ୱାର୍ଡ ନମ୍ବର ୧୩,୧୪,୧୫ ଓ ୧୬ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ସନ୍ତକ ବହିଦାର, ଝୁଲୁ ମିଶ୍ର, ରଜନୀ ସେଠ, ଯଶୋଦା ବାଗ, ସୌଦାମିନୀ ବାଗ, ସଙ୍ଗୀତା ସୁନା, ସେବତୀ ମହାନନ୍ଦ, ସୁଜାତା କୁଅଁର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ।

## ଘରଡିହ ପଟ୍ଟା ପ୍ରଦାନ ଦାବିରେ ତହସିଲଦାରଙ୍କୁ ଫେରାଦ

**ଭବାନୀପାଟଣା, ୨୩।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବାନେର ପଞ୍ଚାୟତ ବଜାରପଡାର ଶତାଧିକ ମହିଳା ବୁଧବାର ଘର ଡିହ ପଟ୍ଟା ପ୍ରଦାନ ଦାବି ନେଇ ସ୍ଥାନୀୟ ତହସିଲଦାରଙ୍କଠାରେ ଫେରାଦ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଜାର ପଡ଼ାରେ ୭୫ରୁ ଉର୍ଦ୍ଧ୍ୱ ଗରିବ ପରିବାର ଦୀର୍ଘ ବର୍ଷ ହେଲା ସରକାରୀ ଜମି ଉପରେ ବାସ କରି ଆସୁଛନ୍ତି। କିନ୍ତୁ ତାଙ୍କୁ ଏପର୍ଯ୍ୟନ୍ତ ଜମି ପଟ୍ଟା ମିଳି ନାହିଁ। ଫଳରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିବାରମାନେ ଆବାସ ଯୋଜନାରେ ସାମିଲ ହେଲେ ସୁଦ୍ଧା ଘର ଡିହ ପଟ୍ଟା ନ ଥିବା ହେତୁ ସେଥିରୁ ବଞ୍ଚିତ ହେଉଛନ୍ତି। ଏପରିକି ତାଙ୍କର ପୁଅଝିଅଙ୍କ ପାଠପଢାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗତ ଦିନରେ ଜିଲାପାଳ ଓ ବିଡ଼ିଓଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ବୁଧବାର ତହସିଲଦାରଙ୍କୁ ଦାବିପତ୍ର ଦେବା ସହ ତାଙ୍କ କଥା ନ ବୁଝିଲେ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଏ ନେଇ ଜୟପାଟଣା ତହସିଲଦାର ସୁଭଦ୍ରା ମୁଣ୍ଡିକାଙ୍କ ପ୍ରତିକ୍ରିୟା ନେବାରୁ ଏ ଦିଗରେ ତଦନ୍ତ କରି ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ଘର ଡିହ ପଟ୍ଟା ଯୋଗାଇ ଦିଆଯିବ ବୋଲି କହିଛନ୍ତି।


ଫେରାଦ ହେବାକୁ ଆସିଥିବା ମହିଳା।

## ଲୋଇସିଂହା ବସ୍‌ଷ୍ଟାଣ୍ଡ ଲୋକାର୍ପିତ


ଲୋକାର୍ପଣ ଉତ୍ସବରେ ଉପଜିଲାପଳ ଏବଂ ବ୍ଲକର ଅଧିକାରୀ।

**ଲୋଇସିଂହା, ୨୩।୮ (ସୁଶାନ୍ତ ବାରିକ)**

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଲୋଇସିଂହା ତହସିଲ ନିକଟ ଜଡାମୁଣ୍ଡା ରାସ୍ତାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସନ୍ଧ୍ୟାରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ଉକ୍ତ ନୂତନ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଥିଲେ । ଯାତ୍ରୀଙ୍କ ସୁରକ୍ଷିତ ଓ ଆରମ ଦାୟକ ସେବା ପ୍ରାଥମିକତା ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ କୁମାର ନାଘଭୂଷଣ, ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ସଂଘମିତ୍ରା କାଲୋ, ଅତିରିକ୍ତ ତହସିଲଦାର ଅଶିଷା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଲୋକାର୍ପଣ ଉତ୍ସବ ପରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଲୋକାର୍ପଣ ବସ୍‌ଷ୍ଟାଣ୍ଡର ସୂଚନା ଫଳକ ଉନ୍ମୋଚନ କରିଥିଲେ। ଏଥିରେ ବିଜେଡି, ଭାଜପା କର୍ମୀ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ ବସଷ୍ଟାଣ୍ଡ ନିର୍ମିତ ହୋଇଛି।

## ୨ ସିଏସ୍‌ପି ପ୍ଲସ୍‌ରେ ଅଗ୍ରାଧିକାର ଭାବେ ନିଯୁକ୍ତି ଦାବି

**କୋକସରା, ୨୩।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସିଏସପି ସଂଘ ପକ୍ଷରୁ ୨ ସିଏସ୍‌ପି ପ୍ଲସରେ ଅଗ୍ରାଧିକାର ଭାବେ ନିଯୁକ୍ତି ଦାବି କରି ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଉତ୍ତମ କୁମାର ବାଗ ଓ କୋକସରା ଏସବିଆଇ ଶାଖା ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୧୦ବର୍ଷ ହେଲା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସେବା କେନ୍ଦ୍ରଗୁଡିକ ଖୋଲାଯାଇ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଗୋଟାଏ ଲେଖାଏଁ ସିଏସପି ପ୍ଲସ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ବ୍ୟାଙ୍କ ଦ୍ୱାରା ପରଚାଳିତ ଗ୍ରାହକ ସେବାକେନ୍ଦ୍ରରେ କାର୍ଯ୍ୟ କରୁଥିବା ଯୁବକଯୁବତୀ କର୍ମ ସଂସ୍ଥାନ ହରାଇବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ସରକାଙ୍କ ଦ୍ୱାରା ଖୋଲାଯିବାକୁ ଥିବା ଏହି କେନ୍ଦ୍ରରେ ସିଏସପି କେନ୍ଦ୍ର ପରିଚାଳକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କୋକସରା ବ୍ଲକ ସିଏସପି ସଂଘ ପକ୍ଷରୁ ଶରତ କୁମାର ଦାସ ଦେବେଶ୍ୱର ଶବର, ମନ୍ମଥ ଦାସ, ମକୁନ୍ଦ ମାଝି, ସୋମେଶ୍ୱର ନାଏକ, ବିଭୁତି ଭୂଷଣ ମାଝି, ନାରାୟଣ ରାଉତ, କ୍ଷମା ସତନାମୀ ପ୍ରମୁଖ ବିଡିଓ ଏବଂ ଏସବିଆଇ ଶାଖା ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

## ଚନ୍ଦ୍ରଯାନ-୩ର ସଫଳତା ନେଇ ବଲାଙ୍ଗୀର ଉତ୍ସବମୁଖର


ପୃଥ୍ୱୀରାଜ ହାଇସ୍କୁଲରେ ଛାତ୍ର, ଶିକ୍ଷକମାନେ ଚନ୍ଦ୍ରଯାନ-୩ର ସଫଳାକୁ ନେଇ ଉତ୍ସାହ ମନାଉଛନ୍ତି।

**ବଲାଙ୍ଗୀର, ୨୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ଚନ୍ଦ୍ରପୃଷ୍ଠରେ ଭାରତର ଐତିହାସିକ ଚନ୍ଦ୍ରଯାନ-୩ର ସଫଳ ଲ୍ୟାଣ୍ଡିଂକୁ ନେଇ ବଲାଙ୍ଗୀର ସହର ବୁଧବାର ଉତ୍ସବ ମୁଖର ହୋଇପଡିଥିଲା। ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲଠାରେ ଲ୍ୟାଣ୍ଡିଂ କାର୍ଯ୍ୟକ୍ରମକୁ ଲାଇଫ୍ ଦେଖିବା ବ୍ୟବସ୍ଥା ହୋଇଥିଲା। ସ୍କୁଲର ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ଛାତ୍ରମାନେ ଅପରାହ୍ଣ ୪ଟାରେ ସ୍କୁଲ ଛୁଟି ପରେ ଘରକୁ ଯାଇ ୫ଟାରେ ପୁଣି ସ୍କୁଲକୁ ଆସିଥିଲେ। ସ୍କୁଲର ୟୁ-ଟ୍ୟୁବ୍ ହଲଠାରେ ଶେଷ ପର୍ଯ୍ୟାୟ ଲ୍ୟାଣ୍ଡିଂ କାର୍ଯ୍ୟକ୍ରମ ୟୁଟ୍ୟୁବ୍ ଜରିଆରେ ଲାଇଫ୍ ଦେଖିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ଅମିତ୍ କୁମାର ବାଗ୍ ୟୁ-ଟ୍ୟୁବ୍ ହଲଠାରେ ଚନ୍ଦ୍ରଯାନ ଲାଇଭ୍ ଦେଖିବା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ବାଗ୍‌ଙ୍କ ନେତୃତ୍ୱରେ ଛାତ୍ରମାନେ ଏହି ଅବସରରେ ମିଶନ ଉପରେ ବିଜ୍ଞାନ ଚିତ୍ର ପ୍ରଦର୍ଶନ କରିଥିଲେ। ଲ୍ୟାଣ୍ଡିଂ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଛାତ୍ରମାନଙ୍କୁ ଦେଖାଇବା ସହ ଏଦିଗରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସହକାରୀ ଶିକ୍ଷକ ପୁନମ୍ ଖାଲକୋଙ୍କ ସହ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସ୍କୁଲରେ କାର୍ଯ୍ୟକ୍ରମ ସିଧାପ୍ରସାରଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ସହ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ସ୍କୁଲ, ବିଭିନ୍ନ କଲେଜରେ ମଧ୍ୟ ଛାତ୍ରୀଛାତ୍ରମାନେ ଲ୍ୟାଣ୍ଡିଂ ସିଧା ପ୍ରସାରଣ ଦେଖିଥିଲେ। ସ୍କୁଲ, କଲେଜ ସହ ବିଭିନ୍ନ ପଡାରେ ଲୋକେ ଘରେ ବସି ଏହି କାର୍ଯ୍ୟକ୍ରମର ଲାଇଫ୍ ଟେଲିକାଷ୍ଟ ଦେଖିଥିଲେ। ଚନ୍ଦ୍ରଯାନ -୩ ସଫଳ ଘୋଷଣା ହେବା ପରେ ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କରାଯାଇଛି।

## ଭାଜପା ନେତାଙ୍କୁ ଆକ୍ରମଣ, ଡାକ୍ତରଖାନାରେ ଭର୍ତ୍ତି

**ଭବାନୀପାଟଣା, ୨୩।୮ (ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସ୍‌ପି କାର୍ଯ୍ୟାଳୟ ନିକଟରେ ବୁଧବାର ଭାଜପା ନେତାଙ୍କୁ ଛୁରିରେ ଆକ୍ରମଣ କରାଯାଇଛି। ସେ ହେଲେ ସିଂଝରଣ ଗ୍ରାମର କେଶରୀ ଦୁର୍ଗା। ଦୁର୍ବୃତ୍ତଙ୍କଠାରୁ ଜୀବନ ବଞ୍ଚାଇବାକୁ ଯାଇ ସେ ଏସ୍‌ପି କାର୍ଯ୍ୟାଳୟକୁ ପଶିଯାଇଥିଲେ। ପରେ ପୋଲିସ ସହାୟତାରେ ତାଙ୍କୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହାତରେ ଛୁରିମାଡ ଓ ଆଣ୍ଠୁ ଫାଟିଯାଇଛି। କେଶରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅଙ୍କ ନାମରେ ଜଣେ ଝିଅ ମିଥ୍ୟା ବଳାତ୍କାର ମାମଲା ଦେଇଥିଲା। ସମ୍ପୃକ୍ତ ଝିଅ ତାଙ୍କ ପୁଅକୁ ଟଙ୍କା ମାଗିବାରୁ ସେ ଦେଇ ପାରି ନ ଥିଲେ। ଏହାର ରାଗ ରଖି ଝିଅ ଜଣକ କିଛି ଗୁଣ୍ଡା ପଠାଇ ତାଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ମାଗିବା ସହ ଏହାର ସମାଧାନ ପାଇଁ କେଶରୀଙ୍କୁ କହିଥିଲେ। ହେଲେ ମୁଁ ଟଙ୍କା ପାଇଁ ମନାକରିବାରୁ ସେମାନେ ମୋତେ ଛୁରିରେ ଆକ୍ରମଣ କରିଥିଲେ ବୋଲି କେଶରୀ କହିଛନ୍ତି। ଏ ନେଇ ଭବାନୀପାଟଣା ସଦର ଏସଡିପିଓ ସୁନାରାମ ହେମ୍ରମ ଘଟଣାର ତଦନ୍ତ କରୁଛନ୍ତି।

## ବଦଳିବ ଧଣ୍ଡାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପ

**ଖପ୍ରାଖୋଲ, ୨୩।୮ (ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପାନ୍ତରଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ବୁଧବାର ବିଦ୍ୟାଳୟରେ ପହଞ୍ଚି ଭିତ୍ତଭୂମି ଦେଖିବା ସହ ଇଗ୍ରନ୍ଥାଗାର, ସ୍ମାର୍ଟ ଶ୍ରେଣୀ କୋଠରି, ଶ୍ରେଣୀ କୋଠରି ରୂପାନ୍ତରଣ ଉପରେ ବିଦ୍ୟାଳୟ ଅଧକ୍ଷଙ୍କ ସହ ଆଲୋଚନା କରିଥିଲେ। ବିଡ଼ିଓ ବିଜୟ କୁମାର ହୋତା, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇ.କୁଳମଣି ଭୋଇ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଭୁବନେଶ୍ୱର ପୁରୋହିତ, ଅଧ୍ୟାପକ ନବୀନ କୁମାର ବାରିକ, ରବୀନ୍ଦ୍ର ଜାରିକା, ରାଜେଶ କୁମାର ମିଶ୍ର, ମୁରାରୀ ମେହେର, ମନବୋଧ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ମହଗାଁରେ କିଡ୍‌ନୀ ରୋଗ ଆତଙ୍କ

**ସିନାପାଲି, ୨୩।୮ (ମନଫୁଲ ମେହେର)**

- ଗାଁରେ ପହଞ୍ଚିଲା ମେଡିକାଲ ଟିମ୍
- ପରୀକ୍ଷା ପାଇଁ ଜଳ ସଂଗ୍ରହ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଡାଲ ଗ୍ରାମପଞ୍ଚାତ ଅନ୍ତର୍ଗତ ମହଗାଁରେ କିଡ୍‌ନୀ ରୋଗ ବ୍ୟାପିଛି। ଏହି ଘଟଣା ଜଣାପଡ଼ିବା ପରେ ବୁଧବାର ମେଡିକାଲ ଟିମ ଉକ୍ତ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଶ୍ରୀମାନ ସାହୁଙ୍କ ନେତୃତ୍ୱରେ ଏକ ଟିମ ମହଗାଁ ଯାଇ ସମସ୍ତ କିଡ୍‌ନୀ ଆକ୍ରାନ୍ତଙ୍କୁ ଭେଟି ଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୯ଜଣ ରୋଗୀଙ୍କ ସମସ୍ୟା ଗୁରୁତର ହୋଇଥିବା ଡ଼ା ସାହୁ ପ୍ରକାଶ କରିଛନ୍ତି। ହେଲେ କ'ଣ ପାଇଁ ଏଠାରେ କିଡ୍‌ନୀ ରୋଗ ବ୍ୟାପିଛି, ତାହା ଆଗରୁ କହିହେବ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସିନାପାଲି ଗ୍ରାମୀଣ ଜଳ ଓ ପରିମଳ ବିଭାଗ ପକ୍ଷରୁ ମଧ୍ୟ ଗ୍ରାମର ସମସ୍ତ ପାନୀୟ ଜଳ ଉତ୍ସରୁ ପରୀକ୍ଷା ପାଇଁ ଜଳ ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଗ୍ରାମରେ ଗତ ୨ ବର୍ଷରେ ୩ ଜଣ କିଡ୍‌ନୀ ରୋଗୀ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୧୪ଜଣ ବ୍ୟକ୍ତି କିଡ୍‌ନୀ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା କଥା ଗ୍ରାମବାସୀ କହିଥିଲେ। ବର୍ତ୍ତମାନ ଏହି ଘଟଣାକୁ ନେଇ ଗ୍ରାମାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତ ଟିମ ମୁଖ୍ୟ ଡ଼ା ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଖଡିଆଳ ବିଧାୟକ ଏ ସଂକ୍ରାନ୍ତରେ ସୂଚନା ପାଇ ତାଙ୍କର ପ୍ରତିନିଧିଙ୍କୁ ଉକ୍ତ ଗ୍ରାମକୁ ପଠାଇ ସମସ୍ୟା ବୁଝିଛନ୍ତି।


ମେଡିକାଲ ଟିମ ଗାଁରେ ପହଞ୍ଚି ତଦନ୍ତ କରୁଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### 'ସପୋର୍ଟ' ଶିଶୁ ଗୃହର ନାବାଳକ ନିଖୋଜ

ଦେବଗଡ,୨୩।୮
(ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟାଳୟ ଯିବା ବାଟରେ ସ୍ଥାନୀୟ 'ସପୋର୍ଟ' ଶିଶୁ ଗୃହର ଜଣେ ନାବାଳକ ନିଖୋଜ ହୋଇଯାଇଥିବା ଜଣାପଡିଛି। ଏନେଇ ଶିଶୁ ଗୃହର ନିର୍ଦ୍ଦେଶକ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସିର ଦଫା ୩୬୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି ୧୦)ଟା ନାବାଳକର କୌଣସି ସନ୍ଧାନ ମିଳି ପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, 'ସପୋର୍ଟ' ଶିଶୁ ଗୃହରେ ରହୁଥିବା ୧୩ ବର୍ଷର ନାବାଳକ ଗତ ୨୧ ତାରିଖରେ ଅନ୍ୟମାନଙ୍କ ସହିତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ହେଲେ ବିଦ୍ୟାଳୟରେ ପହଞ୍ଚି ନ ଥିଲେ। ଏନେଇ ଶିଶୁ ଗୃହ କର୍ତ୍ତୃପକ୍ଷ ଜାଣିବା ପରେ ନାବାଳକଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ।

### ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଚାଷ ନଷ୍ଟ

ଦେବଗଡ, ୨୩।୮
(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ବନଖଣ୍ଡ ଅନ୍ତର୍ଗତ ସୁଗୁଡା ବିଟ୍ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଧବାର ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ୪ ଟିକିଆ ହାତୀ ଉପଦ୍ରବ ଲାଗି ରହିଥିବାରୁ ବ୍ୟାପକ ଧାନ ଚାଷ ନଷ୍ଟ ହୋଇଛି। ବିଶେଷ କରି ସୁଗୁଡା ଗ୍ରାମର ଏକର ଏକର ଧାନ ଚାଷ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ବନବିଭାଗ କର୍ମଚାରୀ ହାତୀ ଘଉଡାଇବାକୁ ଚେଷ୍ଟା କରୁଥିବା ବେଳେ ସୁଗୁଡା ନିକଟ ରମ୍ଭାଦେବୀ ଜଙ୍ଗଲ ଭିତରକୁ ହାତୀ ପଲ ପଶି ଯାଇଛନ୍ତି। ରମ୍ଭାଦେବୀ ଜଙ୍ଗଲ ଆଖପାଖରେ ଥିବା ଚାଷ ଜମି ମଧ୍ୟ ନଷ୍ଟ ହୋଇଥିବା ଜଣାପଡିଛି। ଅନ୍ୟପଟେ ବନବିଭାଗ କର୍ମଚାରୀ ସନ୍ଧ୍ୟାରୁ ସ୍ଥାନୀୟ ଲୋକଙ୍କ ସହ ମିଶି ହାତୀ ଘଉଡାଇବାକୁ ଚେଷ୍ଟା ଜାରି ରଖିଛନ୍ତି।

### ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଦେବଗଡ,୨୩।୮
(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲା ସଦର ମହକୁମା ସମେତ ତିଲେଇବଣି, ବାରକୋଟ ଓ ରିଆମାଳ ବ୍ଲକ ମୁଖ୍ୟାଳୟରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାର୍ଚୁଆଲ ମାଧ୍ୟମରେ ଏଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଥାନୀୟ ଅସ୍ୱାନ ଠାରେ ଆୟୋଜିତ ସଭାରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିବା ବେଳେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ, ଉପଜିଲାପାଳ ପରୀକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱ ରଞ୍ଜନ ସାହୁ, ଏମଭିଆଇ ଗୋଲାପ ହାଁସଦା, ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହାଟ ନିର୍ମାଣ ନ ହେଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଘଣ୍ଟାସୁନୀ ପରିବା ବିକାଳି ସଂଘ କର୍ମକର୍ତ୍ତା।

## ଚେତାବନୀ ଦେଲା ବେପାରୀ ସଂଘ

ଟିଟିଲାଗଡ, ୨୩।୮ (ଶରତ ମିଶ୍ର)

୭୦୦ରୁ ଉର୍ଦ୍ଧ୍ୱ ଦୋକାନୀ ଚାଳ ଝୁମ୍ପୁଡି କରି ପେଟପାଟଣା କରୁଥିବା ସହର ସାପ୍ତାହିକ ହାଟକୁ ଦୁଇ ବର୍ଷ ପୂର୍ବେ ପ୍ରଶାସନ ଉଚ୍ଛେଦ କରିଛି। ତତ୍କାଳୀନ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ୩ ମାସ ମଧ୍ୟରେ ବଜାରକୁ ସୁନ୍ଦର ଭାବରେ ନିର୍ମାଣ କରାଯିବ, ବଜାର ପିଣ୍ଡି ଦୋକାନ ଗୃହ ହେବ, ଦୋକାନୀ ତଥା ଗ୍ରାହକଙ୍କ ସୁବିଧା ପାଇଁ ଶୌଚାଳୟ ହେବ ବୋଲ ପ୍ରତିଶ୍ରୁତି ଦେଇ ଦୋକାନୀକୁ ଉଚ୍ଛେଦ କରିଥିଲେ। ହେଲେ ଦୁଇ ବର୍ଷ ପରେ ମଧ୍ୟ ବଜାର ତିଆରି ହୋଇ ପାରିଲା ନାହିଁ। ଏହାକୁ ନେଇ ବୁଧବାର ମା' ଘଣ୍ଟାସୁନୀ ପରିବା ବିକାଳି ସଂଘ ପକ୍ଷରୁ ବଜାର ପଡିଆରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନକୁ ଚେତାବନି ଦିଆଯାଇଛି।

ସଂଘ ସଭାପତି ନିରାକାର ସରାଫ ଅଭିଯୋଗ କରିଛନ୍ତି ଯେ ବଜାର ଉଜୁଡି ଯିବାରୁ ଦୋକାନୀ ଜୀବିକାହରା ହୋଇଛନ୍ତି। କେତେଜଣ ଦୋକାନୀ ରାସ୍ତାଘାଟରେ ବସୁଥିବା ବେଳେ ଅଧିକାଂଶ ଭିଟାମାଟି ଛାଡି ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୋଇଛନ୍ତି। ଅନେକ ଋଣଗ୍ରସ୍ତ ହେବା ଭଳି ଦୁଃଖଦ ପରିସ୍ଥିତି ଉପୁଜିଛି। ଯେଉଁଠି ସ୍ଥାନୀୟ ପସରା ଦୋକାନୀ ତଥା ଚାଷୀ ଆସି ନିଜ ବ୍ୟବସାୟ କରୁଥିଲେ ସେହି ହାଟପଦା ବଜାର ପ୍ରାଙ୍ଗଣ ଆଜି ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହେଉଛି। ଆଖପାଖରେ ଟିକିଏ ଶୁଖିଲା ସ୍ଥାନ ପାଇଲେ ଖୋଲା ଆକାଶ ତଳେ ଜୀବିକା ପାଇଁ ବେପାରୀମାନେ ପସରା ମେଲାଇ ବସୁଛନ୍ତି। ବଜାର ନିର୍ମାଣ ପାଇଁ ସଂଘ ଅନେକ ଥର ପୌର ପରିଷଦର ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ହେଲେ କେହି କର୍ଣ୍ଣପାତ କରୁ ନ ଥିବା ସଂଘ ଅଭିଯୋଗ କରିଛି। ସପ୍ତାହକୁ ଦୁଇ ଥର ହାଟ ତଥା ଡେଲି ମାର୍କେଟରୁ ବାର୍ଷିକ ପ୍ରାୟ ୧୫ ଲକ୍ଷ ଟଙ୍କା ପୌର ପରିଷଦ ଟିକସ ପାଉଥିଲା। ଏପରିକି ଛୋଟ ଦୋକାନୀ, ପସରା ଠାରୁ ଅତ୍ୟଧିକ ମାତ୍ରାରେ ପୌର ପରିଷଦ ଟିକସ ଅସୁଲ ହେଉଥିଲା। ବର୍ତ୍ତମାନ ମଧ୍ୟ ଏଣେତେଣେ ଖୋଲା ଆକାଶରେ ବଜାର ପାଖରେ ରାସ୍ତା କଡରେ ବସୁଥିବା ଦୋକାନୀଙ୍କଠାରୁ ଟିକସ ଅସୁଲ ଚାଲିଛି। ହେଲେ ବଜାର ପ୍ରାଙ୍ଗଣରେ ପ୍ରତିଶ୍ରୁତି ମୁତାବକ ପିଣ୍ଡି, ଦୋକାନ ଗୃହ ନିର୍ମାଣ କଥା ପୌର ପରିଷଦ ଭୁଲି ଯାଇଛି। ହାଟପଦା ପଡାରେ ପୂର୍ବରୁ ଥିବା ଦୋକାନ ଗୃହ ଭଙ୍ଗାଦଦରା ହୋଇପଡିଥିବା ବେଳେ ଭଡା ଅସୁଲ କରୁଥିବା ପୌର ପରିଷଦ ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି କରୁନାହିଁ। ଆସନ୍ତା ୭ ଦିନ ମଧ୍ୟରେ ପୌର ପରିଷଦ ବିହିତ ପଦକ୍ଷେପ ଗ୍ରହଣ କଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ। ହାଟପଦା ଅଞ୍ଚଳର କେହି ଦୋକାନୀ ପୌର ଟିକସ ପ୍ରଦାନ କରିବେ ନାହିଁ। ବିଦ୍ୟୁତ ବିଲ ଭରଣା କରାଯିବ ନାହିଁ। ଏନେଇ ଯାହା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସଂଘ ସଭାପତି ସରାଫ ତଥା ସଦସ୍ୟଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଘ ଉପସଭାପତି ଲକ୍ଷ୍ମୀଧର ବେହେରା, ସାଧାରଣ ସମ୍ପାଦକ ସୁଦାମ ସାହୁ, ଯୁଗ୍ମ ସମ୍ପାଦିକା ସୁପ୍ରିୟା ସାହୁ, ନିତେଶ ଜୈନ, କୋଷାଧ୍ୟକ୍ଷ ବିବେକ ଜୈନ, ଆଇନ ପରାମର୍ଶଦାତା ସତ୍ୟବ୍ରତ ପଣ୍ଡା, ଉପଦେଷ୍ଟା ପୂର୍ବତନ କାଉନସିଲର କୃଷ୍ଣଚନ୍ଦ୍ର ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣ ସେପ୍ଟେମ୍ବର ସୁଦ୍ଧା ସରିବ


ଜିଲା ନାଗରିକ କମିଟି ସଦସ୍ୟ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

## ତାଳଚେର-ବିମଳଗଡ଼ ରେଳ ଲାଇନ

■ ନାଗରିକ କମିଟି ସହ ଆଲୋଚନା ବେଳେ କହିଲେ ଜିଲାପାଳ

ଦେବଗଡ,୨୩।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ନାଗରିକ କମିଟି ସଦସ୍ୟମାନେ ବୁଧବାର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ ଆଲୋଚନା କରିଥିଲେ। କମିଟି ସଦସ୍ୟମାନେ ତାଳଚେର-ବିମଳଗଡ଼ ରେଳପଥ ପାଇଁ ଦେବଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ। ଜିଲାପାଳ କହିଥିଲେ ଯେ, ମୋଟ ୧୯ଟି ଗ୍ରାମ ମଧ୍ୟରୁ ୧୭ ଗ୍ରାମର ଜମି ଅଧିଗ୍ରହଣ କାମ ସାରିଛି। ଆସନ୍ତା ମାସ ଶେଷ ସୁଦ୍ଧା ଅନ୍ୟ ୨ଟି ଗ୍ରାମର ଜମି ଅଧିଗ୍ରହଣ କାମ ସମାପ୍ତ ହେବ। ଏହାବ୍ୟତୀତ ପ୍ରଧାନପାଟ ପାଦଦେଶରେ ଥିବା ପ୍ରଧାନପଟେଶ୍ୱରୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, କୋରଡ଼କୋଟ ଜଳପ୍ରପାତରେ ଯାତ୍ରୀ ନିବାସ, ରୋଷେଇ ଗୃହ, ଆଲୋକୀକରଣ, ଉନ୍ନତ ରାସ୍ତା ନିର୍ମାଣ, ରାଜା ବାସୁଦେବ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି, ଷୋହଳ ବଖରୀ କଟାର ପୂର୍ବ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍କୁଲ ପ୍ରତିଷ୍ଠା ପ୍ରଭୃତି ଦାବିଗୁଡିକ କମିଟି ପକ୍ଷରୁ ଉପସ୍ଥାପନା କରାଯାଇଥିଲା। ଆଲୋଚନା ସମୟରେ ନାଗରିକ କମିଟି ସଭାପତି ସୁଶିଲ କୁମାର କପରଦାର, ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ଦେବଗଡ ପୌରପାଳିକା ଭାଇସ ଚେୟାରମ୍ୟାନ ପ୍ରଜିତ ଭୋଜ, କମଳ କିଶୋର ଗୁପ୍ତା, ଶଶାଙ୍କ ଶେଖର ଝାଙ୍କର, ରମଣୀ ରଞ୍ଜନ ଆଚାର୍ଯ୍ୟ, ନରୋତ୍ତମ ସାହୁ, ଶ୍ରବଣ କୁମାର ନାଏକ, ଜନ୍ମେଜୟ ନାୟକ, ଈଶ୍ୱର ପ୍ରସାଦ ଦାଶ, ବାବୁଲେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ଜିଲାରେ ୧୦ ବସଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସୁନ୍ଦରଗଡ଼, ୨୩।୮
(ଜୟ ନାରାୟଣ ମେଣ୍ଡୁଲି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଆମ ବସଷ୍ଟାଣ୍ଡ ଯୋଜନା ଅନ୍ତର୍ଗତ ୨୬ ଜିଲାର ୧୨୪ଟି ବ୍ଲକସ୍ତରୀୟ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିମନ୍ତେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଥିମଧ୍ୟରୁ ସୁନ୍ଦରଗଡ଼ ଜିଲାର ୧୦ ଗୋଟି ବ୍ଲକ ରହିଛି। ଏହି ବ୍ଲକଗୁଡ଼ିକ ମଧ୍ୟରେ ନୂଆଗାଁ ବ୍ଲକ ଅନ୍ତର୍ଗତ ଟୁଆଁବହାଲ, ବୀରମିତ୍ରପୁର ଅନ୍ତର୍ଗତ ବନମୁଣ୍ଡା ଏବଂ କୋଇଡା, ଗୁରୁଣ୍ଡିଆ,ବଡ଼ଗାଁ, ବଣେଇ, ହେମଗିର, ଲେଫ୍ରିପଡ଼ା, ଲାଠିକଟା, କୁଆଁରମୁଣ୍ଡା ବ୍ଲକ ମୁଖ୍ୟାଳୟ ଆଦି ରହିଛି। ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡରେ ଯାତ୍ରୀ, ଡ୍ରାଇଭର, ସହକାରୀ କର୍ମଚାରୀମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଆଦି ଉପଲବ୍ଧ ରହିବ । ଏହାସହିତ ମୁଖ୍ୟମନ୍ତ୍ରୀ ମୋ ପରିବହନ ସେବା ଓ ମୋବାଇଲ ଆପ୍‌ର ମଧ୍ୟ ଶୁଭାରମ୍ଭ କରିଥଲେ। ସେହିଭଳି ଡ୍ରାଇଭରମାନଙ୍କୁ ଗାଡ଼ି ଚଳାଇବା କ୍ଷେତ୍ରରେ ଅଧିକ ଦକ୍ଷ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ସୁ - ବାହକ ଯୋଜନାର ଶୁଭାରମ୍ଭ କରିଥଲେ। ଏହି ଯୋଜନାରେ ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜିଲା କାର୍ଯ୍ୟାଳୟର ଓସ୍ୱାନ କନଫରେନ୍ସ ହଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରଦା ପ୍ରସାଦ ନାୟକ, ବିନୟ କୁମାର ଟପ୍ପୋ, ସୁବ୍ରତ ତରାଇ, କୁନ୍ତୀ ପ୍ରଧାନ, ଜିଲାପାଳ ଡ଼ା. ପରାଗ ଗଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ଚନ୍ଦ୍ରୟାନ-୩ ର ସଫଳ ଅବତରଣ ପାଇଁ ପ୍ରାର୍ଥନା

ଦେବଗଡ, ୨୩।୮
(ଶଶାଙ୍କ ଶେଖର ଝାଙ୍କର )



ଚନ୍ଦ୍ର ପୃଷ୍ଠରେ ସଫଳତାର ସହ ଚନ୍ଦ୍ରୟାନ-୩ ଅବତରଣ କରିଛି। ଏହାକୁ ନେଇ ସମଗ୍ର ଦେଶରେ ଉତ୍ସାହ ପରିଲକ୍ଷିତ ହୋଇଛି। ତେବେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ପାଇଁ ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ବୁଧବାର ସକାଳୁ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ହାତରେ ଜାତୀୟ ପତାକା ଧରି ମୁନ୍ ମିଶନର ସଫଳତା ପାଇଁ ୨ ମିନିଟ ମୌନ ପ୍ରାର୍ଥନା କରିବା ସହ ଏହାର ସଫଳ ରୂପାୟନ ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରିଥିଲେ। ଅଧ୍ୟକ୍ଷା ଶେବିହା ଶେଖଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଗେଲି


@ ଜନାର୍ଦ୍ଦନ


@ ପରିକ୍ଷିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋଇସିଂହା ବସ୍‌ଷ୍ଟାଣ୍ଡ ଲୋକାର୍ପିତ


ଲୋକାର୍ପଣ ଉତ୍ସବରେ ଉପଜିଲାପଳ ଏବଂ ବ୍ଲକର ଅଧିକାରୀ।

ଲୋଇସିଂହା,୨୩।୮ (ସୁଶାନ୍ତ ବାରିକ)

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଲୋଇସିଂହା ତହସିଲ ନିକଟ ଜଡାମୁଣ୍ଡା ରାସ୍ତାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସନ୍ଧ୍ୟାରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ଉକ୍ତ ନୂତନ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଥିଲେ । ଯାତ୍ରୀଙ୍କ ସୁରକ୍ଷିତ ଓ ଆରମ ଦାୟକ ସେବା ପ୍ରାଥମିକତା ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ କୁମାର ନାଘଭୂଷଣ, ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ସଂଘମିତ୍ରା କାଲୋ, ଅତିରିକ୍ତ ତହସିଲଦାର ଅଶିଷା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଲୋକାର୍ପଣ ଉତ୍ସବ ପରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଲୋକାର୍ପଣ ବସ୍‌ଷ୍ଟାଣ୍ଡର ସୂଚନା ଫଳକ ଉନ୍ମୋଚନ କରିଥିଲେ। ଏଥିରେ ବିଜେଡି, ଭାଜପା କର୍ମୀ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ ବସଷ୍ଟାଣ୍ଡ ନିର୍ମିତ ହୋଇଛି।

# ବେଆଇନ ଟେଣ୍ଡରକୁ ନେଇ କାଉନସିଲରଙ୍କ ଧାରଣା

ରାଜଗାଙ୍ଗପୁର,୨୩।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଫିସ ସମ୍ମୁଖରେ ପୌର ପରିଷଦର ୧୨ ଜଣ କାଉନସିଲର ବେଆଇନ ଟେଣ୍ଡରକୁ ନେଇ ବୁଧବାର ଧାରଣାରେ ବସିଛନ୍ତି। କାଉନସିଲରମାନେ ଅଭିଯୋଗ କରିଛନ୍ତି ଯେ, ପୌର ପରିଷଦର ବିନା ରେଜୁଲେସନରେ ଗତ ୨୧୬ରେ ୧ କୋଟି ସାଢେ ୧୨ଲକ୍ଷ, ୨୦।୭ରେ ୧ କୋଟି ୪୯ ଲକ୍ଷ ୩୧ ହଜାର ଓ ୨୨।୮ରେ ୪ କୋଟି ୯୦ ଲକ୍ଷ ୩୪ ହଜାର ଟଙ୍କାର ଟେଣ୍ଡର ବାହାରିଛି। ଯାହା ସମ୍ପୂର୍ଣ୍ଣ ଆଇନ ବିରୋଧ। ଏହାସହିତ ୨୨।୮ ଟେଣ୍ଡରରେ ୫ ଟି ୱାର୍ଡରେ କୌଣସି ପ୍ରକାର କାମ ପାଇଁ କିଛି ବ୍ୟୟ ବରାଦ କରାଯାଇନାହିଁ। ତେବେ ଏହାକୁ ବିରୋଧ କରି କାଉନସିଲରମାନେ ଧାରଣାରେ ବସି ଦାବିକରିଛନ୍ତି ଯେ,ଏହି ବେଆଇନ ଟେଣ୍ଡରକୁ ଖାରଜ କରାଯିବା ସହ ସମସ୍ତ ୱାର୍ଡକୁ ସମାନ ସମାନ ଟଙ୍କାର ବ୍ୟୟବରାଦ କରାଯାଉ। କାଉନସିଲରମାନେ ସୁନ୍ଦରଗଡ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ୫- ଟି ସଚିବ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଚିଠି ଲେଖି ଜଣାଇଥିବା ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନାଙ୍କୁ ପଚାରିବାରୁ, ଯାହା ସବୁ କାମ ହେଉଛି ତାହା ନିୟମ ଅନୁଯାୟୀ ହେଉଛି। ଯେତେ ଟେଣ୍ଡର ହୋଇଛି ତାହା ସବୁ ପୌରପରିଷଦର ରେଜୁଲେସନ ହୋଇ କରାଯାଇଛି ବୋଲି ସେ କହିଥିଲେ।

# ସବୁଜ ସ୍ମୃତି ଅଭିଯାନର ଶୁଭାରମ୍ଭ

ସୁନ୍ଦରଗଡ,୨୩।୮
(ଜୟ ନାରାୟଣ ମେଣ୍ଡୁଲି)

ମନୁଷ୍ୟ ଓ ପରିବେଶର ନିର୍ଭରଶୀଳତାକୁ ବଜାୟ ରଖିବା ପାଇଁ ଏକ ଛୋଟ ପ୍ରୟାସ ହେଉଛି ସବୁଜ ସ୍ମୃତି ଅଭିଯାନ। ଏହାର ପରିକଳ୍ପନା କରିଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ। ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ବିଭିନ୍ନ ଉତ୍ସବକୁ ଅଧିକ ସ୍ମରଣୀୟ କରିବା ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବା ଏବଂ ଏହାର ଆଜୀବନ ସୁରକ୍ଷାର ଶପଥ ନେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ଉପାଧ୍ୟାୟ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ରେ ସୁନ୍ଦରଗଡ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳର ଟିମ ଲିଡର ଭାବରେ କାର୍ଯ୍ୟକରୁଥିବା ବେଳେ ବିଗତ ୫ବର୍ଷ ଧରି ବିଭିନ୍ନ ବନ ସୁରକ୍ଷା ସମିତି ସଭ୍ୟା ସଭ୍ୟ, ସ୍ୱେଚ୍ଛାସେବୀ, ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଉପରେ ନିରନ୍ତର ସଚେତନା କରିଆସୁଛନ୍ତି। ବୁଧବାର ନିଜର ଏକମାତ୍ର ପୁଅ ସ୍ୱରିତ ଉପାଧ୍ୟାୟଙ୍କ ଦ୍ୱାଦଶ ଜନ୍ମଦିବସ ଅବସରରେ ସବୁଜ ସ୍ମୃତିର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମହୁଲପାଲିସ୍ଥିତ ବସୁଧା କୃଷକ ସଂଗଠନ କାର୍ଯ୍ୟଳରେ ଉଦ୍‌ଘାଟନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ନିଜର ପରିବାର ବର୍ଗଙ୍କ ଉପସ୍ଥିତିରେ ଏକ ସେଓ ଚାରା ରୋପଣ କରିଥିଲେ। ସ୍ୱରିତ ବୃକ୍ଷରୋପଣ କରିବା ସହିତ ଏହାର ସୁରକ୍ଷା ନେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସୁସ୍ଥ, ସବୁଜ ଓ ସୁନ୍ଦର ପରିବେଶ ତିଆରି ନିମନ୍ତେ ଏହି ଅଭିଜାନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ମିଲେଟ ମିଶନର ସୁନ୍ଦରଗଡ ଜିଲା ପ୍ରକଳ୍ପ ସଞ୍ଜୋଜିକା ସୁଶ୍ରୀ ପାୟଲ ଡ଼ିଣ୍ଡା ଯୋଗଦେଇଥିଲେ। ଗ୍ରୀନ ମେମୋରୀ ଅଭିଯାନର ଆବାହକ ତଥା ପ୍ରତିଷ୍ଠାତା ଦିଗାମ୍ବର ଉପାଧ୍ୟାୟ ସମସ୍ତଙ୍କୁ ବିଭିନ୍ନ ସ୍ମରଣୀୟ ଦିବସରେ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ଏହି ଅଭିଜାନରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କୁ ସାମିଲ କରାଯାଇ ୫ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିବାର ଲକ୍ଷ୍ୟ ରହିଛି ବୋଲି ସେ ସୂଚନା ଦେଇଛନ୍ତି।



ବୃକ୍ଷରୋପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ୫ବର୍ଷରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ସାମିଲ ପାଇଁ ଯୋଜନା

# ପ୍ରି କ୍ୱାର୍ଟରରେ ଗାୟତ୍ରୀ-ତ୍ରିସା

## ବିଶ୍ୱ ବ୍ୟାଡ୍‌ମିଣ୍ଟନ



ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି।

**କୋପେନ୍‌ହାଗେନ୍, ୨୩।୮ (ପି.ଟି.)**

କୋପେନହାଗେନରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ମହିଳା ଡବଲ୍ସର ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଭାରତୀୟ ଯୋଡି ବୁଧବାର ଚାଇନିଜ୍ ତାଇପେର ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଟୁନ୍‌ଙ୍କୁ ୨୧-୧୮ ଓ ୨୧-୧୦ରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ଥିବା ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଓପନ ସେମିଫାଇନାଲିଷ୍ଟ ଭାରତୀୟ ଯୋଡି ବିଶ୍ୱ ମାନ୍ୟତାର ୩୭ ତମ ସ୍ଥାନରେ ଥିବା ଚାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଟୁନ୍‌ଙ୍କୁ ସିଧାସଳଖ ସେଟ୍‌ରେ ମାତ୍ର ୩୮ ମିନିଟ ସମୟ ନେଇ ପରାସ୍ତ କରିଥିଲେ। ରାଜ୍ୟ ଗୋଷ୍ଠୀ କ୍ରୀଡାର ବ୍ରୋଞ୍ଜ ପଦକ ବିଜୟିନୀ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୨-୫ରେ ପଛୁଆ ରହିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ୮-୬ରେ ଆଗୁଆ ହୋଇଥିଲେ। ଚାଙ୍ଗ-ୟାଙ୍ଗ ଯୋଡି ମ୍ୟାଚକୁ ୮-୮କୁ ଆଣିବା ସହିତ ୧୧-୯ରେ ଆଗୁଆ ରହିଥିଲେ। ତେବେ ଗାୟତ୍ରୀଙ୍କ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଭାରତ ଲଗାତର ଦୁଇଟି ପଏଣ୍ଟ ଅର୍ଜନ କରି ୧୪-୧୧ରେ ଆଗୁଆ ରହିଥିଲା। ପ୍ରଥମ ସେଟ୍‌କୁ ୨୧-୧୮ରେ ଜିତିବା ପରେ ପ୍ରତିପକ୍ଷ ଯୋଡିକୁ ସୁଯୋଗ ଦେଇ ନ ଥିଲେ ଗାୟତ୍ରୀ-ତ୍ରିସା। ଦ୍ୱିତୀୟ ସେଟ୍‌କୁ ୨୧-୧୦ରେ ଏକ ପାଖିଆ ଭାବରେ ଜିତିବା ସହିତ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ।

ଦ୍ୱିତୀୟ ସେଟ୍‌ରେ ସାଇଡ୍ ପରବର୍ତ୍ତନ ହେବା ପରେ ଗାୟତ୍ରୀ-ତ୍ରିସା ଯୋଡି ଆରମ୍ଭରୁ ୮-୫ରେ ଆଗୁଆ ରହିଥିଲେ। ଉଭୟ ସମାନ ପ୍ରଦର୍ଶନ ବଜାୟ ରଖି ୧୪-୮ରେ ଆଗୁଆ ରହିବା ସହିତ ଚାଇନିଜ୍ ତାଇପେ ଖେଳାଳିଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ପରବର୍ତ୍ତୀ ରାଉଣ୍ଡରେ ଟୁର୍ନାମେଣ୍ଟର ଟପ୍ ସିଡେଡ୍ ଖେଳାଳି ଚାଇନାର ଚେନ୍ କ୍ୱିଙ୍ଗ ଚେନ୍ ଓ ଜିଆ ୟି ଫାନଙ୍କୁ ଭେଟିବେ ଗାୟତ୍ରୀ-ତ୍ରିସା।

# ନ୍ୟୁଜିଲାଣ୍ଡ କୋଚିଂ ଷ୍ଟାଫ୍‌ରେ ଫ୍ଲେମିଂ, ବେଲ୍, ଫଷ୍ଟର

**ଅକଲାଣ୍ଡ, ୨୩।୮ (ପି.ଟି.)**

ଭାରତରେ ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଷ୍ଟିଫେନ୍ ଫ୍ଲେମିଂ, ଇଆନ୍ ବେଲ୍ ଓ ଜେମ୍ସ ଫୋଷ୍ଟରଙ୍କୁ କୋଚିଂ ଷ୍ଟାଫ୍ ଭାବରେ ସାମିଲ କରିଛି ନ୍ୟୁଜିଲାଣ୍ଡ। ଉଭୟ ଫ୍ଲେମିଂ ଓ ଫଷ୍ଟର ଆଇପିଏଲରେ କୋଚ୍ ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ଇଆନ୍ ବେଲ୍ ମଧ୍ୟ ଭାରତରେ ଖେଳିବାର ଅଭିଜ୍ଞତା ରଖନ୍ତି। ଏହା ନ୍ୟୁଜିଲାଣ୍ଡ ଦଳକୁ ସାହାଯ୍ୟ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଗ୍ୟାରୀ ଷ୍ଟିଡ୍। ଫ୍ଲେମିଂ ଆଇପିଏଲ୍ ଆରମ୍ଭରୁ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ମୁଖ୍ୟ କୋଚ୍ ରହିଛନ୍ତି। ଚେନ୍ନାଇକୁ ୫ ଥର ଆଇପିଏଲ୍‌ରେ ଚାମ୍ପିୟନ କରିଥିବା ବେଳେ ତାଙ୍କ ଅନୁଭବ ନ୍ୟୁଜିଲାଣ୍ଡ ପାଇଁ ବେଶ୍ ସହାୟକ ରହିବ। ବର୍ତ୍ତମାନ ଦ ହଣ୍ଡ୍ରେଡରେ ସଦର୍ଣ୍ଣ ବ୍ରେଭ୍ ଦଳର ପ୍ରଶିକ୍ଷକ ରହିଥିବା ଫ୍ଲେମିଂ ଇଂଲଣ୍ଡ ସିରିଜ୍ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ସହିତ ଯୋଗ ଦେବେ।

ଇଂଲଣ୍ଡର ପୂର୍ବତନ ଉଇକେଟ କିପର ଜେମ୍ସ ଫୋଷ୍ଟର ବର୍ତ୍ତମାନ କୋଲକାତା ନାଇଟ ରାଇଡର୍ସ ଦଳର ସହକାରୀ କୋଚ୍ ରହିଛନ୍ତି। ସେ ପ୍ରଥମେ ଇଂଲଣ୍ଡ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଦଳ ସହିତ ରହିବେ ଏବଂ ପରେ ବିଶ୍ୱକପ୍ ପୂର୍ବରୁ ଦଳ ସହିତ ଯୋଗ ଦେବେ। ଭାରତର ବିଭିନ୍ନ ଭେନ୍ୟୁରେ ଫୋଷ୍ଟରଙ୍କ ଅଭିଜ୍ଞତା ସହାୟକ ହେବ ବୋଲି ଷ୍ଟିଡ୍ କହିଛନ୍ତି। ବିଶ୍ୱକପ୍ ପୂର୍ବରୁ ବର୍ତ୍ତମାନର ମୁଖ୍ୟ କୋଚ୍ ଗ୍ୟାରି ଷ୍ଟିଡ୍ ବିରତି ନେଉଥିବା ବେଳେ ବ୍ୟାଟିଂ କୋଚ୍ ଲ୍ୟୁକ ରୋଞ୍ଚି ତାଙ୍କ ସ୍ଥାନରେ ଦାୟିତ୍ୱ ନେବେ। ସେହି ସମୟରେ ଇଆନ୍ ବେଲ୍ ବ୍ୟାଟିଂ କୋଚ୍‌ର ଦାୟିତ୍ୱ ଗ୍ରହଣ କରିବେ।

### ଫାଓ ଲିଗ୍ ସିଲଭର ଗ୍ରୁପ୍ ଫାଇନାଲ

# ଇଣ୍ଡିପେଣ୍ଡେଣ୍ଟ କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଫାଓ ଲିଗ୍ ସିଲଭର ଗ୍ରୁପ୍‌ର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୪-୦ ଗୋଲରେ ସନ୍‌ସାଇନ୍ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ପ୍ରକାଶ ନାଏକ ୫ ଓ ୩୦ ଏବଂ ଚନ୍ଦନ ନାୟକ ୬୪ ଓ ୭୪ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଚାମ୍ପିୟନ ହେବାଦ୍ୱାରା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଫାଓ ସୁପର କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସୁପର କପ୍ ଗୁରୁବାର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଗୋଟିଏ ମ୍ୟାଚରେ ରାଧା ରମଣ କ୍ଲବ ଓ କିଶୋର କ୍ଲବ ଏବଂ ଅନ୍ୟଟିରେ ସ୍ପୋର୍ଟ୍ସ ଓଡ଼ିଶା ଓ ଜୟ ଦୁର୍ଗା କ୍ଲବ ପରସ୍ପରକୁ ଭେଟିବେ।



ଫାଓ ଲିଗ୍ ସିଲଭର ଗ୍ରୁପ୍ ଚାମ୍ପିୟନ ହୋଇଥିବା ଇଣ୍ଡିପେଣ୍ଡେଣ୍ଟ କ୍ଲବ ଦଳ।


## OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR

Phone No. (06683) 223418 (Off), e-mail: eemipad@yahoo.co.in

**'e' Procurement Notice**

Bid Reference No. SE-MID-PDP-02/2023-24
No. 1920 // MID // Date: 21.08.2023

**No. A-468: The Bid Reference No. SE-MID-PDP-02/2023-24 is hereby CANCELLED due to unavoidable circumstances.**

Sd./- S.K. Mohanty
Superintending Engineer
M.I. Division, Padampur

OIPR-32037/11/0002/2324

Ref. No: SO/I/2022-23/244/2094 Date: 22.08.2023

Startup Odisha
2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)

## TENDER CALL NOTICE FOR PROVIDING DIFFERENT VEHICLES ON DAILY RENT BASIS

**No.CAD-1794:** Sealed quotations are invited from reputed travel Agencies/Tour Operators having valid GST registration number for providing vehicles of different categories on daily rent basis. The last date of submission of bids is 01.09.2023 by 11.30 A.M. The tender document with all details may be downloaded from www.startupodisha.gov.in and bidders are further advised to keep referring Startup Odisha website for any updates with reference to this advertisement.

Sd/-Chief Administrative Officer
OIPR-43007/11/0019/2324

## OFFICE OF THE SUPERINTENDING ENGINEER RWS&S DIVISION, BHANJANAGAR - 761126

Phone No.: 06821-241026(O)/241079(R), Fax No.: 06821-241026/240056
No. O-724 email: eerwss_bnj@nic.in<eerwssbnj2009@gmail.com>

**Govt. of Orissa "e" Procurement Notice**

**Bid Identification No. S.E._RWS&S_10/2023-24**

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate tender in Single Cover System according to the norm of "e" Procurement System in online mode for different PWS Schemes in Ganjam District from the eligible contractors as per DTCN.
2. Nature of Work : Construction of 40KL capacity RCC ESR and Construction of RCC Collection well of different diameter for PWS to different Villages under RWS&S Division, Bhanjanagar in Ganjam District.
3. No. of Tender : 12 Nos.
4. Tender Paper Cost : Rs.6000/-
5. Tender Cost : 16.46 lakhs to 31.88 lakhs
6. Class of Contractor : D, C & B
7. Date and time of availability of bid document in the portal : Dt.24.08.2023 at 11.00 A.M. to 04.09.2023 upto 5.00 P.M.
8. Date of Opening of Bid : Dt.05.09.2023 at 11.00 A.M.
9. Period of Completion : 90 to 120 Days
10. The bidders have to participate in online bidding only. Further details can be seen from the website **https://tendersorissa.gov.in**.

Sd./- Additional Chief Engineer
RWS&S Division, Bhanjanagar
OIPR-25021/11/0001/2324

## OFFICE OF THE NOTIFIED AREA COUNCIL, G.UDAYAGIRI

No.1938 Date:21.08.2023

**"e" Tender Notice**
**BID Identification No. GUDGR-NAC-06/2023-24**

**No.C-1158:** Bid Documents consisting of work, Estimated Cost of Tender Paper, EMD, time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the works : As per DTCN
2. No. of works : 30 Nos.
3. Estimated Cost : Rs.1.93 Lakh to 18.43 Lakhs
4. Period of Completion : 30 Days to 45 Days
5. Date & time of availability of bid documents in the portal : Dt.22.08.2023 at 04.00 PM to Dt.01.09.2023 upto 5.00 PM
6. Last date & time for submitting online Bid : Dt.01.09.2023 upto 5.00 PM
7. Bids shall be opened on : Dt.02.09.2023 at 10.00 AM
8. Name and address of the officer inviting Bid : Executive Officer, N.A.C., G.Udayagiri

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, N.A.C., G.Udayagiri
OIPR-13066/11/0010/2324

## OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR

eerwrairangpur@yahoo.com

**CORRIGENDUM**

Office Order No.3520, Date:16.08.2023

**No.O-729:** In continuation to e-procurement Notice No.3476, dt.11.08.2023 Bid Identification No.RWDRRP-03 of 2023-24 the estimated cost of Sl.No.1 for the work **Construction of 2 Nos. D type qtrs at Tiring Tahasil in the district of Mayurbhanj for the year 2023-24** is hereby modified to amounting Rs.73.65 lakhs instead of Rs.76.63 lakhs.

Superintending Engineer
Rural Works Division, Rairangpur
OIPR-25107/11/0006/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

No. O-723

E-Mail: sencrwangul@yahoo.co.in, Ph.: 06764-236404

**e-Procurement NOTICE for Road Works in Odisha**
**Bid Identification No. Road Online AGL - 17/2023-24**

No. 2051 Dt.21.08.2023

1. Name of the work : Road Work
2. Total No. of Work : 25 Nos.
3. Estimated Cost : Rs.244.02 to Rs.1403.96 lakhs
4. Class of Contractor : 'B', 'A' & Special Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-17/2023-24 | 02.09.2023 at 10.00 A.M. | 16.09.2023 upto 5.00 P.M. | 14.09.2023 upto 1.00 P.M. | 18.09.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

OIPR-25180/11/0020/2324 Sd./- Chief Construction Engineer, Rural Works Circle, Angul

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)
No. e-Tender//4012//RWC//BAM//Dated: 22.08.2023

**1st Corrigendum to Bid Identification No. Online Tender/29-2023-24/BPR**

No. O-725: The partial modification of Road works under Special Assistant to States Capital Investment (SACI) vide above identification has been made as follows:

| | | | |
|---|---|---|---|
| 1 | Last date of availability of tender | : | 05.09.2023 upto 3.00 P.M. instead of 28.08.2023 at 3.00 P.M. |
| 2 | Last date & time of seeking tender clarification | : | 02.09.2023 at 2.00 P.M. instead of 25.08.2023 at 2.00 P.M. |
| 3 | Date of opening of Technical Bid | : | 07.09.2023 at 11.00 A.M. instead of 29.08.2023 at 11.00 A.M. |
| 4 | Date of Opening of Financial Bid | : | Will be intimated later on |

All other contents will remain unchanged.

OIPR-25071/11/0041/2324 Sd./- Chief Construction Engineer, R.W. Circle, Berhampur

## CUTTACK MUNICIPAL CORPORATION, CUTTACK
**QUOTATION CALL NOTICE**

**No. 8538** **Dt.22.08.2023**

No. C-1149: Quotations are invited from registered licenced, pharmaceutical & surgical firms/agencies for supplying medicines, surgical, equipment, vaccine and other related items for Animal Birth Control Programme of Cuttack Municipal Corporation, Cuttack for One year. Interested Firms/Agencies can download the details from official website of CMC **www.cmccuttack.gov.in**. Last date of receipt of quotation is 11.09.2023.

OIPR-13031/11/0051/2324 Sd./- Commissioner

## GOVERNMENT OF ODISHA
## OFFICE OF THE PANCHAYAT SAMITI BHOGRAI

Email-ori-bhogarai@nic.in

**NOTICE INVITING TENDERS FOR THE WORK**
**NATIONAL COMPETITIVE BIDDING THROUGH**
**e-Tendering Identification No- 02/Bhograi/2023-24**

**No.i-328:** The **OFFICE OF THE PANCHAYAT SAMITI, Bhograi, Odisha** on behalf of Governor of Odisha invites **percentage Rate Bids** through e-Tendering in conformity with the terms and conditions of the Detailed Tender Call Notice (DTCN) in Single Bid system from Class of Contractors as mentioned In Col.6 of table registered with the State Governments and contractors of equivalent Grade/Class registered with Central Government/MES/Rallways for execution of Civil Works requirements given in the DTCN on percentage Rate Bids to be eventually drawn up in the standard **P1 Contract Form**. The bid should be submitted on-line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| Sl. No. | Name of the Work | Estimated Civil Cost (in Rs.) | Cost of Tender Paper (in Rs.) | EMD (in Rs.) | Class of Contractor | Time of Completion | Grant |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Renovation of Class rooms (4nos), Science lab (3nos), Library and Construction of Toilet of RIHS College, Bhograi in Balasore District | 36,74,000/- | 6,000/- | 36,740/- | B & C | 90 days | CM-Special Assistance |

2. Mode of Submission of tender: Tender should be submitted online in www.tendersodisha.gov.in.
3. The bidders desirous to participate in bidding must possess compatible Digital Signature Certificate of Class-II or Class-III and should follow the changes / modifications / addendum to DTCN if any.
4. a) The bidder should be made payment through online receipt towards Tender Paper Cost. No offline receipt of Tender Paper Cost will be allowed in e-Tendering portal of Government of Odisha.
b) The bidder should be made payment through online receipt towards EMD. No offline receipt of EMD will be allowed in e-Tendering portal of Government of Odisha.
c) The scanned copy of Bid Security Declaration, Registration certificate, GST, PAN, EPF or undertaking for EPF & affidavit including all required papers uploaded through website should be produced in original to the BLOCK DEVELOPMENT OFFICER, BHOGRAI BLOCK for verification within six days of opening of Bid, otherwise the tender will be rejected.
5. **Critical Dates:-**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders online | : | From 10.00 Hrs. of 24.08.2023 to 17.00 Hrs. of 07.09.2023 |
| (ii) | Last date & time of seeking clarification | : | UPTO 17.00 Hrs. of 04.09.2023 |
| (iii) | Last date & time of bidding on-line | : | UPTO 17.00 Hrs. of 07.09.2023 |
| (iv) | Data & time of opening of Bid | : | 11.00 AM of 08.09.2023 |

6. The bid for the work shall remain open for acceptance for a period of 30(Thirty) days from the date of opening of bids. If any Bidder / Tenderer withdraws his bid/ tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersodisha.gov.in.**
8. Subsequent corrigendum if required shall be appeared in the website.
9. Authority reserves the right to reject any or all the tenders without assigning any reason thereof.

OIPR-19140/11/0006/2324 Sd./- Block Development Officer, Bhograi

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada

No. O-717

**"e" Procurement Notice for Road Work**
**Identification No. - Online Tender - Road N.C.B. No. 303 for 2023-24**

Letter No. 3989 Date: 21.08.2023

1. Name of the Work : Periodical Maintenance Work for Financial Year 2023-24 (Road Work)
2. Total No. of Work : 02 Nos. (Two)
3. Estimated Cost : Rs.178.53 lakhs to Rs.304.59 lakhs (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 303 | Dt.25.08.2023 at 11.00 A.M. | Dt.08.09.2023 upto 5.00 P.M. | Dt.07.09.2023 upto 5.00 P.M. | Dt.11.09.2023 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0029/2324 Sd./- Chief Construction Engineer, R.W. Circle, Baripada

## ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
## OFFICE OF THE NOTIFIED AREA COUNCIL, KUCHINDA

Email:kuchinda_nac@yahoo.com,Website:www.nackuchinda.in

**E-Procurement Notice**

No.886/NAC, Date:21.08.2023
Bid Identification No.KCDA/NAC-4/2023-24

**No.C-1140:** Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app.**

1. Name of the Work : Construction of Pavered Roads works as mentioned in DTCN
2. No. of Works : 37 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 10.00 AM of 22.08.2023 to 5.30 PM of 25.08.2023.
6. Last date and time for receipt : 01.09.2023 upto 5.30 PM
7. Bids received online shall be opened on : 02.09.2023 from 10.00 AM onwards
8. Name and address of the Officer inviting Bid : Executive Officer, Notified Area Council Kuchinda

Further details can be seen from the e-Procurement portal i.e. **https://tendersodisha.gov.in./nicgep/app.**

OIPR-13121/11/0004/2324

## GOVERNMENT OF ODISHA
## "e" PROCUREMENT NOTICE

No. B-737

Bid Identification No. E.E. GTN (R&B) - 14/2023-24
E-mail address: eeghatagaon2015@gmail.com

Letter No. 5406 Dt.17.08.2023

1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Double Cover/ Single Cover** System in Online mode from the eligible contractor for composite Building Works as mentioned below.
2. Nature of the Work : Building Works (Composite)
3. Numbers of Work : 02 (Two) Nos.
4. Estimated Cost : Rs.83.40 & 20.85 Lakhs (Approx.)
5. Period of Completion : 04 (Four) - 02 (Two) Calendar Months
6. Date & Time of availability of bid document in the portal : From 11.30 A.M. of Dt.24.08.2023 to 05.00 P.M. of Dt.07.09.2023
7. Last Date/time for receipt of bids in the portal : 05.00 P.M. of Dt.07.09.2023
8. Date of Opening of Bid : 11.00 A.M. of Dt.08.09.2023
9. Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.

Sd./- Executive Engineer
Ghatagaon (R&B) Division
OIPR-34140/11/0009/2324

## DISTRICT PROJECT OFFICE SAMAGRA SHIKSHA, MALKANGIRI

Letter No.3326/23 Date:21.08.23

**ADVERTISEMENT**

**No.n-167:** Applications are invited from the eligible candidates for filling up the following different posts of KGBVs and Residential Schools of Malkangiri District. The engagement is purely on contractual and temporary in nature and is renewable after 11 months subject to satisfactory performance. The selection will be made as per following criteria.

**Post to be filled up**

| Sl. No. | Name of the Post | No.of vacant post to be filled up | Gender/Age (in years on the date of advt.) | Qualification | Monthly Remuneration (Consolidated) |
|---|---|---|---|---|---|
| | **KGBV** | | | | |
| 1 | Warden | 01 | **Female** (30-50 yrs.) | BA/BSC with B.Ed. Preference shall be given to widow/destitute or divorcee. She should have at least 2 years of experience in a academic institution. (only female candidate) | Rs.21 175/- (including EPF share of Employee & Employer) |
| 2 | Accountant | 01 | **Female** (18-35 yrs.) | B.Com with DCA | Rs.13750/- (including EPF share of Employee & Employer) |
| 3 | Part Time Teacher (English) | 02 | **Female** (18-35 yrs.) | BA + B.Ed, and in case of non availability of trained Arts Graduates, untrained Arts Graduates having English as (Hons.) will be preferred. In case of non- availability of candidates, candidates secured highest mark in English as subject will be considered | Rs.7500/- (including EPF share of Employee & Employer) |
| 4 | Part Time Teacher (Math/ Science) | 02 | **Female** (18-35 yrs.) | BSc + B.Ed, and in.case of non availability of trained Science Graduates, untrained Science Graduates will be considered | Rs.7500/- (including EPF share of Employee & Employer) |
| 5 | Part Time Teacher (Sanskrit) | 02 | **Female** (18-35 yrs.) | BA with Sanskrit or Sahitya Acharya | Rs.7500/- (including EPF share of Employee & Employer) |
| | **RESIDENTIAL SCHOOL** | | | | |
| 1 | Part Time Teacher (Sanskrit) | 01 | **Male/Female** (18-35 yrs.) | BA with Sanskrit or Sahitya Acharya | Rs.6000/- for trained and Rs.5000/- for Untrained (including EPF share) |
| 2 | Part Time Teacher (Math/ Science) | 01 | **Male/Female** (18-35 yrs.) | BSc + BEd and in case of non-availability of trained Science Graduates, untrained Science Graduates will be considered | Rs.6000/- for trained and Rs.5000/- for Untrained (including EPF share) |
| 3 | Peon-cum-Attendant | 01 | **Male/Female** (18-35 yrs.) | HSC Pass- Preferably Local Candidate | Rs.6000/- (including EPF share) |
| 4 | Asst.Cook | 2 | **Male/Female** (18-35 yrs.) | Local Candidate having cooking experience in any institution | Rs.5400/-(including EPF share) |

NB:- The application form along with all required documents and testimonial should be submitted to the Office of the District Project Coordinator, SS, Malkangiri by **07.09.2023 up to 5.00 PM through registered post / courier.** The application form can be downloaded from www.malkangiri.nic.in. The application received after due date shall not be entertained. On the Top of the Envelop, the applied post must be mentioned **(Application for the post of ......of KGBV/Residential School).** One candidate can apply for the post of KGBV and Residential School separately in two envelope.

**By the Order of Collector-cum-Chairman**
**Sd./- District Project Coordinator, Samagra Shiksha, Malkangiri**

OIPR-27058/11/0001/2324

# ୫୨୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ ଲକ୍ଷ୍ୟ

## ଓଡ଼ିଶାରୁ ୪୪.୨୮ ଲକ୍ଷ ମେଟ୍ରିକ ଟନ୍



ନୂଆଦିଲ୍ଲୀ,୨୩।୮

ଚଳିତ ଆର୍ଥିକ ବର୍ଷର ଖରିଫ ବିପଣନ ଋତୁ ( କେଏମ୍ଏସ୍) ମଧ୍ୟରେ ଆବଶ୍ୟକ ପରିମାଣର ଚାଉଳ କ୍ରୟ ସହ ଅନ୍ୟାନ୍ୟ ଦିଗ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ସଚିବଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼,ଗୁଜରାଟ,ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, କର୍ନାଟକ, ରାଜସ୍ଥାନ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ଖାଦ୍ୟ ସଚିବ ଏବଂ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗତ କିଛି ବର୍ଷ ହେବ ଆକଳନଠାରୁ କମ୍ ଚାଉଳ କ୍ରୟ ଏବଂ ଦରବୃଦ୍ଧି ଉଭୟ ଖାଉଟି ଏବଂ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିଭଳି ଆଗାମୀ କେଏମଏସ୍‌ରେ ଖରିଫ ଫସଲର କ୍ରୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର କେଏମ୍ଏସ୍ ମଧ୍ୟରେ ମୋଟ ୫୨୧.୨୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟର ଲକ୍ଷ୍ୟ ରଖାଯାଇଛି। ଗତ ଆର୍ଥିକ ବର୍ଷର ଅନୁମାନ ପ୍ରାୟ ୫୧୮ ଲକ୍ଷ ମେଟ୍ରିକ ଟନ୍ ଥିଲାବେଳେ ଗତ ଖରିଫ୍ ବିପଣନ ଋତୁରେ ମୋଟ ୪୯୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କ୍ରୟ କରାଯାଇଥିଲା। ଚଳିତ ଖରିଫ ବିପଣନ ଋତୁରେ ଚାଉଳର ଆନୁମାନିକ କ୍ରୟ ମଧ୍ୟ ବିଭିନ୍ନ ରାଜ୍ୟ ଅନୁଯାୟୀ ସ୍ଥିର କରାଯାଇଛି। ଏ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ସୂଚୀ ଅନୁଯାୟୀ ପଞ୍ଜାବ-୧୨୨ଏଲ୍ଏମ୍‌ଟି, ଛତିଶଗଡ଼ ୬୧ଏଲ୍ଏମ୍‌ଟି, ତେଲଙ୍ଗାନା ୫୦ଏଲ୍ଏମ୍‌ଟି, ଓଡ଼ିଶା ୪୪.୨୮ଏଲ୍ଏମ୍‌ଟି, ଉତ୍ତର ପ୍ରଦେଶ ୪୪ ଏଲ୍ଏମ୍‌ଟି, ହରିୟାଣା ୪୦ ଏଲ୍ଏମ୍‌ଟି, ମଧ୍ୟପ୍ରଦେଶ ୩୪ ଏଲ୍ଏମ୍‌ଟି, ବିହାର ୩୦ ଏଲ୍ଏମ୍‌ଟି, ଆନ୍ଧ୍ର ପ୍ରଦେଶ ୨୫ ଏଲ୍ଏମ୍‌ଟି, ପଶ୍ଚିମବଙ୍ଗ ୨୪ ଏଲ୍ଏମ୍‌ଟି, ଓ ତାମିଲନାଡୁ ୧୫ ଏଲ୍ଏମ୍‌ଟିରେ କ୍ରୟ ପରିମାଣ ରହିଛି। ସେହିପରି ଚଳିତ ଖରିଫ୍ ବିପଣନ ଋତୁରେ ୩୩.୦୯ ଲକ୍ଷ ମେଟ୍ରିକ୍ ଟନ୍ ଶ୍ରୀଅନ୍ନ-ବାଜରା (ଶ୍ରୀ ଅନ୍ନ)ର କ୍ରୟ ଅନୁମାନ କରାଯାଇଥିଲାବେଳେ ଗତ ଖରିଫ ବିପଣନ ଋତୁ (ଖରିଫ୍ ଓ ରବି)ରେ ମୋଟ ୭.୩୭ ଲକ୍ଷ ମେଟ୍ରିକ୍ ଟନର ବାସ୍ତବିକ କ୍ରୟ କରାଯାଇଛି। ଚଳିତ ଖରିଫ ବିପଣନ ଋତୁରୁ ଆରମ୍ଭ କରି ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ରାଗିର ସର୍ବନିମ୍ନ ସମର୍ଥନ ମୂଲ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଉକ୍ତ ବୈଠକରେ ଏଫ୍‌ସିଆଇର ଅଧ୍ୟକ୍ଷଙ୍କ ସମେତ ପ୍ରବନ୍ଧ ନିର୍ଦ୍ଦେଶକ, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ, ଭାରତୀୟ ଜଳବାୟୁ ବିଜ୍ଞାନ ବିଭାଗ ଏବଂ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୩।୮

କ୍ରମାଗତ ୩ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୧୩ (୨୧୩.୨୭) ପଏଣ୍ଟ ବଢ଼ି ୬୫,୪୩୩ (୬୫,୪୩୩.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୮(୪୭.୫୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୪୪(୧୯,୪୪୪.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି।

## ନାକ୍ ପକ୍ଷରୁ ସିୟୁଟିଏମ୍‌କୁ ଏ+ ମାନ୍ୟତା




ଭୁବନେଶ୍ୱର,୨୩।୮

ଜାତୀୟ ମୂଲ୍ୟାଙ୍କନ ଓ ସ୍ୱୀକୃତି ପରିଷଦ (ନାକ୍) ପକ୍ଷରୁ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) କୁ ଏ+(୩.୩୭ ସ୍କୋର) ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷାଦାନ ପ୍ରକ୍ରିୟା, ଅନୁସନ୍ଧାନ, ସୁଶାସନ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାରକରି ନାକ୍ ଉପରୋକ୍ତ ମାନ୍ୟତା ପ୍ରଦାନ କରିଥାଏ। ଅପରପକ୍ଷରେ ସିୟୁଟିଏମ୍‌କୁ ଦିଆଯାଇଥିବା ଉକ୍ତ ମାନ୍ୟତା ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାଦାନର ଏକ ବଳିଷ୍ଠ ପ୍ରମାଣ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଉଛି। ସେହିଭଳି ଉକ୍ତ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ବିଭାଗ, ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ, ଶିଳ୍ପ ସହଯୋଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ହେଉଛି, ରାଜ୍ୟର ଏକ ପ୍ରମୁଖ ଘରୋଇ ଦକ୍ଷତା ବିଶ୍ୱବିଦ୍ୟାଳୟ, ଯାହା ସ୍କୁଲରୁ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବଢ଼ାଉଥିବା ବେଳେ କ୍ୟାରିୟରରେ ଆଗକୁ ବଢ଼ିବା ଲାଗି ସେମାନଙ୍କୁ ବିଶ୍ୱବିଦ୍ୟାଳୟ ସକ୍ଷମ କରୁଛି। ଏହା ରାଜ୍ୟ ସରକାରଙ୍କ ଏକ ସ୍ୱୀକୃତିପ୍ରାପ୍ତ ଦକ୍ଷତା ବିଶ୍ୱବିଦ୍ୟାଳୟ ଏବଂ ଏହାକୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟର ସ୍ୱୀକୃତି ମଧ୍ୟ ମିଳିଛି। ଏହା ହେଉଛି ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ଯାହାର ୬ଟିରୁ ୩ଟି କ୍ୟାମ୍ପସ୍ ଆଦିବାସୀ ଅଞ୍ଚଳରେ ରହିଛି।

## ଗୋଷ୍ଠୀ କଲ୍ୟାଣକୁ ଅଗ୍ରାଧିକାର

ଭୁବନେଶ୍ୱର,୨୩।୮

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ସହଯୋଗୀ ସଂସ୍ଥା ବେଦାନ୍ତ ଆଇରନ ଓର୍ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓଡ଼ିଶାରେ କରାଯାଉଛି। ଏପରିକି କମ୍ପାନୀର ଓଡ଼ିଶା ବ୍ୟବସାୟ ଏକ ଦାୟିତ୍ୱପୂର୍ଣ୍ଣ ସାର୍ବଜନୀନ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଫଳରେ କମ୍ପାନୀ ରାଜ୍ୟର ଶିଳ୍ପ ପ୍ରଗତି ଉପରେ ଧ୍ୟାନ ଦେଇଥାଏ। କମ୍ପାନୀର ଉତ୍ସର୍ଗ କେବଳ ବ୍ୟବସାୟିକ ଉଦ୍ଦେଶ୍ୟ ନୁହେଁ। ଏହା ଶ୍ରମିକମାନଙ୍କ କଲ୍ୟାଣ,ସ୍ଥାନୀୟ ସାମାଜିକ-ଅର୍ଥନୈତିକ ଦୃଶ୍ୟପଟର ଅଗ୍ରଗତି ଏବଂ ନିଜର କାର୍ଯ୍ୟକଳାପ ଦ୍ୱାରା ସ୍ଥାନୀୟ ଗୋଷ୍ଠୀଙ୍କର ଉନ୍ନତିକୁ ଆପଣେଇ ନେଇଛି। କମ୍ପାନୀର ବିସ୍ତୃତ ସିଏସ୍ଆର୍ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ବେଦାନ୍ତର ଆଇରନ ଓର୍ ଓଡ଼ିଶା ବ୍ୟବସାୟ ଅନେକ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ବହୁ ଗ୍ରାମବାସୀଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାକୁ ସକ୍ଷମ ହୋଇଛି। ଏ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି, ଆମେ ସ୍ୱଚ୍ଛ ବ୍ୟବସାୟିକ ଔପଚାରିକତା ଏବଂ ପ୍ରକ୍ରିୟା ଅନୁସରଣ କରିଥାଉ। ଆମର କାର୍ଯ୍ୟ ଏବଂ ବ୍ୟବସାୟ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହି ସେମାନଙ୍କୁ ବ୍ୟବସାୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ପରୋକ୍ଷ ରାଜସ୍ୱ ଉପଲବ୍ଧି ଲାଗି ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ନିଶ୍ଚିତ କରିଥାଉ। ଉଭୟ ଖଣିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି କ୍ଷେତ୍ରରେ ୯୦% ରୁ ଅଧିକ ସ୍ଥାନୀୟ ତଥା ଓଡ଼ିଶାର କର୍ମଚାରୀଙ୍କୁ ସୁଯୋଗ ପ୍ରଦାନ କରାଯାଇଛି। ସେହିଭଳି ସ୍ଥାନୀୟ ନିୟମାବଳୀକୁ କଡାକଡି ପାଳନ କରି କମ୍ପାନୀ କାର୍ଯ୍ୟଧାରା ଜାରି ରଖିଛି।

## ଟିବିଡବ୍ଲ୍ୟୁଇଏସ୍‌କୁ ପ୍ଲେଟ୍ ଯୋଗାଇବ ଜେଏସ୍ଏଲ୍

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ଗୁଣାତ୍ମକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍‌ର ଚାହିଦା ଉଭୟ ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ବଜାରରେ ରହିଛି। ଏପରିକି ଅଗ୍ରଣୀ ବଏଲର ଉତ୍ପାଦକ ଥର୍ମାକ୍ସ ବାବ୍‌କକ ଆଣ୍ଡ ୱିଲକକ୍ସ ଏନର୍ଜି ସଲ୍ୟୁସନ୍ (ଟିବିଡବ୍ଲ୍ୟୁଇଏସ୍) ଲିମିଟେଡ୍‌କୁ ଜେଏସ୍ଏଲ୍ ଆବଶ୍ୟକ ପରିମାଣର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇବ ବୋଲି ଉଭୟ କମ୍ପାନୀ ମଧ୍ୟରେ ଚୁକ୍ତି ହୋଇଛି। ବିଶେଷକରି ଜେଏସ୍ଏଲ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ଲେଟ୍‌ଗୁଡିକ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା। ଏପରିକି ଥର୍ମାକ୍ସ ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନା ଥିବା ଟିବିଡବ୍ଲ୍ୟୁଇଏସ୍ ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ଦେଇଥିବା ପ୍ରଶଂସାପତ୍ର ଅନୁଯାୟୀ ୟୁରୋପର ଏକ ପ୍ରତିଷ୍ଠିତ ପ୍ରକଳ୍ପ ପାଇଁ ଉକ୍ତ ପ୍ଲେଟ୍‌ଗୁଡିକ ବ୍ୟବହାର କରାଯାଇଥିଲା। ଏ ସମ୍ପର୍କରେ ଟିବିଡବ୍ଲ୍ୟୁଇଏସ୍‌ର ହେଡ୍ ପ୍ରୋକ୍ୟୁରିମେଣ୍ଟ ଏସ୍.କେ.ରାଇଚୁର କହିଛନ୍ତି, ଆମଦାନୀ ବିକଳ୍ପ ଭାବେ କାର୍ଯ୍ୟ କରିଥିବା ତଥା ଶ୍ରେଷ୍ଠ ଶ୍ରେଣୀର ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟ୍ ଯୋଗାଇ ଦେଇଥିବାରୁ ଆମେ ଜିନ୍ଦଲ ଷ୍ଟେନ୍‌ଲେସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛୁ। ସେହିଭଳି ହିସାରର ବରିଷ୍ଠ ଉପସଭାପତି ତଥା ୟୁନିଟ୍ ହେଡ୍ ବିଜୟ କୁମାର ବିନ୍ଦଲିଶ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସ୍ ବିଶ୍ୱରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ସେମାନଙ୍କର ଷ୍ଟେନ୍‌ଲେସ୍ ଷ୍ଟିଲ୍ ସମାଧାନର କ୍ଷମତା ପାଇଁ ଗର୍ବିତ ଥିଲାବେଳେ କମ୍ପାନୀ ଭାରତରେ ଘରୋଇ ଷ୍ଟେନ୍‌ଲେସ ଷ୍ଟିଲ୍‌ର ବ୍ୟବହାର ବୃଦ୍ଧି କରିବା ସହିତ ଆମଦାନୀକୁ କମ୍ କରିବା ପାଇଁ ଏକ ଦୂରଦୃଷ୍ଟି ସହିତ ପ୍ରତିଷ୍ଠିତ ହୋଇଥିଲା। ଏପରିକି ବିଗତ ୫ଦଶନ୍ଧି ମଧ୍ୟରେ ୧୦୦% ଆମଦାନୀ ନିର୍ଭରଶୀଳତା ଥିବା ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଦେଖୁଛୁ।

## ମିଶୋର ମିଶନ ୧୦୦ ମିଲିୟନ

ଭୁବନେଶ୍ୱର,୨୩।୮

ଦେଶର ପ୍ରମୁଖ ଇ- କର୍ମସ କମ୍ପାନୀ ମିଶୋ ବର୍ତ୍ତମାନ ଏକ ନୂଆ ମିଶନ ସମ୍ପର୍କରେ ଘୋଷଣା କରିଛି। ୨୦୨୭ ମସିହା ବେଳକୁ ମିଶୋର ମିଶନ ୧୦୦ ମିଲିୟନ ଗ୍ରାହକଙ୍କ ନିକଟତର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଇଣ୍ଟରନେଟ୍ ମାର୍କେଟ (ବାଣିଜ୍ୟ)କୁ ନିଶ୍ଚିତ କରିବାର ମିଶନକୁ ମିଶୋ ଆଗକୁ ବଢ଼ାଇଛି। କମ୍ପାନୀ (ମିଶୋ) ୨୦୨୭ ସୁଦ୍ଧା ୧୦ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଏକ ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ବିଷୟରେ ମଧ୍ୟ ଘୋଷଣା କରିଛି। ସେହିଭଳ ମିଶୋ ବର୍ତ୍ତମାନର ବିକ୍ରେତା ବେସ୍‌ରେ ୧.୩ ନିୟୁତର ଗ୍ରାହକଙ୍କ ସହ ଏକ ବୃହତ୍ ବିସ୍ତାର ଆଡ଼କୁ ପ୍ରୟାସ କରୁଛି। ଏ ସମ୍ପର୍କରେ ମିଶୋର ସିଇଓ ତଥା ପ୍ରତିଷ୍ଠାତା ବିଦିତ୍ ଆତ୍ରେ କହିଛନ୍ତି, ୨୦୨୭ ସୁଦ୍ଧା କମ୍ପାନୀ ୧୦ ନିୟୁତ ବିକ୍ରେତାଙ୍କ ଉପରେ ନଜର ରଖିଛି। ବୈଷୟିକ ପ୍ରଗତି, ନବସୃଜନ ଏବଂ ଅନ୍ତର୍ଭୂକ୍ତୀକରଣ ପାଇଁ ଏକ ଅଦମ୍ୟ ଉତ୍ସର୍ଗ ଦ୍ୱାରା ପରିଚାଳିତ। ଆମେ ଅଫ୍‌ଲାଇନ ବିକ୍ରେତାମାନଙ୍କ ପାଇଁ ୨ୟ ଆୟର ରାସ୍ତା ଖୋଲିବାକୁ ପ୍ରସ୍ତୁତ ଅଛୁ। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଏହି ମହତ୍ତ୍ୱପୂର୍ଣ୍ଣ ଘୋଷଣା କରାଯାଇଥିଲା, ଯେଉଁଠାରେ ମିଶୋ ଭଳି ଓଏନ୍‌ଡିସି ଏବଂ ସିଏଆଇଟି ପରି ବିଭିନ୍ନ ଶିଳ୍ପ ହିତାଧିକାରୀଙ୍କ ସହ ମିଶି ମୋଷ୍ଟ ଇନୋଭେଟିଭ୍ ବିକ୍ରେତା,ମୋଷ୍ଟ ଟ୍ରଷ୍ଟଡେ ବିକ୍ରେତା ପରି ୮ଟି ବିଭିନ୍ନ ବର୍ଗରେ ଏମ୍ଏସ୍ଏମ୍‌ଇ ବିକ୍ରେତାଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଫୁରସତ୍

# ଚର୍ମରେ ପରିବେଶ ଦେଖେ

ନୂଆଦିଲ୍ଲୀ



ଆମେ ବିଭିନ୍ନ ପ୍ରକାରର ମାଛ ବିଷୟରେ ଜାଣିଛେ। ସମସ୍ତ ମାଛର ଆଖି ଥାଏ। ହେଲେ ଏପରି ଏକ ମାଛ ଅଛି, ଯିଏ ଆଖିରେ ନ ଦେଖି ତା' ଚର୍ମ ସାହାଯ୍ୟରେ ଦେଖିଥାଏ। ସେ ଲଢ଼େଇ ନ କରି ଶିକାରକୁ ହରାଇ ଦିଏ। ହଗ୍‌ଫିଶ୍ ସାଧାରଣତଃ ସେମାନଙ୍କ ଛଦ୍ମରୂପ ଦକ୍ଷତାକୁ ସମର୍ଥନ କରିବାକୁ ରଙ୍ଗ ପରିବର୍ତ୍ତନ କରିବା କ୍ଷମତାକୁ ବ୍ୟବହାର କରିଥାଏ। ସେମାନଙ୍କର ଥିବା ହାଲୁକା, ସମ୍ବେଦନଶୀଳ ଚର୍ମ ତାଙ୍କୁ ଦେଖିବାରେ ସାହାଯ୍ୟ କରେ। ତେବେ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍ କେବଳ ତା' ଚର୍ମକୁ ପରିବେଶ ଦେଖିବାକୁ ବ୍ୟବହାର କରୁନାହିଁ। ଉତ୍ତର କାରୋଲିନା ୱିଲମିଙ୍ଗଟନ୍ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ଲୋରିଆନ ସ୍କୱିକେର୍ଟ କହିଛନ୍ତି, ସେମାନେ ନିଜକୁ ଦେଖିବାକୁ ଏହାକୁ ବ୍ୟବହାର କରିପାରନ୍ତି। ହଗ୍‌ଫିଶ୍‌ର ଆଚରଣକୁ ଅନୁଧ୍ୟାନ କରିବାକୁ ସେମାନେ ତା' ଚର୍ମର ନମୁନା ନେଇ ପରୀକ୍ଷଣ କରିଥିଲେ। ସେଥିରେ ଏକ ଅପ-କ୍ଲୋଜ୍ ଲୁକ୍‌ରେ ବହୁତ କ୍ରୋମାଟୋଫୋର ନାମକ କୋଷ ଦେଖାଗଲା, ଯେଉଁଥିରେ ରଙ୍ଗର ଗ୍ରାନ୍ୟୁଲ ରହିଥାଏ। ଏହା କିରଣର ସଂସ୍ପର୍ଶରେ ଆସିଲେ ନିଜ ରଙ୍ଗ ମଧ୍ୟ ପରିବର୍ତ୍ତନ କରିଥାଏ। ଏହାଛଡ଼ା କେହି ଏହାର ପାଖକୁ ଆସିଲେ, ସେ ତୁରନ୍ତ ନିଜ ରଙ୍ଗ ବଦଳାଇଥାଏ। ପୂର୍ବ ଅନୁସନ୍ଧାନରୁ ଜଣାପଡିଛି, ହଗ୍‌ଫିଶ୍‌ର ଚର୍ମରେ ଅପସିନ ନାମକ ଏକ ହାଲୁକା, ସମ୍ବେଦନଶୀଳ ପ୍ରୋଟିନ ଥାଏ, ଯାହା ସେମାନଙ୍କ ଆଖିରେ ମିଳୁଥିବା ଅପ୍‌ସିନଠାରୁ ଭିନ୍ନ। ଏହା ଦୁନିଆର ଏକମାତ୍ର ଜୀବ, ଯାହାର ମୁଣ୍ଡ ଅଛି। ହେଲେ ମୁଣ୍ଡରେ ହାଡ଼ ନାହିଁ। ପାଖାପାଖି ୩୦୦ ମିଲିୟନ୍ ବର୍ଷ ପୂର୍ବରୁ ଏହି ମାଛର ଅସ୍ତିତ୍ୱ ରହିଛି। ଆକ୍ରମଣ ସମୟରେ ସେ ଅନ୍ୟ ଜୀବଙ୍କ ଉପରକୁ କିଛି ଖରାପ ପଦାର୍ଥ ଛାଡ଼ିଥାଏ।

## ୧୯ ବର୍ଷ ପରେ ଅକ୍ଷୟଙ୍କ ସହ ରବିନା

ମୁମ୍ବାଇ



୯୦ ଦଶକରେ ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ ଯୋଡି ଥିଲେ ରବିନା ଟଣ୍ଡନ୍ ଏବଂ ଅକ୍ଷୟ କୁମାର। ସେମାନଙ୍କ କେମେଷ୍ଟ୍ରିକୁ ଲୋକେ ଖୁବ୍ ପସନ୍ଦ କରୁଥିବା ବେଳେ ସେମାନେ ବଲିଉଡ୍‌ରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ହେଲେ ସେମାନଙ୍କ ମଧ୍ୟରେ କିଛି ଶତ୍ରୁତା କାରଣରୁ ପରସ୍ପର ସହ ଫିଲ୍ମ ନ କରିବାକୁ ମନସ୍ଥ କରିଥିଲେ। ତେବେ ଦୀର୍ଘ ୧୯ ବର୍ଷ ପରେ ଶତ୍ରୁତା ଭୁଲି ଏହି ଯୋଡି ପୁଣି ପରଦାରେ ଏକାଠି ହେବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ 'ୱେଲକମ୍ ୩'ରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁଯାୟୀ, ରବିନା ଖୁବ୍‌ଶୀଘ୍ର ଅକ୍ଷୟଙ୍କ ଫିଲ୍ମ 'ୱେଲକମ୍ ୩'ରେ ମୁଖ୍ୟ ଅଭିନେତ୍ରୀ ଭାବେ ଯୋଗଦେବେ। ତେବେ ଶେଷ ଥର ପାଇଁ ଉଭୟଙ୍କୁ ୨୦୦୪ରେ ଫିଲ୍ମ 'ଆନ୍: ମେନ୍ ଆଟ୍ ୱାର୍କ'ରେ ଦେଖିବାକୁ ମିଳିଥିଲା। ୧୯୯୦ ଦଶକରେ ରବିନା ଏବଂ ଅକ୍ଷୟଙ୍କ ଚଳଚ୍ଚିତ୍ର ସହିତ ତାଙ୍କ ପ୍ରେମ କାହାଣୀକୁ ନେଇ ମଧ୍ୟ ଖୁବ୍ ଆଲୋଚନା ହେଉଥିଲା। ଏହି ଯୋଡି ପ୍ରଥମେ ୧୯୯୪ରେ ଚଳଚ୍ଚିତ୍ର 'ମୋହରା' ଜରିଆରେ ପରସ୍ପରର ନିକଟତର ହୋଇଥିଲେ। ପରେ ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ହୋଇଥିଲା। କିନ୍ତୁ ପରେ କୌଣସି କାରଣରୁ ଉଭୟ ଅଲଗା ହୋଇଯାଇଥିଲେ।

## ସ୍କୁଲ ପ୍ରୋଜେକ୍ଟରୁ ଲେଖିଲେ ପୁସ୍ତକ



ଲକ୍ଷ୍ନୌ

ପିଲାମାନେ ଯେଉଁ ସମୟରେ ଖେଳିବା କଥା ସେହି ସମୟରେ ଜଣେ ପିଲା ଲୋକଙ୍କୁ ଶିକ୍ଷଣୀୟ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଲକ୍ଷ୍ନୌର ବାସିନ୍ଦା ଆୟୁଷମାନ ପ୍ରସାଦ ୧୦ ବର୍ଷ ବୟସରେ ତାଙ୍କ ପ୍ରତିଭା ଦେଖାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛନ୍ତି। ସେ ନିକଟରେ ଏକ ପୁସ୍ତକ ଲେଖିଛନ୍ତି। ଯାହାର ନାମ ରହିଛି 'ଦି ଅଜୁରୀ ଭ୍ୟାଲି'। ଏହି ପୁସ୍ତକରେ ସେ ଅଧର୍ମ ଉପରେ ଧର୍ମର ବିଜୟକୁ ଦର୍ଶାଇଛନ୍ତି। ପୁସ୍ତକ ଲେଖିବା ପାଇଁ ସେ ତାଙ୍କ ଦାଦା ବ୍ରିଜଲାଲଙ୍କଠାରୁ ପ୍ରେରଣା ପାଇଥିବା କହିଛନ୍ତି। ବ୍ରିଜଲାଲ ଉତ୍ତର ପ୍ରଦେଶର ଡିଜିପି ଥିବାବେଳେ ସେ ଏବେ ରାଜ୍ୟ ସଭାର ସଦସ୍ୟ ରହିଛନ୍ତି। ଏହି ପୁସ୍ତକ ଲେଖିବାକୁ ଆୟୁଷମାନଙ୍କୁ ପାଖାପାଖି ୨୫ ଦିନ ସମୟ ଲାଗିଥିଲା। ତାଙ୍କ ସ୍କୁଲରେ ସମସ୍ତଙ୍କୁ ଏକ କାହାଣୀ ଲେଖିବାକୁ ପ୍ରୋଜେକ୍ଟ ମିଳିଥିଲା। ଏହି ପ୍ରୋଜେକ୍ଟରେ ତାଙ୍କ ମନରେ ଅଧର୍ମ ଉପରେ ଧର୍ମର ଜୟ ବାବଦରେ ଏକ କାହାଣୀ ଲେଖିବାକୁ ଲାଗିଲେ। ସେ କାହାଣୀ ଲେଖିବାରେ ଏତେ ମଗ୍ନ ହୋଇଗଲେ ଯେ, ଗୋଟେ ବହି ଲେଖିଦେଲେ। ସେ ଛୋଟ କାହାଣୀକୁ ୧୦ଟି ଚାପ୍ଟରରେ ପରିଣତ କରିଥିଲେ। ଆୟୁଷମାନ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। କାହାଣୀରେ ଏକ ଯାଦୁର ଫୁଲ ଅଛି। ଯାହା ଧର୍ମ ରକ୍ଷା କରେ। ସେହି ଫୁଲ ଏକ ସାମ୍ରାଜ୍ୟ ଭିତରେ ରହିଛି। ଯେଉଁଠାରେ ଧର୍ମର ପାଳନ କରାଯାଏ। ହେଲେ ସେଠାକୁ କିଛି ଖରାପ ଲୋକ ଆସନ୍ତି ଏବଂ ସେହି ଫୁଲକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି। ଏଠାରୁ ଆରମ୍ଭ ହୁଏ ଧର୍ମର ଶିକ୍ଷା।

## ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ଟୁଲିପ ଗାର୍ଡେନ

**ଶ୍ରୀନଗର:** ଶ୍ରୀନଗରର ଇନ୍ଦିରାଗାନ୍ଧୀ ମେମୋରିଆଲ ଟୁଲିପ ଗାର୍ଡେନ ଏସିଆର ସର୍ବବୃହତ୍ ପାର୍କ ଭାବରେ ୱାର୍ଲ୍ଡ ବୁକ୍ ଅଫ ରେକର୍ଡ(ଲଣ୍ଡନ)ରେ ସ୍ଥାନ ପାଇଛି। ୬୮ଟି ବିଭିନ୍ନ କିସମର ୧.୫ ମିଲିୟନ୍ ଟୁଲିପ ଗଛ ରହିଥିବା ଏହି ଉଦ୍ୟାନଟି ସୁସଜ୍ଜିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏକ୍ସରେ ଲେଖିଛନ୍ତି। ଶ୍ରୀନଗରର ଡାଲ ହ୍ରଦ ଏବଂ ଜବାରୱାନ ପାହାଡ ମଧ୍ୟରେ ଏହି ୩୦ ହେକ୍ଟର ଉଦ୍ୟାନ ରହିଛି। ପୂର୍ବରୁ ଏହି ଉଦ୍ୟାନ ସିରାଜ ବାଗ ନାମରେ ଜଣାଶୁଣା ଥିଲା। ଶ୍ରୀନଗରର ପର୍ଯ୍ୟଟନ ଅନୁଯାୟୀ, କଶ୍ମୀର ଉପତ୍ୟକାରେ ପୁଷ୍ପଗୁଚ୍ଛ ପର୍ଯ୍ୟଟନ ବୃଦ୍ଧି ଉଦ୍ଦେଶ୍ୟରେ



ଏହି ଉଦ୍ୟାନ ୨୦୦୭ରେ ଖୋଲାଯାଇଥିଲା। ଜମ୍ମୁ-କଶ୍ମୀର ପ୍ରଶାସନ ପ୍ରତିବର୍ଷ ଟୁଲିପ ମହୋତ୍ସବ ପାଳନ କରିଥାଏ ; ଯେଉଁଥିରେ ଲୋକଙ୍କ ପାଇଁ ଏହି ଉଦ୍ୟାନ ଖୋଲାଯାଇଥାଏ। ଏହି ମହୋତ୍ସବ ପ୍ରତିବର୍ଷ ବସନ୍ତ ଋତୁ ଆରମ୍ଭରୁ ପାଳନ କରାଯାଇଥାଏ।

# ଢେଙ୍କାନାଳରେ ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍

- କଳାକୃତି ଗ୍ରାମରେ ଏସ୍‌ସିଏସ୍‌ଟି ବିଭାଗ କମିଶନର
- ହସ୍ତଶିଳ୍ପର ବିକାଶ ପାଇଁ ପ୍ରତିଷ୍ଠା ହେବ ଲାଇବ୍ରେରି
- ଗବେଷଣା ନିମନ୍ତେ କରାଯିବ ବ୍ୟବସ୍ଥା

ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ-ନବଜୀବନପୁର କଳାକୃତି ଗ୍ରାମରେ ପ୍ରତିଷ୍ଠା ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ। ଡୋକ୍ରା କଳାକୃତି ପାଇଁ ପ୍ରସିଦ୍ଧ ଏହି ସ୍ଥାନରେ ଏଭଳି ଲୁପ୍ତପ୍ରାୟ ହସ୍ତଶିଳ୍ପର ବିକାଶ ଲାଗି ରିସର୍ଚ୍ଚ ସେଣ୍ଟର ଏବଂ ଡୋକ୍ରା ଲାଇବ୍ରେରି ସ୍ଥାପନ କରାଯିବ। ହସ୍ତଶିଳ୍ପ କ୍ଷେତ୍ରରେ ଗବେଷଣା କରୁଥିବା ଏବଂ ଜ୍ଞାନ ଥିବା ବ୍ୟକ୍ତିମାନେ ଏଠାକୁ ଆସି ଶିଳ୍ପୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ସମସ୍ୟାର ସମାଧାନ ଲାଗି ଭାବ ବିନିମୟ କରିବେ। କଳାକୃତି ଗ୍ରାମରେ ଓଡ଼ିଶା ସମେତ ଦେଶର ସମସ୍ତ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଏସବୁ କାର୍ଯ୍ୟରେ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ଏବଂ ବୈଷୟିକ ସହାୟତା କରିବେ। ବୁଧବାର ଅପରାହ୍ନରେ ଢେଙ୍କାନାଳ ଗସ୍ତରେ ଆସି କଳାକୃତି ଗ୍ରାମ ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ବିଭାଗ କମିଶନର ରୂପାରୋଶନ ସାହୁ।

କମିଶନର ଅପରାହ୍ନ ପ୍ରାୟ ୫ଟା ୨୦ରେ କଳାକୃତି ଗ୍ରାମ ପରିଦର୍ଶନ କରି ହସ୍ତଶିଳ୍ପ ପ୍ରଦର୍ଶନୀ ଷ୍ଟଲ୍, କନଫରେନ୍ସ ହଲ, ହଷ୍ଟେଲ, ହସ୍ତଶିଳ୍ପ ପ୍ରସ୍ତୁତି ପ୍ରକୋଷ୍ଠ, ଶିଶୁ ଉଦ୍ୟାନ, ପୋଖରୀ, ବୋଟିଂ ବ୍ୟବସ୍ଥା ବୁଲି ଦେଖିଥିଲେ। ମିଶନ ଶକ୍ତି ଏବଂ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ସେ ଭାବ ବିନିମୟ କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଢେଙ୍କାନାଳ ଜିଲାରେ ନଡ଼ା ଓ ହ୍ୟାଣ୍ଡଲୁମ୍ ଶିଳ୍ପ ରହିଛି। ଏସବୁକୁ ଜନମାନସରେ ପରିଚିତ କରାଇବା ଲାଗି ମ୍ୟୁଜିୟମ୍‌ରେ ପ୍ରଦର୍ଶନ କରାଯିବ। ସଦେଇବେରେଣୀ-ନବଜୀବନପୁରରେ ବହୁସଂଖ୍ୟାରେ ଡୋକ୍ରା କାରିଗର ରହୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କଳାକୃତି ଗ୍ରାମ ପ୍ରତିଷ୍ଠା ହୋଇଥିଲା, ଯାହା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଳାକୃତି ଗ୍ରାମରେ ପର୍ଯ୍ୟାୟକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରିରହିଛି। ଜିଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତାବ ପଠାଇବା ଲାଗି ପରାମର୍ଶ ଦିଆଯାଇଛି। ପ୍ରସ୍ତାବ ଆସିବା ପରେ ଟିମ୍ ପଠାଇ ଡୋକ୍ରା ସମେତ ବିଭିନ୍ନ ହସ୍ତଶିଳ୍ପକୁ କିପରି ଅଧିକ ପ୍ରୋତ୍ସାହିତ କରାଯିବ, ସେ ସମ୍ପର୍କରେ ପଦକ୍ଷେପ ନିଆଯିବ। ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍ ଏବଂ ରିସର୍ଚ୍ଚ ସେଣ୍ଟର ସ୍ଥାପନ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ପରିଦର୍ଶକମାନେ ରିସର୍ଚ୍ଚ ସେଣ୍ଟର ମାଧ୍ୟମରେ ଜ୍ଞାନ ଆହରଣ କରିପାରିବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ କାରିଗରମାନେ ଉପକୃତ ହେବେ ବୋଲି କମିଶନର ସାହୁ କହିଛନ୍ତି।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସଦର ବ୍ଲକ ବିଡିଓ ସୁଧୀର ନାୟକ, ଏସ୍‌ସି/ଏସ୍‌ଟି ବିଭାଗ ଡେପୁଟି ସେକ୍ରେଟାରି ସରୋଜ ପଣ୍ଡା, ଅମୃତା ପ୍ରିୟମ୍ବଦା, ଆଶିଷ ଭୋଇ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସାଦ ପରିଡ଼ା, ଡେପୁଟି କଲେକ୍ଟର ଭଜନାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଳାକୃତି ଗ୍ରାମରେ କମିଶନର ରୂପାରୋଶନ ସାହୁ, ପ୍ରଶାସନିକ ଅଧିକାରୀଙ୍କ ସମେତ ମହିଳା ଗୋଷ୍ଠୀ ସଦସ୍ୟାମାନେ।

## ସଂକ୍ଷେପରେ

### ଆଜି ୨୪ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ

ବାରିପଦା, ୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ୧୫ଦଫା ଦାବି ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍‌ଏମ୍) ପକ୍ଷରୁ ଗୁରୁବାର ୨୪ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଛି। ଜିଲାର ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଜିଲାର ମୂଳ ଅଧିବାସୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିବା ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି। ବନ୍ଦ ପୂର୍ବରୁ ବୁଧବାର ସନ୍ଧ୍ୟାରେ ବାରିପଦା ସହରରେ ମାଇକ୍ ଯୋଗେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଇଛି। ସମସ୍ତ ଯାନବାହନ ଚଳାଚଳ ଓ ଦୋକାନ ବଜାର ବନ୍ଦ କରିବାକୁ ନିବେଦନ କରାଯାଇଛି।

### ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା, ସ୍ୱାମୀ ଗିରଫ

ମୋହନା, ୨୩।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରାଣିଖମା ଗ୍ରାମରେ ମଙ୍ଗଳବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ୱାମୀ ଶାବଳରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସରୁଗଳା ମଳିକ। ପୋଲିସ ବୁଧବାର ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ହାଡୁ ମଳିକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ହାଡୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହାଡୁ ଶାବଳରେ ସରୁଗଳାଙ୍କୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସରୁଗଳାଙ୍କ ଭାଇ ସୁରେନ୍ଦ୍ର ମଳିକ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଶାବଳ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠି ସୂଚନା ଦେଇଛନ୍ତି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି।

### ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ବୌଦ୍ଧ, ୨୩।୮ (ଅଜିତ କୁମାର ବାରିକ)

**ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସମ୍ପୋଚ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। ମିଳିଥିବା ସୂଚନା ମୁତାବକ ସମ୍ପୋଚ ଗ୍ରାମର ଭୋଳାନାଥ ସ୍ୱାଇଁ ସ୍ତ୍ରୀ କସ୍ତୁରୀ ସ୍ୱାଇଁ (୪୫)ଙ୍କ ମଧ୍ୟରେ ଘରୋଇ କାରଣକୁ ନେଇ କଳହ ଲାଗିରହିଥିଲା। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ କସ୍ତୁରୀ ବିଲରୁ ଧାନ ରୋଇ ସାରି ଘରକୁ ଫେରିଥିଲେ। ଏହି ସମୟରେ ସ୍ୱାମୀ ଭୋଳାନାଥ ଏକ ଟାଙ୍ଗିଆ ଧରି ଆକ୍ରମଣ କରିବାକୁ ଧାଇଁ ଆସିଥିଲେ। କସ୍ତୁରୀ ଭୟଭୀତ ହୋଇ ଘରର କବାଟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ହେଲେ ଭୋଳାନାଥଙ୍କ କବଳରୁ ସେ ବର୍ତ୍ତିପାରି ନ ଥିଲେ। ଭୋଳାନାଥ ଟାଙ୍ଗିଆ ସାହାଯ୍ୟରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଭୋଳାନାଥ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ହତ୍ୟା କରିବା ପରେ ଭୋଳାନାଥ ଏ ନେଇ ପୋଲିସ ଓ ସମ୍ପର୍କୀୟମାନଙ୍କୁ ଫୋନ ଯୋଗେ ଜଣାଇଥିଲେ। ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍ଗିଆ ଓ ମୃତଦେହ ଜବତ କରିଥିଲା। ଭୋଳାନାଥ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ବୌଦ୍ଧ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ କହନ୍ତି, ଭୋଳାନାଥଙ୍କ ପୁଅ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୯୧/୨୩) ରୁଜୁ ହୋଇଛି। ହେଲେ ହତ୍ୟାର କାରଣ ଜଣାପଡି ନାହିଁ।




ଚନ୍ଦ୍ରୟାନ-୩ର ସଫଳ ଅବତରଣ ଖୁସିରେ ବୁଧବାର ଆମେରିକାର କଲରାଡୋଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ଶେଷ ହେଲା ଚତୁର୍ଥ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ

**ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା**

ଭଦ୍ରକ, ୨୩।୮ (ସନାତନ ରାଉତ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାର ଚତୁର୍ଥ ସାକ୍ଷୀ ଗ୍ରହଣ ଜିଲା ଜଜ୍ କୋର୍ଟରେ ବୁଧବାର ଶେଷ ହୋଇଛି। ଦୟାଲ ଆଶ୍ରମର କେୟାର ଟେକର ସରୋଜିନୀ ସେଠୀ ଓରଫ ସୋନୀ ୪ର୍ଥସାକ୍ଷୀ ଭାବେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ନିରଞ୍ଜନ ସେଠୀଙ୍କ ଓକିଲ ଶରତ ଚନ୍ଦ୍ର ମହାପାତ୍ର ତାଙ୍କୁ ଆଶ୍ରମ ଓ ନ୍ୟୁଜ୍ ଚ୍ୟାନେଲ ଅଫିସ ସମ୍ପର୍କରେ ଅନେକ ପ୍ରଶ୍ନ ପଚାରୁଥିବା ବେଳେ ଶର୍ମିଷ୍ଠା ରାଉତଙ୍କ ଓକିଲ ବସନ୍ତ କୁମାର ଦାସ ଓ ଗଦାଧର ବଳ ଘଟଣା ସମ୍ବନ୍ଧୀୟ ଅନେକ ପ୍ରଶ୍ନ ପଚାରିଥିଲେ। ସେପ୍ଟେମ୍ବର ୧୩ରେ ଅବଶିଷ୍ଟ ସାକ୍ଷୀମାନଙ୍କର ବୟାନ ରେକର୍ଡ କରାଯିବ ବୋଲି ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ ପ୍ରକାଶ କରିଛନ୍ତି।

ସରୋଜିନୀ ନିଜ ବୟାନରେ କହିଥିଲେ, ନୟାଗଡ଼ ଜିଲା ରଣପୁରରୁ ଆସି ଭୁବନେଶ୍ୱର ଦୟାଲ ଆଶ୍ରମର ମାଲିକ ଶର୍ମିଷ୍ଠାଙ୍କ ଅଧୀନରେ କେୟାର ଟେକର ଭାବରେ ଚାକିରି କରିଥିଲେ। ଆଶ୍ରମଠାରୁ କିଛି ଦୂରରେ ଶର୍ମିଷ୍ଠାଙ୍କ ନ୍ୟୁଜ୍ ୱେବ ଚ୍ୟାନେଲ କାର୍ଯ୍ୟାଳୟରେ ମାନସ ସ୍ୱାଇଁ ତାଙ୍କ କ୍ୟାମେରା ଚିପ୍ କେମିତି ନ ଫେରେଇ ହଇରାଣ କରୁଛି ସେ କଥାବାର୍ତ୍ତା ହେଉଥିବା ଶୁଣିଥିଲେ। ୨୦୨୨ ଫେବୃୟାରୀ ୭ରେ ସେ ଶର୍ମିଷ୍ଠାଙ୍କ ଘରକୁ ଯାଇଥିବା ବେଳେ ମାନସଙ୍କୁ ଖୋଜି ଆଣିଥିବା ଜାଣିବାକୁ ପାଇଥିଲେ। ମାନସ ଏକ କାର୍ ଭିତରେ ରାଜ ଓ ଅନ୍ୟ ୨ ଜଣଙ୍କ ସହ ବସିଥିବା ଶର୍ମିଷ୍ଠାଙ୍କ ଭାଉଜଙ୍କୁ ଝୁନା ଭୋଇ ଭିଡିଓ କଲ୍ କରି ଦେଖାଇଥିଲେ। ପରେ ମାନସଙ୍କୁ ଆଣି ଆଶ୍ରମ ଘର ଓ ପରେ ଉପର ତାଲାରେ ଥିବା ଘରେ ପୂରାଇ ମାଡ଼ ମାରିଥିଲେ। ତାଙ୍କ ପକେଟରୁ ଏକ ପର୍ସ ଓ ଏଟିଏମ୍‌କୁ ନେଇଯିବା ପରେ ବାହାରୁ ଚାବି ପକାଇ ସମସ୍ତେ ପଳାଇ ଯାଇଥିଲେ। ପୁଣି ସନ୍ଧ୍ୟାରେ ଆସି ମାନସଙ୍କୁ ବାଉଁଶ ଫାଳିଆ ଓ ଏକ କାଠବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ପରଦିନ ସକାଳୁ ଉଠି ମାନସ ରହିଥିବା କୋଠରିକୁ ଯାଇ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ଘର ଓଳାଇବା ବେଳେ ସେଠାରେ କିଛି ଭଙ୍ଗା ବାଉଁଶ ଫାଳିଆ, କାଠ ଏବଂ ମାନସ ନିଜର ଠିକଣା ଲେଖି ଉଦ୍ଧାର କରିବାକୁ ନିବେଦନ କରିଥିବା ଏକ ହାତଲେଖା ଚିଠି ପାଇଥିଲେ। ୨ଦିନ ପରେ ମିଡିଆ ଲୋକ ପହଞ୍ଚିବାରୁ ମାନସ ମରିଯାଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ବୟାନରେ କହିଥିଲେ। ପ୍ରକାଶଯୋଗ୍ୟ, କ୍ରାଇମବ୍ରାଞ୍ଚ ହତ୍ୟା ଘଟଣାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ତାଙ୍କ ସହଯୋଗୀ ଝୁନା ଭୋଇ, ରାଜ ଓରଫ ରଞ୍ଜନ ନାୟକ ଓ ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖଙ୍କୁ ଗିରଫ କରିଥିଲା। ଏବେ ସେମାନେ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଟକ ଅଛନ୍ତି। ମାମଲାଟି ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକଙ୍କ ଅଦାଲତରେ ବିଚାରାଧୀନ ରହିଛି।

## ନିବେଶ ଆଳରେ ଠକେଇ: ଅନ୍ନପୂର୍ଣ୍ଣା ଆସେଟ୍ସର ଏମ୍‌ଡି ଗିରଫ

ଭୁବନେଶ୍ୱର, ୨୩।୮ (ସୂର୍ଯ୍ୟକାନ୍ତ ବେହେରା)

ନିବେଶ କଲେ ଦୁଇଗୁଣା ଟଙ୍କା ପାଇବାର ଲୋଭ ଦେଖାଇ ୨ ଲକ୍ଷ ୯୧ ହଜାର ଟଙ୍କା ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ କମ୍ପାନୀର ଏମ୍‌ଡିଙ୍କୁ ୪ ବର୍ଷ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅଜୟ କୁମାର ପାତ୍ର (୪୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ରମେଶଚନ୍ଦ୍ର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଶାରଳା ନଗର କଟକ ରୋଡ୍‌ଠାରେ ଏମ/ଏସ୍ ଅନ୍ନପୂର୍ଣ୍ଣା ଆସେଟ୍ସ୍ ଆଣ୍ଡ୍ ମାର୍କେଟିଂ ପ୍ରାଇଭେଟ ଲିମିଟେଡ ନାମରେ ଏକ ଅଫିସ ଖୋଲିଥିଲେ। ଟଙ୍କା ନିବେଶ କରି ୪୮ ଦିନରେ ଦୁଇଗୁଣା ପାଇବା ସହ ପ୍ଲଟ୍ ସ୍କିମ ବିଷୟରେ ଅଭିଯୋଗକାରୀ ରମେଶ ଚନ୍ଦ୍ର ସାମଲଙ୍କୁ ବୁଝାଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ରମେଶ ୨୦୧୧ରେ ତାଙ୍କୁ ୨ ଲକ୍ଷ ୯୧ ହଜାର ଟଙ୍କା ଦେଇ ରସିଦ ଓ ଗ୍ୟାରେଣ୍ଟି ବଣ୍ଡ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୀମା ସରିବା ପରେ ରମେଶ ଅଭିଯୁକ୍ତଙ୍କୁ ତାଙ୍କ ଟଙ୍କା ଫେରାଇବାକୁ କହିଥିଲେ। ଏଥିରେ ଅଭିଯୁକ୍ତ ଅଜୟ ଅଭିଯୋଗକାରୀ ରମେଶଙ୍କୁ ଧମକ ଦେବା ସହ ପ୍ଲଟ ଓ ନିବେଶ ପାଇଁ ନେଇଥିବା ଟଙ୍କା ଫେରାଇ ନ ଥିଲେ। ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ଲକ୍ଷ୍ମୀସାଗର ଥାନାରେ ୨୦୧୯ ମସିହାରେ ଅଭିଯୋଗ କରିଥିଲେ।

## ବଜ୍ରପାତରେ ସାନ ଭଉଣୀ ମୃତ, ବଡ଼ ଗୁରୁତର

ଗୋପବନ୍ଧୁ ନଗର, ୨୩।୮ (ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମରେ ବୁଧବାର ବଜ୍ରପାତରେ ସାନ ଭଉଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ ଗୁରୁତର ହୋଇଛନ୍ତି। ମୃତ ସାନ ଭଉଣୀ ହେଲେ ପୁନ୍ତା ହେମ୍ବ୍ରମ(୧୬)। ବଡ଼ ଭଉଣୀ ସିନଗ (୨୭)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ସମୟରେ ଗଣେଶ୍ୱର ହେମ୍ବ୍ରମଙ୍କ ଦୁଇ ଝିଅ ସିନଗ ଓ ପୁନ୍ତା ବିଲରେ କାମ କରି ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ପଠାଇଥିବାବେଳେ ସେଠାରେ ଡାକ୍ତର ପୁନ୍ତାଙ୍କୁ ମୃତ ଘୋଷଣା କରିଥିଲେ।

## ୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଆସିକା, ୨୩।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଗତ ୨୦୦୫ରେ ଘଟିଥିବା କୃଷ୍ଣ ଗୌଡଙ୍କ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୪ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ଜାହାଡ଼ା ଗ୍ରାମର ସୁବାସ ସ୍ୱାଇଁ, ନାରାୟଣ ଡାଙ୍ଗୁଆଁ ଓ ଭଗବାନ ଡାଙ୍ଗୁଆଁ। ଗତ ୨୦୦୫ ଅକ୍ଟୋବର ୩୧ରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର କୃଷ୍ଣ ଗୌଡ, ବିଦ୍ୟାଧର ସାମଲ, ଶିବରାମ ନାୟକ ଓ ଭଗବାନ ସାମଲକୁ ଧାରୁଆ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଫଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଆହତମାନେ ଚିକିତ୍ସିତ ହୋଇଥିଲେ। ଆହତ ବିଦ୍ୟାଧର ସାମଲ ଆସିକା ଥାନାରେ ଅଭିଯୋଗ କରିଥିଲେ। ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

## ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଗଣବିକ୍ଷୋଭ




ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ମୌସମ ନନ୍ଦ)

ଭୁବନେଶ୍ୱର, ୨୩।୮ (ଅନୁରାଧା ମହାରଣା)

ଦୁଇ ଦଫା ଦାବି ନେଇ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାରୁ ଶହ ଶହ ସଂଖ୍ୟାରେ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀକୁ ମୂଳ ପଦବୀ ଧରାଯାଇ ପଞ୍ଚାୟତିରାଜ ପ୍ରଶାସନିକ ସେବା କ୍ୟାଡ଼ର ଗଠନ କରାଯାଉ ଓ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଏକ-ତୃତୀୟାଂଶ (୧୦୫) ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଚୟନ କରାଯାଇ ବିଡିଓ ପଦବୀକୁ ପଦୋନ୍ନତିର ବ୍ୟବସ୍ଥା କରାଯାଉ। ସେହିପରି ପଞ୍ଚାୟତିରାଜ ବିଭାଗର ନିଜସ୍ୱ ବିଡିଓ ପଦବୀ ସୃଷ୍ଟି କରାଯାଉ ବୋଲି ସଂଘର ଅନ୍ୟ ଏକ ଦାବି ରହିଛି। ପଞ୍ଚାୟତିରାଜ ବିଭାଗରେ ମୂଳ କର୍ମଚାରୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବରେ ଲେଭଲ-୯ରେ ନିଯୁକ୍ତି ପାଉଥିବାବେଳେ ଲେଭଲ-୧୦ରେ ଅବସର ନେଉଛନ୍ତି। ମାତ୍ର ଲେଭଲ-୪, ଲେଭଲ-୫ ଓ ଲେଭଲ-୯ରେ ଅନ୍ୟ ବିଭାଗରେ ନିଯୁକ୍ତି ପାଉଥିବା କାର୍ମଚାରୀ ଯଥା - ଶିକ୍ଷକ, ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟେନୋ, ଆର୍‌ଆଇ, କନିଷ୍ଠ ରାଜସ୍ୱ ସହାୟକ, ଆସିଡିଏସ୍ ସୁପରଭାଇଜର ଯେଉଁମାନଙ୍କର ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ ଉପରେ ଆଦୌ ଅଭିଜ୍ଞତା ନାହିଁ ସେମାନଙ୍କୁ ପ୍ରିଲିମ, ମେନ ଓ ସାକ୍ଷାତକାର ପରୀକ୍ଷା ଦେଇ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ରାଜସ୍ୱ ଜଗୁଆଳି

ଫୁଲବାଣୀ, ୨୩।୮ (ରାକେଶ କୁମାର ରାଉତ)/ଫିରିଙ୍ଗିଆ (ବିକ୍ରମ ଦିଗାଲ)

ଲାଞ୍ଚ ନେବା ଅଭିଯୋଗରେ କନ୍ଧମାଳ ଜିଲା ଫିରିଙ୍ଗିଆ ତହସିଲ ଅଧୀନ ବାଲନ୍ଦାପଡା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ରାଜସ୍ୱ ଜଗୁଆଳି ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ସେ ହେଲେ ଅଜୟ କୁମାର ମଲ୍ଲିକ।

ଫିରିଙ୍ଗିଆ ଥାନା ଅନ୍ତର୍ଗତ ପଳାବୃତ୍ତି ପଞ୍ଚାୟତ ଆପାବିରୁ ଗ୍ରାମର ବିଜୁ କହଁର ତାଙ୍କ ବାପାଙ୍କ ଜମିର ଭାଗ ଲାଗି ତହସିଲରେ ଆବେଦନ କରିଥିଲେ। ଜମି ମିଉଟେସନ ଏବଂ ପଟ୍ଟା କରାଇ ଦେବାକୁ ଅଜୟ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ କହି ବିଜୁଙ୍କଠାରୁ ୩୫ ହଜାର ଟଙ୍କା ନେଇଥିଲେ। ବାକି ୮ ହଜାର ଟଙ୍କା ଦେଲେ ପଟା ହେବ ବୋଲି କହିଥିଲେ। ବିଜୁ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଯୋଜନା ମୁତାବକ ବିଜୁ ଫିରିଙ୍ଗିଆ ତହସିଲ୍‌କୁ ଯାଇ ୮ ହଜାର ଟଙ୍କା ଅଜୟଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଧରିବା ସହ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି ଏବଂ ସୁରେଶ କୁମାର କହଁରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଅଜୟଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।



ଅଜୟ କୁମାର ମଲ୍ଲିକ

ଜନ୍ମଦିନର ଶୁଭେଚ୍ଛା
ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................
ଗୁନ୍‌ଗୁନ୍ ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେଣ୍ଟ କରିବନି ବିଏସ୍‌ପି: ମାୟାବତୀ



**ଲକ୍ଷ୍ନୌ,୨୩।୮:** ଆଗାମୀ ଲୋକସଭା ନିର୍ବାଚନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କାହାସହ ମେଣ୍ଟ କରିବ ନାହିଁ। ମିଳିତ ମେଣ୍ଟରୁ ଦଳକୁ କିଛି ଫାଇଦା ମିଳୁନାହିଁ ବୋଲି କହଛନ୍ତି ବିଏସ୍‌ପି ମୁଖ୍ୟ ମାୟାବତୀ। ଦଳ ପକ୍ଷରୁ ବୁଧବାର ଅନୁଷ୍ଠିତ ଏକ ବୈଠକରେ ସଂଗଠନକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ମାୟାବତୀ କହିଛନ୍ତି, ପ୍ରାର୍ଥୀ ଚୟନରେ ଦଳକୁ ସତର୍କ ରହିବାକୁ ପଡ଼ିବ। ଲୋକସଭା ନିର୍ବାଚନରେ ଦଳ ସମସ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ମିଳିତ ମେଣ୍ଟ ଯୋଗୁ ଦଳ ଲାଭ ଅପେକ୍ଷା ଅଧିକ କ୍ଷତି ସହିଛି। ବିଏସ୍‌ପିର ଭୋଟ ସ୍ପଷ୍ଟ ଭାବେ ମିଳିତ ମେଣ୍ଟର ଅନ୍ୟ ଦଳକୁ ଯାଉଛି, କିନ୍ତୁ ଅନ୍ୟ ଦଳ ଭୋଟ ବିଏସ୍‌ପିକୁ ଆସୁନାହିଁ। ଏହାଦ୍ୱାରା ବିଏସ୍‌ପି ନେତାଙ୍କ ମନୋବଳ ପ୍ରଭାବିତ ହୋଇଛି। ତେଣୁ ବିଏସ୍‌ପି ଉଭୟ ଶାସକ କିମ୍ବା ବିରୋଧୀ ଦଳଠାରୁ ଦୂରେଇ ରହିବ।

ଏହି ସମୟରେ ମାୟାବତୀ ଉଭୟ କଂଗ୍ରେସ ଏବଂ ଭାଜପାକୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି, ଭାଜପାର ସାମ୍ପ୍ରଦାୟିକ ରାଜନୀତି ଏବଂ ଅରାଜକତା ଯୋଗୁ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏଥର ଲୋକସଭା ନିର୍ବାଚନ ଏକପାଖିଆ ହେବ ନାହିଁ। ଏହି ନିର୍ବାଚନ ଦେଶର ରାଜନୀତିରେ ଏକ ମୋଡ଼ ବଦଳାଇବ।

# ଜନ୍ମଦିନରେ ଇଡି ଚଢ଼ାଉ ଉପହାର: ବାଘେଲ


ଭୁପେଶ ବାଘେଲ

**ରାୟପୁର,୨୩।୮ :** ଛତିଶଗଡ଼ରେ କେନ୍ଦ୍ରୀୟ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ଜାରି ରହିଛି। ବୁଧବାର ଇଡି ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା ଏବଂ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ଓଏସଡି ଘରେ ଚଢ଼ାଉ କରିଛି। ବିନୋଦ ବର୍ମାଙ୍କ ଦେବେନ୍ଦ୍ର ନଗର ଗୃହ, ଓଏସ୍‌ଡି ମନୀଷ ବନଛୋରଙ୍କ ସହିତ ଆଶିଷ ବର୍ମା ଏବଂ ତାଙ୍କର ଜଣେ ବ୍ୟବସାୟୀ ବନ୍ଧୁ ବିଜୟ ଭାଟିଆଙ୍କ ଘରେ ପହଞ୍ଚିଛି। ଏହାକୁ ତାଙ୍କର ଜନ୍ମଦିନ ଉପହାର ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହାଙ୍କୁ କଟାକ୍ଷ କରି ଧନ୍ୟବାଦ ଜଣାଇଛନ୍ତି। ଛତିଶଗଡ଼ରେ ହୋଇଥିବା ମଦ ଏବଂ କୋଇଲା ପରିବହନ ଦୁର୍ନୀତିକୁ ନେଇ ଇଡି ରାଜ୍ୟରେ ଚଢ଼ାଉ କରୁଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୨ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। କୋଇଲା ପରିବହନ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ଅଫିସର ସୌମ୍ୟା ଚୌରାସିଆ ଏବଂ ରାୟଗଡ ଜିଲାପାଳ ରାନୁ ସାହୁଙ୍କ ସମେତ ଅନ୍ୟ କେତେକ ଅଧିକାରୀ ଓ ବ୍ୟବସାୟୀ ବର୍ତ୍ତମାନ ଜେଲରେ ଅଛନ୍ତି।

# ନିଜ ଦଳ ଉପରେ ପ୍ରଶ୍ନ ଉଠାଇଲେ ଭାଜପା ବିଧାୟିକା


ରେଣୁ ବିଷ୍ଟ

**ଲକ୍ଷ୍ନୌ,୨୩।୮:** ଉତ୍ତରାଖଣ୍ଡ ୟମକେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟିକା ରେଣୁ ବିଷ୍ଟଙ୍କର ଏକ ସୋସିଆଲ ମିଡ଼ିଆ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ନିଜ ଦଳ ଉପରେ ପ୍ରଶ୍ନ ଉଠାଉଥିବା ନଜର ଆସିଛନ୍ତି। ଏହାକୁ ନେଇ ଉତ୍ତରାଖଣ୍ଡ ରାଜନୀତି ସରଗରମ ହୋଇଛି। ସୋସିଆଲ ମିଡିଆ ପୋଷ୍ଟ ପାଇଁ ରେଣୁ ବିଷ୍ଟଙ୍କଠାରୁ ଭାଜପା ରାଜ୍ୟ ସଭାପତି ମହେନ୍ଦ୍ର ଭଟ୍ଟ ସ୍ପଷ୍ଟୀକରଣ ମାଗିଛନ୍ତି।

ନିକଟରେ ବିଧାୟିକା ରେଣୁ ତାଙ୍କ ଅଞ୍ଚଳର ଲୋକଙ୍କୁ ଭେଟିବାକୁ ଯାଇଥିଲେ। ଏହା ପରେ ସେ ସୋସିଆଲ ମିଡ଼ିଆରେ ତାଙ୍କ ସଭାର ଭିଡ଼ିଓ ଶେୟାର କରି ଲେଖିଛନ୍ତି ଯେ, ଗତ ୨୦ ରୁ ୨୨ ବର୍ଷ ମଧ୍ୟରେ ୟମକେଶ୍ୱରବାସୀଙ୍କୁ ପ୍ରତାରଣା କରାଯାଇଛି।

ସୂଚନାଯୋଗ୍ୟ, ଉତ୍ତରାଖଣ୍ଡ ରାଜ୍ୟ ଗଠନ ପରଠାରୁ ୟମକେଶ୍ୱର ବିଧାନସଭା ଆସନ ଭାଜପାର ଏକ ଗଡ଼ ରହିଆସିଛି। ୨୦୦୨, ୨୦୦୭ ଏବଂ ୨୦୧୨ରେ ତିନିଥର ପୂର୍ବତନ ରାଜ୍ୟ ମନ୍ତ୍ରୀ ତଥା ପୂର୍ବତନ ବିଧାନସଭା ଉପାଧ୍ୟକ୍ଷ ବିଜୟ ବର୍ଥୱାଲ ଏଠାରୁ ନିର୍ବାଚନରେ ଜିତିଥିଲେ ଏବଂ ୨୦୧୭ରେ ରିତୁ ଚାନ୍ଦୁରୀ ଏଠାରେ ବିଧାୟକ ହୋଇଥିଲେ। ୨୦୨୨ରେ ରେଣୁ ଏହି ଆସନ ଜିତିଛନ୍ତି।

CLASSIFIED DISPLAY
MORE SPACE ' SAME PRICE
TARIFF GST 5%

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି ଲୋକଙ୍କ ବଳ ନୁହେଁ: ନିରଞ୍ଜନ

## କୋରେଇ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀ

ଯାଜପୁରରୋଡ୍,୨୩।୮ (ପବିତ୍ର ରଞ୍ଜନ ମହାନ୍ତି)

ଜନତାଙ୍କ ବଳ କହୁଥିବା ବିଜେଡି ପ୍ରକୃତରେ ବଳ ନୁହେଁ, ଜନତାଙ୍କ କାଳ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ବୁଧବାର ଅନୁଷ୍ଠିତ ସାଙ୍ଗଠନିକ ସମ୍ମିଳନୀ 'ପ୍ରତିଜ୍ଞା' ଅବସରରେ ନିରଞ୍ଜନ କହିଛନ୍ତି, ମୋଦି ସରକାର ନିର୍ବାଚନବେଳେ କଳା ଟଙ୍କା ଫେରାଇ ଆଣିବା ପାଇଁ ଲୋକମାନଙ୍କୁ କହି ଭୋଟନେଲେ। କିନ୍ତୁ କଳା ଟଙ୍କା ଏଯାଏ ଫେରିପାରିଲାନାହିଁ। ବିକାଶ ନାଁରେ ରାଜ୍ୟକୁ ବିନାଶ ଆଡ଼କୁ ନେବା ସହ ରାଜ୍ୟରେ ବିଜେଡି ସରକାର ମଦର ବିକାଶ କରି ଯୁବକମାନଙ୍କୁ ମଦ୍ୟପ କରୁଛନ୍ତି। କଂଗ୍ରେସ କର୍ମୀ ଦୃଢ଼ ସଂଗଠନ କରି ଲୋକମାନଙ୍କ ମନ ଜିଣି ପାରିଲେ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ୨୦୨୪ ନିର୍ବାଚନରେ ଶାସନ ଗାଦିକୁ ଆସିପାରିବ ବୋଲି ସେ କହିଛନ୍ତି।


ବ୍ୟାସନଗରଠାରେ ଅନୁଷ୍ଠିତ କଂଗ୍ରେସ ସାଙ୍ଗଠନିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ।

ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଯୋଗଦେଇ କହିଛନ୍ତି, କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ହେଲେ କର୍ମୀମାନେ ବିଜେଡି ଓ ଭାଜପା ସରକାରଙ୍କ ଦୁର୍ନୀତି ବିଷୟରେ ଲୋକଙ୍କୁ ଅବଗତ କରାଇବାକୁ ପଡ଼ିବ। ପ୍ରଦେଶ କଂଗ୍ରେସ ପ୍ରଚାରକ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ବିଜେଡିକୁ ସମାଲୋଚନା କରିବା ଭାଜପାର ଏକ ପ୍ରହସନ।

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ବ୍ୟାସଦେବ ସଂସ୍କୃତି ଭବନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ସଭା ପରିଚାଳନା କରିଥିବାବେଳେ ଅକ୍ଷୟ ଜେନା ଅତିଥି ପରିଚୟ ଦେଇଥିଲେ। ରାଜ୍ୟ ପିସିସି ସମ୍ପାଦିକା ରାଣୀ ମନସା ମଞ୍ଜରୀ ଦେବୀ, ରାଜ୍ୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଯାଜପୁର ଜିଲା ପିସିସି ସଭାପତି ରଜତ ଚୌଧୁରୀ, ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଡିଆଇଜିଙ୍କୁ ବଦଳି କରି ଘଟଣାକୁ ଚାପିଦେବାକୁ ଉଦ୍ୟମ ହେଉଛି: ଭାଜପା

**ଭୁବନେଶ୍ୱର, ୨୩।୮(ସୁନିତ୍ ମିଶ୍ର):** ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ହୋମ୍‌ଗାର୍ଡ ସୈରିନ୍ଦ୍ରୀ ସାହୁ ଆତ୍ମହତ୍ୟା ଉଦ୍ୟମକରି ୨ଟି ଗୋଡ଼ ହରାଇଛନ୍ତି। ଏଭଳି ଘଟଣାରେ ଦୋଷୀ ଡିଆଇଜିଙ୍କ ପରିବାର ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ରାଜ୍ୟ ସରକାର କିନ୍ତୁ ପୀଡ଼ିତାଙ୍କୁ ନ୍ୟାୟ ନ ଦେଇ ଡିଆଇଜିଙ୍କୁ ବଦଳିକରି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇ ଅଭିଯୋଗ କରିଛନ୍ତି ଯେ ସରକାର, ପୋଲିସ, ପ୍ରଶାସନ ମିଳିମିଶି ଡିଆଇଜି ଦମ୍ପତିଙ୍କୁ ଖସାଇବା ପାଇଁ ଲାଗିପଡ଼ିଛନ୍ତି। ଏହି ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ପ୍ରତିନିଧି ମଣ୍ଡଳୀ ନିବେଦନ କରିଛି।

Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-75204

**3 BHK ready to move flat sale at KIIT Square, Patia, Bhubaneswar (SBA- 1800 sqft.), Price- 90 Lakhs. 7978701424.** D-75203

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି–**8249976746.** D-74897

Bhubaneswar (BDA) investment Gharabari Land, all development near NISER, IIT. Owner sale- 9124289585. D-1123




Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

AFFIDAVIT

I, K Budhimati Rao, D/o- K Ganesh Rao, Aged 27 years, resident of MIG-65, Ananta Vihar, Phase-2, Pokhariput, P.S.- Airport, Bhubaneswar-20, have changed my name to K BUDHIMMATI RAO for all purposes. Hearby, I declare K Budhimati Rao and K BUDHIMMATI RAO is one and same person, i.e, myself. D-1126

I, Jitendra Kumar Ranasingh, S/o- Ganeswar Ranasingh resident of Plot No.- 304, Pokhariput, Aerodrome Area, Bhubaneswar, Pin- 751020 Odisha, permanent address At- Raulahaja, P.O./ P.S.- Nirakarapur, Dist.- Khurda declared by this affidavit dated 14.08.2023, that my daughter actual name is ADITI RANASINGH, but in her Aadhaar Card her name has been recorded as Jyotiraditi Ranasingh instead of ADITI RANASINGH. That the affidavit is required to be produce before the concerned authority for necessary correction of my daughter in her Aadhaar Card, Birth certificate & in school records and all purpose as ADITI RANASINGH. D-1130

I, Suresh Chandak, S/o- Late Manilal Chandak, resident of Ward No.- 22, Sahadevkhunta, P.S.- Sahadevkhunta, Dist.- Balasore, Pin- 756001, Odisha declare by this Affidavit No.29, dated 21.08.2023 that now onwards, I shall be known as Suresh Kumar Chandak for all future purposes. D-1124

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Rama Kanta Jena, S/o Late Bipin Bihari Jena, resident at Ward No.8, Qr.No. Mig-II-76/1, Housing Board Colony, Chandrasekharpur, Bhubaneswar, Odisha, Pin- 751016 are by this Affidavit No.60AA139010 Dt.23.8.2023 that now onwards I shall be known as Ramakanta Jena for all future purpose. D-1128

I, THAKUR SANGRAM SINGH, S/o-Gouranga Charan Nayak, At- Sohana, P.O.-Desthali, P.S.- Gop, Puri, Odisha- 752107 declare by this Affidavit No. 1033 that now onwards I shall be known as THAKUUR SANGRRAM SINGH for all future purposes. D-1125

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସବିତା କୁମାରୀ ଦାଶ
ଆବିର୍ଭାବ- 01.04.1961
ତିରୋଧାନ- 23.08.2020 (ଋଷି ପଞ୍ଚମୀ)

ଚାହୁଁ ଚାହୁଁ ୩ ବର୍ଷ ବିତିଗଲା, ତୁମର ଏହି ଶ୍ରାଦ୍ଧଦିବସରେ ଆତ୍ମାର ସଦ୍‌ଗତି କାମନାରତ ବିନମ୍ର ପ୍ରଣତି । ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଆମର ପାଥେୟ ହେଉ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ସ୍ୱାମୀ- ଗିରଶ, ପୁତ୍ର- ଦୀପୁ, କନ୍ୟା- ଦୀପା, ଜ୍ୱାଇଁ- Ayapa, କୁନି, କାହ୍ନା, ଲୁନା ଏବଂ ପରିବାରବୃନ୍ଦ।

ଧ-୧୧୨୯

# ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ



ସମାବେଶରେ ଉପସ୍ଥିତ ବିଜେଡି ନେତୃବର୍ଗ।

ପାଇକମାଳ, ୨୩।୮ (ବଡ ଶତପଥୀ)

ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ ଓ ଛାତ୍ର ସମାବେଶ ଶ୍ରୀ ନୃସିଂହନାଥ ମନ୍ଦିର ପରିସରସ୍ଥ ବିନ୍ଧ୍ୟବାସିନୀ ଅତିଥି ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଡା.ପ୍ରଭାସ ସିଂ ଯୋଗ ଦେଇଥିଲେ। ଯୁବକ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଜିଲା ଯୁବ ସଭାପତି କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେଠାରୁ କାର୍ଯ୍ୟ ଆରମ୍ଭ କରନ୍ତୁ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରେଇବା ପାଇଁ ଯୁବ ସମାଜ ଓ ଛାତ୍ର ଏକଜୁଟ ହୋଇ ସଂଗଠନକୁ ସୁଦୃଢ଼ କରନ୍ତୁ।

## ବିଜୁ ଯୁବ ଛାତ୍ର ସଂଗଠନର ସମାବେଶ

ଆଗାମୀ ଦିନରେ ନୃସିଂହନାଥର ଏହି ଯୁବ ଛାତ୍ର ସଂକଳ୍ପ ସମାବେଶ ଅନ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରେରଣା ହେବ ବୋଲି ଜିଲା ସଭାପତି ପ୍ରଭାସ ସିଂ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜାପାନ ମହାପାତ୍ର, ସରଜୁ ପଟ୍ଟନାୟକ, ଜିଲା ଆଇଟି ସଂଯୋଜକ ସୁରେଶ ବାଗ, ଲୋକନାଥ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ସଂଜୀବ ବରିହା, ଦୁଷ୍ମନ୍ତ ପଟେଲ, ସୌମ୍ୟରଞ୍ଜନ ହୋତା, ରାଜୁ ମହାନନ୍ଦ, ଅଚ୍ୟୁତ୍ ସେଠ, ଭରତ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ସମାବେଶକୁ ବିଧାୟିକାଙ୍କ ପାଇକମାଳ ବ୍ଲକ ପ୍ରତିନିଧି ହୃଦାନନ୍ଦ ବାରିକ ପରିଚାଳନା କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଧନ୍ୟବାଦ ଦେଇଥିଲେ।

# ୪ଥର ସରପଞ୍ଚ କଂଗ୍ରେସ ଛାଡିଲେ

ପଦ୍ମପୁର, ୨୩।୮ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ରକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି । ସିଦ୍ଧାର୍ଥ ୯୦ ଦଶକରେ ରାଜନୀତିରେ ଯୋଗଦେଇ ପଦ୍ମପୁର ମେଲଛାମୁଣ୍ଡା ପଞ୍ଚାୟତରୁ ଲଗାତାର ୪ ଥର ସରପଞ୍ଚ ଓ ଥରେ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏହାସହ ସରପଞ୍ଚ ସଂଘ ସଭାପତି, ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ଓ ବର୍ତ୍ତମାନ ପିସିସିର ସଭ୍ୟଭାବେ କାର୍ଯ୍ୟ କରୁଥିଲେ। ଜଣେ କୃଷକ ସଙ୍ଗଠନର ଲଢୁଆ ନେତାଭାବେ ସେ ପରିଚିତ ତେବେ ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେ କୌଣସି ସୂଚନା ଦେଇନାହାନ୍ତି ।


ସିଦ୍ଧାର୍ଥ ମିଶ୍ର।

# ରାୟଗଡ଼ାରେ ବିକାଶ ହେଉନାହିଁ: କଂଗ୍ରେସ

## ଅଚଳ ପଡ଼ିଛି ପ୍ଲାନେଟାରିୟମ, ଶୀତଳଭଣ୍ଡାର

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଥିବା ଯୋଜନାଗୁଡ଼ିକ ଫେଲ୍ ମାରିଥିବା ଅଭିଯୋଗ କରିଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନିର୍ମାଣ ହୋଇଥିବା ପ୍ଲାନେଟାରିୟମ କାର୍ଯ୍ୟ ଶେଷ ହେବାର୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯେଉଁ ସବୁ ସରକାରୀ କାର୍ଯ୍ୟ ହେଉଛି ତାହା ଶେଷ ହେଉନାହିଁ। ସମସ୍ତ ପ୍ରକାର କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏଭଳିକି ବହୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି ।

ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ବହୁ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ଲାନେଟାରିୟମ କାର୍ଯ୍ୟକ୍ଷମ ନ ହେବାରୁ ଛାତ୍ରୀଛାତ୍ର ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

ଏଭଳିକି ସେଠାରେ ଲାଗିଥିବା ବିଭିନ୍ନ ଯନ୍ତ୍ରପାତିର ଗ୍ୟାରେଣ୍ଟି ଅବଧି ମଧ୍ୟ ସରିବା ଉପରେ। ସେହିଭଳି ୨୦୧୧ରେ ନିର୍ମାଣ ହୋଇଥିବା ଶୀତଳ ଭଣ୍ଡାର ଏବେବି ଅଚଳ ରହିଛି। ଫଳରେ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ୪ ବର୍ଷ କାମ କରିବା ପରେ ୨ବର୍ଷ ହେଲାଣି ବନ୍ଦ ପଡିଛି। ଫଳରେ ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଦୁଗ୍ଧ ଚାଷୀ ସୁବିଧା ପାଉନାହାନ୍ତି। ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ନିମ୍ନମାନର କାମ ହେଉଥିବାବେଳେ ଏହାର କୌଣସି ତଦନ୍ତ ହେଉନାହିଁ । ଯାହାର ପରିଣାମ ସ୍ୱରୂପ ଗତ ମାସକ ତଳେ କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ କଲର୍ଭଟ ଭୁଶୁଡ଼ି ୪ ଶିଶୁ ସମେତ ୫ଜଣ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏ ନେଇ ଜନଆନ୍ଦୋଳନ କରାଯିବ ବୋଲି ଦୁର୍ଗା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ପଣ୍ଡା, ପାର୍ଥ ବର୍ଦ୍ଧନ, ଟାଉନ ସଭାପତି ମନୋଜ ରଥ ଓ ଯୁବନେତା ଅସଲମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ଅପେରା ହାଲଚାଲ୍

# ସଫଳତା ପଥେ ସ୍ୱପ୍ନ ମହଲ


(ବାମରୁ) ରାଧା, ଗୌର, ନମିତା

ଜଲିଉଡ୍ ଜଗତର ଅନ୍ୟତମ ଆଗଧାଡ଼ିର ଯାତ୍ରାନୁଷ୍ଠାନ ଯାତ୍ରା ସ୍ୱପ୍ନ ମହଲ ଚଳିତ ଯାତ୍ରା ସିଜନରେ ପ୍ରାରମ୍ଭରୁ ସଫଳତା ସାଉଁଟିବା ଆରମ୍ଭ କରିଛି। ଏଥର ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଟ୍ରାଜେଡି କିଙ୍ଗ୍ ଗୌର ଦାସ ଏବଂ ପ୍ରମୁଖ ନାୟିକା ରାଧା ଏବଂ ନମିତା। ଅନ୍ୟତମ ପ୍ରମୁଖ ପ୍ରଯୋଜକ ଇଂ. ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ଏହି ଅପେରା ପାର୍ଟି ଏବର୍ଷ ପରିବେଷଣ କରୁଥିବା ନୂଆ ନାଟକଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ସେଗୁଡ଼ିକ ହେଲା- ଡ. ଦୀପକ ଜେନାଙ୍କ ରଚିତ ଓ ବିକ୍ରମ ନାୟକଙ୍କ ନିର୍ଦ୍ଦେଶିତ 'କେତେ କାନ୍ଦିବୁରେ ଗୌର ଦାସ', ଅଜୟ ସ'ଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ହାରିବନି କେବେ ବାପର ପୁଅ', ଡ. ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶିତ 'କେମିତି ହେଲା ଏମିତି ପ୍ରେମ' ଏବଂ ଆଶୁତୋଷ ମହାପାତ୍ରଙ୍କ ରଚିତ-ନିର୍ଦ୍ଦେଶିତ 'ସ୍ନେହ କାଙ୍ଗାଳ'। ବିଶେଷ ଭାବରେ 'କେତେ କାନ୍ଦିବୁରେ ଗୌର ଦାସ' ନାଟକରେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନିମା ପାଢ଼ୀଙ୍କ ଡାଏଲଗ୍ - 'ମୋ ନାଁ ରଙ୍ଗ ମୋ ବାପାଙ୍କ ନାଁ ଭାଙ୍ଗ, ମୋ ବାପ ଘର କୁଜଙ୍ଗ, ମୋ ଶାଶୁଘର ବାରଙ୍ଗ, ମୋ ମୁଣ୍ଡ ଥଣ୍ଡା ଥିଲେ ପିଲାଠୁ ବୁଢ଼ା ମୋ ସାଙ୍ଗ ଆଉ ମୋ ମୁଣ୍ଡକୁ ଥରେ ପିତ୍ତ ଉଠିଲେ ମୁଁ ପାର୍ଟ ଥ୍ରୀ ଦବଙ୍ଗ' ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। କେବଳ ନାଟକ ନୁହେଁ, ଆକର୍ଷଣୀୟ ମେଲୋଡି, ରେକର୍ଡ ଡ୍ୟାନ୍ସ ସାଙ୍ଗକୁ ଆଖି ଝଲସିଲା ଭଳି ମଞ୍ଚ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏଥର ଏହି ପାର୍ଟିରେ ଗୌର-ରାଧା-ନମିତାଙ୍କ ବ୍ୟତୀତ ମୁନା, ଖଳନାୟକ ସତ୍ୟ ଓ ଦିବାକର, ଚନ୍ଦନ, ବାପି, କମେଡିଆନ ଦିନା ପଣ୍ଡା ଓ ନରି ପଣ୍ଡା, ଅନିମା ପାଢ଼ୀ ଏବଂ ଖଳନାୟିକା ମାମୁନିଙ୍କୁ ଦେଖିବାକୁ ମିଳିଛି।

# ଡରକୁଳୀ ଜାହ୍ନବୀ


ଜାହ୍ନବୀ

ବୋନି ତନୟା ଜାହ୍ନବୀ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା କ'ଣ ଜାଣିବେନି? ଅସଲ କଥା ହେଲା ସେ ନିଜକୁ ନିଜେ ଭୟ କରନ୍ତି। ଅର୍ଥାତ୍, ଯଦି ତାଙ୍କ ନଜର ନିଜ ଛାଇ ଉପରେ ପଡିଗଲା, ତେବେ କଥା ଶେଷ। ନିଜର ଛାଇ ଦେଖିବା ମାତ୍ରେ ତାଙ୍କର ଅବସ୍ଥା କହିଲେ ନ ସରେ। ଏକଦା ଏକ ବାର୍ଥ ଡେ' ପାର୍ଟିରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସାଙ୍ଗମାନଙ୍କ ସହ ମଜା କରିବେ କ'ଣ ହଠାତ୍ ଚିତ୍କାର କରି ଉଠିଲେ। ଏ ସମ୍ପର୍କରେ ଜାହ୍ନବୀ କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏକ ବାର୍ଥ ଡେ' ପାର୍ଟିରେ ମୁଁ ମୋ ନିଜ ଛାଇକୁ ଦେଖି ଏମିତି ଡରିଗଲି ଯେ ସାଧାରଣ ଅବସ୍ଥାକୁ ଆସିବାକୁ ମୋତେ ପାଖାପାଖି ଘଣ୍ଟାଏ ସମୟ ଲାଗିଥିଲା। ପିଲାଦିନେ ଥରେ ମୁଁ ମୋ ନିଜ ଛାଇକୁ ଦେଖି ଡରି ଯାଇଥିଲି। ଆଉ ସେହି ଭୟ ଏପର୍ଯ୍ୟନ୍ତ ମୋ ମନରେ ରହିଛି। ତେଣୁ ରାତିରେ ଯେତେବେଳେ ଶୁଟିଂ ହୁଏ ସେତେବେଳେ ମୁଁ ବେଶ୍ ସତର୍କତାର ସହ ଶଟ୍ ଦେଇଥାଏ।' ବର୍ତ୍ତମାନ ଜାହ୍ନବୀଙ୍କ ଅଭିନୀତ 'ବୱାଲ' ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ବରୁଣ ଧାୱନ। ଚିତ୍ରଟି ଚଳିତ ବର୍ଷ ଅକ୍ଟୋବର ୬ରେ ରିଲିଜ ହେବାକୁ ଯାଉଛି।

# କେବଳ ଆମିରଙ୍କ ପାଇଁ


ସାନ୍ୟା

ଥରେ ମନେପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ 'ଦଙ୍ଗଲ'କୁ। ଏଥିରେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ପାଠପଢ଼ା ଶେଷ ହେବା ପରେ ମୁମ୍ବାଇ ଆସିଥିଲେ ସେ। କେତୋଟି ବିଜ୍ଞାପନରେ କାମ କରିବା ପରେ ସବୁଦିନ ପାଇଁ ମୁମ୍ବାଇରେ ରହିବାକୁ ସ୍ଥିର କରିଥିଲେ ସେ। ହେଲେ 'ଦଙ୍ଗଲ' ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ସେ ଯେତେବେଳେ ଏହାର ଅଡିଶନ ଦେଲେ ସେତେବେଳେ ସେଠାରେ ତାଙ୍କ ପରି ଆହୁରି ପ୍ରାୟ ୧୦,୦୦୦ ନବାଗତ ଲାଇନ୍‌ରେ ଥିଲେ। ହେଲେ ଏଥିରେ ଚୟନ ହେବା ପରେ ସେ ଏହାର ଶ୍ରେୟ ଦିଅନ୍ତି ଆମିର ଖାନ୍‌ଙ୍କୁ। ଏ ନେଇ ସାନ୍ୟା କହନ୍ତି, 'ପୋଷ୍ଟ ପ୍ରଡକ୍ସନ, ପ୍ରି-ପ୍ରଡକ୍ସନ ଆଦି କାମ ମୋତେ ମାଲୁମ ଥିଲା। ଆମିର ସାର୍ ଯେତେବେଳେ ମୋତେ ଫୋନ୍ କରି କହିଲେ ଯେ, ବବିତା ପୋଘାଟ୍ ଭୂମିକା ପାଇଁ ମୁଁ ସିଲେକ୍ଟ ହୋଇଛି ସେତେବେଳେ ମୋ ଖୁସି କହିଲେ ନ ସରେ। ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହାର କ୍ରେଡିଟ୍ ମୁଁ ଆମୀର ସାର୍‌ଙ୍କୁ ହିଁ ଦେବି'।

# ଯଦି ବହିଟି ପଢ଼ି ନ ଥାନ୍ତେ...


ଶାହିଦ

ଶାହୀଦ କପୁର ଯଦି ସେହି ବହିଟିକୁ ଭଲ ଭାବରେ ପଢ଼ି ନ ଥାନ୍ତେ ତେବେ ଆଜି ତାଙ୍କ ଜୀବନରେ ଆଉ କିଛି ଘଟିଥାଆନ୍ତା। ଅର୍ଥାତ୍, ସେ ଏକ ଇଂଲିଶ ଉପନ୍ୟାସ ପଢ଼ିବା ଦ୍ୱାରା ତାଙ୍କ ଜୀବନରେ ସେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି। ଏହାକୁ ଭଲ ଭାବରେ ପଢ଼ିବା ପରେ ସେ ସ୍ଥିର କରିଥିଲେ ଯେ ଏଣିକି ମୁଁ ଶାକାହାରୀ ହେବି। ଜୀବନରେ କେବେ ଆମିଷ ଖାଇବି ନାହିଁ। ଏ ନେଇ ଶାହୀଦ କହନ୍ତି, 'ଭଲ ଭଲ ବହି ପଢ଼ିବା ମୋର ପିଲାଟିଦିନରୁ ଅଭ୍ୟାସ। ସେଥିରୁ ଯେଉଁ ଧାଡି ମୋତେ ପ୍ରଭାବିତ କରେ ସେଗୁଡିକୁ ମୁଁ ଡାଏରୀରେ ଟିପି ରଖେ। ଏବେ ମଧ୍ୟ ଏହି ଧାରା ଚାଲୁରହିଛି। ଥରେ ମୁଁ ଏକ ଇଂଲିଶ ଉପନ୍ୟାସ ପଢୁଥାଏ। ଶାକାହାରୀ ହେଲେ ତାହା ଆମର ଜୀବନଶୈଳୀକୁ କେତେ ପ୍ରଭାବିତ କରେ ସେ ବିଷୟରେ ସେଥିରୁ ଜାଣିପାରିଥିଲି। ତା'ପରେ ମୁଁ ଭେଜିଟେରିଆନ୍ ହେବାକୁ ସ୍ଥିର କରିଥିଲି।' ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'।

# ନେଗେଟିଭ୍ ଭୂମିକାର ମଜା ନିଆରା


ଏଲି

ଏଲି ପାଢ଼ୀ। କେବଳ ଜଣେ ଆଙ୍କରର୍ ନୁହନ୍ତି, ଜଣେ ଅଭିନେତ୍ରୀ ଭାବରେ ସେ ନିଜକୁ ପରିଚିତ କରାଇ ପାରିଛନ୍ତି। ଛୋଟ ପରଦା ହେଉ ଅବା ସିନେମା-ସେଥିରେ ତାଙ୍କୁ ଯେଉଁ ଭୂମିକା ମିଳିଛି ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି। ଏଥର ରଜରେ ରିଲିଜ ହୋଇଥିଲା 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର'। ଏଥିରେ ଏଲିଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏ ନେଇ ସେ କହନ୍ତି, 'ସତ କଥା ହେଲା, ନେଗେଟିଭ୍ ଭୂମିକାରେ ଅଭିନୟ କରିବାର ମଜା ନିଆରା। ଏଭଳି ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସିବା ମୋ ପାଇଁ ନୂଆ ନୁହେଁ। ସବୁଠାରୁ ଖାସ୍ କଥା ହେଲା, ନେଗେଟିଭ୍ ଚରିତ୍ରଟିକୁ ନେଇ ଆଣି ଥୋଇବା ଛୋଟିଆ କଥା ନୁହେଁ। ଏଥିପାଇଁ ବେଶ୍ ପରିଶ୍ରମ କରିବାକୁ ପଡିଥାଏ। ମୋତେ କିନ୍ତୁ ଏଭଳି ଭୂମିକା କେତେ ଆନନ୍ଦ ଦେଇଥାଏ ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।' ତେବେ ଏଲି ଆଗକୁ ଏପରି ଭୂମିକାରେ କେତେ ବାଜିମାତ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ହାପି ଟିଚର୍ସ ଡେ'

ମଣିଷ ଜୀବନରେ ଗୁରୁଙ୍କର ଭୂମିକା କ'ଣ ତାହା କହିବା ବାହୁଲ୍ୟ। କାରଣ ଜଣେ ପିଲାର କ୍ୟାରିୟର ଗଢ଼ିବା ସହ ତାକୁ ଜଣେ ଭଲ ମଣିଷ କରିବାକୁ ସେମାନେ ସର୍ବଦା ଚେଷ୍ଟିତ। ତେଣୁ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ପାଳିତ ହୋଇଥାଏ ଗୁରୁଦିବସ। ଏଥର ଏହି ଦିବସ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ହିନ୍ଦୀ ସିନେମା, ଯାହାର ଟାଇଟଲ ରହିଛି 'ହାପି ଟିଚର୍ସ ଡେ'। ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ଦେବା ସହ ସେମାନଙ୍କ ଚରିତ୍ର ଗଠନରେ ଜଣେ ଶିକ୍ଷୟିତ୍ରୀ କିପରି ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି ତାହାକୁ ନେଇ କାହାଣୀ ଗତିଶୀଳ। ନିଜ ପରିବାରକୁ ଗୁରୁତ୍ୱ ନ ଦେଇ ସେ ପିଲାମାନଙ୍କୁ ମଣିଷ କରିବାରେ ଲାଗିପଡିଛି। ହେଲେ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ଶିକ୍ଷୟିତ୍ରୀ ଭୂମିକାରେ ଅଭିନୟ କରିଛନ୍ତି ରାଧିକା ମଦନ। ତାଙ୍କ ବ୍ୟତୀତ ନିମ୍ରତ କୌର, ପ୍ରିୟାଂଶୁ ଚାଟାର୍ଜୀ, ଲୀନା ଶର୍ମା ଏବଂ ଚିନ୍ମୟ ମନ୍ଦେଲକର ମଧ୍ୟ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମିଖିଲ ମୁସ୍‌ଲେ। ଦିନେଶ ବିଜାନଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ରାଧିକା

# ଗଣେଶ ପୂଜାରେ 'ପ୍ରଥା'

ଏବର୍ଷ ଗଣେଶ ପୂଜାରେ ମୁକ୍ତିଲାଭ କରିବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପ୍ରଥା'। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନ ଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। କେବଳ ଏବେ ନୁହେଁ, କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରଥା'। ଏହି କାହାଣୀଟି ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକେ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ଲିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି।

ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।


'ପ୍ରଥା' ଫିଲ୍ମରେ ସ୍ୱରାଜ-ସିମରନ୍

## ଦ୍ୱିତୀୟ କନ୍ୟା ସନ୍ତାନର ଜନନୀ ହେଲେ ସେରେନା

**ୱାଶିଂଟନ୍,୨୩।୮(ପି.ଟି.):** ଟେନିସ୍ କିମ୍ବଦନ୍ତୀ ସେରେନା ୱିଲିୟମ୍ସ ନିଜର ଦ୍ୱିତୀୟ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଇନ୍‌ଷ୍ଟାଗ୍ରାମ ଜରିଆରେ ସେ ଏହା ପୋଷ୍ଟ କରିଛନ୍ତି। ଦ୍ୱିତୀୟ କନ୍ୟା ସନ୍ତାନର ନାମ ଆଦିରା ରିଭର୍ ଓହାନିଆନ୍ ରହିଛି। ରେଡିଟ୍ ସହପ୍ରତିଷ୍ଠାତା ଆଲେକ୍ସିସ୍ ଓହାନିଆନଙ୍କୁ ବିବାହ କରିଥିବା ସେରେନା ୨୦୧୭ରେ ପ୍ରଥମ ସନ୍ତାନ ଅଲିମ୍ପିଆକୁ ଜନ୍ମ ଦେଇଥିଲେ। ମେ’ ୨୦୨୩ରେ ମେଟ୍ ଗାଲାରେ ଯୋଗ ଦେବା ସମୟରେ ସେ ଗର୍ଭବତୀ ଥିବା ସୂଚନା ଦେଇଥିଲେ।

## ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଟେକ୍ନିକାଲ ଅଫିସିଆଲ



**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ):** ଓମାନର ସାଲାହଠାରେ ମହିଳା ଓ ପୁରୁଷ ଏସିଆନ ହକି ୫ଏସ୍ ବିଶ୍ୱକପ କ୍ୱାଲିଫାୟର ଚଳିତ ମାସ ୨୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ଟେକ୍ନିକାଲ ଅଫିସିଆଲ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ବିଶ୍ୱରଞ୍ଜନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍ ଏବଂ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଛନ୍ତି।




ଆୟର୍ଲାଣ୍ଡରେ ଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ବୁଧବାର ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଲ୍ୟାଣ୍ଡିଂକୁ ଟିଭି ମାଧ୍ୟମରେ ଉପଭୋଗ କରୁଛନ୍ତି।

# ଦ୍ୱିତୀୟ ଗେମ୍ ଡ୍ର, ଆଜି ଟାଇବ୍ରେକ୍

**ବିଶ୍ୱକପ୍ ଚେସ୍ ଫାଇନାଲ: ପ୍ରଜ୍ଞାନନ୍ଦ ବନାମ କାର୍ଲସେନ୍**

**ବାକୁ (ଆଜରବୈଜାନ), ୨୩।୮(ପି.ଟି.)**

ଭାରତୀୟ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଓ ବିଶ୍ୱର ନମ୍ବର ୱାନ ଚେସ୍ ତାରକା ନରୱେର ମାଗ୍ନସ କାର୍ଲସେନଙ୍କ ମଧ୍ୟରେ ବୁଧବାର ଅନୁଷ୍ଠିତ ଫିଡେ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ କ୍ଲାସିକାଲ୍ ଗେମ୍ ଡ୍ର ରହିଛି। ମ୍ୟାଚ ଏକ ଘଣ୍ଟା ୩୦ ମିନିଟ ଧରି ଚାଲିଥିଲା। ୩୦ ମୁଭ୍ ପରେ ଉଭୟ ଖେଳାଳି ମ୍ୟାଚ ଡ୍ର ରଖିବାକୁ ରାଜି ହୋଇ ଯାଇଥିଲେ। ଫଳରେ ଟାଇବ୍ରେକରୁ ଚାମ୍ପିୟନ ନିର୍ଣ୍ଣୟ ହେବ। ଏହି ପର୍ଯ୍ୟାୟ ଗୁରୁବାର ଅନୁଷ୍ଠିତ ହେବ। ମଙ୍ଗଳବାର ପ୍ରଥମ କ୍ଲାସିକାଲ୍ ଗେମ୍ ମଧ୍ୟ ଡ୍ର ରହିଥିଲା।

ଦ୍ୱିତୀୟ ଗେମ୍‌କୁ କାର୍ଲସେନ ଧଳା ଦାନରେ ଖେଳିଥିବାରୁ ଫାଇଦାରେ ରହିବେ ବୋଲି ଆକଳନ କରାଯାଉଥିଲା। ମାତ୍ର କଳା ଦାନରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ ସେମିତି କିଛି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଦ୍ୱିତୀୟ ଗେମ୍ ଅପେକ୍ଷା ଦୁଇ ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଗେମ୍ ଅଧିକ ସଂଘର୍ଷପୂର୍ଣ୍ଣ ଥିଲା। ଏଥିରେ ୭୦ରୁ ଅଧିକ ମୁଭ୍ ଚାଲିଥିଲା ଏବଂ ମ୍ୟାଚ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିଲା। ସୋମବାର ସେମିଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କୁ ଟାଇବ୍ରେକ୍‌ରେ ହରାଇ ପ୍ରଜ୍ଞାନନ୍ଦ ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ସେ ବିଶ୍ୱର ୨ ନମ୍ବର ଖେଳାଳି ହିକାରୁ ନାକାମୁରାଙ୍କୁ ମଧ୍ୟ ପରାସ୍ତ କରିଥିଲେ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ବିଶ୍ୱକପ୍ ଫାଇନାଲ ଖେଳିବାରେ ପ୍ରଜ୍ଞାନନ୍ଦ ହେଉଛନ୍ତି ଦ୍ୱିତୀୟ ଭାରତୀୟ। କିମ୍ବଦନ୍ତୀ ଖେଳାଳି ବବି ଫିସର ଓ କାର୍ଲସେନଙ୍କ ପରେ ତୃତୀୟ ସର୍ବକନିଷ୍ଠ ଖେଳାଳିଭାବେ ପ୍ରଜ୍ଞାନନ୍ଦ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପ୍ରଥମ ଗେମ୍ ପରେ ପାଗ ଓ ପରିବେଶ ଯୋଗୁ ସେ ଅସୁସ୍ଥ ଅନୁଭବ କରୁଥିବା କାର୍ଲସେନ ପ୍ରକାଶ କରିଥିଲେ। ଦ୍ୱିତୀୟ ଗେମ୍ ପରେ ସେ କହିଲେ ଯେ, ପ୍ରଜ୍ଞାନନ୍ଦ ପୂର୍ବରୁ ଅନେକ ଶକ୍ତିଶାଳୀ ଖେଳାଳିଙ୍କ ବିପକ୍ଷରେ ଏକାଧିକ ଟାଇବ୍ରେକ୍ ଖେଳି ସାରିଛନ୍ତି। ସେ ବହୁତ ଦୃଢ଼ ବୋଲି ମୁଁ ଜାଣିଛି। ଯଦି ମୋ ଦେହରେ ଏନର୍ଜି ରହେ ଏବଂ ଦିନ ଭଲ ରୁହେ ତେବେ ନିଶ୍ଚିତ ଉତ୍ତମ ସୁଯୋଗ ରହିବ। ଉତ୍ତମ ଚିକିତ୍ସା ପାଇଁ ଆୟୋଜକ, ଫିଡେ ଏବଂ ଡାକ୍ତର ଓ ନର୍ସଙ୍କ ନିକଟରେ ମୁଁ କୃତଜ୍ଞ। ମୁଁ ଟିକେ ସୁସ୍ଥ ଅନୁଭବ କରୁଛି, ମାତ୍ର ସମ୍ପୂର୍ଣ୍ଣ ଲଢ଼େଇ ପାଇଁ ମୋ ନିକଟରେ ଏନର୍ଜି ନ ଥିବାପରି ଅନୁଭବ କରୁଛି। ତେଣୁ ଅଧିକ ସମୟ ବିଶ୍ରାମ ନେବାପାଇଁ ଉଚିତ ମଣିଲି। ଗୁରୁବାର ବେଳକୁ ଦେହର ଶକ୍ତି ବଢ଼ିଥିବା ନେଇ ମୁଁ ଆଶାବାଦୀ ଅଛି’’।

### ଟାଇବ୍ରେକ୍ ଗେମ୍

ର୍‌ୟାପିଡ ଫର୍ମାଟରେ ଦୁଇ ଟାଇବ୍ରେକ ଗେମ୍ ଉଭୟ ଖେଳାଳିଙ୍କ ପାଇଁ ୨୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ହେବ। ପ୍ରତି ମୁଭ୍ ପାଇଁ ଖେଳାଳିମାନେ ନିର୍ଦ୍ଦିଷ୍ଟ ସମୟଠାରୁ ଅଧିକ ୧୦ ସେକେଣ୍ଡ ନେଇ ପାରିବେ। ଯଦି ଏଥିରେ ମଧ୍ୟ ବିଜେତା ନିର୍ଣ୍ଣିତ ହୋଇ ପାରିବେ ନାହିଁ ତେବେ ଉଭୟ ଖେଳାଳି ଆଉ ୨ଟି ଗେମ୍ ୫ ମିନିଟ ଟାଇମ୍ କଣ୍ଟ୍ରୋଲ ବିଶିଷ୍ଟ ଖେଳିବେ। ଏଥିରେ ପ୍ରତି ମୁଭ୍ ପାଇଁ ଖେଳାଳିଙ୍କୁ ୩ ସେକେଣ୍ଡର ଅତିରିକ୍ତ ସମୟ ମିଳିବ।

## ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ଦେଖିଲା ଭାରତୀୟ ଦଳ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ଭାରତୀୟଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ଭାବରେ ବିଶ୍ୱର ଚତୁର୍ଥ ଦେଶ ଭାବରେ ଚନ୍ଦ୍ରପୃଷ୍ଠରେ ଓ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି ଭାରତ। ଭାରତର ମୁନ୍ ମିଶନ୍ ଚନ୍ଦ୍ରୟାନ-୩ ସଫଳତାର ସହିତ ଅବତରଣ କରିଥିବା ବେଳେ ଭାରତୀୟ କ୍ରିକେଟ ଦଳ ଏହାକୁ ଏକତ୍ର ଦେଖିଥିଲେ। ଆୟର୍ଲାଣ୍ଡରେ ଟି୨୦ ସିରିଜ୍ ଖେଳିବା ପାଇଁ ଭାରତୀୟ ଦଳ ରହିଥିବା ବେଳେ ଦଳର ସମସ୍ତ ଖେଳାଳି ଏକତ୍ର ହୋଇ ଟିଭିରେ ଏହାର ଲାଇଭ ପ୍ରସାରଣ ଦେଖିଥିଲେ। ବିସିସିଆଇ ପକ୍ଷରୁ ଏହାର ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟରରେ ଶେୟାର କରାଯାଇଥିଲା। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠକୁ ସଫଳତାର ସହିତ ଛୁଇଁବା ପରେ ଡବ୍‌ଲିନ୍‌ରୁ ଆମେ ଇତିହାସ ସୃଷ୍ଟିର ଦୃଶ୍ୟ ଦେଖିଲୁ ବୋଲି ଲେଖିଥିଲା ବିସିସିଆଇ।

କେବଳ ବିସିସିଆଇ ନୁହେଁ ବରଂ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ସମେତ ଏକାଧିକ ଖେଳାଳି ଟୁଇଟ୍ କରି ଏହି ଐତିହାସିକ ମୁହୂର୍ତ୍ତକୁ ସେଲିବ୍ରେଟ୍ କରିଥିଲେ। ସଚିନ୍ ତେନ୍ଦୁଲକର ଲେଖିଥିଲେ ଭାରତର ଶ୍ରେଷ୍ଠ ହିଁ ଇସ୍ରୋକୁ ପ୍ରତିନିଧିତ୍ୱ କରନ୍ତି। ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଆମର ତ୍ରିରଙ୍ଗାକୁ ଉଚ୍ଚା କରିଥିବା ଏହି ମହାନ ବୈଜ୍ଞାନିକ ମାନଙ୍କୁ ସଲାମ। ଏହା ସହିତ କେ. ଶିବନ ଓ ଚନ୍ଦ୍ରୟାନ-୨ର ଟିମ୍ ସହିତ ଏସ୍. ସୋମନାଥଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ସମସ୍ତ ଲ୍ୟାଣ୍ଡିଂ ଗୁରୁତ୍ୱପୂର୍ଣ୍ଣ, ଏହା ଚନ୍ଦ୍ରରେ ହେଉ କି ଜୀବନରେ। ଭୁଲରୁ ଶିଖି ଆମେ ଆଗକୁ ବଢିଥାଉ ବୋଲି ଟୁଇଟ୍ କରିଥିଲେ ମାଷ୍ଟର ବ୍ଲାଷ୍ଟର। ଷ୍ଟାର ବ୍ୟାଟର ବିରାଟ କୋହଲି ମଧ୍ୟ ଟୁଇଟ୍ କରି ଇସ୍ରୋର ଉଦ୍ୟମକୁ ପ୍ରଶଂସା କରିଥିଲେ। ଚନ୍ଦ୍ରୟାନ-୩ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଶୁଭେଚ୍ଛା। ଆପଣ ମାନେ ଦେଶକୁ ଗର୍ବିତ କରିଛନ୍ତି, ଜୟ ହିନ୍ଦ।

ଐତହାସିକ ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ବୋଲି ଲେଖିଥିଲେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ପୂର୍ବତନ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ମଧ୍ୟ ଇସ୍ରୋର ଏହି ଐତିହାସିକ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମଗ୍ର ଦେଶବାସୀଙ୍କୁ ଖୁସିର ମୁହୂର୍ତ୍ତ ପ୍ରଦାନ କରିଥିବାରୁ ଇସ୍ରୋକୁ ଧନ୍ୟବାଦ ବୋଲି ଲେଖିଥିଲେ ପ୍ରସାଦ। ନିଆରା ଅନ୍ଦାଜରେ ଟୁଇଟ୍ କରୁଥିବା ବୀରେନ୍ଦ୍ର ସେହ୍ୱାଗ କିନ୍ତୁ ସମାଲୋଚକଙ୍କୁ ଜବାବ ଦେଇଥିଲେ। ‘ଏହି ସନ୍ଧ୍ୟାରେ ଆମେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଛେ। ଏହା ଆମ ପାଇଁ ଏକ ଚିତ୍ତାକର୍ଷକ ମୁହୂର୍ତ୍ତ। ବିଫଳତା ପରେ ସଫଳତା ମିଳିଥାଏ ଏହା ତାହାର ଜ୍ୱଳନ୍ତ ଉଦାହରଣ। କିଛି ଲୋକ ଭାରତର ବିଫଳତା କାମନା କରୁଥିଲେ। ଏହି ଗୋଷ୍ଠୀର କିଛି ଲୋକ ଭାରତରେ ହିଁ ବସବାସ କରନ୍ତି। ଅବଶ୍ୟ ସେମାନେ ଆଜି ରାତିରେ ଶୋଇ ପାରିବେ ନାହିଁ’ ବୋଲି ଲେଖିଥିଲେ ସେହ୍ୱାଗ।

# ଇଂଲଣ୍ଡକୁ ହରାଇଲା ଭାରତ

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

**ଡସେଲଡର୍ଫ, ୨୩।୮(ପି.ଟି.)**

ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ୬-୨ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ଫଳରେ ଭାରତ ତୃତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ ଅନୁ ୨୬ ଓ ୪୩ତମ ମିନିଟରେ ୨ଟି ଏବଂ ନିଲମ ୨୫, ଓଡ଼ିଶାର ସୁନେଲିତା ଟପ୍ପୋ ୩୫, ହିନା ବାନୋ ୩୮ ଓ ମୁମତାଜ ଖାଁ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ଲାଉଡିଆ ସ୍ୱାନ ୧୬ ଓ ଚାର୍ଲୋଟେ ବିଙ୍ଗାମ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ। ତେବେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଅର୍ଥାତ୍ ୧୬ତମ ମିନିଟରେ କ୍ଲାଉଡିଆ ସ୍ୱାନଙ୍କ ଗୋଲ ବଳରେ ଇଂଲଣ୍ଡ ଅଗ୍ରଣୀ ନେଇଥିଲା। ଗୋଲ ପରିଶୋଧ ପାଇଁ ଭାରତ ପକ୍ଷରୁ ପ୍ରତିଆକ୍ରମଣକୁ ଜୋରଦାର କରାଯାଇଥିଲା। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନିଲମ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ମଙ୍ଗଳବାର ସ୍ପେନ୍ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର କରିଥିବା ଅନୁ ୨୬ତମ ମିନିଟରେ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଓଡ଼ିଆ ଝିଅ ସୁନେଲିତା ପେନାଲ୍ଟି କର୍ନରରୁ ୩୫ତମ ମିନିଟରେ ଏକ ଗୋଲ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇ ଦେଇଥିଲେ। ହିନା ବାନୋ ୩୮ତମ ମିନିଟରେ ଆଉ ଏକ ଗୋଲ ଦେବାରୁ ମ୍ୟାଚ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମୁମ୍‌ତାଜ ଖାଁ ୪୦ ଓ ଅନୁ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୬ଷ୍ଠ ଗୋଲ ସ୍କୋର କରିଥିଲେ। ୫୪ତମ ମିନିଟରେ ଇଂଲଣ୍ଡର ବିଙ୍ଗାମ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା।




ଆଜରବୈଜାନର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର ଆଇନୁର ସୋଫିଏଭା ବୁଧବାର ଚେସ୍ ବିଶ୍ୱକପ ଫାଇନାଲ ଦ୍ୱିତୀୟ ଗେମ୍‌ର ଶୁଭାରମ୍ଭ କରୁଛନ୍ତି।

# ସ୍ୱର୍ଣ୍ଣିମ ଯାତ୍ରା ସଂଘର୍ଷପୂର୍ଣ୍ଣ ଥିଲା: ଚିନ୍ମୟୀ

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଆଣ୍ଡ ଫାୟାର ଗେମ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିବା ଚିନ୍ମୟୀ ଭୂୟାଁଙ୍କୁ ବୁଧବାର ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚିନ୍ମୟୀ ୬୦ କେଜି ଫାଇଟ୍ ଓ ଟିମ୍ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶା

**ରାଜ୍ୟ କରାଟେ ସଂଘର ସମ୍ବର୍ଦ୍ଧନା**

ପୋଲିସରେ କାର୍ଯ୍ୟରତ ଚିନ୍ମୟୀ ଉକ୍ତ ପ୍ରତିଯୋଗିତାରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସେ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷାର୍ଥୀ। କାନାଡ଼ାରେ ଅନୁଷ୍ଠିତ ବିଶ୍ୱ ପୋଲିସ କ୍ରୀଡ଼ାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସ୍ୱର୍ଣ୍ଣ ପଦକ ବିଜୟର ଯାତ୍ରା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ମାତ୍ର ଶେଷରେ ଯେତେବେଳେ ତ୍ରିରଙ୍ଗା ଉଡ଼ିଥିଲା ସେତେବେଳେ ସବୁ କଷ୍ଟ ଉଭେଇ ଯାଇଥିଲା। ମନ ରୋମାଞ୍ଚିତ ହୋଇଥିଲା ବୋଲି ଚିନ୍ମୟୀ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ତଥା ଚିନ୍ମୟୀଙ୍କ କୋଚ୍ ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲ୍ଲିକ, ସଦସ୍ୟ ସଞ୍ଜୟ ଦାସ, ସନତ ନାୟକ, କାଳିପ୍ରସାଦ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ରୋମିଓ ନନ୍ଦ, ଅରବିନ୍ଦ ପଟ୍ଟନାୟକ, ସନ୍ତୋଷ ମହାରଣା, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧିତ ହେବେ ୧୪ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍

ରାଜ୍ୟର ଅଗ୍ରଣୀ ସାମରିକ ଓ ପାୱାର ସ୍ପୋର୍ଟ୍ସ ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲର ୪୩ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୯ ତାରିଖରେ ପାଳନ କରାଯିବ। ସାମ୍ବାଦିକତା ବୃତ୍ତିରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଥିବା ୫ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ହରିପ୍ରସାଦ ଭାରତୀ, ମଳୟ କୁମାର ନାୟକ, ତନ୍ମୟ ଦାସ, ମହମ୍ମଦ ଅବଦୁଲ ଅଜିଜ୍ ଓ ଅସିତ କୁମାର ଶତପଥୀ। ଏହା ବ୍ୟତୀତ ଅନୁଷ୍ଠାନରୁ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବା ୧୪ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧିତ ହେବାକୁଥିବା କ୍ରୀଡ଼ାବିତ୍‌ମାନେ ହେଲେ ଭାଲେନା ଭାଲେଣ୍ଟିନା, ଦିଲୀପ କୁମାର ଜେନା, ପାୟଲ ବରାଳ, ଅଭିଷେକ ପଟ୍ଟନାୟକ, ଉଦିତ ଉଦ୍ଦମ, ସ୍ୱାଗତିକା ସାହୁ, ମଧୁପ୍ରିୟା ବାଇ, ବ୍ରତତି ବିଶ୍ୱପ୍ରଭା ପତି, ଚିନ୍ମୟୀ ଭୂୟାଁ (ସମସ୍ତେ କରାଟେ), ରାନୁ ମହାନ୍ତି, ପ୍ରଦୀପ ପାତ୍ର, ସମରେନ୍ଦ୍ର ରାଉତରାୟ (ସମସ୍ତେ ଶକ୍ତିଉତ୍ତୋଳନ), ଅନୁପମା ସ୍ୱାଇଁ (ଶକ୍ତିଉତ୍ତୋଳନ ଓ ଜୁ ଜିତ୍ସୁ) ଏବଂ ପ୍ରିୟଦର୍ଶିନୀ ଘଟୁଆରୀ (ଜୁ ଜିତ୍ସୁ)। ଉତ୍କଳ ସ୍ପୋର୍ଟ୍ସ ମିଟ୍ ଅନ୍ତର୍ଗତ କରାଟେ ପ୍ରତିଯୋଗିତା ଇତିମଧ୍ୟରେ ଶେଷ ହୋଇଛି।




ରାଜ୍ୟ କରାଟେ ସଂଘର କର୍ମକର୍ତ୍ତା ଓ କ୍ରୀଡ଼ାବିତ୍‌ମାନେ ବୁଧବାର ଚିନ୍ମୟୀ ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଶ୍ରୀଶଙ୍କର ବିଦା, ଫାଇନାଲରେ ଆଲଡ୍ରିନ

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ବୁଦାପେଷ୍ଟ,୨୩।୮(ପି.ଟି.)**

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଲଙ୍ଗ ଜମ୍ପର ଜେସୱିନ ଆଲଡ୍ରିନ। ଜାତୀୟ ରେକର୍ଡଧାରୀ ଆଲଡ୍ରିନ ପ୍ରଥମ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର ଅପ୍ରତ୍ୟାଶିତ ଭାବେ ବିଦାୟ ନେଇଛନ୍ତି। ଆଲଡ୍ରିନ ନିଜ ପ୍ରଥମ ପ୍ରୟାସରେ ୮.୦୦ ମିଟର ଜମ୍ପ କରିଥିଲେ। ପରବର୍ତ୍ତୀ ଦୁଇ ଜମ୍ପ ଫାଉଲ ରହିଥିଲେ ମଧ୍ୟ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଏହା ଯଥେଷ୍ଟ ରହିଥିଲା। ଗୁରୁବାର ହେବାକୁ ଥିବା ଫାଇନାଲ ପାଇଁ ଅନ୍ତିମ ଖେଳାଳି ଭାବରେ ଯୋଗ୍ୟତା ଅର୍ଜନ କରିଥିଲେ ଆଲଡ୍ରିନ। ଗ୍ରୁପ୍ ବି’ରେ ୬ନମ୍ବର ସ୍ଥାନରେ ରହି ଆଲଡ୍ରିନ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ଅନ୍ୟତମ ଭାରତୀୟ ମୁରଲୀ ଶ୍ରୀଶଙ୍କର କିନ୍ତୁ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ନିରାଶ କରିଥିଲେ। ପ୍ରଥମ ପ୍ରୟାସରେ ସେ ୭.୭୪ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ଦୁଇ ପ୍ରୟାସରେ ୭.୬୬ ଓ ୬.୭୦ ମିଟରର ଦୂରତା ହାସଲ କରି ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ଗ୍ରୁପ୍ ଏ’ରେ ସ୍ଥାନ ପାଇଥିବା ଶ୍ରୀଶଙ୍କର ୧୨ ତମ ସ୍ଥାନରେ ରହିଥିବା ବେଳେ ଓଭରଅଲ ୨୨ତମ ସ୍ଥାନରେ ରହି ସମସ୍ତଙ୍କୁ ନିରାଶ କରିଥିଲେ।

ବିଗତ କିଛି ମାସର ପ୍ରଦର୍ଶନ ଅନୁସାରେ ଶ୍ରୀଶଙ୍କର ନିୟମିତ ଭାବରେ ୮ ମିଟରରୁ ଅଧିକ ଦୂରତାର ଜମ୍ପ କରିଥିଲେ। ଏପରିକି ଆଲଡ୍ରିନ୍‌ଙ୍କଠାରୁ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଜୁନ୍ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ରେ ୮.୪୧ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ସେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଜୁଲାଇରେ ଏସିଆନ୍ ଚାମ୍ପିୟନଶିପ୍‌ରେ ୮.୩୭ ମିଟରର ଜମ୍ପ ସହିତ ସେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ୨୦୨୨ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ସପ୍ତମ ସ୍ଥାନରେ ରହିଥିଲେ। ତେବେ ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିରାଶ କରିଥିଲେ ଶ୍ରୀଶଙ୍କର। ଅନ୍ୟପକ୍ଷରେ ଆଲଡ୍ରିନ୍ ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ବିଫଳତାକୁ ପଛରେ ପକାଇ ଫାଇନାଲକୁ ଯୋଗ୍ୟତା କରିଛନ୍ତି। ଚଳିତ ସିଜନରେ ଆଲଡ୍ରିନ ୮ ମିଟର ମାର୍କ ଅତିକ୍ରମ କରିବାରେ ବିଫଳ ହୋଇଥିବା ବେଳେ ବିଶ୍ୱ ଚାମ୍ପିୟନଶିପ ଫାଇନାଲରେ ଏହି ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ୩୦୦୦ ମିଟର ଷ୍ଟିପଲଚେଜରେ ଅବିନାଶ ସାବଲେ ଓ ୧୦୦ ମିଟର ବାଧାଦୌଡରେ ଜ୍ୟୋତି ୟାରାଜି ମଧ୍ୟ ଫାଇନାଲ ପ୍ରବେଶ କରିବାରେ ବିଫଳ ହୋଇଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ